# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୮/୨୦୨୩ (୧୪ ପୃଷ୍ଠା) | Bhubaneswar, Wednesday, February 8/2023 | Page 14 | ₹ 7.00

୪୯ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 76 | ମୂଲ୍ୟ ₹୭/-




## ଆରୋନ ଫିଞ୍ଚଙ୍କ ଅବସର

ଅଷ୍ଟ୍ରେଲିଆର ଟି୨୦ ବ୍ୟାଟର ତଥା ଅଧିନାୟକ ଆରୋନ ଫିଞ୍ଚ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଛନ୍ତି।

୧୪

୧୦

## ପୁଣି ପ୍ରେମରେ ହିମାଂଶ

ଅଭିନେତା ହିମାଂଶ କୋହଲି ଏବଂ ନୃତ୍ୟଶିଳ୍ପୀ ଶକ୍ତି ମୋହନ ଏକାଠି ବସି କଥା ହେଉଥିବାବେଳେ ହିମାଂଶ ତାଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି।






ଭୂକମ୍ପରେ ତୁର୍କୀ ଓ ସିରିଆର ମୃତାହତଙ୍କ ଉଦ୍ଦେଶ୍ୟରେ ଜମ୍ମୁରେ ସ୍କୁଲ ପିଲାମାନେ ପ୍ରାର୍ଥନା କରୁଛନ୍ତି।

# ଜେଇଇ ମେନ୍ ସେସନ-୧ ପରୀକ୍ଷାଫଳ ପ୍ରକାଶ

## ଅମୃତାଂଶୁ ମହାନ୍ତି ରାଜ୍ୟ ଟପ୍ପର

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ଆଇଆଇଟି ସମେତ ଦେଶର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇବା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କରାଯାଇଥିବା ଜେଇଇ ମେନ୍ ସେସନ-୧ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତବର୍ଷ ମୋଟ ୮.୬ଲକ୍ଷ ଛାତ୍ରୀଛାତ୍ର ପେପର୍-୧ ଏବଂ ୦.୪୬ ଲକ୍ଷ ଛାତ୍ରୀଛାତ୍ର ପେପର୍-୨ ପରୀକ୍ଷା ଦେଇଥିଲେ। ଏନ୍‌ଟିଏ ଏହି ପ୍ରବେଶିକା ପରୀକ୍ଷା ଆରମ୍ଭ କରିବା ପରଠାରୁ ଏବର୍ଷ ସର୍ବାଧିକ ୯୫.୭୯ ପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀମାନେ ଏବେ ସେମାନଙ୍କ ଫଳାଫଳ jeemain.nta.nic.in ୱେବ୍‌ସାଇଟ୍‌ରେ ଦେଖିପାରିବେ। ସେପଟେ ୱେବ୍‌ସାଇଟ୍‌ରେ ଜେଇଇ ମେନ୍ ସେସନ-୧ର ଉତ୍ତର ମଧ ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରେଜଲ୍ଟ ଓ ଉତ୍ତରକୁ ୱେବ୍‌ସାଇଟ୍ ଜରିଆରେ ଡାଉନ୍‌ଲୋଡ କରିପାରିବେ। ଜେଇଇ ମେନ୍ ସେସନ-୧ରେ ୨୦ଜଣ ୧୦୦ ପର୍ସେଣ୍ଟାଇଲ ମାର୍କ ରଖିଛନ୍ତି। ଓଡ଼ିଶାର ଅମୃତାଂଶୁ ମହାନ୍ତି ରାଜ୍ୟ ଟପ୍ପର ହୋଇଥିବା ଜଣାପଡ଼ିଛି। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ଛାତ୍ର ଅମୃତାଂଶୁ ୯୯.୯୭୪ ସ୍କୋର ଅକ୍ତିଆର କରିଛନ୍ତି। ଅମୃତାଂଶୁ ପଦାର୍ଥ ବିଜ୍ଞାନରେ ୯୯.୭୬୦, ରସାୟନ ବିଜ୍ଞାନରେ ୯୯.୯୬୭ ଏବଂ ଗଣିତରେ ୯୯.୯୪୯ ପର୍ସେଣ୍ଟାଇଲ୍ ରଖିଛନ୍ତି। ଫଳାଫଳ ଜାଣିବା ପରେ ଅମୃତାଂଶୁ କହିଛନ୍ତି, ରାଜ୍ୟ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ମୁଁ ପ୍ରତିଦିନ ପାଖାପାଖି ୧୦ ଘଣ୍ଟା ଅଧ୍ୟୟନ କରୁଥିଲି। ଶିକ୍ଷକମାନଙ୍କ ସହଯୋଗ ଏବଂ ମାତାପିତାଙ୍କ ପ୍ରେରଣା ଯୋଗୁ ମୋତେ ଏହି ସଫଳତା ମିଳିଛି। ତେବେ ଦିଲ୍ଲୀ କିମ୍ବା ମୁମ୍ବାଇ ଆଇଆଇଟିରେ ଅଧ୍ୟୟନ କରିବା ପାଇଁ ଲକ୍ଷ୍ୟ ରଖିଥିବା ଅମୃତାଂଶୁ କହିଛନ୍ତି। ସେହିପରି ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ର ପ୍ରିୟଙ୍କା ସର୍ ୯୯.୯୪୮, ସଂକେତ ଦାସ ୯୯.୯୧୮, ଦେବାଶିଷ ପଟ୍ଟନାୟକ ୯୯.୮୯୬, ସ୍ନେହିଲ୍ ସଂଯୋଗ ୯୯.୮୩୭, ସଂକେତ ରାଉତ ୯୯.୮୦୯ ☞ପୃଷ୍ଠା-୪



ଅମୃତାଂଶୁ ମହାନ୍ତି

# ଅଭିଯୁକ୍ତଙ୍କ କୁମାରୀତ୍ୱ ପରୀକ୍ଷା ଅସାମ୍ବିଧାନିକ

## ହାଜତରେ ଥିବା ବ୍ୟକ୍ତିଙ୍କ ମୌଳିକ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ଆବଶ୍ୟକ: ହାଇକୋର୍ଟ

**ଭର୍ଜିନିଟି (କୁମାରୀତ୍ୱ) ଶବ୍ଦର ବୈଜ୍ଞାନିକ ଓ ଡାକ୍ତରୀ ସଂଜ୍ଞା ଥିଲେ ମଧ ଏହା ମହିଳାଙ୍କ ସତିତ୍ୱକୁ ନେଇ କଳଙ୍କ ପାଲଟିଯାଇଛି। ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ଉପରେ ଏଭଳି ଅନଧିକାର ପରୀକ୍ଷାକୁ ସୁପ୍ରିମକୋର୍ଟ ମଧ ଅନେକ ରାୟରେ ଅଯୌକ୍ତିକ ଦର୍ଶାଇଛନ୍ତି। କାରଣ ଭର୍ଜିନିଟି ଟେଷ୍ଟ କରାଇବା ନେଇ ଦେଶର ଆଇନରେ ବ୍ୟବସ୍ଥା ନାହିଁ ବୋଲି ମୌଳିକ ଅଧିକାରଗୁଡ଼ିକର ସାମ୍ବିଧାନିକ ସିଦ୍ଧାନ୍ତକୁ ଅନୁସରଣ କରି ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।**

ନୂଆଦିଲ୍ଲୀ, ୭।୨

ପୋଲିସ କିମ୍ବା ବିଚାରବିଭାଗୀୟ ହାଜତରେ ଅଟକ ଥିବା ମହିଳା ଅଭିଯୁକ୍ତମାନଙ୍କ କୁମାରିତ୍ୱ ପରୀକ୍ଷା କରାଇବା ଅସାମ୍ବିଧାନିକ। ଏହି ପଦକ୍ଷେପ ସମ୍ବିଧାନ ଅନୁଚ୍ଛେଦ ୨୧ର ଖୋଲାଖୋଲି ଉଲ୍ଲଂଘନ ବୋଲି ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ସିଷ୍ଟର ଅଭୟାଙ୍କ ହତ୍ୟା ଅଭିଯୁକ୍ତ ସିଷ୍ଟର ସେଫିଙ୍କ ଭର୍ଜିନିଟି ଟେଷ୍ଟ କରାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ଜଣିକିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ହାଜତରେ ଥିଲେ ମଧ ଜଣେ ବ୍ୟକ୍ତିଙ୍କ ମୌଳିକ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ଆବଶ୍ୟକ ବୋଲି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

### ଭର୍ଜିନିଟି ଟେଷ୍ଟ କରାଇଥିବା ସିବିଆଇକୁ କ୍ଷତିପୂରଣ ମାଗିପାରିବେ ସିଷ୍ଟର ସେଫି

ସିଷ୍ଟର ସେଫି ହେଉଛନ୍ତି ୨୦୨୦ରେ ନନ୍ ଅଭୟା ହତ୍ୟା ମାମଲାର ୨୮ ବର୍ଷ ପରେ କେରଳର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ। ୧୯୯୨ରେ ସିଷ୍ଟର ଅଭୟାଙ୍କ ମୃତଦେହ କୋଟ୍ଟାୟାମ୍‌ର କନ୍‌ଭେଣ୍ଟରେ ମିଳିଥିଲା। ଉକ୍ତ ମାମଲାର ଅନ୍ୟତମ ଦୋଷୀ ଫାଦର ଥୋମାସ୍ କୋଟ୍ଟୁର ଜଣେ ପାଦ୍ରୀ। ପୂର୍ବରୁ ଥୋମାସ୍ ଓ ସିଷ୍ଟର ସେଫିଙ୍କୁ ଅଭୟା ଅସଜ୍ଜିତ ଅବସ୍ଥାରେ ☞ପୃଷ୍ଠା-୪

## ସିଷ୍ଟର ଅଭୟାଙ୍କ ହତ୍ୟାର କାରଣ

୧୯୯୨ ମାର୍ଚ୍ଚ ୨୭ରେ କେରଳର କୋଟ୍ଟାୟାମ୍‌ସ୍ଥିତ ସେଣ୍ଟ ପିଉସ୍ କନ୍‌ଭେଣ୍ଟ ପରିସରରେ ଥିବା ଏକ ଜଳପୂର୍ଣ୍ଣ କୂଅରୁ କ୍ୟାଥୋଲିକ୍ ନନ୍ ସିଷ୍ଟର ଅଭୟାଙ୍କ ମୃତଦେହ ମିଳିଥିଲା। ସ୍ଥାନୀୟ ପୋଲିସ ପ୍ରଥମେ ଏହି ୨୧ ବର୍ଷୀୟା ନନ୍‌ଙ୍କ ମୃତ୍ୟୁକୁ ଆତ୍ମହତ୍ୟା ଦର୍ଶାଇ ମାମଲା ବନ୍ଦ କରିଦେଇଥିଲା। ୧୯୯୨ ଏପ୍ରିଲ ୧୩ରେ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଭାର ହାତକୁ ନେଇ ୧୯୯୩ ଜାନୁୟାରୀ ୩୦ରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଥିଲା। ସିଷ୍ଟର ଅଭୟା ମାନସିକ ରୋଗୀ ଥିଲେ। ଜୀବନ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି ହେବାରୁ ସେ ଆତ୍ମହତ୍ୟା କରିଥିବା କ୍ରାଇମ୍ ବ୍ରାଞ୍ଚ ଏଥିରେ ଉଲ୍ଲେଖ କରିଥିଲା। ପରବର୍ତ୍ତୀ ସମୟରେ ଜୋମୋନ୍ ପୁଥେନ୍‌ପୁରାକଲ ନାମକ ଜଣେ ମାନବାଧିକାର କର୍ମୀ ଏନେଇ ଦୀର୍ଘ ଆଇନଗତ ଲଢ଼େଇ ଲଢ଼ିଥିଲେ। ଫଳରେ ୧୯୯୩ରେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିଲା। ସିବିଆଇର ପ୍ରଥମ ଟିମ୍ ମୃତ୍ୟୁର କାରଣ ପାଇପାରି ନ ଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଉ ଏକ ଟିମ୍ ଗଠନ କରାଯାଇଥିଲା। ଦ୍ୱିତୀୟ ଟିମ୍ ତଦନ୍ତ ପରେ ଏହାକୁ ହତ୍ୟା ମାମଲା ବୋଲି ସ୍ପଷ୍ଟ କରିଥିଲା। କିନ୍ତୁ ପ୍ରମାଣ ସଂଗ୍ରହ କରି ନ ପାରିବାରୁ କୋର୍ଟ ଦ୍ୱିତୀୟ ଟିମ୍‌ର ଫାଇନାଲ ରିପୋର୍ଟକୁ ମଧ ଗ୍ରହଣ କରି ନ ଥିଲେ। ଅଫିସର ଆର୍.ଆର୍. ସହାୟଙ୍କ ନେତୃତ୍ୱରେ ସିବିଆଇ ତଦନ୍ତ ଚଳାଇଥିଲା। ୨୦୦୫ ଅଗଷ୍ଟ ୨୫ରେ ଆଉ ଏକ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଥିଲା। ୨୦୦୮ ସେପ୍ଟେମ୍ବର ୪ରେ କେରଳ ହାଇକୋର୍ଟ ସିବିଆଇର କୋଚି ଶାଖାକୁ ତଦନ୍ତ ଭାର ହସ୍ତାନ୍ତର କରି ୩ ମାସ ସମୟ ଦେଇଥିଲେ। ଡିଏସ୍‌ପି ନନ୍ଦକୁମାର ନାୟାର କନ୍‌ଭେଣ୍ଟରେ ରହୁଥିବା ସଞ୍ଜୁ ପି. ମାଥ୍ୟୁଙ୍କ ବୟାନ ରେକର୍ଡ କରିଥିଲେ। ସଞ୍ଜୁ କହିଥିଲେ, ୧୯୯୨ ମାର୍ଚ୍ଚ ୨୬ ରାତିରେ ସେ ଫାଦର ଥୋମାସ୍ କୋଟ୍ଟୁରଙ୍କୁ ହଷ୍ଟେଲ କ୍ୟାମ୍ପସ୍‌ରେ ଦେଖିଥିଲେ। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ☞ପୃଷ୍ଠା-୪



ସିଷ୍ଟର ଅଭୟା

# ବଳପୂର୍ବକ ନାବାଳିକାଙ୍କ ଅନ୍ତଃବସ୍ତ୍ର ଖୋଲିବା ବଳାତ୍କାର ସଦୃଶ: ହାଇକୋର୍ଟ

କୋଲକାତା, ୭।୨

ବଳପୂର୍ବକ ଜଣେ ନାବାଳିକାଙ୍କ ଅନ୍ତଃବସ୍ତ୍ର ଖୋଲିବା ଡାକ୍ତରୀ ଭାଷାରେ ଅଭିଯୁକ୍ତ କିମ୍ବା ଅପରାଧୀଙ୍କ ଦ୍ୱାରା ବଳାତ୍କାର ହୋଇ ନ ଥିଲେ ମଧ ବଳାତ୍କାର ସହ ସମାନ ବୋଲି କାଲକାଟା ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଅନନ୍ୟା ବନ୍ଦୋପାଧ୍ୟାୟଙ୍କ ଜଣିକିଆ ଖଣ୍ଡପୀଠ ଏଭଳି ଏକ ମାମଲାର ଶୁଣାଣି ବେଳେ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୨୦୦୭ ମେ’୭ରେ ଅଭିଯୁକ୍ତ ରୋବି ରାୟ ତାଙ୍କ ଘର ପାଖର ଜଣେ ନାବାଳିକାଙ୍କୁ ଆଇସ୍‌କ୍ରିମ ଦେବାର ପ୍ରଲୋଭନ ଦେଖାଇ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସେ ନାବାଳିକାଙ୍କ ଅନ୍ତଃବସ୍ତ୍ରକୁ ବଳପୂର୍ବକ ଖୋଲିଥିଲେ। ନାବାଳିକା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ରୋବିଙ୍କୁ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ସ୍ଥାନୀୟ କୋର୍ଟ ୨୦୦୮ ନଭେମ୍ବରରେ ରୋବିଙ୍କୁ ଦୋଷୀସାବ୍ୟସ୍ତ କରି ୫ ବର୍ଷ ୬ ମାସ ଜେଲଦଣ୍ଡ ଓ ୩ ହଜାର ଟଙ୍କା ଜରିମାନା ଲଗାଇଥିଲେ। ଜେଲ୍‌ରୁ ବାହାରିବା ପରେ ରୋବି ତଳ କୋର୍ଟର ରାୟକୁ କାଲକାଟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ବନ୍ଦୋପାଧ୍ୟାୟ ତଳକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ପୀଡ଼ିତାଙ୍କୁ ଆଇସକ୍ରିମ୍ ଦେବା ନାଁରେ ପ୍ରଲୋଭିତ କରିବା ଖରାପ ଉଦ୍ଦେଶ୍ୟ। ଜବରଦସ୍ତ ଅନ୍ତଃବସ୍ତ୍ର ଖୋଲିବାକୁ ସ୍ନେହର ପରିପ୍ରକାଶ କୁହାଯାଇପାରିବ ନାହିଁ। ଏହା ବଳାତ୍କାର ବା ବଳାତ୍କାର ଉଦ୍ୟମ ସହ ସମାନ ବୋଲି ଜଷ୍ଟିସ୍ ବନ୍ଦୋପାଧ୍ୟାୟ କହିଛନ୍ତି।



**ଆଜିର ସମ୍ପାଦକୀୟ** | ସିଧା ଗାର

# ଭାଜପାକୁ କେତେ ଦେଇଛନ୍ତି ଆଦାନୀ



ଲୋକ ସଭାରେ କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀ।

## କେନ୍ଦ୍ରକୁ ରାହୁଲଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୭।୨

ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିବା ପରଠାରୁ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ଭାଜପାକୁ କେତେ ଟଙ୍କା ଦେଇଛି ବୋଲି ଲୋକ ସଭାରେ କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି। ଆଦାନୀ ଗ୍ରୁପ୍ ବିରୋଧରେ ନ୍ୟୁୟର୍କର ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଷ୍ଟକ୍ସ ହେରଫେର୍ ନେଇ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ପରେ ଜାତୀୟ ରାଜନୀତି ସରଗରମ ହୋଇଥିବାବେଳେ ପାର୍ଲାମେଣ୍ଟରେ ରାହୁଲଙ୍କ ପ୍ରଶ୍ନବାଣ ଭାଜପାକୁ ଅଡୁଆରେ ପକାଇଦେଇଛି।

ମଙ୍ଗଳବାର ଥିଲା ପାର୍ଲାମେଣ୍ଟ ବଜେଟ ଅଧିବେଶନର ଷଷ୍ଠ ଦିନ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ଚାଲିଥିଲା। ଅନ୍ୟ ୫ ଦିନ ପରି ବିରୋଧୀ ସଦସ୍ୟମାନେ ଆଦାନୀ ଗ୍ରୁପ୍ ଓ କେନ୍ଦ୍ର ସରକାରଙ୍କ ବିପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରୁଥିଲେ। ଆମେରିକୀୟ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିପୋର୍ଟ ଉପରେ ଆଦାନୀ ଗ୍ରୁପ୍ ବିରୋଧରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) କିମ୍ବା ☞ପୃଷ୍ଠା-୪

# କ୍ରାଇମ୍ ସ୍ପଟ୍‌ରେ ସିନ୍ ରିକ୍ରିଏଶନ

## ନବ ଦାସ ହତ୍ୟା ମାମଲା

### ଗୁଳିମାଡ଼ର ଡେମୋ ଦେଖାଇଲେ ଗୋପାଳ

ବ୍ରଜରାଜନଗର, ୭।୨ (ଡି.ଏନ.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାର ମଙ୍ଗଳବାର କ୍ରାଇମ୍ ସିନ ରିକ୍ରିଏଶନ କରାଯାଇଛି। କ୍ରାଇମବ୍ରାଞ୍ଚ ଓ ପୋଲିସ ଉପସ୍ଥିତିରେ ଘଟଣାସ୍ଥଳ ବ୍ରଜରାଜନଗର ଗାନ୍ଧୀ ଛକରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ କିପରି ମନ୍ତ୍ରୀଙ୍କୁ ଗୁଳି କରିଥିଲେ ତା’ର ଡେମୋ ଦେଖାଇଥିଲେ।

ସୂଚନାଯୋଗ୍ୟ ଗତ ୨୯ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ବ୍ରଜରାଜନଗରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ସେ ଗାଡ଼ିରୁ ଓହ୍ଲାଉଥିବାବେଳେ ଅତି ନିକଟରୁ ଏଏସ୍‌ଆଇ ଦାସ ତାଙ୍କୁ ଗୁଳି କରିଥିଲେ। ଗୁଳିଟି ମନ୍ତ୍ରୀ ଦାସଙ୍କ ଛାତିରେ ବାଜିଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଏଏସ୍‌ଆଇ ଗୋପାଳଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଭାର ☞ପୃଷ୍ଠା-୪




ଗୁଳିମାଡ଼ର ଡେମୋ ଦେଖାଉଛନ୍ତି ଅଭିଯୁକ୍ତ ଗୋପାଳ।

## ସିନ୍ ରିକ୍ରିଏଶନର ଆଇନଗତ ବୈଧତାକୁ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାର ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ ନେଇ କ୍ରାଇମବ୍ରାଞ୍ଚ ମଙ୍ଗଳବାର କରିଥିବା ସିନ୍ ରିକ୍ରିଏଶନରୁ କୌଣସି ନୂଆ ତଥ୍ୟ ମିଳି ନ ଥିବା କୁହାଯାଉଛି। ସାଧାରଣ ଭାବେ ଯେଉଁଠାରେ ଅପରାଧ କିପରି ଘଟିଛି, ତାହା ତଦନ୍ତକାରୀ ସଂସ୍ଥାକୁ ଜଣା ନ ଥିବ, ସେଠାରେ ଅଭିଯୁକ୍ତଙ୍କ ସୂଚନାକୁ ଆଧାରକରି ଘଟଣାସ୍ଥଳରେ ସିନ୍ ରିକ୍ରିଏଶନ କରି ଅଧିକ ତଥ୍ୟ ସଂଗ୍ରହ କରାଯାଇଥାଏ। ହେଲେ ଏହି ଘଟଣାରେ ଗୁଳି କରି ☞ପୃଷ୍ଠା-୪

# କ୍ଷୀର ମହଙ୍ଗା: ପ୍ରତି ୧୦ରୁ ୪ ପରିବାର ବିକଳ୍ପ ଆପଣେଇଛନ୍ତି

ନୂଆଦିଲ୍ଲୀ, ୭।୨

ଗତ କିଛିବର୍ଷ ହେବ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀର ଦରଦାମ୍ କ୍ରମାଗତ ବଢ଼ିବାରେ ଲାଗିଛି। ଘରେ ଘରେ ବହୁଳ ବ୍ୟବହାର କରାଯାଉଥିବା କ୍ଷୀରର ଦାମ୍ ମଧ ବଢ଼ିଛି। ଲୋକାଲ୍‌ସର୍କଲ୍ ସଙ୍ଗଠନ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ କ୍ଷୀର ଦର ବୃଦ୍ଧି ଯୋଗୁ ପ୍ରତି ୧୦ରୁ ୪ଟି ପରିବାର ପ୍ରଭାବିତ ହେବା ଯୋଗୁ ବିକଳ୍ପ ପନ୍ଥା ଆପଣାଇବାରେ ଲାଗିଛନ୍ତି। କେତେକ ପରିବାର ଆବଶ୍ୟକତାଠାରୁ କମ୍ କ୍ଷୀର ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ କିଛି ପରିବାର କମ୍ ମୂଲ୍ୟର କ୍ଷୀର କିଣୁଥିବାବେଳେ ଆଉ କେତେକ ପରିବାର କ୍ଷୀର କିଣିବା ବନ୍ଦ କରି ଦେଇଛନ୍ତି।

ଦେଶର ୩୦୩ ଜିଲାର ୧୦,୦୦୦ ଘରକୁ ନେଇ ଲୋକାଲସର୍କଲ୍ ପକ୍ଷରୁ ଏହି ସର୍ଭେ କରାଯାଇଛି। ଗୁଜରାଟ କୋଅପରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେଶନ୍ ଚଳିତ ମାସରେ ଅମୂଲ କମ୍ପାନୀକୁ ଲିଟର ପିଛା ୩ ଟଙ୍କା ବର୍ଦ୍ଧିତ ଦରରେ କ୍ଷୀର ବିକ୍ରି କରିଛି। ଗତବର୍ଷ ଅକ୍ଟୋବରରେ ଅମୂଲ କ୍ଷୀର ଲିଟର ପିଛା ଦର ୨ଟଙ୍କା ବଢ଼ାଇଥିଲା। କ୍ଷୀର ମୂଲ୍ୟ ବଢ଼ିବା ଯୋଗୁ ଗତ ଅଗଷ୍ଟରେ ୪% ପରିବାର କମ୍ ମୂଲ୍ୟରେ ବିକ୍ରି ହେଉଥିବା କ୍ଷୀର କିଣିବା ଆରମ୍ଭ କରିଥିବାବେଳେ ଚଳିତ ମାସରେ ୧୬% ପରିବାର ଏହି ଧାରାକୁ ଆପଣାଇଛନ୍ତି। ୧୯% ପରିବାର ଆବଶ୍ୟକତାଠାରୁ କମ୍ କ୍ଷୀର କିଣୁଛନ୍ତି। ଅନ୍ୟପକ୍ଷେ ୩% କ୍ଷୀର କିଣିବା ବନ୍ଦ କରିଦେଇଛନ୍ତି। ୫୬% ପରିବାର (ପ୍ରତି ୧୦ ମଧ୍ୟରୁ ୬) ଦାମ୍ ବଢ଼ିବା ସତ୍ତ୍ୱେ ନିୟମିତ ଭାବେ ବ୍ୟବହାର କରୁଥିବା ବ୍ରାଣ୍ଡର କ୍ଷୀର ହିଁ କିଣୁଛନ୍ତି। କମ୍ପାନୀଗୁଡ଼ିକ ପ୍ରତିବର୍ଷ ନିଜ ଉତ୍ପାଦିତ ପ୍ରଡକ୍ଟର ମୂଲ୍ୟ ଥରକରୁ ୫ଥର ☞ପୃଷ୍ଠା-୪



**ଛାୟାଯୁଦ୍ଧ ପାଇଁ ନାର୍କୋଟିକ୍ ଟେରୋରିଜମ୍‌କୁ ଆପଣାଇଛି ପାକ୍: ସେନା**

ଜମ୍ମୁ-କଶ୍ମୀରରେ ଛାୟାଯୁଦ୍ଧ କରିବା ଲାଗି ପାକିସ୍ତାନ ନାର୍କୋଟିକ୍ ଟେରୋରିଜମ୍‌କୁ ଅସ୍ତ୍ର କରିଥିବା ମଙ୍ଗଳବାର ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଶୃଙ୍ଖଳାର ବାତାବରଣ ସୃଷ୍ଟି କରିବା ସକାଶେ ପଡ଼ୋଶୀ ରାଷ୍ଟ୍ର ଜମ୍ମୁ-କଶ୍ମୀରକୁ ଡ୍ରୋନ୍ ଯୋଗେ ମାରଣାସ୍ତ୍ର ସାଙ୍ଗକୁ ଡ୍ରଗ୍ସ ପଠାଉଛି। ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ପାଇଁ ସେନା ପ୍ରସ୍ତୁତ ରହିବାକୁ ଦ୍ୱିବେଦୀ କହିଛନ୍ତି।

## ସଂକ୍ଷେପରେ

### ଓବିସି ଅଣସ୍ୱଚ୍ଛଳ ବର୍ଗ ଆୟସୀମା ବଢ଼ାଇବା ପ୍ରସ୍ତାବ ନାହିଁ

**ନୂଆଦିଲ୍ଲୀ,୭।୨:** ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ର ଅଣସ୍ୱଚ୍ଛଳ ପରିବାର ଚିହ୍ନଟ ଲାଗି ବାର୍ଷିକ ଆୟସୀମା ୮ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି, ଯାହା ପର୍ଯ୍ୟାପ୍ତ ବୋଲି କେନ୍ଦ୍ର ସରକାର କହିଛନ୍ତି। ଆୟସୀମା ବୃଦ୍ଧି କରାଯିବାର କୌଣସି ପ୍ରସ୍ତାବ ନ ଥିବା ମଙ୍ଗଳବାର ଲୋକ ସଭାରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି। ପରବର୍ତ୍ତୀ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଓବିସି ଅଣସ୍ୱଚ୍ଛଳ ବର୍ଗଙ୍କ ବାର୍ଷିକ ଆୟ ସୀମା ୮ ଲକ୍ଷରୁ ୧୨ ଲକ୍ଷ ଟଙ୍କାକୁ ବଢ଼ାଇବାର ପ୍ରସ୍ତାବ ଅଛି କି ବୋଲି କଂଗ୍ରେସ ସଦସ୍ୟ ଡିଆନ୍ କୁରିଆକୋଜ୍ ପ୍ରଶ୍ନ କରିବାରୁ ମନ୍ତ୍ରୀ ଉପରୋକ୍ତ ଉତ୍ତର ରଖିଛନ୍ତି।

### ସହପାଠୀଙ୍କୁ ୧୧୪ ଥର ଛୁରାମାଡ଼: ନାବାଳକ ଦୋଷୀ



**ୱାଶିଂଟନ୍, ୭।୨:** ଆମେରିକାର ଜ୍ୟାକସୋନଭିଲେରେ ୧୬ ବର୍ଷୀୟ ଏଡେନ ଫୁକି ସହପାଠୀଙ୍କୁ ହତ୍ୟା ଅଭିଯୋଗରେ ସୋମବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧୩ ବର୍ଷୀୟା ଚିୟରଲିଡର ଟ୍ରିଷ୍ଟିନ୍ ବିଲେଙ୍କୁ ୨୦୨୧ ମଦର୍ସ ଡେ'ରେ ଫୁକି ହତ୍ୟା କରିଥିଲେ। ଫୁକି ଟ୍ରିଷ୍ଟିନଙ୍କୁ ୧୧୪ ଥର ଛୁରି ଭୁସି ଏହି ହତ୍ୟାକାଣ୍ଡ ଭିଆଇଥିବା ଜଣାପଡ଼ିଛି। ମାମଲା ନେଇ ଶୁଣାଣିବେଳେ ଫୁକି କୋର୍ଟରେ କହିଥିଲେ, କରିଥିବା ଭୁଲ୍ ଲାଗି ମୁଁ ଅନୁତପ୍ତ। ଏ ନେଇ ମୁଁ ଟ୍ରିଷ୍ଟିନଙ୍କ ପରିବାର ଏବଂ ମୋ ପରିବାରକୁ କ୍ଷମା ମାଗୁଛି। ମାତ୍ର ୧୪ ବର୍ଷ ବୟସରେ ଫୁକି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟେଇଥିବାବେଳେ ସେ ଏବେ ନାବାଳକ ଥିବାରୁ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡ ଦେଇ ନାହାନ୍ତି।

### ବିଦେଶୀ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ୩୧ ଜିଲାପାଳଙ୍କୁ କ୍ଷମତା

**ନୂଆଦିଲ୍ଲୀ,୭।୨(ପି.ଟି.):** ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶର ସଂଖ୍ୟାଲଘୁ (ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଏବଂ ଖ୍ରୀଷ୍ଟିଆନ) ସମ୍ପ୍ରଦାୟର ଲୋକଙ୍କୁ ନାଗରିକତ୍ୱ ଆଇନ ଅନୁଯାୟୀ ଭାରତର ନାଗରିକତ୍ୱ ପ୍ରଦାନ ଲାଗି କେନ୍ଦ୍ର ସରକାର ୯ ରାଜ୍ୟର ୩୧ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଜିଲା ସ୍ତରରେ ବିଦେଶୀମାନଙ୍କୁ ଆବେଦନଗୁଡ଼ିକୁ ଯାଞ୍ଚ କରାଯାଇ ନାଗରିକତ୍ୱ ପ୍ରଦାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଆବେଦନକାରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛତିଶଗଡ଼, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ ଏବଂ ଦିଲ୍ଲୀର ୩୧ ଜିଲାକୁ ଚିହ୍ନଟ କରାଯାଇଛି। ନାଗରିକତ୍ୱ ଆଇନ, ୧୯୫୫ ଅନୁଯାୟୀ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନର ଉପରୋକ୍ତ ସମ୍ପ୍ରଦାୟର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ, ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ (ସିଏଏ) ଅନୁଯାୟୀ ନୁହେଁ। କାରଣ ସିଏଏ କାର୍ଯ୍ୟକାରୀ କରିବା ପାଇଁ ସରକାର ଏପର୍ଯ୍ୟନ୍ତ ନିୟମାବଳୀ ପ୍ରଣୟନ କରିନାହାନ୍ତି।

# ଭୂକମ୍ପ ମୃତ୍ୟୁସଂଖ୍ୟା ୫,୨୦୦ ଟପିଲା



- ୨.୩ କୋଟି ପ୍ରଭାବିତ ଆଶଙ୍କା
- ୮ ଗୁଣ ବଢ଼ିପାରେ ମୃତ୍ୟୁସଂଖ୍ୟା: ଡବ୍ଲ୍ୟୁଏଚ୍‌ଓ

ଆଡାନା(ତୁର୍କୀ)/ଜେନେଭା,୭।୨

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୫,୨୦୦ ଟପିଛି। ୭.୮ ତୀବ୍ରତାର ଭୂକମ୍ପ ଓ ପରେ ପ୍ରାୟ ୨୦୦ ଥର ପଶ୍ଚାତ୍ କମ୍ପନ ଯୋଗୁ ହଜାର ହଜାର କୋଠା ଧରାଶାୟୀ ହୋଇଛି। କୋଠାଗୁଡ଼ିକର ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ବହୁସଂଖ୍ୟାରେ ମୃତଦେହ ମିଳିବାରେ ଲାଗିଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଭାରତ ସମେତ ବିଭିନ୍ନ ଦେଶ ତୁର୍କୀ ଓ ସିରିଆକୁ ଉଦ୍ଧାରକାରୀ ଟିମ୍ ଓ ସହାୟତା ପଠାଇବାରେ ଲାଗିଛନ୍ତି। ଏବେ ୨୪,୪୦୦ ଜରୁରୀ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଭୂକମ୍ପରେ କେବଳ ତୁର୍କୀରେ ପାଖାପାଖି ୬,୦୦୦ ବିଲ୍ଡିଂ ଭୁଶୁଡ଼ିଥିବାବେଳେ ସେହି ଅନୁଯାୟୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଭଗ୍ନାବଶେଷ ତଳେ ରହିଥିବା ଲୋକଙ୍କୁ ଖୋଜି ବାହାର କରିବା ଲାଗି ବିଯୁକ୍ତ ତାପମାତ୍ରା ସତ୍ତ୍ୱେ ଉଦ୍ୟମ ଅବ୍ୟାହତ ରହିଥିବା ତୁର୍କୀ କର୍ତ୍ତୃପକ୍ଷ କହିଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳର ଦକ୍ଷିଣପଶ୍ଚିମରେ ଅବସ୍ଥିତ ହାତାୟ ପ୍ରଦେଶରେ ୧,୫୦୦ ବିଲ୍ଡିଂ ଧ୍ୱଂସ ହୋଇଥିବାବେଳେ ଏହା ତଳେ ଅନେକ ଲୋକ ରହିଯାଇଛନ୍ତି। ସେଠାରେ ଏପର୍ଯ୍ୟନ୍ତ ଉଦ୍ଧାରକାରୀ ଟିମ୍ କିମ୍ବା ସହାୟତା ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଭୂକମ୍ପରେ ଘରଦ୍ୱାର ହରାଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଯୁକ୍ତ ତାପମାତ୍ରାରେ ଅନେକେ ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ତୁଷାରପାତ ଓ ବର୍ଷା ଯୋଗୁ କେତେକ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା ୮ ଗୁଣ ବଢ଼ିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପୂର୍ବାନୁମାନ କରିଛି। ପଶ୍ଚାତ୍ କମ୍ପନ ଲାଗିରହିଥିବାରୁ ଅଧିକ ଘର ଭାଙ୍ଗିବାରେ ଲାଗିଛି। ତେଣୁ ମୃତ୍ୟୁସଂଖ୍ୟା ୮ ଗୁଣ ବଢ଼ିବା ଆଶଙ୍କା କରାଯାଉଛି ବୋଲି ଡବ୍ଲ୍ୟୁଏଚ୍‌ଓର ବରିଷ୍ଠ ଏମର୍ଜେନ୍ସି ଅଫିସର କାଥେରିନ୍ ସ୍ମଲ୍‌ଉଡ୍ କହିଛନ୍ତି। ଭୂକମ୍ପ ମୃତ୍ୟୁସଂଖ୍ୟା ୨୭୦୦ରେ ପହଞ୍ଚିଥିବାବେଳେ ସେ ଏଭଳି ଆକଳନ କରିଥିଲେ। ବଡ଼ ଭୂକମ୍ପରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିବା ସହ ବହୁ ଲୋକ ବାସହରା ହୋଇଥିବାରୁ ଏବେ ସିରିଆ ପାଇଁ ମାନବୀୟ ସହାୟତା ସର୍ବାଧିକ ଆବଶ୍ୟକ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି। ବିପର୍ଯ୍ୟୟ କ୍ଷୟକ୍ଷତିର ମୁକାବିଲା କରିବାରେ ତୁର୍କୀ ସମର୍ଥ ହୋଇଥିଲେ ହେଁ ସୀମାନ୍ତ ଦେଶ ସିରିଆ ପାଇଁ ତୁରନ୍ତ ସହାୟତା ଜରୁରୀ ହୋଇପଡ଼ିଛି। ଗୃହଯୁଦ୍ଧ ଏବଂ କଲେରା ବ୍ୟାପିବା ଯୋଗୁ ଏହି ଦେଶ ପ୍ରାୟ ୧୨ ବର୍ଷ ହେଲା ମାନବୀୟ ସଙ୍କଟରେ ରହିଥିବାବେଳେ ଭୂକମ୍ପ କ୍ଷୟକ୍ଷତି ଏହାକୁ ଆହୁରି ବଢ଼ାଇ ଦେଇଛି। ୧୪ ଲକ୍ଷ ଶିଶୁଙ୍କ ସମେତ ୨.୩ କୋଟି ଲୋକ ଭୂକମ୍ପ ଯୋଗୁ ପ୍ରଭାବିତ ହୋଇପାରନ୍ତି ବୋଲି ଡବ୍ଲ୍ୟୁଏଚ୍‌ଓର ବରିଷ୍ଠ ଅଧିକାରୀ ଆଡେଲହେଡ୍ ମାର୍ସାଙ୍ଗ କହିଛନ୍ତି।

## ସହାୟତା ପାଇଁ ଭାରତକୁ କୃତଜ୍ଞତା ଜଣାଇଲା ତୁର୍କୀ

ନୂଆଦିଲ୍ଲୀ,୭।୨

ତୁର୍କୀ ଓ ସିରିଆ ଭୂକମ୍ପରେ ୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ତୁର୍କୀକୁ ସେନା ମେଡିକାଲ ଟିମ୍, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) କର୍ମଚାରୀ, ଜରୁରୀ ଔଷଧ ଓ ଅନ୍ୟାନ୍ୟ ସରଞ୍ଜାମ ପଠାଇଛି। ଆଗ୍ରାସ୍ଥିତ ପାରା ଫିଲ୍ଡ ହସ୍ପିଟାଲରୁ ୯୯ ଜଣିଆ ଡାକ୍ତରୀ ଟିମ୍ ତୁର୍କୀ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଅସ୍ଥିଶଲ୍ୟ ବିଶେଷଜ୍ଞ, ମେଡିକାଲ ସ୍ପେଶାଲିଷ୍ଟ ଟିମ୍‌ଙ୍କ ସମେତ ଜରୁରୀ ଚିକିତ୍ସା ବିଶେଷଜ୍ଞ ରହିଛନ୍ତି। ସେମାନେ ସାଙ୍ଗରେ ଏକ୍ସ-ରେ ମେଶିନ, ଭେଣ୍ଟିଲେଟର, ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ, କାର୍ଡିଆକ୍ ମନିଟର ଓ ଅନ୍ୟାନ୍ୟ ସରଞ୍ଜାମ ନେଇଛନ୍ତି। ଭାରତୀୟ ବାୟୁସେନାର ଦୁଇଟି ସି-୧୭ ଗ୍ଲୋବମାଷ୍ଟର ବିମାନରେ ଆଗ୍ରାରୁ ଉକ୍ତ ଟିମ୍ ଯାଇଛନ୍ତି। ଭାରତ ପଠାଇଥିବା ସହାୟତା ପାଇଁ ତୁର୍କୀ କୃତଜ୍ଞତା ଜଣାଇଛି'। ଆବଶ୍ୟକ ସମୟର ବନ୍ଧୁ ପ୍ରକୃତ ବନ୍ଧୁ ବୋଲି ଭାରତରେ ଥିବା ତୁର୍କୀ ରାଷ୍ଟ୍ରଦୂତ ଫିରାଟ ସୁନେଲ କହିବା ସହ ନୂଆଦିଲ୍ଲୀକୁ ଧନ୍ୟବାଦ ଜଣାଇଛନ୍ତି। ଏହା ପୂର୍ବରୁ ଭାରତର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ତୁର୍କୀ ଦୂତାବାସକୁ ଯାଇ ଭୂକମ୍ପ କ୍ଷୟକ୍ଷତି ପାଇଁ ସମବେଦନା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁର୍କୀକୁ ଜଣାଇଥିବା ସହାନୁଭୂତି ଏବଂ ମାନବୀୟ ସହାୟତା ସମ୍ପର୍କରେ ମୁରଲୀଧରନ ଦୂତାବାସ ଅଧିକାରୀଙ୍କୁ ଜଣାଇଥିଲେ।

### ତୁର୍କୀରେ ୩ ମାସ ଏମର୍ଜେନ୍ସି

ଆଙ୍କାରା,୭।୨

ପ୍ରଳୟଙ୍କରୀ ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ ତୁର୍କୀର ୧୦ ପ୍ରଦେଶରେ ୩ ମାସ ପାଇଁ ଜରୁରୀ ସ୍ଥିତି ଜାରି କରାଯାଇଛି। ଉଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୩ ମାସ ଏମର୍ଜେନ୍ସି ଜାରି କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା ବୋଲି ତୁର୍କୀ ରାଷ୍ଟ୍ରପତି ରେସିପ୍ ତାୟିପ ଏର୍ଡୋଗାନ ମଙ୍ଗଳବାର ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ଏପର୍ଯ୍ୟନ୍ତ ତୁର୍କୀକୁ ୭୦ଟି ଦେଶ ସହାୟତା ଓ ଉଦ୍ଧାରକାରୀ ଟିମ୍ ପଠାଇବାକୁ କହିଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତଙ୍କୁ ଅସ୍ଥାୟୀ ଭାବେ ଆଶ୍ରୟ ଦେବା ଲାଗି ଆଣ୍ଟାଲ୍ୟାରେ କେତେକ ହୋଟେଲ ଖୋଲିବାକୁ ସରକାର ଯୋଜନା କରୁଛନ୍ତି। କେବଳ ତୁର୍କୀରେ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା ୩,୫୪୯ରେ ପହଞ୍ଚିଥିବା ରାଷ୍ଟ୍ରପତି ଏର୍ଡୋଗାନ କହିଛନ୍ତି।

### କମ୍ପନରେ ଜେଲ ଭାଙ୍ଗିଗଲା: ପଳାଇଲେ ୨୦ ଆତଙ୍କବାଦୀ

ଆଜାଜ,୭।୨

ଭୟାବହ ଭୂକମ୍ପରେ ସିରିଆର ଉତ୍ତରପଶ୍ଚିମ ଭାଗରେ ଥିବା ଏକ ଜେଲ ଭୁଶୁଡ଼ି ପଡ଼ିବାରୁ ୨୦ ଜଣ ଆଇଏସ୍ ଆତଙ୍କବାଦୀ ଖସି ପଳାଇଯାଇଛନ୍ତି। ତୁର୍କୀ ସୀମାନ୍ତ ରାଜୋ ସହରର ସାମରିକ ପୋଲିସ ଜେଲରେ ପ୍ରାୟ ୨,୦୦୦ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧,୩୦୦ ହେଉଛନ୍ତି ଆଇଏସ୍ ଆତଙ୍କବାଦୀ। ଭୂକମ୍ପରେ ଜେଲ କ୍ଷତିଗ୍ରସ୍ତ ହେବା ପରେ କେତେଜଣ ବନ୍ଦୀ ଏହାର କିଛି ଅଂଶକୁ ନିୟନ୍ତ୍ରଣକୁ ନେଇଥିଲେ। ଅନ୍ୟପକ୍ଷରେ ଭୂକମ୍ପକୁ ନେଇ ସୋସିଆଲ ମିଡିଆରେ ଆତଙ୍କପ୍ରଦ ବାର୍ତ୍ତା ପ୍ରସାର କରିବା ଅଭିଯୋଗରେ ତୁର୍କୀର ୪ ଜଣଙ୍କୁ ଗିରଫ କରାଯାଇଛି।

## 'ୱାର୍ଲ୍ଡସ୍ ବ୍ରାଇଟେଷ୍ଟ' ଷ୍ଟୁଡେଣ୍ଟ ନତାଶା

ୱାଶିଂଟନ୍, ୭।୨

'ୱାର୍ଲ୍ଡସ୍ ବ୍ରାଇଟେଷ୍ଟ' ଷ୍ଟୁଡେଣ୍ଟ ସୂଚୀର ଶୀର୍ଷରେ ରହିଛନ୍ତି ଭାରତୀୟ-ଆମେରିକୀୟ ନତାଶା ପେରିଆନାୟାଗମ। ଆମେରିକାର ଜନ୍ସ ହୋପକିନ୍ସ ସେଣ୍ଟର ଫର୍ ଟ୍ୟାଲେଣ୍ଟେଡ୍ ୟୁଥ୍ (ସିଟିୱାଇ) ପକ୍ଷରୁ ଏହି ନାମ ତାଲିକା ପ୍ରକାଶ ପାଇଥିବାବେଳେ ନତାଶା ଦ୍ୱିତୀୟଥର ଲାଗି ଏହି ଲିଷ୍ଟରେ ରହିଛନ୍ତି। ବିଶ୍ୱର



୭୬ ଦେଶର ୧୫୦୦୦ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଟ୍ୟାଲେଣ୍ଟ ପରୀକ୍ଷା କରାଯାଇଥିଲା। ୧୩ ବର୍ଷୀୟା ନତାଶା ନ୍ୟୁଜର୍ସିର ଫ୍ଲୋରେନ୍ସ ଏମ୍. ଗାଡିନିଅର ମିଡିଲ ସ୍କୁଲରେ ପାଠ ପଢ଼ନ୍ତି। ୨୦୨୧ରେ ମଧ୍ୟ ଜନ୍ସ ହୋପକିନ୍ସର ସିଟିୱାଇ ପରୀକ୍ଷା ଦେଇଥିଲେ। ଖାଲି ସମୟରେ ନତାଶା ଜେଆର୍‌ଆର୍ ଟାଲକିଏନ୍‌ଙ୍କ ପ୍ରବନ୍ଧ ପଢ଼ିବାକୁ ପସନ୍ଦ କରନ୍ତି। ସିଟିୱାଇ ଟେଷ୍ଟ ଏକ ଏବଭ୍ ଗ୍ରେଡ୍ ଲେବଲ ପରୀକ୍ଷା, ବିଶ୍ୱର ଯେକୌଣସି ଦେଶର ଆଡ୍‌ଭାନ୍ସଡ୍ ଛାତ୍ରୀଛାତ୍ର ଏହି ଟେଷ୍ଟ ଦେଇପାରିବେ।

### ମୃତଦେହକୁ ୧୦ କି.ମି. ଘୋଷାରିନେଲା କାର୍

**ନୋଏଡା, ୭।୨:** ଉତ୍ତର ପ୍ରଦେଶ ମଥୁରାରେ କାର୍‌ରେ ଘୋଷାରି ହୋଇ ବିକୃତ ମୃତଦେହକୁ ପୋଲିସ ଜବତ କରିଛି। ବୀରେନ୍ଦର ସିଂ ସୋମବାର ଆଗ୍ରାରୁ ନୋଏଡା କାର୍‌ରେ ଆସୁଥିବାବେଳେ ତାଙ୍କ କାର୍ ତଳେ ଏକ ମୃତଦେହ ଘୋଷାଡି ହୋଇ ଯାଉଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ବ୍ୟକ୍ତି ଜଣକ ଅନ୍ୟ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। କାର୍ ତଳେ ତାଙ୍କ ମୃତ ଦେହ ଫସିଯାଇଥିବା ବୀରେନ୍ଦର କହିଛନ୍ତି।

## ପିଟିଶନ ଖାରଜ: ବିଚାରପତି ଭାବେ ଶପଥ ନେଲେ ଭିକ୍ଟୋରିଆ ଗୌରୀ

ନୂଆଦିଲ୍ଲୀ,୭।୨



ବିଚାରପତି ଭାବେ ଆଇନଜୀବୀ ଲକ୍ଷ୍ମଣ ଚନ୍ଦ୍ର ଭିକ୍ଟୋରିଆ ଗୌରୀଙ୍କ ପଦୋନ୍ନତି ବିରୋଧରେ ପିଟିଶନ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ସେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ପୂର୍ବରୁ ଗୌରୀ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିବାରୁ ସେ ବିଚାରପତି ଭାବେ ଶପଥ ନେବାକୁ ଯୋଗ୍ୟ ନୁହନ୍ତି ବୋଲି ଆବେଦନକାରୀ ସେମାନଙ୍କ ପିଟିଶନରେ ଦର୍ଶାଇଥିଲେ। ସୁପ୍ରିମକୋର୍ଟରେ ଏହାର ଶୁଣାଣି ଚାଲିଥିବାବେଳେ ଶପଥ ପାଠ ଉତ୍ସବ ଆରମ୍ଭ ହୋଇଥିଲା। ରିଟ୍ ପିଟିଶନରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଭୂଷଣ ରାମକ୍ରିଷ୍ଣା ଗଭାଇଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିଥିଲେ। ଜଷ୍ଟିସ୍ ଖାନ୍ନା କହିଥିଲେ ଯୋଗ୍ୟତା ଏବଂ ଉପଯୁକ୍ତତା ମଧ୍ୟରେ ପାର୍ଥକ୍ୟ ରହିଛି। ଯୋଗ୍ୟତାକୁ ଚ୍ୟାଲେଞ୍ଜ କରାଯାଇପାରିବ, କିନ୍ତୁ ଉପଯୁକ୍ତତାକୁ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

## ମୋହନ ଭାଗବତଙ୍କ ନାଁରେ ମାମଲା

ପାଟନା,୭।୨

**ପଣ୍ଡିତ ବିରୋଧି ମନ୍ତବ୍ୟ**



ପଣ୍ଡିତମାନଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ବିରୋଧରେ ବିହାର ମୁଜାଫରପୁର ଜିଲାର ଏକ ଅଦାଲତରେ ମାମଲା ରୁଜୁ ହୋଇଛି। ପଣ୍ଡିତମାନେ ନିଜର ଫାଇଦା ପାଇଁ ସମାଜକୁ ଭାଗ ଭାଗ କରିଛନ୍ତି ବୋଲି ଭାଗବତ କହିଥିଲେ। ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ଏଭଳି ମନ୍ତବ୍ୟ ପଣ୍ଡିତମାନଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ମୁଜାଫରପୁରର ବରିଷ୍ଠ ଆଇନଜୀବୀ ସୁଧୀର କୁମାର ଓଝା କୋର୍ଟରେ ମାମଲା ଦାଏର କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ ହେବ। ମୁମ୍ବାଇରେ ରବିଦାସ ଜୟନ୍ତୀ କାର୍ଯ୍ୟକ୍ରମରେ ଭାଗବତ କହିଥିଲେ, ଜାତି ପ୍ରଥା ଭଗବାନ ନୁହନ୍ତି ପଣ୍ଡିତମାନେ ସୃଷ୍ଟି କରିଛନ୍ତି। ଭଗବାନ ସମସ୍ତଙ୍କୁ ସମାନ ଗଢ଼ିଥିବାବେଳେ ପଣ୍ଡିତମାନେ ସେମାନଙ୍କ ଫାଇଦା ପାଇଁ ସମାଜକୁ ଜାତି ନାମରେ ଭାଗ ଭାଗ କରିଛନ୍ତି ବୋଲି ଭାଗବତ କହିଥିଲେ।



'ଇଗଲ ୪୪' ନାମରେ ଇରାନ ଏକ ଭୂତଳ ବାୟୁସେନା ଘାଟି ବିକଶିତ କରିଛି। ବିଶ୍ୱର ଏହି ପ୍ରଥମ ଅଣ୍ଡରଗ୍ରାଉଣ୍ଡ ଏୟାରଫୋର୍ସ ବେସ୍‌ରେ ଅନେକ ଯୁଦ୍ଧବିମାନ ରଖାଯାଇପାରିବ ବୋଲି ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଷ୍ଟାଫ୍ ମହମ୍ମଦ ବଘେରି ସୂଚନା ଦେଇଛନ୍ତି।

## କଶ୍ମୀରରେ ଉଚ୍ଛେଦ ଅଭିଯାନକୁ ବିରୋଧ

ଶ୍ରୀନଗର,୭।୨

**ଜମ୍ମୁ-କଶ୍ମୀରକୁ ଆଫଗାନିସ୍ତାନରେ ପରିଣତ କରିଛି କେନ୍ଦ୍ର: ମେହବୁବା**

ଜମ୍ମୁ-କଶ୍ମୀରରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିବାବେଳେ ଏହାକୁ ନେଇ ବିବାଦ ଦେଖାଦେଇଛି। ରାଜନୈତିକ ବିରୋଧୀ ଏବଂ ଗରିବଙ୍କୁ ପ୍ରଶାସନ ଟାର୍ଗେଟ କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ବିରୋଧରେ ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ମୁଣ୍ଡ ଟେକିଛି। ବହୁ ପିଢ଼ି ଧରି ଲୋକେ ବେଆଇନ ଭାବେ ଜମି ଦଖଲରେ ରଖି ବସବାସ କରିବା ସହ ଚାଷ କରୁଥିଲେ ବୋଲି ପ୍ରଶାସନ କହିଛି। ଗତ ସପ୍ତାହରେ



ଜମ୍ମୁରେ ଜବରଦଖଲ ଉଚ୍ଛେଦ ବେଳେ ଟେକାମାଡ଼ କରିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯିବା ସହ ଅନ୍ୟ ୪ ଜଣଙ୍କୁ ଅଟକ ରଖାଯାଇଛି। କେନ୍ଦ୍ର ସରକାର ଲୋକଙ୍କୁ ବାସହୀନ କରିବା ସହ ସେମାନଙ୍କ ଜୀବିକା ଛଡ଼ାଇ ନେଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଜମ୍ମୁ-କଶ୍ମୀରର ୨୦ ଜିଲାରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ବେଆଇନ ନିର୍ମାଣ ଭଙ୍ଗାଯାଉଛି। ଏହି ଅଭିଯାନ କଶ୍ମୀରରେ ପାଲେଷ୍ଟାଇନ୍ ଓ ଆଫଗାନିସ୍ତାନ ସ୍ଥିତି ସୃଷ୍ଟି କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି।

## ଶ୍ରଦ୍ଧାଙ୍କ ଅସ୍ଥିକୁ ମେଶିନରେ ଗୁଣ୍ଡ କରିଥିଲେ ଆଫ୍‌ତାବ

ନୂଆଦିଲ୍ଲୀ,୭।୨

ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧା ୱାଲ୍‌କରଙ୍କୁ ହତ୍ୟାକରି ଶରୀରକୁ ଖଣ୍ଡ ଖଣ୍ଡ କରିବା ପରେ ଅଭିଯୁକ୍ତ ଆଫତାବ ପୁନାୱାଲା ସେଗୁଡ଼ିକୁ ଫିଙ୍ଗିବା ପୂର୍ବରୁ ଅସ୍ଥିଗୁଡ଼ିକୁ ଗୁଣ୍ଡ କରିଦେଇଥିଲେ। ଏଥିପାଇଁ ସେ ମାର୍ବଲ କଟିଂ ଓ ଗ୍ରାଇଣ୍ଡିଂ ମେଶିନ୍ ବ୍ୟବହାର କରିଥିଲେ ବୋଲି ଦିଲ୍ଲୀ ପୋଲିସ କୋର୍ଟରେ ଦାଖଲ କରିଥିବା ୬,୬୦୦ ପୃଷ୍ଠାର ଚାର୍ଜଶିଟ୍‌ରେ କୁହାଯାଇଛି। ଗତବର୍ଷ ମେ' ୧୮ରେ ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ଆଫତାବ



ଜମାଟୋରୁ ଚିକେନ୍ ରୋଲ ମଗାଇ ଖାଇଥିଲେ। ଶ୍ରଦ୍ଧା ଓ ଆଫତାବ ମେ'ରେ ଦିଲ୍ଲୀ ଯାଇଥିଲେ। ତେବେ ଆଫତାବଙ୍କର ଏକାଧିକ ଗର୍ଲଫ୍ରେଣ୍ଡ ଏବଂ ଅତ୍ୟଧିକ ବ୍ୟୟକୁ ନେଇ ସେମାନଙ୍କ ମଧ୍ୟରେ ଅନେକ ସମୟରେ ବଚସା ହେଉଥିଲା ବୋଲି ଚାର୍ଜଶିଟ୍‌ରେ କୁହାଯାଇଛି। ମେ' ୧୮ରେ ସେମାନେ ମୁମ୍ବାଇ ଯିବାକୁ ଯୋଜନା କରିଥିଲେ। ହଠାତ ଆଫତାବ ଟିକେଟ ବାତିଲ କରିଦେବାରୁ ସେମାନଙ୍କ ମଧ୍ୟ ଝଗଡ଼ା ହୋଇଥିଲା ଏବଂ ଉତ୍ତ୍ୟକ୍ତ ହୋଇ ଆଫତାବ ଶ୍ରଦ୍ଧାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ହତ୍ୟା ପରେ ମୃତଦେହକୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଭର୍ତ୍ତିକରି ଫିଙ୍ଗିଦେବାକୁ ଅଭିଯୁକ୍ତ ଚିନ୍ତା କରିଥିଲେ। ଏପରି ହେଲେ ଶୀଘ୍ର ଧରାପଡ଼ିଯିବା ଆଶଙ୍କା କରି ସେ ଶରୀରକୁ ଖଣ୍ଡଖଣ୍ଡ କରିବା ପାଇଁ କରତ, ହାତୁଡ଼ି ଓ ୩ଟି ଛୁରି କିଣିଥିଲେ। ସେ ଆଙ୍ଗୁଠିଗୁଡ଼ିକୁ ଅଲଗା କରିବା ପାଇଁ ବ୍ଲୋଟର୍ଚ୍ଚ ବ୍ୟବହାର କରିଥିଲେ। ଶ୍ରଦ୍ଧାଙ୍କ ଶରୀରକୁ ୩୫ ଖଣ୍ଡ କରିବା ପରେ ଆଫତାବ ସେଗୁଡ଼ିକୁ ଫ୍ରିଜ୍‌ରେ ରଖିଥିଲେ। ଗର୍ଲଫ୍ରେଣ୍ଡମାନେ ଆସିବାକୁ ଥିଲେ ଆଫତାବ ଉକ୍ତ ଖଣ୍ଡଗୁଡ଼ିକୁ କିଚେନ୍‌କୁ ନେଇଯାଉଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।




# ରାଜ୍ୟରେ ବଢୁଛି ସର୍ପଦଂଶନ ମୃତ୍ୟୁ

## ୨୦୧୫ରେ ୫୨୨, ୨୦୨୧ରେ ୧,୧୫୯

- ୭ବର୍ଷରେ ଗଲାଣି ୬,୩୫୧ ଜଣଙ୍କ ଜୀବନ
- ଗଞ୍ଜାମ ଜିଲାରେ ହେଲାଣି ସର୍ବାଧିକ ମୃତ୍ୟୁ

**ଭୁବନେଶ୍ୱର, ୭।୨(ବ୍ୟୁରୋ)**

ରାଜ୍ୟରେ ସର୍ପଦଂଶନଜନିତ ମୃତ୍ୟୁସଂଖ୍ୟାରେ ରୋକ ଲାଗିପାରୁନାହିଁ। ୨୦୧୫ ମସିହାରେ ରାଜ୍ୟରେ ୫୨୨ଜଣ ଲୋକଙ୍କର ସାପକାମୁଡ଼ାରେ ମୃତ୍ୟୁ ଘଟିଥିବା ପଞ୍ଜୀକୃତ ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ବୃଦ୍ଧିପାଇ ୧,୧୫୯ରେ ପହଞ୍ଚିଥିବା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ତଥ୍ୟରୁ ସୂଚନା ମିଳିଛି। ୨୦୧୫ରୁ ୨୦୨୨ ଅର୍ଥାତ୍ ଗତ ୭ବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୬,୩୫୧ଜଣଙ୍କର ସର୍ପଦଂଶନରେ ଜୀବନ ଯାଇଛି। ସେଥିମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୩୦୭ ଜଣ ରହିଛନ୍ତି। ସାପକାମୁଡ଼ାଜନିତ ମୃତ୍ୟୁରେ ରାଜ୍ୟରେ ଗଞ୍ଜାମ ଜିଲା ଏକ ନମ୍ବର ରହିଛି। ଏହା ପଛକୁ ୨୯୭ ମୃତ୍ୟୁ ସଂଖ୍ୟା ସହିତ କେନ୍ଦୁଝରର ଦ୍ୱିତୀୟ, ୨୯୩ ମୃତ୍ୟୁ ସହ ବାଲେଶ୍ୱର ତୃତୀୟ ଏବଂ ୨୯୦ ମୃତ୍ୟୁ ସହ ମୟୂରଭଞ୍ଜ ଜିଲା ଚତୁର୍ଥ ସ୍ଥାନରେ ରହିଛି। ଏହା ପଛକୁ ଭଦ୍ରକ ୧୯୨, କଟକ ୧୯୧, ଯାଜପୁର ୧୯୧, ପୁରୀ ୧୭୨, ଢେଙ୍କାନାଳ ୧୫୪, ସୁନ୍ଦରଗଡ଼ ୧୪୬, ନବରଙ୍ଗପୁର ୧୪୪, ଅନୁଗୋଳ ୧୩୮, କେନ୍ଦ୍ରାପଡ଼ା ୧୧୮, ସମ୍ବଲପୁର ୧୧୮, ଖୋର୍ଦ୍ଧା ୯୬, ନୟାଗଡ଼ ୭୯, ବରଗଡ଼ ୭୮, ମାଲକାନଗିରି ୭୮, ଦେବଗଡ଼ ୭୫, କୋରାପୁଟ ୭୫, ବଲାଙ୍ଗୀର ୭୦, ଜଗତ୍‌ସିଂହପୁର ୬୭, କଳାହାଣ୍ଡି ୫୭, ରାୟଗଡା ୫୫, ସୁବର୍ଣ୍ଣପୁର ୫୪, ନୂଆପଡ଼ା ୩୫, ଝାରସୁଗୁଡ଼ା ୩୧, କନ୍ଧମାଳ ୨୭, ବୌଦ୍ଧ ୨୪ ଏବଂ ଗଜପତି ଜିଲାରେ ସବୁଠାରୁ କମ୍ ମୃତ୍ୟୁ ସଂଖ୍ୟା ୧୮ ପଞ୍ଜୀକୃତ ହୋଇଛି। ଅପରପକ୍ଷେ ତହସିଲ/ବ୍ଲକ ସ୍ତରରେ ସବୁଠାରୁ ଅଧିକ ସାପକାମୁଡ଼ାଜନିତ ମୃତ୍ୟୁ ସଂଖ୍ୟାରେ କିନ୍ତୁ ଆଶ୍ଚର୍ଯ୍ୟଜନକ ତାରତମ୍ୟ ଦେଖିବାକୁ ମିଳିଛି। ଗଞ୍ଜାମ ଯଦିଓ ସାମଗ୍ରିକ ଭାବେ ଏକ ନମ୍ବର ସ୍ଥାନରେ ରହିଛି କିନ୍ତୁ ଏହି ଜିଲାର କୌଣସି ତହସିଲ ବା ବ୍ଲକ ପ୍ରଥମ ୧୦ଟି ସ୍ଥାନରେ ନାହିଁ। ୨୦୧୫ରୁ ୨୦୨୨ ମଧ୍ୟରେ ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ସାପକାମୁଡ଼ାରେ ୪୩ ଜଣଙ୍କ ମୃତ୍ୟୁ ଘଟିଛି, ଯାହା ରାଜ୍ୟରେ ପ୍ରଥମ। ଦ୍ୱିତୀୟରେ ୪୧ ମୃତ୍ୟୁ ସହିତ ଭଦ୍ରକ ଜିଲାର ଚାନ୍ଦବାଲି ଏବଂ ତୃତୀୟରେ ୩୯ ମୃତ୍ୟୁ ସହିତ କେନ୍ଦୁଝର ଜିଲାର ତେଲକୋଇ ବ୍ଲକ ୩ୟ ସ୍ଥାନରେ ରହିଛି। ଏହା ପଛକୁ ବାଲେଶ୍ୱରର ସୋରୋରେ ୩୬, ଢେଙ୍କାନାଳର ଗଁଦିଆରେ ୩୬, ଦେବଗଡ଼ର ବାରକୋଟରେ ୩୫, ଯାଜପୁରର ଦର୍ପଣରେ ୩୫, ଭଦ୍ରକରେ ୩୪, ନବରଙ୍ଗପୁରର ରାଇଘର ଓ ଉମରକୋଟରେ ୩୨ଟି ଲେଖାଏ ମୃତ୍ୟୁ ହୋଇଛି। ଏହି ୧୦ଟି ତହସିଲ/ବ୍ଲକ ରାଜ୍ୟର ସବୁଠୁ ଅଧିକ ସାପକାମୁଡ଼ାଜନିତ ମୃତ୍ୟୁପ୍ରବଣ ଅଞ୍ଚଳ ପାଲଟିଛି।

ସେପଟେ ଯେତିକି ମୃତ୍ୟୁ ଘଟଣା ଘଟିଛି ତନ୍ମଧ୍ୟରୁ ମେ'ରୁ ଅକ୍ଟୋବର ମାସ ମଧ୍ୟରେ ହିଁ ୮୫ % ମୃତ୍ୟୁ ହୋଇଥିବା ବେଳେ ସର୍ବାଧିକ ଘଟଣା ଜୁଲାଇ ମାସରେ ଘଟିଥିବା ଦେଖାଯାଇଛି। ବିଶେଷକରି ବନ୍ୟାପ୍ରବଣ ଜିଲା ଗଞ୍ଜାମ ଓ ବାଲେଶ୍ୱର ଏବଂ ଜଙ୍ଗଲ ପରିବେଷ୍ଟିତ ଜିଲା କେନ୍ଦୁଝର ଓ ମୟୂରଭଞ୍ଜରେ ଜୁଲାଇ ମାସରେ ଅଧିକ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ହିଁ ୨୦୧୫ରୁ ସାପକାମୁଡ଼ା ଜନିତ ମତ୍ୟୁକୁ ବିପର୍ଯ୍ୟୟ ମାନ୍ୟତା ଦେଇଛି ଏବଂ ଓସ୍‌ଡମା ତରଫରୁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ସାପ କାମୁଡ଼ାରେ କାହାରି ମୃତ୍ୟୁ ଘଟିଲେ ମୃତ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ଏହି କ୍ରମରେ ରାଜ୍ୟରେ ମୋଟ ୬,୩୫୧ ସାପକାମୁଡ଼ାଜନିତ ମୃତ୍ୟୁ ପାଇଁ ଅନୁକମ୍ପା ରାଶି ହିସାବରେ ସରକାର ୨୫,୪୦୪ ଲକ୍ଷ ଟଙ୍କା ପ୍ରଦାନ କରିଥିବେ ବୋଲି ଆଶା କରାଯାଉଛି। ତେବେ ରାଜ୍ୟରେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ନ କମିବା ସମ୍ପର୍କରେ ସ୍ନେକ୍ ହେଲ୍ପଲାଇନର ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଜିଲା ପ୍ରଶାସନ ଗୁଣିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ରାଜ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁରେ ରୋକ୍ ଲାଗିପାରୁ ନାହିଁ। ସେହିପରି ଭୁବନେଶ୍ୱର ଏମ୍ସର ଡା. ସୁଦୀପ୍ତ ରଞ୍ଜନ ସିଂହ କହିଛନ୍ତି, ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମିଳିବା ଯୋଗୁ ସାପ କାମୁଡ଼ା ମୃତ୍ୟୁ ଠିକ୍‌ରେ ରିପୋର୍ଟ ହେଉଛି। ତେଣୁ ଏହି ସଂଖ୍ୟାରେ ବୃଦ୍ଧି ଘଟୁଛି, ଯାହା ଆଗରୁ ହେଉ ନ ଥିଲା। ତେବେ ତୃଣମୂଳ ସ୍ତରରେ କାମ କରୁଥିବା ବ୍ୟକ୍ତି ଯଥା ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ୱାର୍ଡମେମ୍ବର, ସରପଞ୍ଚ ଆଦିଙ୍କୁ ସଚେତନ କରାଗଲେ ଏହି ସଂଖ୍ୟା ହ୍ରାସ ପାଇପାରିବ। କାରଣ ଡାକ୍ତରଖାନାଗୁଡ଼ିକରେ ଯାହା ଚିକିତ୍ସା ହୁଏ ତାହା ଅନେକ ଦିନରୁ ସ୍ଥିର ହୋଇସାରିଛି, କିନ୍ତୁ ଚିକିତ୍ସାରେ ବିଳମ୍ବ ଡାକ୍ତରଖାନା ବାହାରେ ହିଁ ହୋଇଥାଏ ବୋଲି ଡା. ସିଂହ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁ ରୋକିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସବୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣ୍ଟିଭେନମ ଇଞ୍ଜେକ୍ସନ୍ ଯୋଗାଇ ଦିଆଯାଉଛି।



# ୫୭ ସିଭିଲ୍ ଜଜ୍ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶିତ

**କଟକ ଅଫିସ,୭।୨**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇନ ବିଭାଗ ଅଧୀନରେ ଓଡ଼ିଶା ଓଜେଏସ୍ ୨୦୨୨ରେ ସିଭିଲ୍ ଜଜ୍‌ଙ୍କ ପାଇଁ ୫୭ଟି ପଦବୀ ପୂରଣ ହେବ। ସେଥିମଧ୍ୟରୁ ୧୮ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏଥିପାଇଁ ଆସନ୍ତା ୧୭ରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ମାର୍ଚ୍ଚ ୧୭ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଆବେଦନ ପାଇଁ ସମୟସୀମା ରହିଛି। ସିଭିଲ୍ ଜଜ୍ କ୍ୟାଡ଼ରରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଚୟନ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ କରାଯିବ। ଯଥାକ୍ରମେ ପ୍ରାଥମିକ ଲିଖିତ ପରୀକ୍ଷା, ମୁଖ୍ୟ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରକୁ ନେଇ ଅନୁଷ୍ଠିତ ହେବ। ପ୍ରାଥମିକ ପରୀକ୍ଷା ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରରେ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ବ୍ରହ୍ମପୁର, ବାଲେଶ୍ୱର, ଏବଂ ସମ୍ବଲପୁର ମଧ୍ୟରୁ କୌଣସି ଜୋନ୍ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ଏହି ଜୋନ୍ ଚୟନ କରିଥିବା ପ୍ରାର୍ଥୀମାନେ ଭୁବନେଶ୍ୱର ଏବଂ କଟକଠାରେ ପରୀକ୍ଷା ଦେବେ। ଏନେଇ ଅଧିକ ସୂଚନା ଓପିଏସ୍‌ସି ୱେବ୍‌ସାଇଟ୍ https://opsc.gov.inରେ ଉପଲବ୍ଧ ରହିଛି ।

# ଫୁଡ୍ ସବ୍‌ସିଡି: କେନ୍ଦ୍ର ଉପରେ ୧୪,୨୪୯.୦୭ କୋଟି ବାକି

## କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୭।୨(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଉପରେ ପ୍ରାୟ ୧୪,୨୪୯.୦୭ କୋଟି ଟଙ୍କା ଫୁଡ୍ ସବ୍‌ସିଡି ବାବଦ ଅର୍ଥ ବକେୟା ପଡ଼ିରହିଛି। ସେଥିରୁ ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ୩ ମାସର ବକେୟା ୫,୨୭.୩୬ କୋଟି ଟଙ୍କା ବକେୟା ରହିଥିବା ବେଳେ ଚତୁର୍ଥ ତ୍ରୈମାସିକ ଆଡ୍‌ଭାନ୍ସ ସବ୍‌ସିଡି ବାବଦରେ ୧୪୬୭.୭୮ କୋଟି ଟଙ୍କା ବକେୟା ପଡ଼ିରହିଛି। ତୁରନ୍ତ ବକେୟା ଅର୍ଥ ପ୍ରଦାନ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଙ୍ଗଳବାର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି।

ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ଯୋଗାଣ ନିଗମ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ରେ ଚାଷୀଙ୍କଠାରୁ ଧାନ କିଣିବା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣ ଯୋଜନା ପାଇଁ ଖାଦ୍ୟଶସ୍ୟ ଯୋଗାଇ ଦେଉଛି। ଭାରତ ସରକାରଙ୍କ ଅନୁମୋଦିତ ଖାଦ୍ୟଶସ୍ୟ ସଂଗ୍ରହକାରୀ ସଂସ୍ଥା ଉପରେ କୌଣସି ଆର୍ଥିକ ବୋଝ ରହିବ ନାହିଁ ବୋଲି ବୁଝାମଣାପତ୍ରରେ ବ୍ୟବସ୍ଥା ରହିଛି। ପ୍ରତି ତ୍ରୈମାସିକର ପ୍ରଥମ ମାସରେ ୯୦ ପ୍ରତିଶତ ସବ୍‌ସିଡି ଅର୍ଥ ଆଗୁଆ ଆସିବା କଥା। ପ୍ରତି ୩ ମାସରେ ସବ୍‌ସିଡି ଅର୍ଥ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇ ଆଡ୍‌ଭାନ୍ସ ଅର୍ଥରୁ ତାହାକୁ ହ୍ରାସ କରାଯାଇଥାଏ। ତେବେ ଓଡ଼ିଶାକୁ ଦିଆଯାଉଥିବା ଆଡ୍‌ଭାନ୍ସ ଓ ସବ୍‌ସିଡି ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଛି। ଏଠାରେ ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୧୬ ତାରିଖରେ କେନ୍ଦ୍ର ସରକାର ଚାଉଳ ଷ୍ଟକ୍ ତଦାରଖ କରିବାକୁ ଷ୍ଟାଣ୍ଡିଂ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) କାର୍ଯ୍ୟକାରୀ କରିଛନ୍ତି। ଏହା ଦ୍ୱାରା ୬ ସପ୍ତାହ ମଧ୍ୟରେ ଯୁଗ୍ମ ଟିମ୍ ଷ୍ଟକ୍ ଯାଞ୍ଚ କରିବା ପରେ ମିଲରମାନଙ୍କୁ ଷ୍ଟକ୍ ରିପ୍ଲେସମେଣ୍ଟ ସାର୍ଟିଫିକେଟ ପ୍ରଦାନ କରିବା ବ୍ୟବସ୍ଥା ରହିଛି। ତେବେ ଏହି କାର୍ଯ୍ୟ ଡିଏଫ୍‌ପିଡି ଅଧିକାରୀଙ୍କ ଅବହେଳା ଯୋଗୁ ଅଯଥା ବିଳମ୍ବ ହେଉଛି। ଡିଏଫ୍‌ପିଡି ଅଧିକାରୀଙ୍କ ଦ୍ୱାରା ତଦାରଖ ବିଳମ୍ବକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଅତନୁ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏଥିସହିତ ସବ୍‌ସିଡି ବାବଦ ବକେୟା ପଡ଼ିରହୁଥିବାରୁ ଯୋଗାଣ ନିଗମ ଉପରେ ଆର୍ଥିକ ଭାର ବଢ଼ି ଚାଲିଛି। ବକେୟା ରାଶି ତୁରନ୍ତ ପଇଠ କରିବାକୁ ଅତନୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଜିଏସ୍‌ଟି ଚଢ଼ାଉ, ୧୭.୮୧ ଲକ୍ଷ ଟଙ୍କା ଜବତ

## ୪ ଟିମ୍‌ରେ ୨୦ ଅଧିକାରୀ ସାମିଲ

**କଟକ ଅଫିସ,୭।୨**



ଜବତ ହୋଇଥିବା ଟଙ୍କା।

ସରକାରଙ୍କୁ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଫାଙ୍କି ବ୍ୟବସାୟ କରିବା ଅଭିଯୋଗରେ ଜିଏସ୍‌ଟି ବିଭାଗ ପକ୍ଷରୁ ମଙ୍ଗଳବାର କଟକର ଜଣେ ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତିଷ୍ଠାନ ସମେତ ୪ଟି ଜାଗାରେ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ୧୭ ଲକ୍ଷ ୮୧ ହଜାର ୭୯୦ ଟଙ୍କା ସମେତ ବହୁ କାଗଜପତ୍ର ଜବତ କରାଯାଇଛି। ବ୍ୟବସାୟୀ ଜଣକ ହେଲେ କଟକ ଜିଲା ୪୨ ମୌଜା ଅଞ୍ଚଳର ରମେଶ ଚନ୍ଦ୍ର ଚୌଧୁରୀ।

ଜିଏସ୍‌ଟି ବିଭାଗ ପକ୍ଷରୁ ପୂର୍ବାହ୍ନ ପ୍ରାୟ ୧୧.୨୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ଏହି ଚଢ଼ାଉରେ ୪ଟି ଟିମ୍‌ରେ ୨୦ ଜଣ ଜିଏସ୍‌ଟି ଅଧିକାରୀ ସାମିଲ ହୋଇଥିଲେ। ରମେଶଙ୍କ ଓଏମ୍‌ପି ଛକସ୍ଥିତ ମୁଖ୍ୟ ବ୍ୟବସାୟ ପ୍ରତିଷ୍ଠାନ ପଞ୍ଚମୁଖୀ ସାନିଟାରି, ଓଏମ୍‌ପି ଓ ମଧୁପାଟଣାରେ ଥିବା ଗୋଦାମ ଓ ରାଜେନ୍ଦ୍ରନଗରସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ହୋଇଥିଲା। ବ୍ୟବସାୟୀଙ୍କ ଘରୁ ପାଖାପାଖି ୧୭ ଲକ୍ଷ ୫୦ ହଜାର ୭୯୦ ଟଙ୍କା ଓ ବ୍ୟବସାୟ ପ୍ରତିଷ୍ଠାନରୁ ୩୦,୫୦୦ ଟଙ୍କା ଜବତ କରାଯାଇଥିବା ଜଣାପଡିଛି। ଅପରପକ୍ଷରେ ଘରୁ ମିଳିଥିବା ଏତେ ପରିମାଣର ଟଙ୍କା ବ୍ୟାଙ୍କରେ ଜମା ହେବାକୁ ରଖାଯାଇଥିବା ରମେଶ ଜିଏସ୍‌ଟି ଅଧିକାରୀଙ୍କୁ କହିଛନ୍ତି। ତେବେ ଅଧିକ ତଦନ୍ତ ଓ ଯାଞ୍ଚ ପରେ ଏହାର ସତ୍ୟତା ଜଣାପଡ଼ିବ ବୋଲି ସିଟି ଜିଏସ୍‌ଟି ଅଧିକାରୀ ବିରଞ୍ଚି ମହାନନ୍ଦିଆ ସୂଚନା ଦେଇଛନ୍ତି।

# ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କଲା ବାରହା, ୬ ଆହତ

**ସୋର, ୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ କେଶରୀପୁର ପଞ୍ଚାୟତ ଉପରସାହି ଗ୍ରାମରେ ମଙ୍ଗଳବାର ସକାଳେ ଏକ ବାରହା ପଶି ଆସି ଗୋଡାଇ ଗୋଡାଇ ଲୋକଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଶିବାନୀ ମଲିକ, ସୁଶୀଳା ମଲିକ, ଗୌରାଙ୍ଗ ମଲିକ, ଦିବାକର ମଲିକ, ରାକେଶ ମଲିକ ଓ ଗୟାଧର ମଲିକ। ସେମାନଙ୍କୁ ସ୍ଥାନୀୟ ଲୋକେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରାକେଶ ଓ ଗୟାଧରଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ବାରହା କୁଲଡିହା ଜଙ୍ଗଲରୁ ଗାଁକୁ ପଶି ଆସିଥିବା ଲୋକେ କହିଛନ୍ତି। ପରେ ଜଙ୍ଗଲକୁ ପଳାଇ ଯାଇଥିବା ଜଣାପଡ଼ିଛି।




# ୧୦ରୁ ଧଉଳି-କଳିଙ୍ଗ ମହୋତ୍ସବ

**ଭୁବନେଶ୍ୱର,୭।୨ (ବ୍ୟୁରୋ)**

ବିଶ୍ୱ ପ୍ରସିଦ୍ଧ ଧଉଳି ପାହାଡ଼ର ପାଦଦେଶରେ ଫେବୃୟାରୀ ୧୦ରୁ ଧଉଳି କଳିଙ୍ଗ ମହୋତ୍ସବ ଆରମ୍ଭ ହେବ। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଉତ୍ସବ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଚଳିତ ବର୍ଷ ଓଡ଼ିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶ୍ୟାମାମଣି ଦେବୀଙ୍କୁ ବୁଦ୍ଧ ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠାତା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ଏକାଡେମୀ ପକ୍ଷରୁ ୨୦୧୬ ମସିହାରୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ସେହିପରି ଓଡ଼ିଶୀ କଣ୍ଠଶିଳ୍ପୀ ଓ ସଂଯୋଜକ ଗୁରୁ ବଙ୍କିମ ସେଠୀ, ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ବିଶିଷ୍ଟ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଛଉ ନୃତ୍ୟଗୁରୁ ଓ ଗବେଷକ ସଦାଶିବ ପ୍ରଧାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଏହି ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏନେଇ ମଙ୍ଗଳବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଦେଶ ବିଦେଶରୁ ଖ୍ୟାତି ସମ୍ପନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଏଠାରେ ଅବସ୍ଥିତ ଶାନ୍ତିସ୍ତୂପକୁ ସାକ୍ଷୀ କରି ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବେ। ଧଉଳି- କଳିଙ୍ଗ ମହୋତ୍ସବରେ ନୃତ୍ୟ ଶିଳ୍ପୀମାନେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ଲୋକ ନୃତ୍ୟ ଏବଂ ଦେଶ ବିଦେଶର ସମର କଳା ପ୍ରଦର୍ଶିତ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ନିର୍ଦ୍ଦେଶିକା ଇଲିୟାନା ଚିତାରିସ୍ତି ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

## ଶ୍ୟାମାମଣି ଦେବୀଙ୍କୁ ମିଳିବ ବୁଦ୍ଧ ସମ୍ମାନ



**ଆଜିର ମନ୍ତବ୍ୟ**

"ତୃଣମୂଳ କଂଗ୍ରେସ ଏକମାତ୍ର ଦଳ, ଯାହା ଭାଜପାର ଡବଲ ଇଞ୍ଜିନ ସରକାରଙ୍କୁ ଗାଦିଚ୍ୟୁତ କରି ଦେଶବାସୀଙ୍କୁ ଏକ ବିକଳ୍ପ ଦେଇପାରିବ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ନାନୀ, ସରୁ କାଟେଣୀ**
**ବସିଥାଏ ଚୁଲି ମୁଣ୍ଡେ,**
**ଘଇତା ଆଗରେ ସଙ୍କେଇ କହେ,**
**କିଛି ଦେଇନାହିଁ ତୁଣ୍ଡେ।**

ଚୁଲି ମୁଣ୍ଡରେ ବସିଛି ଅଥଚ କିଛି ବି ଖାଇନାହିଁ। କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇନଥିବାର ତୁଚ୍ଛା ବାହାନା କରୁଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସତୀ ଭୁଞ୍ଜଇ ପଲଙ୍କ ସୁପାତି,**
**କୁଳବତୀ ହେଲେ ଦାସୀ;**
**ସାଇ ସାଇ ବୁଲି ବିକାଏ ଗୋରସ,**
**ସୁରା ବିକାଯାଏ ବସି।**

ପୁରୁଷର ମନୋହରିଣୀ ହେଉଛି ବେଶ୍ୟା ଅଥଚ ସେ ତା'ର ସୁନ୍ଦରୀ ସ୍ତ୍ରୀକୁ ଆଦର କରେ ନାହିଁ। ଠିକ୍ ସେହିପରି ଗାଈ କ୍ଷୀର ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥିଲେ ସୁଦ୍ଧା ଗଉଡ଼ ତାକୁ ଭାଣ୍ଡରେ ଧରି ସାଇ ସାଇ ବୁଲି ବିକ୍ରି କରେ, କିନ୍ତୁ ମଦ ଭଳି ଅସ୍ୱାସ୍ଥ୍ୟକର ପଦାର୍ଥ ସେବନ କରିବା ପାଇଁ ମଣିଷ ମଦ ଦୋକାନକୁ ଧାଇଁଯାଏ। ଆଜିର ଯୁଗର ବିଚିତ୍ର ରୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମଥୁରାରୁ ଚାଳିଥିଲା ଠକେଇ କାରବାର

## ପୁରୀ ଭକ୍ତନିବାସ ନାଁରେ ଫେକ ୱେବ୍‌ସାଇଟ୍

- କେନ୍ଦୁଝର, ଭଦ୍ରକରୁ ଧରାପଡ଼ିଲେ ୨ ଅଭିଯୁକ୍ତ
- ୫ ମୋବାଇଲ, ୩୧ ସିମ୍ ଜବତ

ପୁରୀ ଅଫିସ,୭।୨

ସାଇବର ଠକେଇକୁ ନେଇ ଏବେ ଆକ୍ସନ ମୁଡ୍‌ରେ ପୁରୀ ପୋଲିସ। ଲୋକଙ୍କୁ ସଚେତନ କରାଇବା ସହ ସାଇବର ଠକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଥିବା ପୁରୀ ନୀଳାଚଳ ଭକ୍ତନିବାସ ନାମରେ ଫେକ୍ ୱେବ୍‌ସାଇଟ୍ କରି ଲୋକଙ୍କୁ ଠକିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଆଗରପଡ଼ା ଚନ୍ଦନ ସିଂହ (୨୭) ଏବଂ ଭଦ୍ରକ ଜିଲାର ଗୌତମ ସାହୁ (୩୯)। ପୋଲିସ ସେମାନଙ୍କଠାରୁ ୫ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଜବତ କରିଥିବା ବେଳେ ୩୧ଟି ମୋବାଇଲ ସିମ୍ ଜବତ କରିଛି। ସେହିପରି ଗୋଟିଏ ବାୟୋମାଟ୍ରିକ୍ ଡିଭାଇସ୍ ଜବତ କରିଛି। ଏ ନେଇ ପୋଲିସ ନଂ.୨୬।୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ସାଇବର ଠକେଇ ଉତ୍ତରପ୍ରଦେଶର ମଥୁରାରୁ କାରବାର ହେଉଥିଲା ବୋଲି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୨୪ରେ ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସାଇବର ଥାନାରେ ଅଭିଯୋଗ କରିଥିଲେ ଯେ, ନୀଳାଚଳ ଭକ୍ତନିବାସ ନାମରେ ଫେକ୍ ବୁକିଂ କରାଯାଇ ଭକ୍ତଙ୍କଠାରୁ ଟଙ୍କା ଲୁଟ୍ କରାଯାଇଛି। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ କେତେଜଣ ଦୁର୍ବୃତ୍ତ ନୀଳାଚଳ ଭକ୍ତନିବାସ ନାମରେ ଏକ ଫେକ୍ ସାଇଟ କରି ଲୁଟ୍ କରୁଥିବା ଜଣାପଡିଥିଲା। ତେବେ ଯେଉଁ ଆକାଉଣ୍ଟରୁ ଟଙ୍କା ଲୁଟ୍ ହୋଇଥିଲା ତାହା ଉତ୍ତର ପ୍ରଦେଶର ମଥୁରା






ଅଞ୍ଚଳର ବୋଲି ଜଣାପଡିଥିଲା। ଏପରିକି ଯେଉଁ ସିମ୍ ସାହାଯ୍ୟରେ ଏହି ଠକେଇ ହେଉଥିଲା, ସେହି ସିମ୍‌କୁ କେନ୍ଦୁଝର ଜିଲାର ଚନ୍ଦନ ଦେଇଥିଲେ। ଏହାପରେ ସାଇବର ପୋଲିସର ଏକ ଟିମ୍ କେନ୍ଦୁଝର ଯାଇ ଚନ୍ଦନକୁ ଗିରଫ କରିଥିଲେ। ସେଠାରେ ତାଙ୍କୁ ପଚରାଉଚରା କରି ଠକେଇରେ ସମ୍ପୃକ୍ତ ଗୌତମଙ୍କୁ ମଧ୍ୟ ଗିରଫ କରି ପୁରୀ ଆଣିଥିଲେ। ଉଭୟଙ୍କୁ ପଚାରିବା ବେଳେ ଚନ୍ଦନ ଏକ ମୋବାଇଲ କମ୍ପାନୀରେ କାର୍ଯ୍ୟ କରିବା ସହ ଗୋଟିଏ ମୋବାଇଲ ଦୋକାନ ମଧ୍ୟ କରିଛନ୍ତି। ନିଜ ଦୋକାନରେ ସିମ୍‌ଗୁଡିକୁ ଅନ୍ୟ ଲୋକଙ୍କ ନାମରେ ଆକ୍ଟିଭ କରି ଭଦ୍ରକର ଗୌତମଙ୍କୁ ଦେଉଥିଲେ। ପରେ ଉକ୍ତ ସିମ୍‌ଗୁଡିକୁ ଗୌତମ ରାଜସ୍ଥାନର ହଲବର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦେଉଥିଲେ। ସେଠାରୁ ସିମ୍ ବିଭିନ୍ନ ମାଧ୍ୟମରେ ଅଲଗା ସ୍ଥାନକୁ ଯାଉଥିଲା। ଏପରିକି ମଥୁରାକୁ ମଧ୍ୟ ଉକ୍ତ ସିମ୍ ଯାଇଥିଲା। ସେଠାରେ ଏଭଳି ଆପରାଧିକ ସାଇବର ଠକେଇ କାର୍ଯ୍ୟ ହେଉଥିଲା।

ଅନ୍ୟପଟେ ଗୌତମ ଏପରି ସାଇବର କ୍ରାଇମ ଘଟଣାରେ ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇ ଗତ ଅକ୍ଟୋବରରେ ଜେଲ ଯାଇଥିଲା। ଉକ୍ତ ଘଟଣାରେ ଅନ୍ୟମାନଙ୍କର ସମ୍ପୃକ୍ତି ରହିଛି। ତେବେ ଘଟଣାର ତଦନ୍ତ ଚାଲିଥିବାରୁ ନାମ କହିବା ଠିକ୍ ହେବ ନାହିଁ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା କହିବା ସହ ତଦନ୍ତ ସରିବା ପରେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି କହିଥିଲେ। ସେହିପରି ଭକ୍ତନିବାସ ନାମରେ ଠକାମିର ଶିକାର ହୋଇଥିବା ଭକ୍ତମାନେ ପୁରୀ ପୋଲିସ ପାଖରେ ଉପଯୁକ୍ତ ପ୍ରମାଣ ଦେଖାଇ ସେମାନଙ୍କ ଅର୍ଥରାଶି ଫେରିପାଇବେ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ସୂଚନା ଦେଇଛନ୍ତି।

# ପ୍ରତି ଜବାବ ଦାଖଲ କଲେ ଆବେଦନକାରୀ

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ମାମଲା

କଟକ ଅଫିସ,୭।୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାରେ ଅନିୟମିତତା ନେଇ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ଏହି ଶୁଣାଣିବେଳେ ଆବେଦନକାରୀ ପ୍ରତିଜବାବ ଦାଖଲ କରିଥିଲେ। ଆସନ୍ତା ୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ଏବଂ ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

ଗତବର୍ଷ ଅଗଷ୍ଟ ୨୭ରେ ଏଏସ୍‌ଓ ପରୀକ୍ଷା ହୋଇଥିଲା। ୭୯୬ ପଦ ପାଇଁ ଦେଢ଼ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା। ପରୀକ୍ଷା ହଲ୍‌ରେ ଖାତା ଖୋଲି ନ ଥିବା ପରୀକ୍ଷାର୍ଥୀ ପାସ୍ କରିଥିବା, ପରୀକ୍ଷା ପରେ କଟ୍ ଅଫ୍ ମାର୍କ ଓ ମାର୍କଶିଟ୍ ଆସିବାରେ ବିଳମ୍ବ ହେବା ନେଇ ଏଏସ୍‌ଓ ଆଶାୟୀମାନେ ଅଭିଯୋଗ କରିଥିଲେ। ନଭେମ୍ବର ୧୪ରେ ମାମଲାର ଶୁଣାଣି ହୋଇ ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ଅପରପକ୍ଷରେ ଓପିଏସ୍‌ସି ପକ୍ଷରୁ ଏନେଇ ଏକ ସ୍ପଷ୍ଟୀକରଣ ଜରିଆରେ ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କୁହାଯାଇଥିଲା। ଓପିଏସ୍‌ସିର ନୀତି ଅନୁସାରେ ଚୂଡ଼ାନ୍ତ ଫଳ ପ୍ରକାଶ କରାଯାଇଛି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ ଓ ପାରଦର୍ଶିତାର ସହ କରାଯାଇଛି ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ପୁଣି ଗତ ନଭେମ୍ବର ୩୦ରେ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଥିଲା। କେତେଜଣ ପରୀକ୍ଷାର୍ଥୀ ଏନେଇ ସାନି ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ଓ କେବଳ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ଆବେଦନରେ ଦର୍ଶାଇଥିଲେ। ଏହି ଆବେଦନ ଉପରେ ଓପିଏସ୍‌ସି ଜବାବ ଦାଖଲ କରିଥିଲା।

## ୩୩ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର,୭।୨(ବ୍ୟୁରୋ)

ରାଜ୍ୟରେ ଗତ ୨ ଦିନ ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ମାଲକାନଗିରି ୩୪, ନୟାଗଡ଼ ୩୪, ବୌଦ୍ଧ ୩୪, ଝାରସୁଗୁଡ଼ା ୩୩.୬, ସମ୍ବଲପୁର ୩୩.୭, ସୁନ୍ଦରଗଡ଼ ୩୩.୨, ତାଳଚେର ୩୩.୬, ଭବାନୀପାଟଣା ୩୩.୨, ବଲାଙ୍ଗୀର ୩୩.୨, ଟିଟିଲାଗଡ଼ ୩୩, ସୋନପୁର ୩୩.୬ ଏବଂ ଛତ୍ରପୁରର ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ସପ୍ତାହରେ ତାତି ଅଧିକ ରହିବ। ସ୍ୱାଭାବିକଠାରୁ ତାପମାତ୍ରା ଅଧିକ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୩ ମାସ ହେବ ରାଜ୍ୟରେ ବର୍ଷା ଟୋପାଏ ନାହିଁ। ଦିନର ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଅଧିକ ରହୁଥିବା ବେଳେ ରାତି ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେବ। ଏଥିଯୋଗୁ ତାପମାତ୍ରା ଆହୁରି ବଢ଼ିବା ନେଇ ଆକଳନ କରାଯାଇଛି।

## ଆଉଟ୍‌ସୋର୍ସିଂ ସଂସ୍ଥା ମୋ ସରକାରରେ ସାମିଲ

ଭୁବନେଶ୍ୱର,୭।୨(ବ୍ୟୁରୋ)

ରାଜ୍ୟ ସରକାର ଆଉଟ୍‌ସୋର୍ସିଂ ସଂସ୍ଥାକୁ ମୋ ସରକାରରେ ସାମିଲ କରିଛନ୍ତି। ଫଳରେ ଏହି ସଂସ୍ଥାଗୁଡ଼ିକ କର୍ମଚାରୀଙ୍କ ଉପରେ ଆଉ ମନଇଚ୍ଛା ନିର୍ଦ୍ଦେଶନାମା ଜାରି କରିପାରିବେନାହିଁ। ଠିକ୍ ସମୟରେ କର୍ମଚାରୀଙ୍କୁ ଦରମା ଦେବାକୁ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ସଂପୃକ୍ତ ସଂସ୍ଥାକୁ ଆଉଟ୍‌ସୋର୍ସିଂରୁ ବାଦ୍ ଦିଆଯିବା ସହ କଳା ତାଲିକାଭୁକ୍ତ କରାଯିବ। କେବଳ ସେତିକି ନୁହେଁ, ଯେଉଁ ଆଉଟ୍‌ସୋର୍ସିଂ ସଂସ୍ଥା ଠିକ୍ ସମୟରେ ଦରମା, ଇଏସ୍‌ଆଇ ଓ ଇପିଏଫ୍ ଦେଉଥିବେ ସେମାନଙ୍କୁ ପୁରସ୍କୃତ ମଧ୍ୟ କରାଯିବ। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଚିଠି ଲେଖି ଜଣାଇ ଦିଆଯାଇଛି।

## ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ ଅଫିସ,୭।୨

ଫାଲ୍‌ଗୁନ କୃଷ୍ଣପକ୍ଷ ତୃତୀୟା ତିଥି ବୁଧବାର ଅବସରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଏହି ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ବନକଲାଗି ନୀତି ସମ୍ପାଦନ କରିଥା'ନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡ଼ପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିବେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

ପ୍ରଥମ ପୃଷ୍ଠାରୁ...

## ଜେଇଇ ମେନ୍ ସେସନ-୧...

ପର୍ସେଣ୍ଟାଇଲ୍ ରଖିଛନ୍ତି। ୧୬ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଥିବା ବେଳେ ୨୪ଜଣ ୯୫ ପର୍ସେଣ୍ଟାଇଲ୍‌ରୁ ଅଧିକ ଏବଂ ୩୧ ଜଣ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲ୍‌ରୁ ଅଧିକ ରଖିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଅମୃତାଂଶୁ ଏବଂ ଜେଇଇ ମେନ୍‌ରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅଭିଯୁକ୍ତଙ୍କ କୁମାରୀତ୍ୱ...

ଦେଖିଥିଲେ। ଫଳରେ ସେମାନେ ଅଭୟାଙ୍କ ମୁଣ୍ଡରେ କୁରାଢ଼ିରେ ଆଘାତ ଦେଇ ହତ୍ୟା କରିବା ପରେ ଏକ କୂଅକୁ ମୃତଦେହ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ତଳ କୋର୍ଟରେ ସେମାନଙ୍କ ଦୋଷ ପ୍ରମାଣିତ ହୋଇଥିଲା। ସେଫି ଯୌନ ସମ୍ପର୍କରେ ଲିପ୍ତ ଥିବା ବିଷୟ ଲୁଚାଇବା ପାଇଁ ଡାକ୍ତରୀ ଉପାୟ ଆପଣାଇଥିଲେ। ସିବିଆଇ ଦ୍ୱାରା ଗିରଫ ହେବାର ଅବ୍ୟବହିତ ପୂର୍ବରୁ ସେ ନିଜ ଶରୀରରେ ଏହି ପ୍ରକ୍ରିୟା କରାଇଥିବା କୋର୍ଟ କହିଥିଲେ। ସେଫି ୨୦୧୮ରେ ଗିରଫ ହେବା ପରେ ସିବିଆଇ ବିରୋଧରେ ଅଭିଯୋଗ ଆଣିଥିଲେ ଯେ, ତଦନ୍ତକାରୀ ସଂସ୍ଥା ତାଙ୍କ ବିନା ଅନୁମତିରେ କୁମାରୀତ୍ୱ ପରୀକ୍ଷା କରାଇଥିଲା। ଏହି ଅଭିଯୋଗକୁ ନେଇ ସିବିଆଇକୁ ବିଭିନ୍ନ ମହଲରେ ସମାଲୋଚିତ ହେବାକୁ ପଡ଼ିଥିଲା। ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର କୁମାରୀତ୍ୱ ପରୀକ୍ଷାକୁ ଅସାମ୍ବିଧାନିକ ଦର୍ଶାଇଛନ୍ତି। ଏପରି ଯାଞ୍ଚ ପାଇଁ ଦେଶରେ କୌଣସି ଆଇନ ନାହିଁ। ମହିଳାଙ୍କ ଶରୀର ଉପରେ ସିବିଆଇର ହସ୍ତକ୍ଷେପ ମାନବାଧିକାର ଉଲ୍ଲଂଘନ। କାରଣ ଏହା ତାଙ୍କ ମାନସିକ ସ୍ଥିତିରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି। ଏହା ଏକ ଅମାନବୀୟ ବ୍ୟବହାର କହିବା ସହ ତଦନ୍ତକାରୀ ଅଧିକାରୀମାନଙ୍କୁ ଉକ୍ତ ପ୍ରସଙ୍ଗରେ ସଚେତନ କରାଇବା ଲାଗି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସିଷ୍ଟର ସେଫିଙ୍କୁ ସିବିଆଇ ବିରୋଧରେ କ୍ଷତିପୂରଣ ସମେତ ଆଇନଗତ ପଦକ୍ଷେପ ନେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି।

## ସିଷ୍ଟର ଅଭୟାଙ୍କ...

ବେଳେ ଡାକ୍ତରୀ ଟିମ୍ ଅଭୟାଙ୍କ ଶରୀରରେ କ୍ଷତଚିହ୍ନ ଦେଖିବାକୁ ପାଇଥିଲେ। ଏହାକୁ ଭିତ୍ତିକରି ସିବିଆଇ ତଦନ୍ତରେ ଅଗ୍ରଗତି ଆସିଥିଲା। ସିବିଆଇ କହିଥିଲା, ଫାଦର ଥୋମାସ୍ ଏବଂ ସିଷ୍ଟର ସେଫିଙ୍କ ମଧ୍ୟରେ ଯୌନ ସମ୍ପର୍କ ରହିଥିଲା। ସିଷ୍ଟର ଅଭୟା ଦୁହିଁଙ୍କୁ ଆପତ୍ତିଜନକ ଅବସ୍ଥାରେ ଦେଖିବା ପରେ ସେମାନେ ତାଙ୍କୁ କୁରାଢ଼ିରେ ପିଟି ମାରିଦେଇଥିଲେ। ୨୮ ବର୍ଷ ଧରି ଏହି ମାମଲାର ତଦନ୍ତ ଚାଲିଥିଲା। ଥିରୁଭାନନ୍ତପୁରମ୍‌ର ସ୍ୱତନ୍ତ୍ର ସିବିଆଇ କୋର୍ଟ କୋଟ୍ଟୁର ଓ ସିଷ୍ଟର ସେଫିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୦୨୦ ଡିସେମ୍ବର ୨୩ରେ ଦୁହିଁଙ୍କୁ ଆଜୀବନ କାରାଦଣ୍ଡାଦେଶ ମିଳିଥିଲା। ହାଇକୋର୍ଟ ଆଜୀବନ କାରାଦଣ୍ଡାଦେଶକୁ କୋହଳ କରିବା ସହ ଉଭୟଙ୍କୁ ଜାମିନ ଦେଇଥିଲେ।

## ଭାଜପାକୁ କେତେ...

ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରୁଥିଲେ। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ କହିବା ପାଳି ଆସିଲା। ବିତର୍କରେ ଭାଗନେଇ ରାହୁଲ କହିଲେ, ୨୦୧୪ରେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାର ୬୦୯ ନମ୍ବରରେ ଆଦାନୀ ଥିଲେ। ଏବେ ସେ ମ୍ୟାଜିକ୍ ବଳରେ ଦ୍ୱିତୀୟ ଧନୀ। ଆଦାନୀ ଭାଇବ୍ରେଣ୍ଟ ଗୁଜରାଟର ମେରୁଦଣ୍ଡ ଥିଲେ। ବିମାନବନ୍ଦର ପରିଚାଳନା ଅଭିଜ୍ଞତା ଥିବା ଗୋଟିଏ କମ୍ପାନୀ/ବ୍ୟକ୍ତିଙ୍କୁ କେବଳ ଗୋଟିଏ ଏୟାରପୋର୍ଟ ବିକଶିତ କରିବାକୁ ଦିଆଯିବା ନେଇ ପୂର୍ବରୁ ନିୟମ ଥିଲା। କିନ୍ତୁ ମୋଦି ସରକାର ଆଦାନୀଙ୍କୁ ୬ ଏୟାରପୋର୍ଟ ଅଧିଗ୍ରହଣ ପାଇଁ ନିୟମ ବଦଳାଇଦେଇଛନ୍ତି। ରାହୁଲଙ୍କ ଏହି ଅଭିଯୋଗକୁ ଶାସକ ଦଳର ଏମ୍‌ପିମାନେ ବିରୋଧ କରିବା ସହ ପ୍ରମାଣ ମାଗିଥିଲେ।

ରାହୁଲ ଏହାର ପ୍ରମାଣ ସ୍ୱରୂପ ଏକ ବିମାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୌତମ ଆଦାନୀ ଏକାଠି ଥିବା ଫଟୋ ଦେଖାଇଥିଲେ। ଏହି ଦୁଇଜଣ କେତେ ଥର ଏକାଠି ବିମାନ ଯାତ୍ରା କରିଛନ୍ତି। ପ୍ରଧାନମନ୍ତ୍ରୀ ବିଦେଶରେ ଅବତରଣ କରିବା ପରେ ଆଦାନୀ କେତେଥର ସେଠାରେ ପହଞ୍ଚିଥିଲେ। ମୋଦିଙ୍କ ବିଦେଶ ଗସ୍ତ ପରେ ଆଦାନୀଙ୍କୁ କେତୋଟି କଣ୍ଟ୍ରାକ୍ଟ ପାଇଛନ୍ତି ବୋଲି ରାହୁଲ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ବୁଧବାର ପାର୍ଲାମେଣ୍ଟରେ ବକ୍ତବ୍ୟ ରଖିବାବେଳେ ଏହାର ଉତ୍ତର ଦିଅନ୍ତୁ।

ଆଦାନୀଙ୍କ ସମ୍ପତ୍ତି ୨୦୧୪ରେ ୮ ବିଲିୟନ୍ ଡଲାର ଥିଲା। ୨୦୨୨ରେ ଏହା ୧୪୦ ବିଲିୟନ୍ ଡଲାରକୁ କିପରି ଛୁଇଁଛି। ଏହି ସଫଳତାର ସୂତ୍ର କ'ଣ ବୋଲି 'ଭାରତ ଯୋଡ଼ୋ ଯାତ୍ରା' ବେଳେ ଯୁବପିଢ଼ି ମୋତେ ପ୍ରଶ୍ନ କରିଥିଲେ। ତାମିଲନାଡୁରୁ ଜମ୍ମୁ–କଶ୍ମୀର ପର୍ଯ୍ୟନ୍ତ କେବଳ ଗୋଟିଏ ନାମ ଶୁଣିବାକୁ ପାଇଛି। ତାହା ହେଉଛି ଆଦାନୀ। ଗତ ୨୦ ବର୍ଷରେ ଆଦାନୀ ଭାଜପାକୁ କେତେ ଟଙ୍କା ଦେଇଛନ୍ତି। ରାଜନୀତି ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଓ ରାଜନୀତି ମଧ୍ୟରେ ଥିବା ସମ୍ପର୍କକୁ ନେଇ ହାଭାର୍ଡ ୟୁନିଭର୍ସିଟି ଅଧ୍ୟୟନ କରିବା ଉଚିତ। ଏହା ଏକ ବଡ଼ କେସ୍‌ଷ୍ଟଡି ହେବ ଏବଂ ଆମ ପ୍ରଧାନମନ୍ତ୍ରୀ ପୁରସ୍କାର ପାଇବା ଉଚିତ ବୋଲି ରାହୁଲ ଟାର୍ଗେଟ କରିଛନ୍ତି। ସେହିପରି ସେନାରେ ଠିକା ନିଯୁକ୍ତି 'ଅଗ୍ନିପଥ' ଯୋଜନା ସମ୍ପର୍କରେ ମଧ୍ୟ ରାହୁଲ ସମାଲୋଚନା କରିଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ମୁଣ୍ଡରୁ ଏହି ସ୍କିମ୍ ବାହାରିଥିବା ନେଇ ଜଣେ ସେନା ଅଧିକାରୀ ତାଙ୍କୁ ଅବଗତ କରାଇଥିବା ରାହୁଲ ପାର୍ଲାମେଣ୍ଟରେ କହିଛନ୍ତି।

## କ୍ରାଇମ୍ ସ୍ପଟ୍‌ରେ...

ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ତରଫରୁ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି। ହେଲେ ଘଟଣାର ଦୀର୍ଘ ୧୦ଦିନ ପରେ ମଧ୍ୟ ହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ। ରିମାଣ୍ଡର ଦ୍ୱିତୀୟ ପାଳିରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କୁ ଧରି ଘଟଣାସ୍ଥଳରେ ସିନ୍ ରିକ୍ରିଏଶନ କରିବ ବୋଲି ଆଲୋଚନା ହେଉଥିଲା। ରିମାଣ୍ଡର ତୃତୀୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଅଭିଯୁକ୍ତ ଗୋପାଳଙ୍କୁ ଝାରସୁଗୁଡ଼ା ଓଏସ୍‌ଏପି ୨ୟ ବାଟାଲିୟନ ରିଜର୍ଭ ପୋଲିସ୍ କ୍ୟାମ୍ପରୁ କଡ଼ାସୁରକ୍ଷା ମଧ୍ୟରେ ଧରି ଗୁଳିକାଣ୍ଡ ସ୍ଥଳରେ ପହଞ୍ଚିଥିଲା। ଏହା ଏକ ହାଇପ୍ରୋଫାଇଲ ହତ୍ୟା ଘଟଣା ହୋଇଥିବାରୁ ଘଟଣାସ୍ଥଳର ଉଭୟପଟ ରାସ୍ତା ସିଲ୍ କରାଯାଇଥିଲା। ପ୍ରଥମେ ମନ୍ତ୍ରୀ ବସିଥିବା ଇନୋଭା (ଓଡ଼ି୧୫କ୍ୟୁ–୬୧୯୭) ଓ ତା' ପଛକୁ ସରକାରୀ ଇନୋଭା (ଓଡ଼ି୧୫ଟି–୦୧୮୩) ଯେଉଁଥିରେ ତାଙ୍କ ପିଏସ୍‌ଓ ସହ କେତେଜଣ କର୍ମୀ ବସିଥିଲେ ତାହାକୁ ଅଣାଯାଇଥିଲା। ପରେ କଡା ସୁରକ୍ଷା ମଧ୍ୟରେ ଗୋପାଳଙ୍କୁ ଗାଡ଼ିରୁ ବାହାରକୁ ଅଣାଯାଇ ସିନ୍ ରିକ୍ରିଏଶନ କରାଯାଇଥିଲା। ଡେମୋରେ ଗୋପାଳ ଧୀରେ ଧୀରେ ଗାଡିପାଖକୁ ଯାଇ ଦୁଇଜଣ କର୍ମୀ ମନ୍ତ୍ରୀଙ୍କୁ ମାଳ ପିନ୍ଧାଉଥିବା ସମୟରେ ଅଣ୍ଟାରୁ ସର୍ଭିସ ରିଭଲଭର ବାହାରକରି ମନ୍ତ୍ରୀଙ୍କ ଛାତିକୁ ଗୁଳି ମାରୁଥିବା ଦେଖାଇଥିଲେ। ଏହାପରେ କିଛିବାଟ ଆଗକୁ ଯାଇ ଆଉ ଗୋଟିଏ ରାଉଣ୍ଡ ଗୁଳି ମାରିଥିଲେ ଯାହା ପଛରେ ଥିବା ସରକାରୀ ଗାଡ଼ିରେ ବାଜିଥିଲା। ପରେ ସେ ବନ୍ଧୁକ ସହ ହାତ ଉପରକୁ ଟେକି ସରେଣ୍ଡର କରୁଥିବା କହିଥିଲେ। ଏହି ସମୟରେ ତତ୍କାଳୀନ ବ୍ରାଜରାଜନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ଗୋପାଳଙ୍କୁ କାବୁ କରି ତାଙ୍କ ହାତରୁ ବନ୍ଧୁକ ଛଡାଇ ଆଣୁଥିବା ଦୃଶ୍ୟ ଦେଖାଯାଇଥିଲା। ଘଟଣାସ୍ଥଳରେ ଗୁଜରାଟ ଗାନ୍ଧୀନଗରରୁ ଆସିଥିବା ଜାତୀୟ ତଦନ୍ତକାରୀ ସଂସ୍ଥା ସମେତ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରମେଶ ଦୋରା, ସାଇଣ୍ଟିଫିକ ଓ ପୋଲିସ ଟିମ୍‌ର ଶହେରୁ ଉର୍ଦ୍ଧ୍ୱ ଅଧିକାରୀ ଉପସ୍ଥିତ ଥିଲେ।

## ସିନ୍ ରିକ୍ରିଏଶନର...

ହତ୍ୟା କରିବାର ଦୃଶ୍ୟକୁ ବିଭିନ୍ନ ଭିଡିଓରେ ଦେଖିବାକୁ ମିଳିସାରିଛି। ଏପରି କି ପୋଲିସ ମଧ୍ୟ ଗୋପାଳଙ୍କୁ ମନ୍ତ୍ରୀଙ୍କ ହତ୍ୟାର ଅଭିଯୁକ୍ତ ବୋଲି କହିସାରିଛି। ତେଣୁ ଏହି ସିନ୍ ରିକ୍ରିଏଶନର ଆଇନଗତ ଦିଗକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି। ଏହା କୋର୍ଟରେ ବିଶେଷଭାବେ ଗ୍ରହଣୀୟ ହୋଇ ନ ପାରେ ବୋଲି ଆଇନଜୀବୀ ମତ ପ୍ରକାଶ କରିଛନ୍ତି। ସେହିପରି ତଦନ୍ତ ପ୍ରକ୍ରିୟା ମଧ୍ୟରେ କ୍ରାଇମବ୍ରାଞ୍ଚ ତରଫରୁ ଯେପରି କୌଣସି ଦିଗକୁ ହାତଛଡ଼ା କରା ନ ଯିବ ସେଥିପାଇଁ କ୍ରାଇମ୍ ରିକ୍ରିଏଶନ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ମନ୍ତ୍ରୀ ଦାସଙ୍କୁ ହତ୍ୟା କରାଯିବା ଘଟଣାକୁ ମଙ୍ଗଳବାର ୧୦ଦିନ ପୂରିଛି। ଏପରି କି ଏହି ଘଟଣାର ଏକ ମାତ୍ର ଅଭିଯୁକ୍ତ ଏଏସ୍‌ଆଇ ଗୋପାଳଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା ଚଳାଇଛି। ବୁଧବାର ଗୋପାଳଙ୍କ ୨ୟ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯିବ। ତେଣୁ ତା' ପୂର୍ବରୁ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ରିକ୍ରିଏଶନ କରାଯାଇଥିବା କୁହାଯାଉଛି।

## କ୍ଷୀର ମହଙ୍ଗା...

ବୃଦ୍ଧି କରୁଛନ୍ତି, ଯେଉଁଥିରେ ସେମାନେ ୧ରୁ ୩ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବଢ଼ାଉଥିବା ସର୍ଭେରୁ ଜଣାପଡ଼ିଛି। ଅମୂଲ ଲିଟର ପିଛା ଦର ସର୍ବାଧିକ ୩ ଟଙ୍କା ବଢ଼ାଇଥିବାବେଳେ ଗୋବର୍ଦ୍ଧନ ଏବଂ ଅନ୍ୟ ବ୍ରାଣ୍ଡର କ୍ଷୀର କମ୍ ମୂଲ୍ୟରେ ମିଳୁଥିବା କାରଣରୁ ସେମାନଙ୍କ ଚାହିଦା ଏବେ ବଢ଼ିବାରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାତ୍ରା, କାର୍ଯ୍ୟସାଧନ ସଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣ ଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାକୁ ମନ ବଳାଇବେ।

**ବୃଷ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଆକସ୍ମିକ କଳହ ସଙ୍ଗକୁ ସହକର୍ମୀ କିମ୍ବା ପାଖ,ପଡ଼ୋଶୀମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ** ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ଦୂର ହୋଇଯିବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। କୃତି ଓ କୃତିତ୍ୱ ହେତୁ ବୁଦ୍ଧିଜୀବୀମାନଙ୍କ ଆଦର ପାଇପାରନ୍ତି।

**ସିଂହ** ମନ ବୁଝିଲାଭଳି କଥା କହି ଟଙ୍କା ଯୋଗାଡ଼ କରିବା ସକାଶେ ବିଭିନ୍ନ ଯୋଜନା କରିବେ। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବା ସହ ବନ୍ଧୁଙ୍କ ସହ ଭ୍ରମଣରେ ଯିବାକୁ ସ୍ଥିର କରିପାରନ୍ତି।

**କନ୍ୟା** ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ସହମତିରେ କାମ କଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସୂଚନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଆଜିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ଅନ୍ୟକୁ ନିଜ କାମରେ ସହଭାଗିତା କରାଇପାରିବେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ସ୍ଥଗିତ କାମ ଯଥା ସମୟରେ ହୋଇଯିବ। ଆଜି ପ୍ରତିଯୋଗିତାରେ ସଫଳତା ପାଇବେ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** ଦୀର୍ଘ ଦିନରୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ାକ୍ଷେତ୍ରରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରୁ ଅର୍ଥ ଓ ସମ୍ମାନ ଲାଭ ଯୋଗ ରହିଛି।

**କୁମ୍ଭ** ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବାର ସୂଚନା ରହିଛି।

**ମୀନ** ଉପରଅଧିକାରୀଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଶୁଭକାର୍ଯ୍ୟରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ତୃତୀୟା ବୁଧବାର, ଫେବୃୟାରୀ ୮ ତାରିଖ, ରାଶିନକ୍ଷତ୍ର–ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୦୮ମି. ଗତେ ଘ.୧୦.୦୮ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ.୦୬.୨୩ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୧୨.୦୦ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁ କାଳ।

# ସାର୍ଟିଫିକେଟ୍ ଯାଞ୍ଚ ଲାଗି ୬ ମେଡିକାଲ କଲେଜକୁ ଚିଠି

### ବିଇଡି ଏବଂ ବିଏଚ୍ଇଡି ପାଠ୍ୟକ୍ରମରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରସଙ୍ଗ

ଭୁବନେଶ୍ୱର, ୭।୨(ବ୍ୟୁରୋ)

୨୦୨୨-୨୪ ବ୍ୟାଚ୍‌ରେ ବିଇଡି ଏବଂ ବିଏଚ୍ଇଡି ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଭିନ୍ନକ୍ଷମ ପିଲାଙ୍କ ଲାଗି ରହିଥିବା ପିଡବ୍ଲ୍ୟୁଡି ସଂରକ୍ଷିତ ବର୍ଗରେ ଯେଉଁ ଛାତ୍ରୀଛାତ୍ର ନାମ ଲେଖାଇବେ ସେମାନଙ୍କର ସାର୍ଟିଫିକେଟ୍ ଓ ମେଡିକାଲ ରିପୋର୍ଟ ଯାଞ୍ଚ ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୬ଟି ମେଡିକାଲ କଲେଜକୁ ଚିଠି ଲେଖାଯାଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ସଂରକ୍ଷିତ ସିଟ୍‌ରେ ଯେଉଁ ଭିନ୍ନକ୍ଷମ ଛାତ୍ରୀଛାତ୍ର ନାମ ଲେଖାଇବେ ସେମାନେ ସେମାନଙ୍କ ଯାଞ୍ଚ ମେଡିକାଲ ରିପୋର୍ଟ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି।

# ଖଗେଶ୍ୱରଙ୍କ ଜାମିନ ଆବେଦନ ଖାରଜ

### ବେଆଇନ ଅର୍ଥ କାରବାର ମାମଲା

- ଅର୍ଚ୍ଚନା, ଜଗବନ୍ଧୁଙ୍କ ଜାମିନ ଆବେଦନ ହେଲା
- ଆସିଲେନି ଶ୍ରଦ୍ଧାଞ୍ଜଳି, ଜ୍ୱର ଦର୍ଶାଇ ୧୫ ଦିନ ସମୟ ମାଗିଲେ

ଭୁବନେଶ୍ୱର,୭।୨(ବ୍ୟୁରୋ)

ବହୁଚର୍ଚ୍ଚିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ଜାମିନ ଆବେଦନକୁ କୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଫଳରେ ଦୀର୍ଘଦିନ ହେବ ଜେଲରେ ଦିନ କାଟୁଥିବା ଅଭିଯୁକ୍ତ ଖଗେଶ୍ୱରଙ୍କ ପାଇଁ ପୁଣି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ମାମଲାରେ ଭିଡିଓ କଲ୍ ଜରିଆରେ ଖଗେଶ୍ୱରଙ୍କ ସମେତ ଅର୍ଚ୍ଚନା ଓ ଜଗବନ୍ଧୁ କୋର୍ଟଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଏହି ସମୟରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଜାମିନ ଆବେଦନ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ୧୪ରେ ହେବ ବୋଲି ଧାର୍ଯ୍ୟ ହୋଇଛି। ଏଥିସହ ୨୧ ତାରିଖରେ ଅଭିଯୁକ୍ତମାନେ ପୁଣି ହାଜର ହେବେ ବୋଲି କୋର୍ଟ କହିଛନ୍ତି। ତେବେ ବେଆଇନ ଅର୍ଥ କାରବାର ମାମଲାରେ ୪ର୍ଥ ଅଭିଯୁକ୍ତା ଥିବା ଅର୍ଚ୍ଚନାଙ୍କ ମୁଖ୍ୟ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ସମନ ସତ୍ତ୍ୱେ କୋର୍ଟରେ ହାଜର ହେଉନାହାନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସଂକ୍ରମିତ ଜ୍ୱର ହୋଇଥିବା ତାଙ୍କ ଓକିଲ ଦର୍ଶାଇଥିଲେ। ଶ୍ରଦ୍ଧାଞ୍ଜଳି ବ୍ୟକ୍ତିଗତ ହାଜର ହେବା ପାଇଁ ଆଉ ୧୫ ଦିନ ତାଙ୍କ ଓକିଲ ସମୟ ମାଗିଛନ୍ତି। ତେବେ ୨୧ ତାରିଖରେ ଅନ୍ୟ ଅଭିଯୁକ୍ତଙ୍କ ସମେତ ଶ୍ରଦ୍ଧାଞ୍ଜଳିଙ୍କୁ ହାଜର ହେବାକୁ କୋର୍ଟ କହିଛନ୍ତି। ଏଭଳି ସ୍ଥିତିରେ ଶ୍ରଦ୍ଧାଞ୍ଜଳି ଗିରଫ ହେବା ଭୟରେ କୋର୍ଟରେ ହାଜର ହେଉ ନ ଥିବା ଚର୍ଚ୍ଚା ହେଉଛି।

ଉଲ୍ଲେଖଯୋଗ୍ୟ, ହନିଟ୍ରାପରୁ ବେଆଇନ ଅର୍ଥ କାରବାର ମାମଲାରେ ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ ଘରକୁ ଆଟାଚ୍ କରିଥିବା ବେଳେ ତାଙ୍କ ସମେତ ଖଗେଶ୍ୱରଙ୍କ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି। ସେପଟେ ଶ୍ରଦ୍ଧାଞ୍ଜଳିଙ୍କ ଅଭିଯୋଗ ଆଧାରରେ ୨ତାରିଖରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ବିରୋଧରେ କମିଶନରେଟ ପୋଲିସ କୋର୍ଟରେ ୨୪ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି।


ODISHA PUBLIC SERVICE COMMISSION

ADVERTISEMENT NO. 19 OF 2022-23

**Recruitment to the Posts of Odisha Judicial Service, 2022**

WEBSITE- https://opsc.gov.in

**No.D-315:** Online applications are invited from the prospective candidates through the Proforma application form to be made available on the Website of the Commission **(https//:www.opsc.gov.in)** for recruitment to the Posts of Civil Judges in Odisha Judicial Service, 2022 under Law Department in the pay scale of Rs.77,840-1,36,520/- (pre-revised scale of Rs.27,700-770-33,090-920-40,450-1,080-44,770/-) with usual dearness and other allowances as may be sanctioned by the Government of Odisha from time to time.

**2. VACANCY POSITION:** As per requisition filed by the Law Department, Government of Odisha, out of a total of **57 (18-w)** vacancies, 25 (08-w) posts for UR category, 06 (02-w) posts reserved for SEBC, 09 (03-w) for SC, 13 (04-w) for ST category and 04 (01-w) for PWD candidates.

**3. AGE:** A candidate must not be below **23 (twenty three)** years of age and not above **35 (Thirty five)** years of age as on the **1st day of the month of August, 2022** and he/she must not have been born earlier than the **2nd August 1987** and not later than the **1st August 1999.**

**4. EDUCATIONAL QUALIFICATION:**
A candidate must be a Graduate in Law of a recognized University or Institutions recognized by the Government.

**5. METHOD OF SELECTION:**
The selection of candidates for recruitment to the cadre of Civil Judges shall be made through competitive examination, which shall consist of three parts; viz- Preliminary Written Examination. Main Written Examination and Interview as per the provisions of the Odisha Superior Judicial Service & Odisha Judicial Service Rules, 2007 (as amended from time to time).

**The link for online application and submission shall be available from 17.02.2023 to 17.03.2023 (Note: 17.03.2023 is the last date for submission of Registered Online Application).**
The candidates are advised to visit the Website of the Commission at **https://opsc.gov.in for detailed information for applying to the above post.**

Sd./-SECRETARY
ODISHA PUBLIC SERVICE COMMISSION, CUTTACK

CUTTACK
DATE:07.02.2023

OIPR-12002/11/0269/2223



OFFICE OF THE
NOTIFIED AREA COUNCIL, GANJAM

No. 376/NAC Dtd.: 06.02.2023

ADVERTISEMENT

No. C-2422: As per decision taken by the Council in the meeting held on Dtd.28.10.2022 and in pursuance of Letter No. 94/DUDA, Dtd.04.02.2023 of the Project Director, DUDA, applications are invited among the willing Mission Shakti Self Help Groups of N.A.C., Ganjam with the following terms & conditions.

**Terms & Conditions:**
(a) One cabin shall be given to MSHG each at Bada Bazar and Sana Bazar.
(b) The MSHG shall submit his application in the format available in the Office website/Notice Board in the name of "Executive Officer, NAC, Ganjam".
(c) An agreement shall be made between the MSHG and N.A.C. for a term of 01 (One) year and the extension depends on the decision of the council.
(d) The MSHG should deposit an amount of Rs.15,000/- (Rupees fifteen thousand) only towards "Security Deposit" after which the cabin shall be supplied to the eligible person.
(e) The MSHG should deposit an amount of Rs.500/- (Rupees five hundred) only towards "Monthly Rent". The rent be deposited before the undersigned prior to 07th of each month.
(f) The MSHG selected on lottery basis shall not handover the cabin to any other person on rent basis at any cost.
(g) Any other conditions as per rule be intimated at the time of allotment of room during agreement.

The last date for submission of application is 11th February' 2023 and the date of lottery be published after receipt of application from all concerned and verification of the applications.

**Sd./- Executive Officer, N.A.C., Ganjam**
OIPR-13164/11/0028/2223


# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କେନ୍ଦ୍ର ରାଜି: ରିଜିଜୁ

### ରାଜ୍ୟ ଉପରେ ଛାଡ଼ିଲେ ଆଇନମନ୍ତ୍ରୀ

ସମ୍ବଲପୁର,୭।୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆବଶ୍ୟକ ନ ଥିବା ସୁପ୍ରିମକୋର୍ଟ କହିବା ପରେ ଅଞ୍ଚଳବାସୀଙ୍କ ଆଶା ମଉଳି ଯାଇଥିଲା। ହେଲେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁଙ୍କ ଚିଠି ଏହି ଆଶାକୁ ଉଜ୍ଜୀବିତ କରିଛି। ବରଗଡ଼ ଲୋକ ସଭା ଏମ୍‌ପି ସୁରେଶ ପୂଜାରୀ ଡିସେମ୍ବର ୨୧ରେ ପାର୍ଲାମେଣ୍ଟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରଖିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ମନ୍ତ୍ରୀ। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ହେଉଥିବା ନେଇ ରାଜ୍ୟ ସରକାର ଚିଠି କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ ଚିଠି କରାଯାଇଛି। ଆବଶ୍ୟକ ଜମି, ଭିତ୍ତିଭୂମି, ସ୍ଥାନ, କର୍ମଚାରୀ ଓ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବାକୁ କୁହାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିନାହାନ୍ତି। ହାଇକୋର୍ଟ ବେଞ୍ଚ ପାଇଁ ରାଜ୍ୟ ସରକାର ଓ ହାଇକୋର୍ଟ ମତ ଦେବା ନିହାତି ଆବଶ୍ୟକ। ରାଜ୍ୟ ସରକାର ଫୋରମରେ ପ୍ରସ୍ତାବ ଦେଉନାହାନ୍ତି। ଯଦି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବେ, ତା'ହେଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ବରଗଡ଼ ଏମ୍‌ପି ପୂଜାରୀ କହିଛନ୍ତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଡିସେମ୍ବରରେ ସମ୍ବଲପୁରରେ ଅଭାବନୀୟ ଘଟଣା ଘଟିଥିଲା। ଏହାକୁ ନେଇ ସଂସଦରେ ପ୍ରଶ୍ନ ଉଠାଇଥିଲି। କେନ୍ଦ୍ର ଆଇନମନ୍ତ୍ରୀ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ଅର୍ଥାତ୍ କେନ୍ଦ୍ର ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ରାଜି ଥିବା ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଆସୁଛି। ଗତ ନଭେମ୍ବର ୨୯ ଓ ଡିସେମ୍ବର ୧୨ରେ ସମ୍ବଲପୁରରେ ଆନ୍ଦୋଳନ ସମୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। କୋର୍ଟ ପରିସରରେ ଭଙ୍ଗାରୁଜା ସହ ବିଚାରପତିମାନଙ୍କୁ ଓକିଲମାନେ ବାହାର କରିଦେଇଥିଲେ। ପୋଲିସ ଉକ୍ତ ଘଟଣାରେ ୩୦ଜଣ ଓକିଲ, ୮ଜଣ କିନ୍ନର ଓ ଜଣେ ସାଧାରଣ ଲୋକଙ୍କୁ ଗିରଫ କରିଛି। ଘଟଣା ପରେ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନାହିଁ। ପ୍ରତି ଜିଲାରେ ହାଇକୋର୍ଟ ଭର୍ଚୁଆଲ କ୍ୟାବିନ ଦ୍ୱାରା ପରିଚାଳିତ ହେବ ବୋଲି କହିଥିଲେ। ଏହା ପରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆଶା ମଉଳି ଯାଇଥିଲା। କେନ୍ଦ୍ରମନ୍ତ୍ରୀଙ୍କ ଚିଠି ପରେ ଏବେ ପୁଣି ଆଶା ଉଜ୍ଜୀବିତ ହୋଇଛି। ଏବେ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବେ ନା ପୁଣି କେନ୍ଦ୍ର ଉପରେ ଦୋଷଦେଇ ସମୟ ବିତାଇବେ ତାହା ସମୟ କହିବ ବୋଲି ସାଧାରଣରେ ଆଲୋଚନା ହେଉଛି।




ରାଜ୍ୟରେ ନାରୀ ନିର୍ଯାତନା, ମାଦକ ଦ୍ରବ୍ୟ ଏବଂ ଅପସଂସ୍କୃତିର ପ୍ରସାର ରୋକିବା ସହ ଅନ୍ୟାନ୍ୟ ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍) ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୩ ଦିନ ଚାଲିଲା ପଦୋନ୍ନତି ଅଦାଲତ

## ଗ୍ରହଣ ହୋଇଛି ୭୮୮ ଆବେଦନପତ୍ର

ଭୁବନେଶ୍ୱର, ୭।୨(ବ୍ୟୁରୋ)

ସରକାରୀ କର୍ମଚାରୀଙ୍କୁ ସମୟୋଚିତ ପଦୋନ୍ନତି ଦେବା ନିମନ୍ତେ ଚଳିତ ମାସ ପହିଲାରୁ ୩ ଦିନ ଧରି ପଦୋନ୍ନତି ଅଦାଲତ ଅନୁଷ୍ଠିତ ହୋଇଥିଲା। ଶୁଣାଣି ବେଳେ ମିଳିଥିବା ଆପତ୍ତି ଅଭିଯୋଗ ସମ୍ପର୍କିତ ବିଭିନ୍ନ ତଥ୍ୟକୁ ଭିତ୍ତିକରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପଦୋନ୍ନତି ନିମନ୍ତେ ଥିବା ନିୟମର ସରଳୀକରଣ, କ୍ୟାଡର ନିୟମରେ ଯଥାର୍ଥତା ଅବଲମ୍ବନ ଏବଂ ଗୋପନୀୟ ପଞ୍ଜିକାର ଠିକ୍ ବିବେଚନା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପଦୋନ୍ନତି ନିମନ୍ତେ ଅଧିକାରୀଙ୍କ ବିରୋଧରେ ଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଫଳାଫଳ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଦାନ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ନିକଟରେ ଅନୁଷ୍ଠିତ ପଦୋନ୍ନତି ଅଦାଲତରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କଠାରୁ ୧୨୪୧ ଆବେଦନପତ୍ର ଗ୍ରହଣ କରାଯାଇଥିବା ବେଳେ ୧୦୨୧ ଜଣଙ୍କ ଆବେଦନର ଶୁଣାଣି କରାଯାଇଛି। ସେଥି ମଧ୍ୟରୁ ୭୮୮ ଆବେଦନକୁ ପଦୋନ୍ନତି ପାଇଁ ଗ୍ରହଣ କରାଯାଇଛି। ଏହି ପଦୋନ୍ନତି ଅଦାଲତରେ ୬ ଜଣ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ କିଶୋର ସୁନ୍ଦରାୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ରାଜକୁମାର ଶର୍ମା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ଦେଓ ରଞ୍ଜନ ସିଂ କଳିଙ୍ଗ ଷ୍ଟାଡିୟମ ସମ୍ମିଳନୀ କକ୍ଷ, ମୋନା ଶର୍ମା ଇଡ୍‌କୋ ସମ୍ମିଳନୀ କକ୍ଷ, ଅନୁ ଗର୍ଗ କୃଷି ଭବନ ଅଡିଟୋରିୟମ ଏବଂ ସତ୍ୟବ୍ରତ ସାହୁ ଏସ୍ଆଇଆର୍‌ଡି ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରପଡ଼ା ଜେଲରେ ମାଟ୍ରିକ୍ ପରୀକ୍ଷା ଦେବେ ୬୦ କଏଦୀ

ଭୁବନେଶ୍ୱର,୭।୨(ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ଜେଲରେ ଚଳିତବର୍ଷ ୧୦୦ରୁ ଊର୍ଦ୍ଧ୍ୱ କଏଦୀ ମାଟ୍ରିକ୍ ପରୀକ୍ଷା ଦେବେ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ ତତ୍ତ୍ୱାବଧାନରେ ଆଗାମୀ ଏପ୍ରିଲ ମାସରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ଚୌଦ୍ୱାର ସର୍କଲ୍ ଜେଲ, ବାରିପଦା ସର୍କଲ ଜେଲ, ସମ୍ବଲପୁର ସର୍କଲ ଜେଲ, କୋରାପୁଟ ସର୍କଲ, ବ୍ରହ୍ମପୁର ସର୍କଲ ଜେଲ ଏବଂ ଝାରପଡ଼ା ଜେଲ ଆଦିରେ ସେଣ୍ଟର କରାଯାଇଛି। ତେବେ ଝାରପଡ଼ା ଜେଲରେ ୬୦ ଜଣ କଏଦୀ ପରୀକ୍ଷା ଦେବେ ବୋଲି ମଙ୍ଗଳବାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁ କହିଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ଜେଲରୁ ୫, ଅନୁଗୋଳ ଜେଲରୁ ଜଣେ, ଖୋର୍ଦ୍ଧା ଜେଲରୁ ୪ ଜଣ ରହିଛନ୍ତି। ଜେଲ ପକ୍ଷରୁ ଏହି ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି। ପରୀକ୍ଷା କାର୍ଯ୍ୟସୂଚୀ ଆସିବା ପରେ ଜେଲ ମାନୁଆଲ ଅନୁଯାୟୀ ସ୍ୱତନ୍ତ୍ର କକ୍ଷରେ ପରୀକ୍ଷା କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ସ୍ୱାଇଁ ସୂଚନା ଦେଇଛନ୍ତି।

# ୧୪ ବର୍ଷ ପରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

### ବେଆଇନ ନିଯୁକ୍ତି ମାମଲା

ବ୍ରହ୍ମପୁର ଅଫିସ/ ପାରଳାଖେମୁଣ୍ଡି, (ଡି.ଏନ.ଏ.),୭।୨

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ମଙ୍ଗଳବାର ଏକ ବେଆଇନ ନିଯୁକ୍ତି ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ଗଜପତି ଜିଲା ପଦାଗାଁରେ ଥିବା ରାୟଗଡ ଜଳସେଚନ ସର୍କଲର ତତ୍କାଳୀନ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ଏକମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ସେହିପରି ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଉପରୋକ୍ତ ଜଳସେଚନ ସର୍କଲର ତତ୍କାଳୀନ ହେଡ୍ ଆସିଷ୍ଟାଣ୍ଟ ଡି. ପୁରୁଷୋତ୍ତମ ପାତ୍ର ଓ ଡିଲିଂ ଆସିଷ୍ଟାଣ୍ଟ ଲକ୍ଷ୍ମଣ ନାୟକ।

ପ୍ରକାଶ ଯେ, ୧୯୯୯ ଡିସେମ୍ବର ୩୦ରେ ଉକ୍ତ ସର୍କଲରେ ଦିନ ମଜୁରିଆ(ଟାଇପିଷ୍ଟ) ଭାବେ କାମ କରୁଥିବା କେଶବ କୁମାର ନାୟକ, ପ୍ରସନ୍ନ କୁମାର ରଥ ଓ ଉଦୟ ନାଥ ପଣ୍ଡାଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଦାସ କନିଷ୍ଠ କିରାଣି ଭାବେ ବେଆଇନ ନିଯୁକ୍ତି ଦେଇଥିବା ବେଳେ ଅନ୍ୟଜଣେ ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଅମିନ ଭାବେ ନିଯୁକ୍ତ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ଉକ୍ତ ବେଆଇନ ନିଯୁକ୍ତିରେ ସହଯୋଗ କରିଥିଲେ କାର୍ଯ୍ୟାଳୟର ଡି. ପୁରୁଷୋତ୍ତମ ପାତ୍ର ଓ ଲକ୍ଷ୍ମଣ ନାୟକ।

ଏନେଇ ଅଭିଯୋଗ ହେବା ପରେ ୨୦୦୮ ଜାନୁୟାରୀ ୨୫ରେ ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ମିଶ୍ର ନଂ.୧/୦୮ରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ। ପରେ ସେମାନଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ବେଳେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରମାଣ ମିଳିବାରୁ ଜଜ୍ ଉକ୍ତ ମାମଲାର ଅଭିଯୁକ୍ତ ଅଧୀକ୍ଷଣ ଯନ୍ତ୍ରୀ ଦାସଙ୍କୁ ଦଣ୍ଡିତ କରିବା ସହ ଅନ୍ୟ ଦୁଇଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ଦାବି ପୂରଣ ହେଉନି: ମାର୍ଚ୍ଚ ୧୩ରେ ଧାରଣା ଦେବେ ପାଚିକା

ଭୁବନେଶ୍ୱର,୭।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରି ନିରାଶ ହେବାରୁ ମାର୍ଚ୍ଚ ୧୩ରେ ମଧ୍ୟାହ୍ନଭୋଜନ ପାଚିକା ସଂଘ ମିଳିତ ମଞ୍ଚ ଧାରଣାକୁ ଓହ୍ଲାଇବ। ପାଚିକା ସହାୟିକାମାନଙ୍କୁ ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ଓ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ପ୍ରଦାନ ଆଦି ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂଘ ଧାରଣାକୁ ଓହ୍ଲାଇବ ବୋଲି ମଙ୍ଗଳବାର ଭୁବନେଶ୍ୱର ୟୁନିଟ-୯ସ୍ଥିତ ଏଆଇଟିୟୁସି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଆଇଟିୟୁସି ପକ୍ଷରୁ ବିଷ୍ଣୁ ଦାସ ଏବଂ ଏଆଇସିସିଟିୟୁ ପକ୍ଷରୁ ମହେନ୍ଦ୍ର ପରିଡ଼ା ଉପସ୍ଥିତ ରହି ଶ୍ରମିକ, କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ, ପ୍ରତିମାସର ପ୍ରଥମ ସପ୍ତାହରେ ପାଚିକାଙ୍କୁ ଦରମା ପ୍ରଦାନ ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘର କାଞ୍ଚନବାଳା ରାଉତ, ଅଲ୍ ଓଡ଼ିଶା ପାଚିକା ସହାୟିକା ସଂଘର ଈଶାନୀ ଷଡ଼ଙ୍ଗୀ, ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ଯଶୋଦା ପଲେଇ, ଦକ୍ଷିଣ ଓଡ଼ିଶା ପାଚିକା ମହାସଂଘର ପାର୍ବତୀ ଶବର, ସ୍ୱପ୍ନା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ବିଭାଗ ନେଉଥିବା ନିଷ୍ପତ୍ତି ତଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ: ପରିବହନ ମନ୍ତ୍ରୀ




କର୍ମଶାଳାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଯେକୌଣସି ଦେଶ ବା ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଏକ ଉତ୍ତମ ପରିବହନ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଜନକଲ୍ୟାଣକାରୀ ପରିବହନ ବ୍ୟବସ୍ଥା ଜନସାଧାରଣଙ୍କୁ ଯୋଗାଇଦେବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ମଙ୍ଗଳବାର କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସଡ଼କ ପରିବହନ ନୀତି ଓ ଏହାର କାର୍ଯ୍ୟକାରିତା ସମ୍ପର୍କିତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କରି ସେ କହିଛନ୍ତି, ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତି ଓ ପଲିସି ସବୁ ତୃଣମୂଳସ୍ତରରେ ଠିକ୍‌ଭାବେ କାର୍ଯ୍ୟକାରୀ ହେଉ। ସେଥିପ୍ରତି ଆପଣମାନେ ଯତ୍ନବାନ୍ ହେବେ। ବିଭିନ୍ନ ଅନ୍‌ଲାଇନ୍ ସେବା ପ୍ରଦାନ ଏବଂ ବିଭାଗରେ ଆଧୁନିକୀକରଣ ପ୍ରୟୋଗ କରିବାରେ ଆମ ରାଜ୍ୟ ଭାରତବର୍ଷରେ ଅଗ୍ରଣୀ। ସେବା ପ୍ରଦାନ ସହ ବାକି ପଡ଼ିଥିବା ମୋଟରଯାନ ଟିକସ ଆଦାୟ କରିବା, ଏନ୍‌ଫୋର୍ସମେଣ୍ଟ ପରିଚାଳନା ପାଇଁ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀମାନେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେଇ ମୋ ସରକାର କାର୍ଯ୍ୟକ୍ରମରେ ବିଭାଗକୁ ଉତ୍ତମ ଫିଡ୍‌ବ୍ୟାକ୍ ମିଳୁଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। କର୍ମଶାଳାରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି, ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ କରିବା ଆବଶ୍ୟକ। ଏହାସହ ୫-ଟି ଉପଯୋଗରେ ସମସ୍ତେ ନିଜ ନିଜର ସର୍ବୋତ୍କୃଷ୍ଟ ଉଦ୍ୟମ ଦେଇ ବିଭାଗ ପାଇଁ ସୁନାମ ଆଣିବାକୁ କହିଛନ୍ତି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅଧ୍ୟକ୍ଷ ଦୀପ୍ତେଶ ପଟ୍ଟନାୟକ ନିଗମ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଉଥିବା ବସ୍‌ସେବା ବିଷୟରେ ସବିଶେଷ ତଥ୍ୟ ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୟ କୁମାର ମିଶ୍ର ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ପ୍ରଦାନ ପାଇଁ ଅଧିକରୁ ଅଧିକ ସଚେତନତା ସୃଷ୍ଟି ସହ ଇ-ଚାଲାଣ ବ୍ୟବସ୍ଥା, ମାଲ ପରିବହନ କ୍ଷେତ୍ରରେ ଆସୁଥିବା ବିଭିନ୍ନ ଅସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED URGENTLY
Wanted Body Massage Therapist (Female & Male).
Contact : 9861550765

WANTED
Experience Telecaller for well established Health Center, Jagamara. Walk in interview 9.2.23 to 11.2.23 at 10 A.M. onwards.
Contact: 7205553831

WANTED
Maid Servant needed for house work on monthly basis. Education below 10th. Salary as per discussion. No broker please.
Call: 9438128790

REQUIRED
Experienced Therapist & Receptionist for Saikrupa Panchakarma Spa, Bhubaneswar.
Attractive Salary. Interested Candidates Please Contact.
7328880289, 8984068077

OPPORTUNITY FOR MARKETING EXECUTIVES
Required Marketing Executives for reputed company dealing in Furniture Hardware Fittings in Bhubaneswar.
Contact: M.- 9090098989
e-mail: aurogroup.abhishek@hotmail.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
9583494854

WALK IN INTERVIEW
Civil Construction Company
Location: NTPC/ Kaniha
Qualification:
1) Graduate / Diploma Engineer (Min. 1 to 3 yrs. Exp.) - 1 No.
2) Diploma in Civil Engineering (Quality) (min. 1 to 3 yrs. Exp.) - 1 No.
3) Degree in Safety Officer (Min. 1 to 3 yrs. Exp.) - 1 No.
4) Diploma in Safety Officer (Min. 1 to 3 yrs. Exp.) - 1 No.
Remuneration / salary will be commensurate to qualification & experience. Desiring candidates should apply through email or send biodata within 7 days to:
M/s Budhraja Mining & Constructions Ltd.
Construction House, Jharpada, Bhubaneswar-751006, Odisha

WANTED
ଧରିତ୍ରୀ DHARITRI Oriya daily is looking for
CIRCULATION MANAGERS
Roles and Responsibilities:-
• Lead market related needs of the company - Distributor and Agents.
• Competitive tracking and analysis to identify and pursue sales targets.
• Achieve sales targets to drive circulation.
Requirements:-
• 3 years frontline sales experience in print media.
RECOVERY EXECUTIVES
• Candidates should have good communication skills & atleast 3 years experience in the field of recovery.
• Good performance will be rewarded with extra incentive.
Apply immediately to : recruitment@dharitri.com
Attractive salary commensurate with experience

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। **–ଶ୍ରୀଅରବିନ୍ଦ**



# ସିଧା ଗାର

ବିଚାର ବିଭାଗ କିମ୍ବା ପୋଲିସ ହେପାଜତରେ ଥିବାବେଳେ ମହିଳା ଅଭିଯୁକ୍ତଙ୍କ ଭର୍ଜିନିଟି ବା କୁମାରିତ୍ୱ ପରୀକ୍ଷା କରାଯିବା ଅସାମ୍ବିଧାନିକ ବୋଲି ୭ ଫେବୃୟାରୀ ୨୦୨୩ରେ ଦିଲ୍ଲୀ ହାଇକୋର୍ଟ ଏକ ରାୟ ଦେଇଛନ୍ତି। କେରଳରେ ୧୯୯୨ରେ ସିଷ୍ଟର ଅଭୟାଙ୍କୁ ହତ୍ୟା କରାଯାଇଥିବା ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସିଷ୍ଟର ସେଫିଙ୍କ କୁମାରିତ୍ୱ ପରୀକ୍ଷା କରାଇଥିଲା। ସେହି ସଂକ୍ରାନ୍ତ ମାମଲା ଉପରେ ବିଚାରକରି ଦିଲ୍ଲୀ ହାଇକୋର୍ଟ ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ଉପରୋକ୍ତ ମତ ରଖିବା ଏକ ନୂଆ ଚିନ୍ତାଧାରା ଦର୍ଶାଇଛି। ସୂଚନା ଦିଆଯାଇପାରେ ଯେ, କୋଟାୟାମ୍‌ର ପିଅସ୍ କନ୍‌ଭେଣ୍ଟ ହଷ୍ଟେଲର ରୋଷଶାଳାରେ ଫାଦର ଥମାସ କୋଟ୍ଟୁର, ଫାଦର ଜୋସ୍ ପୁଥିରିକାୟିଲ୍ ଓ ସିଷ୍ଟର ସେଫି ଆପତ୍ତିଜନକ ଅବସ୍ଥାରେ ଥିବାବେଳେ ତାହାକୁ ସିଷ୍ଟର ଅଭୟା ଦେଖିଦେଇଥିଲେ। କାଳେ ଘଟଣା ପ୍ରଘଟ ହୋଇଯିବ ଆଶଙ୍କା କରି ଫାଦର କୋଟ୍ଟୁର ସିଷ୍ଟର ଅଭୟାଙ୍କ ତଣ୍ଟି ଚିପି ଦେଉଥିବା ବେଳେ ସେଫି ଏକ କୁରାଢ଼ିରେ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଘଟଣାସ୍ଥଳରେ ସିଷ୍ଟର ଅଭୟାଙ୍କ ମୃତ୍ୟୁ ଘଟିବାରୁ ତାଙ୍କୁ ହଷ୍ଟେଲ ପରିସରରେ ଥିବା କୂଅରେ ପକାଇ ଦେଇଥିଲେ। ପ୍ରାରମ୍ଭିକ ସମୟରେ ସ୍ଥାନୀୟ ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ସିଷ୍ଟର ଅଭୟା ଆତ୍ମହତ୍ୟା କରିଥିବା କହି ମାମଲାକୁ ବନ୍ଦ କରିଦେଇଥିଲେ। ପରବର୍ତ୍ତୀ ସମୟରେ ମାନବ ଅଧିକାର କର୍ମୀଙ୍କ ହସ୍ତକ୍ଷେପ ପରେ ସିବିଆଇ ଉକ୍ତ ମାମଲା ହାତକୁ ନେଇଥିଲା। ଏହି ଘଟଣାରେ ସିବିଆଇ ଥମାସ, ଫାଦର ଜୋସ୍ ଓ ସିଷ୍ଟର ସେଫିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣି ସେମାନଙ୍କୁ ଗିରଫ କରିଥିଲା। ତେବେ ତଦନ୍ତ ବେଳେ ସିଷ୍ଟର ସେଫିଙ୍କ କୁମାରିତ୍ୱ ପରୀକ୍ଷା କରାଯାଇଥିବାରୁ ସେ ତାହା ବିରୋଧରେ ରିଟ୍ ଦାୟର କରିଥିଲେ। ଏବେ ଦିଲ୍ଲୀ ହାଇକୋର୍ଟ ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ତଦନ୍ତ ବେଳେ ସମ୍ବିଧାନର ୨୧ ଅନୁଚ୍ଛେଦକୁ ଅଣଦେଖା କରାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଜଣେ ବ୍ୟକ୍ତିଙ୍କ ସୁରକ୍ଷା ଓ ବ୍ୟକ୍ତିଗତ ସ୍ୱାଧୀନତା ହେଉଛି ତାଙ୍କ ମୌଳିକ ଅଧିକାର। ତଦନ୍ତକାରୀ ସଂସ୍ଥା ସେଫିଙ୍କ କୁମାରିତ୍ୱ ଯାଞ୍ଚ କରିବାକୁ ଯାଇ ତାଙ୍କ ଶରୀରରେ ଯେଉଁ ଡାକ୍ତରୀ ପରୀକ୍ଷା କରିଛନ୍ତି, ତାହା ତାଙ୍କ ମାନସିକ ସ୍ଥିତି ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇଛି। ସିଷ୍ଟର ସେଫିଙ୍କ ମାନବ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସେ କ୍ଷତିପୂରଣ ଦାବି କରିପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି। ଏଥିସହିତ କୌଣସି ମହିଳାଙ୍କ ଭର୍ଜିନିଟି ଟେଷ୍ଟ ପାଇଁ ଭାରତୀୟ ଆଇନ ଅନୁମତି ଦେଇ ନାହିଁ। ଏହି ବିଷୟରେ ତଦନ୍ତକାରୀ ଅଧିକାରୀମାନଙ୍କୁ ସଚେତନ କରାଇବା ପାଇଁ ମଧ୍ୟ ଦିଲ୍ଲୀ ହାଇକୋର୍ଟ ଆହୁରି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ୩୧ ଅକ୍ଟୋବର ୨୦୨୨ରେ ଭାରତର ସୁପ୍ରିମକୋର୍ଟ ମଧ୍ୟ ଏକ ରାୟରେ 'ଟୁ ଫିଙ୍ଗର' ବା ଦୁଇ ଆଙ୍ଗୁଠି ଭର୍ଜିନିଟି ପରୀକ୍ଷାକୁ ଅବୈଧ ଘୋଷଣା କରିଥିଲେ। ଭାରତ ବ୍ୟତୀତ ଏହି ବ୍ୟବସ୍ଥା ଆଫଗାନିସ୍ତାନ, ବାଂଲାଦେଶ, ଇଜିପ୍ଟ, ଇଣ୍ଡୋନେସିଆ, ଇରାକ୍, ମରକ୍କୋ, ଫିଲିପାଇନ୍ସ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଆମେରିକା ଭଳି ଦେଶରେ ଅନୁମତି ରହିଛି।

> ଆଇନ ଗୋଟିଏ ସିଧା ଗାର ହେବା ଉଚିତ ନୁହେଁ। କୁହାଯାଏ ଆଇନ ସମସ୍ତଙ୍କ ପାଇଁ ସମାନ। ପୃଥିବୀବ୍ୟାପୀ ସବୁ ଦେଶର ପରିସ୍ଥିତି ସମ୍ପର୍କରେ ମତ ଦେବା କଷ୍ଟକର। କିନ୍ତୁ ଭାରତରେ ଆଇନ କେତେବେଳେ ସମସ୍ତଙ୍କୁ ସମାନ ଭାବେ ବିବେଚନା କରେ ନାହିଁ।

ଏବେ ଦିଲ୍ଲୀ ହାଇକୋର୍ଟ ଯାହା କହୁଛନ୍ତି, ତାହା ସ୍ୱୀକାରଯୋଗ୍ୟ। କିନ୍ତୁ ସିଷ୍ଟର ସେଫିଙ୍କ ବିରୋଧରେ ହତ୍ୟାର ଅଭିଯୋଗ ହୋଇଛି। ବାସ୍ତବତା ଦେଖାଯାଉ। ସିଷ୍ଟର ସେଫି ଖ୍ରୀଷ୍ଟିଆନ୍ ଧର୍ମର ନନ୍ ହୋଇଥିବାରୁ ବୁଝିବା କଥା ଯେ, ତାଙ୍କର କୁମାରିତ୍ୱ ରହିଥିବ। କିନ୍ତୁ ହତ୍ୟାର ଶିକାର ହୋଇଥିବା ସିଷ୍ଟର ଅଭୟା ଏକ ଆପତ୍ତିଜନକ ପରିସ୍ଥିତିରେ ତିନି ଜଣ ଆସାମୀଙ୍କୁ ଦେଖିବା ଫଳରେ ସେମାନେ ତାଙ୍କୁ ମାରିଦେଲେ। ହୁଏତ ପୋଲିସର ଯୁକ୍ତି ହୋଇପାରେ ଯେ ସିଷ୍ଟର ସେଫିଙ୍କ ଯୌନ ସମ୍ପର୍କକୁ ପ୍ରମାଣସିଦ୍ଧ କରିପାରିଲେ ମାମଲାକୁ ଦୃଢ଼ କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯାଇପାରିବ। ତେଣୁ ଏପଟେ ମହିଳାଙ୍କ ଶାଳୀନତାକୁ ରକ୍ଷା କରାଯାଉଥିବା ବେଳେ ହତ୍ୟାର ଶିକାର ହୋଇଥିବା ଅନ୍ୟ ଜଣେ ମହିଳାଙ୍କ ପରିବାରକୁ ନ୍ୟାୟ ପାଇବାରୁ ବଞ୍ଚିତ କରାଗଲା। ଏଥିରୁ ବୁଝିବାକୁ ହେବ ଯେ, ଆଇନ ଗୋଟିଏ ସିଧା ଗାର ହେବା ଉଚିତ ନୁହେଁ। କୁହାଯାଏ ଆଇନ ସମସ୍ତଙ୍କ ପାଇଁ ସମାନ। ପୃଥିବୀବ୍ୟାପୀ ସବୁ ଦେଶର ପରିସ୍ଥିତି ସମ୍ପର୍କରେ ମତ ଦେବା କଷ୍ଟକର। କିନ୍ତୁ ଭାରତରେ ଆଇନ କେତେବେଳେ ସମସ୍ତଙ୍କୁ ସମାନ ଭାବେ ବିବେଚନା କରେ ନାହିଁ। ବିଶେଷକରି ଏହି ଘଟଣାରେ ସିଷ୍ଟର ସେଫିଙ୍କ କୁମାରିତ୍ୱ ଜଣାପଡ଼ିଲେ ହତ୍ୟାର ସତ୍ୟାସତ୍ୟ ପ୍ରମାଣିତ ହୋଇଥାଆନ୍ତା। ତାହାକୁ ବନ୍ଦ କରିଦିଆଯିବା ଫଳରେ ହତ୍ୟାକାରୀ ନିର୍ଦ୍ଦୋଷରେ ଖଲାସ ହୋଇଯିବେ।

ଅବଶ୍ୟ ଏଠାରେ ଉଲ୍ଲେଖ କରିବା ଦରକାର ଯେ, ଅଧିକାଂଶ ସଭ୍ୟ ଦେଶରେ ଭର୍ଜିନିଟି ଟେଷ୍ଟକୁ ଅବୈଧ ଘୋଷଣା କରିବା ପଛରେ ମୌଳିକ ମାନବ ଅଧିକାର ପ୍ରଶ୍ନ ରହିଛି। ଏହା ବ୍ୟତୀତ ଏହି ପରୀକ୍ଷା ଅବୈଜ୍ଞାନିକ ହୋଇଥିବାରୁ ଭର୍ଜିନିଟି ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ନିର୍ଭୁଲ ବୋଲି କୁହାଯାଇପାରିବ ନାହିଁ। ତେଣୁ ଭାରତରେ ଦୁଇ ଅଙ୍ଗୁଳି ପରୀକ୍ଷାକୁ ସୁପ୍ରିମକୋର୍ଟ ବନ୍ଦ କରିବା ପରେ ସମୟ ଆସିଲାଣି ଏହି ପରୀକ୍ଷାର ବିଭିନ୍ନ ରୂପକୁ ମଧ୍ୟ ବେଆଇନ ଘୋଷଣା କରିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 7 | |
| | 3 | | 2 | | | 4 | | 6 |
| | 8 | | | | | | | |
| | 7 | | 1 | | | 3 | | |
| | | | | | 9 | | | |
| 1 | 4 | 2 | 3 | 6 | | | | 8 |
| 4 | | | | 1 | | | | |
| | | | 7 | | 5 | | 6 | 4 |
| | 6 | 7 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 8 | 9 | 5 | 6 | 3 | 7 |
| 8 | 3 | 6 | 7 | 1 | 2 | 5 | 9 | 4 |
| 9 | 7 | 5 | 6 | 3 | 4 | 2 | 1 | 8 |
| 5 | 2 | 8 | 3 | 7 | 9 | 1 | 4 | 6 |
| 3 | 6 | 9 | 1 | 4 | 8 | 7 | 5 | 2 |
| 1 | 4 | 7 | 2 | 5 | 6 | 3 | 8 | 9 |
| 7 | 8 | 3 | 4 | 2 | 1 | 9 | 6 | 5 |
| 2 | 5 | 4 | 9 | 6 | 3 | 8 | 7 | 1 |
| 6 | 9 | 1 | 5 | 8 | 7 | 4 | 2 | 3 |

ଗତକାଲିର ଉତ୍ତର



# ଈଶ୍ୱର ସମର୍ପିତ ଜୀବନରେ ବ୍ୟାଧି

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସାଧୁ, ସନ୍ଥ କିମ୍ବା ଈଶ୍ୱର ସମର୍ପିତ ଭକ୍ତମାନେ ଯେତେବେଳେ ଦୁଃଖ ଯନ୍ତ୍ରଣା ଓ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୁଅନ୍ତି ମନରେ ପ୍ରଶ୍ନ ଉଠେ ଈଶ୍ୱରଙ୍କ ପ୍ରତି ସମର୍ପିତ ହୋଇ ମଧ୍ୟ ଯଦି ସେସବୁଠୁ ମୁକ୍ତି ମିଳେ ନାହିଁ, ତା'ହେଲେ ଈଶ୍ୱର ଆରାଧନା କରିବା କାହିଁକି? ଈଶ୍ୱର ଦୟାମୟ ହେଲେ କିପରି? ମାତ୍ର ଆମେ ଭୁଲିଯିବା ଉଚିତ ନୁହେଁ ଯେ ରୋଗ, ବ୍ୟାଧି, ଦୁଃଖ ଯନ୍ତ୍ରଣା ଆଦି ହେଉଛି ଶରୀର ଧାରଣର ସ୍ୱାଭାବିକ ପ୍ରକ୍ରିୟା। ଏଣୁ ସେସବୁକୁ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବରେ ଗ୍ରହଣ କରିନେବା ହେଉଛି ଠିକ୍ ଦୃଷ୍ଟିଭଙ୍ଗୀ। ଈଶ୍ୱର କାହାକୁ ଦୁଃଖ ଦିଅନ୍ତି ନାହିଁ, କି କାହାରି ଦୁଃଖ ହରଣ କରନ୍ତି ନାହିଁ। ସେ ନିର୍ଲିପ୍ତ। ମଣିଷ ଯାହାସବୁ ଭୋଗ କରେ ତାହା ତା'ର ନିଜର କର୍ମଫଳ। ଏଣୁ ଈଶ୍ୱରଙ୍କ ନିରପେକ୍ଷତା ଓ ନିର୍ଲିପ୍ତତାକୁ ବିଶ୍ୱାସ କରି ମଣିଷ ଯାହାସବୁ ଭୋଗେ ତାହା ଈଶ୍ୱରଙ୍କ ଇଚ୍ଛା ଭାବି ଗ୍ରହଣ କରିନେଲେ ମଣିଷ ଶାନ୍ତି ଲାଭ କରେ। ରାମକୃଷ୍ଣ ପରମହଂସ ଥିଲେ ଠିକ୍ ଏହି ଦୃଷ୍ଟିଭଙ୍ଗୀର ଆଧ୍ୟାତ୍ମିକ ପୁରୁଷ ଓ ସେ ତାଙ୍କ ଶ୍ରେଷ୍ଠ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କୁ ମଧ୍ୟ ସେହି ଶିକ୍ଷା ଦେଇଥିଲେ।

ରାମକୃଷ୍ଣ ଗଳାକର୍କଟ ରୋଗରେ ଆକ୍ରାନ୍ତ ହେଲେ। ୧୮୮୬ ଜୁଲାଇ ଶେଷ ଭାଗରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଲା। ମାତ୍ର ଏହିଭଳି ପୀଡ଼ିତ ଅବସ୍ଥାରେ ମଧ୍ୟ ସେ ଅତ୍ୟନ୍ତ ପ୍ରଫୁଲ୍ଲ ରହୁଥିଲେ। ସେ କହୁଥିଲେ, "ଶରୀର ରହିଲେ ରୋଗ ରହିବ। ଏହା ପ୍ରକୃତିର ନିୟମ। ମୁଁ ଈଶ୍ୱରଙ୍କ ବହୁରୂପ ଦର୍ଶନ କରେ। (ନିଜ ଶରୀରକୁ ଇଙ୍ଗିତ କରି) ଏହି ଦେହ ବି ତାଙ୍କର ଗୋଟିଏ ରୂପ।" ମଝିରେ ମଝିରେ ସେ ନିଜ ଦେହ ଓ ସଂସାରକୁ ଭୁଲିଯାଇ ସମାଧିରେ ନିମଗ୍ନ ରହୁଥିଲେ। ବାହ୍ୟଚେତନା ଫେରିଆସିଲେ କହୁଥିଲେ "ମୋର ଟିକିଏ ବି ଯନ୍ତ୍ରଣା ନାହିଁ। ମୁଁ ସେହି ପୁରାତନ ଆତ୍ମା"। ବେଳେବେଳେ କହୁଥିଲେ ଏଥର ଏହି ଦେହ ବହୁଦିନ ରହିବ ନାହିଁ।" ଦିନେ ତାଙ୍କର ଶିଷ୍ୟ ରାଖାଲ କହିଲେ, "ଠାକୁର! ଆପଣ ଦୟାକରି ଈଶ୍ୱରଙ୍କୁ କୁହନ୍ତୁ ଯେପରି ଆପଣଙ୍କ ଶରୀର ଅଧିକ କାଳ ରହିବ"। ରାମକୃଷ୍ଣ ଉତ୍ତର ଦେଲେ, "ଏହା ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରେ।" ଥରେ ନରେନ୍ଦ୍ର କହିଲେ, "ଆପଣଙ୍କ ଇଚ୍ଛା ଓ ଈଶ୍ୱରଙ୍କ ଇଚ୍ଛା ଏକ ଓ ଅଭିନ୍ନ।" ରାମକୃଷ୍ଣ କହିଲେ, "ମୁଁ ଈଶ୍ୱରଙ୍କୁ କହିଲେ ବି କିଛି ଲାଭ ହେବନାହିଁ କାରଣ ମୁଁ ଓ ମା' ଏକ ହୋଇଯାଇଛୁ।" କ୍ରମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଲା। ମୁଖରୁ ବାକ୍ୟ ସ୍ଫୁରିଲା ନାହିଁ। ମାତ୍ର ତାଙ୍କ ଅନ୍ତିମଦିନ ଯେତେ ପାଖେଇ ଆସୁଥାଏ ସେ ସେତେ ଶାନ୍ତ ଓ ସ୍ଥିର ଚିତ୍ତରେ ରହୁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ନରେନ୍ଦ୍ର କହିଲେ, "ଠାକୁର! ଆପଣ ଦୟାକରି ରୋଗମୁକ୍ତ ହେବା ନିମନ୍ତେ ଦିବ୍ୟଜନନୀଙ୍କୁ ପ୍ରାର୍ଥନା କରନ୍ତୁ। ସେ ନିଶ୍ଚୟ ଭଲ କରିଦେବେ।"



ରାମକୃଷ୍ଣ ନରେନ୍ଦ୍ରଙ୍କ ମନ ବୁଝାଇବା ପାଇଁ କହିଲେ, "ହଉ ଚେଷ୍ଟା କରେ।" ନରେନ୍ଦ୍ର ସେଠୁ ଚାଲିଗଲେ ଓ କିଛି ସମୟ ପରେ ଫେରିଆସି ପଚାରିଲେ "ଠାକୁର! ମା' କ'ଣ କହିଲେ?" ରାମକୃଷ୍ଣ କହିଲେ, "ଯେତେବେଳେ ମୁଁ ଗଳାର କ୍ଷତ ଦେଖାଇ ମା'ଙ୍କୁ କହିଲି ମୁଁ କିଛି ଖାଇପାରୁନାହିଁ, ମୋତେ ଖାଇବାକୁ ସମର୍ଥ କର, ମା' କହିଲେ "କାହିଁକି? ତୁ କ'ଣ ଅସଂଖ୍ୟ ମୁଖରେ ଖାଉନାହୁଁ?" ନରେନ୍ଦ୍ର ବିସ୍ମିତ ହେଲେ ଓ ଅନୁଭବ କଲେ ରାମକୃଷ୍ଣଙ୍କ ଦେହାତୀତ ଜ୍ଞାନାବସ୍ଥା ଓ ଅଦ୍ୱୈତବେଦାନ୍ତର ଚମତ୍କାର ଉପଲବ୍ଧି। କିଛିଦିନ ପରେ ତାଙ୍କ ଦେହାନ୍ତ ହେଲା। ନରେନ୍ଦ୍ର ଗୁରୁଙ୍କ ସେହି ଉପଲବ୍ଧିର ମର୍ମ ବୁଝିପାରି ନିଜ ଜୀବନର ସମସ୍ତ ଦୁଃଖ, ଯନ୍ତ୍ରଣା ଦୁର୍ଦ୍ଦଶା, ରୋଗ ଆଦିକୁ ନିର୍ବିକାର ଚିତ୍ତରେ ଈଶ୍ୱରଙ୍କ ଇଚ୍ଛା ଭାବରେ ଗ୍ରହଣ କରି ଜଗତର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିଥିଲେ।

ସ୍ୱାମୀ ବିବେକାନନ୍ଦ ପିତୃବିୟୋଗଠାରୁ ମହାସମାଧି ପର୍ଯ୍ୟନ୍ତ ପ୍ରାୟ ଦୁଇ ଦଶନ୍ଧି ଧରି ବିଭିନ୍ନ ରୋଗ ଭୋଗିଥିଲେ। ଆମେରିକାର ଚିକାଗୋ ଧର୍ମ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ସେ କମ୍ ଦୁର୍ଦ୍ଦଶା ଓ ଅପମାନ ଭୋଗିନାହାନ୍ତି। ଚିକାଗୋ ଧର୍ମସଭା ପରେ ସେ ଆମେରିକାରେ ପ୍ରଖ୍ୟାତ ହେବା ପରେ ଅସଂଖ୍ୟ ସଭାରେ ଯୋଗଦେଇ ବକ୍ତୃତା ପ୍ରଦାନ କରିଛନ୍ତି। ପାଶ୍ଚାତ୍ୟରେ ହିନ୍ଦୁଧର୍ମକୁ ଠିକ୍ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ଭାରତକୁ ଫେରିବା ପରେ ୧୮୯୭ ବେଳକୁ ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇସାରିଥିଲେ। ପରେ ପରେ ଅନେକ ବ୍ୟାଧିଗ୍ରସ୍ତ ହୋଇଥିଲେ। ବିଶିଷ୍ଟ ଲେଖକ ଶଙ୍କର ତା'ର ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଛନ୍ତି। ସେହି ରୋଗଗୁଡ଼ିକ ହେଲା ଟନ୍‌ସିଲାଇଟିସ, ଶ୍ୱାସରୋଗ, ଟାଇଫଏଡ, ମ୍ୟାଲେରିଆ, ଉଦରି, ଡିସ୍‌ପେପ୍‌ସିଆ, ପଥୁରି, କିଡ୍‌ନୀ, ଆଲବୁମିନ୍ୟୁରିଆ, ଚକ୍ଷୁରୋଗ, ନିଦ୍ରାହୀନତା, ସ୍ନାୟୁରୋଗ ଓ ହୃଦ୍‌ରୋଗ। ଏତେ ଶାରୀରିକ ଯନ୍ତ୍ରଣା ଭୋଗି ମଧ୍ୟ ସେ କିପରି ଅବିଶ୍ୱାସ୍ୟ କାର୍ଯ୍ୟ କରିଗଲେ ତାହା ବିସ୍ମୟ ସୃଷ୍ଟି କରେ। ବ୍ୟାଧି ମାରାତ୍ମକ ହେଲେ ମଧ୍ୟ ସେ ଥିଲେ ଅସାମାନ୍ୟ ମନୋବଳର ଅଧିକାରୀ। ସେ ଥିଲେ ନିର୍ଭୀକତାର ପ୍ରତୀକ। ଥରେ ସେ ଗୁରୁଭାଇ ଅଖଣ୍ଡାନନ୍ଦଙ୍କୁ କହିଥିଲେ "ଶରୀରଟା ତ ନିଶ୍ଚୟ ଯିବ। ତେବେ ଅଳସୁଆମିରେ ଯିବ କାହିଁକି? କଳଙ୍କି ଲାଗି ମରିବା ଅପେକ୍ଷା କ୍ଷୟ ପାଇ ପାଇ ମରିବା ଢେର ଭଲ।"

୧୮୯୬ରେ ଦ୍ୱିତୀୟ ଥର ଇଂଲଣ୍ଡ ଯାଇଥିବା ବେଳେ ସ୍ୱାମିଜୀଙ୍କ ପ୍ରଥମ ହୃଦ୍‌ଘାତ ହୋଇଥିଲା। ଭାଇ ମହେନ୍ଦ୍ରନାଥ ସେତେବେଳେ ପାଖରେ ଥିଲେ। ସେ ଲେଖିଛନ୍ତି "ହଠାତ୍ ତାଙ୍କ ମୁଖମଣ୍ଡଳରେ ଯେପରି ତୀବ୍ର ବେଦନାର ଭାବ ଦେଖାଗଲା। କିଛି କ୍ଷଣ ପରେ ସେ ଦୀର୍ଘଶ୍ୱାସ ଛାଡ଼ି କହିଲେ ମୋର ପିତା ଏହି ରୋଗରେ ମୃତ୍ୟୁବରଣ କରିଥିଲେ। ତାଙ୍କ ଛାତିରେ ଖୁବ୍ ଯନ୍ତ୍ରଣା ହୋଇଥିଲା। ଏଇଟା ଆମ ବଂଶର ରୋଗ।" ଅତି ଲଘୁ ଭାବରେ ସେ ତାଙ୍କର ଏହି ଅସୁସ୍ଥତାକୁ ନେଇଥିଲେ ଓ ପରବର୍ତ୍ତୀ ସମୟରେ ପୁଣି ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଚିକିତ୍ସକଙ୍କ ସାବଧାନବାଣୀ ସତ୍ତ୍ୱେ ସେ ୧୮୯୯ରେ ଅମରନାଥ ତୀର୍ଥ ଦର୍ଶନ କରିବାକୁ ଯାଇଥିଲେ। ପାହାଡ଼ ଚଢ଼ାଭଳି କଠିନ ପରିଶ୍ରମ କଲେ। ବେଲୁଡ଼ମଠକୁ ଫେରିବା ବେଳକୁ ସ୍ୱାମିଜୀଙ୍କ ବାମ ଆଖିରୁ ରକ୍ତ ଝରି ଲାଲ ହୋଇଯାଇଥିଲା। ପରେ ତାଙ୍କର ଡାହାଣ ଆଖିଟି ନଷ୍ଟ ହୋଇଗଲା। ତା' ସତ୍ତ୍ୱେ ସେ ଏଭଳି ରସିକ ଥିଲେ ଯେ ନିଜକୁ ଏକ ଚକ୍ଷୁ ଶୁକ୍ରାଚାର୍ଯ୍ୟ ସହ ତୁଳନା କରି ଆନନ୍ଦ ପାଉଥିଲେ।

ପରିବ୍ରାଜକ ଜୀବନଠୁ ଆରମ୍ଭ କରି ମହାସମାଧି ପର୍ଯ୍ୟନ୍ତ ସ୍ୱାମୀ ବିବେକାନନ୍ଦ ଅବର୍ଣ୍ଣନୀୟ ଦୁର୍ଦ୍ଦଶା ଓ ରୋଗ ଭୋଗିଛନ୍ତି। ତଥାପି ସେ କେବେ ଈଶ୍ୱରଙ୍କୁ ଏଥିପାଇଁ ଦୋଷ ଦେଇନାହାନ୍ତି କି ଦୁଃଖ ଓ ରୋଗରୁ ମୁକ୍ତି ପାଇବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିନାହାନ୍ତି। ସେ ଉପଲବ୍ଧି କରିଥିଲେ ରୋଗ ଓ ଯନ୍ତ୍ରଣା ଶରୀରର ସ୍ୱାଭାବିକ ପ୍ରକ୍ରିୟା ଓ ଈଶ୍ୱରଭକ୍ତି ସହ ଏହାର କୌଣସି ସମ୍ପର୍କ ନାହିଁ। ଅଦ୍ୱୈତବେଦାନ୍ତକୁ ବ୍ୟାବହାରିକ ଜୀବନରେ ପ୍ରୟୋଗ କରି ସେ ତାଙ୍କର ସବୁ ଦୁଃଖ ଓ ଯନ୍ତ୍ରଣାକୁ ଭୁଲିଯାଉଥିଲେ। ସମ୍ପୂର୍ଣ୍ଣ ଈଶ୍ୱର ସମର୍ପିତ ହୋଇଗଲେ ଜୀବନରେ ସବୁ ଦୁଃଖ, ଯନ୍ତ୍ରଣା ଓ ବ୍ୟାଧି ଈଶ୍ୱରଙ୍କ ଇଚ୍ଛା ବୋଲି ଗ୍ରହଣ କରିହୁଏ ଓ ତଦ୍ୱାରା ଶାନ୍ତି ଅନୁଭବ କରିହୁଏ। ଗୁରୁ ରାମକୃଷ୍ଣ ଓ ତାଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ସେହି ଦୃଷ୍ଟିରୁ ଆଲୋକବର୍ତ୍ତିକା।

**ମୋ:୯୪୩୭୩୨୯୨୬୩**



# କୁନ୍ତଳାଙ୍କ କାବ୍ୟରେ ଦେଶଭକ୍ତି ଝଲକ

ଉମାଶଙ୍କର ପ୍ରସାଦ

ଜୀବନର ଅନେକ ସୁଖଦୁଃଖର ଶିଡ଼ି ଅତିକ୍ରମ କରି ନାରୀମାନଙ୍କ ମଧ୍ୟରେ ଆଧୁନିକ ସାରସ୍ୱତ ଗଗନର ପ୍ରଭାତୀ ତାରା ରୂପେ ଉଇଁ କୁନ୍ତଳା କୁମାରୀ ନିଜକୁ କେବଳ ବିଭୁଭକ୍ତିର ଚତୁଃସୀମାରେ ଆବଦ୍ଧ ରଖି ନ ଥିଲେ, ବରଂ ତାଙ୍କ ଲେଖନୀରେ ଦେଶପ୍ରେମ ବ୍ୟଞ୍ଜକ ଜ୍ୱାଳାମୟୀ ବାଣୀ ନିର୍ଗତ କରିଥିଲେ। ବିଭୁଭକ୍ତି ଓ ଦେଶଭକ୍ତି କୁନ୍ତଳା କୁମାରୀଙ୍କ କବିତାର ପ୍ରାଣ ଥିଲା। ତାଙ୍କ ଜୀବନ ଥିଲା ଭକ୍ତିଯୋଗ ଓ କର୍ମଯୋଗର ଅପୂର୍ବ ସମ୍ମେଳନ। ବଳିତା ପରି ନିଜେ ଜଳି ଜଳି ଅନ୍ୟକୁ ସେ ଆଲୋକିତ କରିଥିଲେ। ପିଲାଦିନ ଏକ ଅଣଓଡ଼ିଆ ଅଞ୍ଚଳରେ କଟିଥିଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଅଶେଷ ଅନୁରାଗବଶତଃ ଘରୋଇ ଭାବେ ଓଡ଼ିଆଭାଷା ଶିକ୍ଷା କରିଥିଲେ। ସେହି ମହୀୟସୀ ବାଗ୍ମୀ କୁନ୍ତଳା ୧୯୦୧ ମସିହା ଫେବୃୟାରୀ ୮ରେ ଏକ ଶୁଭ ସନ୍ଧିକ୍ଷଣରେ ଅନନ୍ୟା ଧୀଶକ୍ତିସମ୍ପନ୍ନା ଗୁଣନେଇ ଜନ୍ମ ହୋଇଥିଲେ ବିଚ୍ଛିନ୍ନାଞ୍ଚଳ ଉତ୍କଳର ସ୍ୱତନ୍ତ୍ର ଗଡ଼ଜାତ ବସ୍ତରରେ। ପିତା ଦାନିଏଲ୍ ଥିଲେ ବର୍ମାରେ ଡାକ୍ତର। ମାତା ଥିଲେ ମଣିକା ସାବତ୍। ନିଜ ପାରିବାରିକ ଦୁର୍ଘଟଣା ଯୋଗୁ କୁନ୍ତଳା ତାଙ୍କ ଭଉଣୀଙ୍କ ସହ ଖୋର୍ଦ୍ଧା ଚାଲିଆସି ତାଙ୍କ ଜେଜେମା' ଓ ଜେଜେବାପାଙ୍କ ସହ ଖୋର୍ଦ୍ଧାରେ ରହୁଥିଲେ। ସତୀର୍ଥ ଖୋର୍ଦ୍ଧାମାଟିର ଆକର୍ଷଣ ତାଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରିଥିଲା। ବିଶେଷତଃ ଖୋର୍ଦ୍ଧାର ନାରୀମାନଙ୍କ ସହ ତାଙ୍କ ପ୍ରତି ଥିବା ଅକପଟ ସ୍ନେହ ଓ ସହାନୁଭୂତି ତାଙ୍କୁ ବିମୋହିତ କରିଥିଲା। ସେ ସମ୍ପର୍କରେ ନିଜର ଅଭିମତ ଦେଇ ସେ କହିଥିଲେ "ସ୍ୱର୍ଗର ଦେବୀ ଯଦି କେହି କଳ୍ପନା କରିଥାଏ, ତାହା ମୁଁ ସେଇଠି (ଖୋର୍ଦ୍ଧାରେ) ଦେଖିଛି।" ପରେ ଅନୁରାଗ ଅତିଶୟ ଯୋଗୁ ଖୋର୍ଦ୍ଧାର ଇତିହାସ ବିଜଡ଼ିତ ପ୍ରସିଦ୍ଧ ବରୁଣେଇ ପାହାଡ଼ ତଳେ ଏକ ନାରୀ ଶିକ୍ଷାମନ୍ଦିର ପ୍ରତିଷ୍ଠା କରିବା ପାଇଁ ଅଭିଳାଷ ପୋଷଣ କରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। କଟକ ମେଡିକାଲ ସ୍କୁଲର ପ୍ରତିଯୋଗିତା ପରୀକ୍ଷାରେ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ରେ ସେ ଡାକ୍ତରୀ ପଢ଼ାରେ ନାମ ଲେଖାଇଲେ। ଜଣେ ଝିଅ ହିସାବରେ ସେ ପ୍ରଥମ କରି ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ୧୯୨୧ରେ ବିହାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ମେଡିକାଲ ବୋର୍ଡ ପରୀକ୍ଷାରେ ସବୁ ବିଷୟରେ ପ୍ରଥମ ହୋଇ ସର୍ବୋଚ୍ଚ ନମ୍ବର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ୧୬ଟି ସ୍ୱର୍ଣ୍ଣ ଓ ରୌପ୍ୟପଦକ ପୁରସ୍କାର ପାଇଥିଲେ। କେନ୍ଦ୍ରାପଡ଼ା ନିବାସୀ ଦିଲ୍ଲୀର ଡାକ୍ତରୀ ବନ୍ଧୁ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହିତ ୧୯୨୮ ଅଗଷ୍ଟ ୮ ଶ୍ରାବଣମାସ କୃଷ୍ଣ ସପ୍ତମୀରେ ବୈଦିକ ଆଶ୍ରମରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା।

**ଜୟନ୍ତୀ ଉପଲକ୍ଷେ**



ତାଙ୍କୁ ଜୀବନରେ କବି ହେବାର ପ୍ରେରଣା ଯୋଗାଇ ଦେଇଥିଲା ରେଭେନ୍ସା ବାଳିକା ବିଦ୍ୟାଳୟରୁ ବିଦାୟକାଳୀନ ସ୍ୱରଚିତ କବିତା। ତାଙ୍କର ସେହି କବିତାଟି ଶିକ୍ଷୟିତ୍ରୀ, ଶିକ୍ଷାୟତନର ଛାତ୍ରୀ ଓ କର୍ମଚାରୀମାନଙ୍କ ମହଲରୁ ବହୁ ପ୍ରଶଂସା ଆଣି ଦେଇଥିଲା। ତାଙ୍କ ଦ୍ୱାରା ରଚିତ କବିତାଗୁଡ଼ିକ ମଧ୍ୟରୁ ପ୍ରଥମ କବିତା 'ତାରା ପ୍ରତି' ବିଶ୍ୱନାଥ କରଙ୍କ ସମ୍ପାଦନରେ ପ୍ରକାଶ ପାଉଥିବା ଉତ୍କଳ ସାହିତ୍ୟ ପତ୍ରିକାରେ ୧୯୧୭ରେ ପ୍ରକାଶ ପାଇଥିଲା। "ଶେଫାଳି ପ୍ରତି, କମଳ ପ୍ରତି ଓ ପୂଜା" ନାମକ ତିନିଗୋଟି କବିତା ତାଙ୍କର ପ୍ରତିଭା ଓ ରଚନାତ୍ମକ ନିର୍ଭୁଲତା ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ସାବଲୀଳ ଭାବଚାତୁରିକୁ ଉପସ୍ଥାପନ କରିବାରେ ଏକ ସଫଳ କୃତି। ଗଙ୍ଗା ମନ୍ଦିର ଘରବାଡ଼ିପଟର କ୍ଷୁଦ୍ର ଗଙ୍ଗଶିଉଳି ଫୁଲକୁ ନେଇ ପରମାର୍ଥକ ବିନା ଧାରାରେ ଆତ୍ମ ବିବାହର କବିଙ୍କ ଲେଖନୀରୁ ଆତ୍ମ ପ୍ରକାଶ କରିଥିଲା କବିତା 'ଶେଫାଳି ପ୍ରତି'। ତାଙ୍କ ବେଦନାସିକ୍ତ ମାର୍ମିକ ପଂକ୍ତି ହେଲା –

"ମାଟିରେ ମିଶିବୁ ତୁହି
ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମା ଫୁଲ
ନ ଯିବରେ ମଉଳି
ତେଣୁ ଆଶାବହି ଦିନକାଟେ
ଆରେ ଗଙ୍ଗଶିଉଳି।"

ସାରସ୍ୱତ ସାଧନାର ଆଦ୍ୟ ବିକାଶକାଳ ୧୯୨୧ରୁ ୧୯୨୮ ମଧ୍ୟରେ "ଅଞ୍ଜଳି, ଅର୍ଚ୍ଚନା, ଉତ୍‌ଚ୍ଛ୍ୱାସ, ସ୍ଫୁଲିଙ୍ଗ" ଆଦି କବିତା ପୁସ୍ତକ ସହ ଭ୍ରାନ୍ତି, ନତୁଣ୍ଡି, ପରଶମଣି, କାଳୀବୋହୂ ଇତ୍ୟାଦି ଉପନ୍ୟାସମାନ ରଚନା କରି ସେ ଉଭୟ କାବ୍ୟ ଓ କଥାସାହିତ୍ୟରେ ବିପୁଳ ପ୍ରତିଷ୍ଠା ଅର୍ଜନ କରିଥିଲେ। ନିଜର କାମନା କବିତାରେ ଏକ ଭାବରାଜିର ମନୋଜ୍ଞ ବିଳାସରେ କବି ପରମେଶ୍ୱରଙ୍କ କରୁଣା ଭିକ୍ଷା କରି ଗାଇଛନ୍ତି –

"ଦୁଃଖ ମୋର ବନ୍ଧୁ, ଦୁଃଖ ମୋର ସଖା
ଦୁଃଖ ମୋ ହୃଦୟେ ବସି
ଅର୍ଚ୍ଚନା ମନ୍ଦିରେ ହୃତବେଦୀ ପରେ
ଦୁଃଖ ମୋର ଫୁଲରାଶୀ।"

ମାତ୍ର ୩୮ ବର୍ଷ ବୟସରେ ଦେଶଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ଦେଶ ଓ ଦଶର ନେତୃତ୍ୱ ନେଇ ବହୁମୁଖୀ କାର୍ଯ୍ୟକ୍ରମ ଦକ୍ଷତାର ସହ ସମ୍ପାଦନ କରୁଥିବା ବେଳେ କାଳର ଶିକାର ହୋଇଥିଲେ। ତାଙ୍କର ପଞ୍ଚଭୂତ ଶରୀର ପଞ୍ଚତତ୍ତ୍ୱରେ ବିଲୀନ ହୋଇଥିଲା। ଜୀବନ ଥିଲା ସାହିତ୍ୟ, ଜଣେ ଓଡ଼ିଆଣୀ ଭାବେ ଗର୍ବ କରୁଥିବା ବିପ୍ଳବିନୀ କୁନ୍ତଳାଙ୍କ ଭିତରେ ଓଡ଼ିଆତ୍ୱର ମୌଳିକତା ବୁଡ଼ି ରହିଥିଲା। ଏଭଳି ଏକ ବିସ୍ମୟ ପ୍ରତିଭା ଉତ୍କଳମାତାର କୋଳମଣ୍ଡନ କରି ନିର୍ବିକାର ଭାବରେ ଯେଉଁ ଅପୂର୍ବ ଅବଦାନ ରଖିଯାଇଛନ୍ତି, ତାହା ଜାତି ଇତିହାସରେ କାଳ କାଳ ପାଇଁ ଲିପିବଦ୍ଧ ହୋଇ ରହିଥିବ। ଆଜି ଜନ୍ମ ଜୟନ୍ତୀରେ ସେହି ମହୀୟସୀ ମହିଳା ତଥା କବି ଏବଂ ସାହିତ୍ୟର ସାରସ୍ୱତ ସାଧିକାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

**ସମ୍ପାଦକ, 'ମାର୍ଗଦର୍ଶୀ'**
**ଭଗତଲେନ୍, ମେନ୍‌ରୋଡ୍, ଖୋର୍ଦ୍ଧା**
**ମୋ:୬୩୭୦୬୭୫୫୬୨**

## ଏଇ ଭାରତରେ

ଛୋଟ ଚାକିରିରେ ସନ୍ତୁଷ୍ଟି ବା ଜବ୍ ସାଟିସ୍‌ଫିକେଶନ କେତେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ତାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ବିବେକଙ୍କ କ୍ଷେତ୍ରରେ। ବିବେକ ପ୍ରଥମେ ଦିଲ୍ଲୀ ପୋଲିସରେ ହାବିଲଦାର ଥିଲେ ଓ ପରେ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ ପରୀକ୍ଷା ଦେଇ ବିଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହୋଇଥିଲେ। କିନ୍ତୁ ଚାକିରି ସନ୍ତୁଷ୍ଟି ନ ପାଇ ପୁଣି ଆସିଲେ ହାବିଲଦାରକୁ। ବିବେକ ହାବିଲଦାର (ମିନିଷ୍ଟରିଆଲ) ଭାବରେ ଦିଲ୍ଲୀ ପୋଲିସ ଏକାଡେମୀରେ ନିଯୁକ୍ତ ହୋଇଥିଲେ। ପରେ ସେ ସିଏପିଏଫ୍‌ରେ ମନୋନୀତ ହୋଇ ବିଏସ୍‌ଏଫ୍‌ରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିଲେ। ପରେ ସେ ଦିଲ୍ଲୀ ପୋଲିସରୁ ଇସ୍ତଫା ଦେଇ ବିଏସ୍‌ଏଫ୍‌ରେ ପ୍ରଶିକ୍ଷଣ ନେବା ଆରମ୍ଭ କଲେ। କିନ୍ତୁ ହାବିଲଦାର କାମର ସନ୍ତୁଷ୍ଟି ସେଥିରେ ପାଇପାରିଲେ ନାହିଁ। ଏଥିପାଇଁ ୨୦ ଜାନୁୟାରୀ ୨୦୨୩ରେ ବିଏସ୍‌ଏଫ୍‌ରୁ ଇସ୍ତଫା ଦେବା ପରେ ସିସିଏସ୍ ପେନ୍‌ସନ ନିୟମ ଅନୁଯାୟୀ ଦିଲ୍ଲୀ ପୋଲିସ୍‌ରେ ପୁଣି ଯୋଗଦେବାକୁ ଆବେଦନ କରିଥିଲେ। ଦିଲ୍ଲୀ ପୋଲିସ ତାଙ୍କ ଆବେଦନକୁ ବି ଗ୍ରହଣ କରିଥିଲେ। ବିବେକ ଗେଜେଟେଡ ଅଫିସର ଚାକିରି ଛାଡ଼ି ପୁଣି ହାବିଲଦାର ଚାକିରିରେ ଯୋଗ ଦେବା ଚର୍ଚ୍ଚାର ବିଷୟ ପାଲଟିଛି। ସୋସିଆଲ ମିଡିଆରେ ଦିଲ୍ଲୀ ପୋଲିସର ଚିଠି ମଧ୍ୟ ଭାଇରାଲ ହୋଇଛି। ତାଙ୍କୁ ଦିଲ୍ଲୀ ପୋଲିସ ଏକାଡେମୀ, ଝୌଦୋଡା କାଲାନରେ ପୋଷ୍ଟିଂ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଫେବୃୟାରୀ ୧୯୯୮

- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୁଟା ସିଂ କଂଗ୍ରେସ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ।
- ଶତାଧିକ ବରଯାତ୍ରୀଙ୍କୁ ନେଇ ବିବାହ ଉତ୍ସବରୁ ଫେରୁଥିବା ଏକ ଡଙ୍ଗା ମନ୍ଦିରା ଡ୍ୟାମ୍‌କୁ ଖସିପଡ଼ିବାରୁ ୩୨ ଜଣଙ୍କ ମୃତ୍ୟୁ।
- ଉତ୍ତର ପ୍ରଦେଶର ଫୈଜାବାଦ ନିକଟ ସରାଇରାସି ଗ୍ରାମରେ ଏକ କୋଠାଘର ବାଲକୋନି ଭୁଶୁଡ଼ି ପଡ଼ିବା ଫଳରେ ୬ ବାଳିକାଙ୍କ ସମେତ ୧୧ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନତାଙ୍କ ରୋଷ କାହିଁକି

ମହାଶୟ,

ଭାରତ ସ୍ୱାଧୀନତା ପାଇବାର ଦୀର୍ଘ ୭୫ ବର୍ଷ ଅତିକ୍ରାନ୍ତ ହେଲାଣି, ଅଥଚ ଦେଶ ତଥା ଦେଶବାସୀଙ୍କର ବିକାଶ ହୋଇପାରିଲା ନାହିଁ। କିଏ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ବିଶୁଦ୍ଧ ପାନୀୟଜଳ ନ ପାଇ ଜୀବନଯାପନ କରୁଥିବା ବେଳେ ଦେଶର ଭାଗ୍ୟ ବିଧାତାଗଣ ଶହ ଶହ କୋଟି ଟଙ୍କାର କଳାଧନ ଠୁଳ କରି ବିଳାସବ୍ୟସନପୂର୍ଣ୍ଣ ଜୀବନଯାପନ କରୁଛନ୍ତି। ସରକାର ପ୍ରତିଦିନ ଦେଶର ଅନେକ କୋଟି ଲୋକଙ୍କଠାରୁ ବିଭିନ୍ନ ପ୍ରକାର ଟିକସ ବାବଦକୁ ହଜାର ହଜାର କୋଟି ଟଙ୍କା ଆଦାୟ କରୁଛନ୍ତି, କିନ୍ତୁ ଏହାର ସିଂହଭାଗ ଦେଶର ମୁଷ୍ଟିମେୟଙ୍କ ପକେଟକୁ ଚାଲିଯାଉଛି। ଦୁର୍ନୀତି, ଭ୍ରଷ୍ଟାଚାର ଓ ସାମ୍ବିଧାନିକ ଅବ୍ୟବସ୍ଥା ପାଇଁ ଏସବୁ ହେଉଛି। ଅସାଧୁ ନେତା କଣ୍ଟ୍ରାକ୍ଟର ଓ କମ୍ପାନୀମାଲିକଙ୍କଠାରୁ ମୋଟାଅଙ୍କର ଲାଞ୍ଚ ନେଉଛନ୍ତି। ଏଥିପାଇଁ ସବୁ କାମ ନିମ୍ନମାନର ହେଉଛି। ଆତ୍ମସ୍ୱାର୍ଥାନ୍ଧ ନେତାଗଣ କ୍ଷମତା ପାଇବା ପରେ ନିଜ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି କେବଳ କଳାଧନ ଠୁଳ କରିବାରେ ବ୍ୟସ୍ତ ରହୁଛନ୍ତି। ନୀତିଆଦର୍ଶ ଓ ସେବାଭାବ ନ ଥିବା ଅପରାଧୀମାନେ ବି ବିଧାନସଭା ଓ ସଂସଦର ସଦସ୍ୟ ହେଉଛନ୍ତି। ଗୋଟିଏ ପରିବାରର ଏକାଧିକ ସଦସ୍ୟ ଏମ୍‌ପି ଓ ବିଧାୟକ ହେଉଛନ୍ତି। ବର୍ଷ କେଇଟାରେ ଏମାନଙ୍କ ବହୁ କୋଟି ଟଙ୍କାର ସ୍ଥାବରଅସ୍ଥାବର ସମ୍ପତ୍ତିକୁ ଦେଖି ଜନତା ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏଭଳି ନେତାନେତ୍ରୀଙ୍କୁ ଜନତା ଭଲପାଇବେ କି?

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ବିକଳ ପ୍ରାଣେ ବେଦନା ପ୍ରାସ
ସରମ ଚାରୁ ଚପଳ ହାସ
ଆସ ଗୋ ଆସ ଭୀତି ତରାସ ରଙ୍ଗିଣୀ
ଆସ ଗୋ ହୃଦ ଅଭୟ ଧାରା ସଙ୍ଗିନୀ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଫେବୃୟାରୀ, ୨୦୨୩



## ଆଜି କ'ଣ କେଉଁଠି

ଯାଜପୁର

- ଯାଜପୁର ଜିଲା ମହୋତ୍ସବ ସଙ୍ଗମ ଓ ପଲ୍ଲୀଶ୍ରୀ ମେଳା-୨୦୨୩ ଉଦ୍‌ଘାଟନ ଉତ୍ସବ। ସ୍ଥାନ- ଯାଜପୁର, ବାଳାଶ୍ରମ ପଡ଼ିଆ। ସମୟ-ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମଧୁସୂଦନଙ୍କ ମହାପ୍ରୟାଣ ଦିବସ

ଚଣ୍ଡିଖୋଲ,୭।୨(ଡି.ଏନ.ଏ): ଚଣ୍ଡିଖୋଲ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। କୋର୍ଟର ସବ୍ ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ବିଚାରପତି ପରବିନ୍ ମଣ୍ଡଳ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଯୋଗଦେଇ କୋର୍ଟ ପରିସରରେ ଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାସଙ୍କ ସମେତ ସମସ୍ତ ଆଇନଜୀବୀ ଯୋଗଦେଇ ଓଡ଼ିଶାର ଆଇନ ସେବା ପ୍ରତି ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

### ସ୍ୱାମିଜୀଙ୍କ ଜୟନ୍ତୀ ପାଳିତ

ଯାଜପୁର ଟାଉନ,୭।୨(ଡି.ଏନ.ଏ.): ଯାଜପୁର ସହରର ରାମକୃଷ୍ଣ ବିବେକାନନ୍ଦ ସଂଘ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ଜାତୀୟ ଯୁବଦିବସଭାବେ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ରାମକୃଷ୍ଣ ବିବେକାନନ୍ଦ ସଂଘ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘ ସମ୍ପାଦକ ଯଯାତି କେଶରୀ ଦାସ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ରାମକୃଷ୍ଣ ମଠ ମିଶନ, ଭୁବନେଶ୍ୱରରୁ ଆସିଥିବା ମହାରାଜ ଆରିଆନନ୍ଦଜୀ, ଅଭୟାନନ୍ଦଜୀ ମହାରାଜ, କୋଠାର ଉପକେନ୍ଦ୍ରରୁ ଆସିଥିବା ମହାରାଜ ବାସୁପ୍ରଦା ନନ୍ଦଜୀ ପ୍ରମୁଖ ବରିଷ୍ଠ ଅବତାର ଶ୍ରୀରାମକୃଷ୍ଣ, ମା'ଶାରଦାଦେବୀ ଓ ବିବେକାନନ୍ଦଙ୍କ ଆଧାତ୍ମିକ ଚେତନା ଏବଂ ବେଦାନ୍ତ ସାର କଥାମାନ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନ ଶେଷରେ ସଂଘର ବରିଷ୍ଠ ସଦସ୍ୟ ଜୟନ୍ତ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ତର୍କ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାଗ୍ମିତା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପରେ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରଶ୍ନର ସନ୍ୟାସୀମାନେ ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ମୁଖ୍ୟ ବକ୍ତାଭାବେ ପ୍ରାଧାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ସମଗ୍ର ବିଶ୍ୱ ଆଜି ସ୍ୱାମୀଜୀଙ୍କ ଦର୍ଶନକୁ ନେଇ ଗବେଷଣା ଜାରି ରଖିଛନ୍ତି ବୋଲି କହିଥିଲେ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର, ଉପଢ଼ୌକନ ଓ ପୁସ୍ତକ ପ୍ରଦାନ କରାଯାଇଥିଲା। ସଂଘର ଅନ୍ୟତମ ବରିଷ୍ଠ ସଦସ୍ୟା ତଥା ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ। ସଂଘ ବରିଷ୍ଠ ସଦସ୍ୟ ପ୍ରାଧାପକ ଜ୍ଞାନଚାନ୍ଦ ଦାସ ଉଭୟ ଅଧିବେଶନର ସଞ୍ଚାଳନ କରିଥିଲେ। ଅନ୍ୟତମ ସଦସ୍ୟ ରଜତ ବୋଷ, ସ୍ନେହାଶିଷ ବୋଷ, ଶ୍ରୀମନ୍ତ ସରଖେଲ, ପ୍ରବୀର ରାୟ, ନିଶିଥ ଦାସ, କିଶୋର କର, କିଶୋର ନାୟକ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ମହିଳା କାଉନ୍‌ସିଲର ହେମାଙ୍ଗିନୀ ଦାସ ମହାନ୍ତି, ରାଜୀବ ବେହେରା ଓ ସରିତା ଖୁଣ୍ଟିଆ ଉଭୟ ଅଧିବେଶନରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

# ଐତିହ୍ୟ, ଗୌରବକୁ ଅଣଦେଖା

- ଯଯାତି ବଦଳରେ ସଙ୍ଗମ
- ଆଜିଠୁ ଯାଜପୁର ଜିଲା ମହୋତ୍ସବ



ଯାଜପୁର ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ମଞ୍ଚ।

ଯାଜପୁର ଅଫିସ,୭।୨ :

ଯାଜପୁରର ଐତିହ୍ୟ ଓ ଗୌରବର ପ୍ରତୀକ ଯଯାତି କେଶରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଯଯାତି' ନାମରେ ଯାଜପୁର ଜିଲା ମହୋତ୍ସବର ନାମକରଣ ହୋଇଥିଲା। ୨୦୧୬ରେ ତତ୍କାଳୀନ ଜିଲାପାଳ ତଥା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସତ୍ୟକୁମାର ମଲ୍ଲିକଙ୍କ ଏହି ପ୍ରସ୍ତାବକୁ ଗୃହୀତ କରାଯାଇ ଯଯାତିଙ୍କ ନାମରେ ଲୋକ ମହୋତ୍ସବ ଆୟୋଜନ ହୋଇ ଆସୁଥିଲା। ହେଲେ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଘଟିଛି। ବୁଧବାର ଠାରୁ ଯାଜପୁର ବାଳାଶ୍ରମ ପଡ଼ିଆରେ ହେବାକୁ ଥିବା ମହୋତ୍ସବର ନାମକରଣକୁ ପରିବର୍ତ୍ତନ କରାଯାଇ ସଙ୍ଗମ ଓ ପଲ୍ଲୀଶ୍ରୀ ମେଳା-୨୦୨୩ ରଖାଯାଇଛି। ନିମନ୍ତ୍ରଣ ପତ୍ରରେ ଯଯାତିଙ୍କ ନାମକୁ ବାଦ ଦେବା ଘଟଣାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି । ସେହିପରି ଜିଲା ତଥା ଜିଲା ବାହାରର ସାହିତ୍ୟ, ସଂସ୍କୃତି, କଳା, ସାମ୍ବାଦିକତା, ସ୍ତମ୍ଭଲେଖା, ସମାଜସେବା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଉଥିବା ବ୍ୟକ୍ତିଙ୍କୁ ଯାଜପୁର ଗୌରବ ସମ୍ମାନ ଦିଆଯିବ ବୋଲି ପ୍ରସ୍ତୁତି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ହେଲେ ତାହାକୁ ମଧ୍ୟ ପ୍ରଶାସନ ପକ୍ଷରୁ ବାତିଲ କରିବା ଏବଂ ବଲିଉଡ କଳାକାରଙ୍କୁ ଗୁରୁତ୍ୱ ଦେବା ନିଶ୍ଚିତ ଭାବେ ଦୁଃଖଦାୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଯାଜପୁର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଫେବୃୟାରୀ ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲା ମହୋତ୍ସବ ସଙ୍ଗମ ଓ ପଲ୍ଲୀଶ୍ରୀ ମେଳା ଯାଜପୁର ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଭିଡିଓ କନଫରେନ୍ସି ମାଧ୍ୟମରେ ବୁଧବାର ସନ୍ଧ୍ୟା ୬ଟାରେ ଏହାର ଉଦ୍‌ଘାଟନ କରିବେ। ଏହି ଅବସରରେ ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ହେଲେ ଯାଜପୁର ଜିଲାର ଗୌରବ ଏବଂ ଐତିହ୍ୟକୁ ଏଠାରେ ପାଦତଳେ ଚାପି ଦେଇଥିବା ଚର୍ଚ୍ଚା ହେଉଛି। ଐତିହ୍ୟ ଭରା ଓ ସଂସ୍କୃତି ସମ୍ପନ୍ନ ଜିଲାର ମହତ୍ୱକୁ ଜିଲା ପ୍ରଶାସନ ବୁଝି ନ ପାରି ପରାମର୍ଶଦାତା ମଣ୍ଡଳୀର ମତାମତକୁ ଉପେକ୍ଷା କରିଛନ୍ତି। ଏ ଯେଉଁ ଆୟୋଜନ ହେଉଛି ତାହା କାହା ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ବହୁ ଗୁଣୀ ଜ୍ଞାନୀ ବ୍ୟକ୍ତି ପୂର୍ବତନ ପରିଷଦ ସଦସ୍ୟ ଅଛନ୍ତି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପୂର୍ବବର୍ଷରେ ନିମନ୍ତ୍ରଣ ପତ୍ର ଦିଆଯାଉଥିଲା। କିନ୍ତୁ ଚଳିତ ବର୍ଷ ଏ କ୍ଷେତ୍ରଟିକୁ ଅବହେଳା କରାଯାଇ ଥିବାରୁ ଅସନ୍ତୋଷ ଦେଖା ଯାଇଛି।

ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା କୁହନ୍ତି, ସାଂସ୍କୃତିକ ମଞ୍ଚର ନାମ ସଙ୍ଗମ ରଖାଯିବା ନେଇ ବହୁ ସଂସ୍କୃତିବିତ୍ ନାପସନ୍ଦ କରୁଛନ୍ତି। ସଂସ୍କୃତି ପରିଷଦର ଏକ ବୈଠକ ଡକାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଗଲା । ହେଲେ ସେହିସବୁ ନିଷ୍ପତ୍ତିକୁ ଏକଚାଟିଆ ଭାବେ ବାତିଲ କରାଯାଇଛି। ପ୍ରଶାସନ ଯଦି ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବେ ତେବେ ପରିଷଦରେ ଥିବା ଗୁଣୀ, ଜ୍ଞାନୀମାନଙ୍କୁ ନେଇ ବୈଠକ ଡକାଯାଉଛି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। କମିଟିରେ ଥିବା ୨ ଜଣ ସଦସ୍ୟ ସମ୍ବର୍ଦ୍ଧନା ପାଇଁ ଚାପ ସୃଷ୍ଟି କରିବାରୁ ପ୍ରଶାସନ ବିରକ୍ତି ପ୍ରକାଶ କରି ନବରତ୍ନ ସମ୍ମାନ ଦେବା ବନ୍ଦ କରିଛନ୍ତି। ଏଠି ପ୍ରଶାସନ ନିରପେକ୍ଷତାକୁ ଅବଲମ୍ବନ ନ କରି ସାମାନ୍ୟ କଥାରେ ଏତେବଡ ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟକ୍ରମଟିକୁ ବାତିଲ କରିବା ଆଦୌ ଠିକ୍ ନୁହେଁ । କୋଟି କୋଟି ଟଙ୍କା ଖର୍ଚ୍ଚକରି ସିନେ ତାରକାଙ୍କୁ ଆଣିବା ଏବଂ ସେମାନଙ୍କୁ ନେଇ ଗର୍ବ କରିବା ନିହାତି ଦୁଃଖଦାୟକ ବୋଲି ପଣ୍ଡା କହିଛନ୍ତି।

ସାହିତ୍ୟିକା ତଥା ସଂସ୍କୃତି ପରିଷଦର ସଭ୍ୟା ସଂଯୁକ୍ତା ମହାପାତ୍ର କୁହନ୍ତି, ଲୋକ ମହୋତ୍ସବରେ ଜିଲାର ଗୁଣୀଜ୍ଞାନୀ ଏବଂ ପ୍ରତିଭାଧାରୀମାନଙ୍କୁ ସମ୍ମାନୀତ କରାଯାଇ ଆସୁଥିଲା। କିନ୍ତୁ ଚଳିତ ବର୍ଷ ଏହାକୁ ବାଦ୍ ଦେବା ଯୋଗୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଯାଜପୁର ଅତୀତରେ ୪୦୦ ବର୍ଷ ଧରି ଓଡ଼ିଶାର ରାଜଧାନୀ ଥିଲା। ତେଣୁ ଯାଜପୁରର ନାମ ଉଚ୍ଚାରଣ କରିବା ବେଳେ ସମ୍ରାଟ ଯଯାତି କେଶରୀ ମନେ ପଡନ୍ତି। ତେଣୁ ଯଯାତିଙ୍କ ନାମ ସହିତ ସଙ୍ଗମକୁ ଯୋଡି ମହୋତ୍ସବର ନାମକରଣ ହୋଇଥିଲେ ଅଧିକ ସ୍ୱାଗତଯୋଗ୍ୟ ହୋଇଥାନ୍ତା। ଏ ସଂକ୍ରାନ୍ତରେ ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକ ମହୋତ୍ସବରେ ଲୋକାର୍ପିତ ହେବାକୁ ଥିବା ଗବେଷଣାମୂଳକ ପୁସ୍ତକର ନାମକରଣ ଯଯାତି ରହିଛି। ଲୋକ ମହୋତ୍ସବର ନାମକରଣ ସଙ୍ଗମ ଓ ପଲ୍ଲୀଶ୍ରୀ ମେଳା- ୨୦୨୩ ରଖାଯାଇଛି। ପ୍ରତିଭାଧାରୀଙ୍କୁ ସମ୍ମାନିତ କରିବା ବିଷୟରେ ସେ କିଛି କହି ପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

## ଫ୍ରେଣ୍ଡ୍‌ସ ଲିଗ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ବିଞ୍ଝାରପୁର,୭।୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଉତ୍ତରକୂଳ ପଞ୍ଚାୟତ ଜିସି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ଫ୍ରେଣ୍ଡସ ଲିଗ୍ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ବିଭୂତିଭୂଷଣ ନାଥଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସୁନ୍ଦରପୁର ଓ ମୁଣ୍ଡୁହତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଣ୍ଡୁହତା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସୁନ୍ଦରପୁର ୮ ଓଭରରେ ୮ ଉଇକେଟ ହରାଇ ୬୦ ରନ କରିଥିଲାବେଳେ ମୁଣ୍ଡୁହତା ୬ ଓଭରରେ ୧ ଉଇକେଟ ହରାଇ ୬୧ ରନ କରି ଚାମ୍ପିୟନ ହୋଇଥିଲା। ସୁରେନ୍ଦ୍ର ବେହେରା, ବିନୟ ନାଥ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲିକ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି, ସରପଞ୍ଚ ପ୍ରୀତିକ୍ରିଷ୍ଣା ଜେନା ଓ ସାମାଜିକ କର୍ମୀ ସୁରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଦଳକୁ ଟ୍ରଫିସହ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ସରୋଜ ସାହାଣୀଙ୍କୁ ସମ୍ମାନିତ କରାଯାଇଥିଲା। କ୍ରିତିକ ସାହୁ, ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, ଜିତେନ୍ଦ୍ର ଯେନା, ସନ୍ତୋଷ ଦାସ, ନାରାୟଣ ନାଥ, ରାଜେଶ ମହାପାତ୍ର, ସୋମ୍ୟ ନାୟକ, ଅଶୋକ ବାଇ ଓ ଶକ୍ତିକାନ୍ତ ନାଥ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ଅଧିବେଶନ



ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୭।୨(ଡି.ଏନ.ଏ.): ଧର୍ମଶାଳା ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ଅଧିବେଶନ ମଙ୍ଗଳବାର କଳ୍ପତରୁ ଷ୍ଟାଡିୟମ ପରିସର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମାନଗୋବିନ୍ଦ ବରାଳ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହା ଉପରେ ଅଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଥିଲା। ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ୨୦୨୩/୨୪ ଆର୍ଥିକ ବର୍ଷ ପାଇଁ ୫ମ ରାଜ୍ୟ ଅର୍ଥ କମିଶନ ଓ ୧୫ ଦଶ କେନ୍ଦ୍ର ଅର୍ଥ କମିଶନର ବ୍ଲକ ଉନ୍ନୟନ ପାଣ୍ଠି ପାଇଁ ସରପଞ୍ଚ ଓ ସମିତିସଭ୍ୟମାନେ ପ୍ରକଳ୍ପ ତାଲିକା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଉତ୍ତରରେ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା ଓ ଭଗୀଧର ସେଠୀ ଜଳ ଯୋଗାଣକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ସରପଞ୍ଚ ସୁଦାମ ଚରଣ ବେହେରା, ଫକୀରଚରଣ ମିଶ୍ର, ପ୍ରଶାନ୍ତ ଦାସ, କୁମୁଦିନୀ ମହାନ୍ତି, ସମିତିସଭ୍ୟା ସାଗରିକା ଜେନା, ଅନ୍ନପୂର୍ଣ୍ଣା ସାହୁ, କ୍ଷୀରାବ୍ଦୀ ତନୟା ମଲିକ ଓ ସମିତିସଭ୍ୟ ଅରୁପାନନ୍ଦ ଜେନା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତହସିଲଦାର ସ୍ୱାଗତ ଦାସ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଉପସ୍ଥିତ ଥିଲେ। ଏବିଡିଓ ଅଶିତ ପାତ୍ର ଧନ୍ୟବାଦ ଦେଇଥିଲେ।

## ଉଜ୍ଜ୍ୱଳା ଦିଦିଙ୍କ ସମସ୍ୟାକୁ ନେଇ ବୈଠକ

ଯାଜପୁର ରୋଡ,୭।୨(ଡି.ଏନ.ଏ.): ବ୍ୟାସନଗର ଉଜ୍ଜ୍ୱଳା ଯୋଜନାରେ ସମ୍ପୃକ୍ତ ମହିଳାଙ୍କ ଏକ ବୈଠକ ହିଙ୍ଗୁଳା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ୟାସନଗର ଓ କୋରେଇ ଉଜ୍ଜ୍ୱଳା ଦିଦି ମାନଙ୍କର ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଢ଼ାଯାଇ ଆଗାମୀ ରାଜ୍ୟସ୍ତରୀୟ ସମାବେଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଗାମୀ ୧୨ରେ ହେବାକୁ ନିଷ୍ପତ୍ତି ନିଆଯାଇଛି। ଉଜ୍ଜ୍ୱଳା ଦିଦିଙ୍କ ସମସ୍ୟା ଓ ପୂର୍ବରୁ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଆଲୋଚନା ପାଇଁ ଭୁବନେଶ୍ୱରର ସୁମିତ୍ର ମହାପାତ୍ର ବୈଠକରେ ସୂଚନା ଦେଇଥିଲେ। ବୈଠକରେ ବିଜୟ ଲକ୍ଷ୍ମୀ ପଣ୍ଡିତ, ମନୋରମା ମଲ୍ଲିକ, କାଦମ୍ବିନୀ ସେନାପତି, ସବିତା ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୨ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ପ୍ରଦାନ


ଅତିଥି ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରୁଛନ୍ତି।

ରସୁଲପୁର,୭।୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ଓ ରାହାମ୍ବା ପଞ୍ଚାୟତର ୨ ଦିବ୍ୟାଙ୍ଗ ବାଳକଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ବିଡିଓ ଅବନିକାନ୍ତ ସାହୁ, ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ସମିତିସଭ୍ୟା ମାମି ମହାନ୍ତି ଯୋଗଦେଇ ଦିବ୍ୟାଙ୍ଗ ନାବାଳକଙ୍କୁ ସାଇକେଲ ପ୍ରଦାନ କରିଥିଲେ।

ରାହାମ୍ବା ପଞ୍ଚାୟତର ଦିବ୍ୟାଙ୍ଗ ସୋମନାଥ ମଲିକ ୬ଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି। ତାଙ୍କର ଗୋଟିଏ ଗୋଡ ନ ଥିବାରୁ ସେ ବିଦ୍ୟାଳୟକୁ ଯାଆସ କରିବାରେ ଅସୁବିଧାର ସମ୍ମୁଖିନ ହେଉଥିଲେ। ତେଣୁ ତାଙ୍କୁ ୩ ଚକିଆ ସାଇକେଲ ପ୍ରଦାନ ପାଇଁ ସାମାଜିକ କର୍ମୀ ରମେୟା ରଞ୍ଜନ ସ୍ୱାଇଁ ଟୁଇଟ୍ ଯୋଗେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସାଇକେଲ ପାଇବା ପରେ ଛାତ୍ର ବିଦ୍ୟାଳୟକୁ ଯାତାୟାତ କରିବାରେ ଉପୁଜୁଥିବା ସମସ୍ୟା ଦୂର ହୋଇପାରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଶ୍ରୀବନ୍ତପୁର ପଞ୍ଚାୟତର କ୍ରିଷ୍ଣା ମାଝି ଜଣେ ମାନସିକ ବିକାରଗ୍ରସ୍ତ ନାବାଳକ। ତାଙ୍କର ବୟସ ବଢିବା ସହ ତାଙ୍କୁ ପରିବାର ଲୋକେ ବିଭିନ୍ନ ସ୍ଥାନକୁ ନେବା ଆଣିବାରେ ଅସୁବିଧାର ସମ୍ମୁଖିନ ହେଉଥିଲେ। ତାଙ୍କୁ ବିଭାଗ ପକ୍ଷରୁ ଏକ ୩ ଚକିଆ ଯାନ ଯୋଗାଇ ଦେବା ପାଇଁ ଆବେଦନ କରାଯାଇ ଆସୁଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ, ଶ୍ରୀବନ୍ତପୁର ସରପଞ୍ଚ ପର୍ଶୁରାମ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ

ଯାଜପୁର ରୋଡ,୭।୨(ଡି.ଏନ.ଏ.) : ଯାଜପୁର ରୋଡ ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ ମୁଖ୍ୟ ଅତିଥି, ଭୁବନେଶ୍ୱର ନାଇଜର ରେଜିଷ୍ଟ୍ରାର ଅଭୟ କୁମାର ନାୟକ ମୁଖ୍ୟବକ୍ତା, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ଭାଇସ ପ୍ରେସିଡେଣ୍ଟ ବିଶ୍ୱଜିତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଏହି ଅବସରରେ ସ୍କୁଲର କୃତୀ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ରବୀନ୍ଦ୍ର ଦାଶ, ବିଜୟିନୀ ପଣ୍ଡା, ଜ୍ୟୋତି ଦାସ, ଇଲିଜା ଜେନା, ପ୍ରତିମା ମଲିକ, ମହେନ୍ଦ୍ର ଦାସ, ମୁକ୍ତିରଞ୍ଜନ ବିଶ୍ୱାଳ, ଦୁଷ୍ମନ୍ତ ମହାକୁଡ, ପ୍ରବୀଣ ସ୍ୱାଇଁ ପ୍ରମୁଖ ଶିକ୍ଷୟିତ୍ରୀ,ଶିକ୍ଷକ ସହଯୋଗ କରିଥିଲେ।


ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ପଞ୍ଚାୟତସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ରସୁଲପୁର,୭।୨(ଡି.ଏନ.ଏ.): ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜନପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରାଯାଇଛି। ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକରେ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତରେ ୫ମ ରାଜ୍ୟ ଅର୍ଥ କମିଶନ ଓ ୧୫ତମ କେନ୍ଦ୍ରୀୟ ଅନୁଦାନ ଜରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷର ଅନୁଦାନକୁ ମାର୍ଚ୍ଚ ସୁଧା ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଅର୍ଥ ଖର୍ଚ୍ଚରେ ବିଫଳ ହେଲେ ଆସନ୍ତା ଆର୍ଥିକ ବର୍ଷରେ ପଞ୍ଚାୟତର ଅନୁଦାନ କମିଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଆଣିବା ଉପରେ ଆଲୋଚନା ହୋଇଥିଲା। ଚୟନ ହୋଇଥିବା ହିତାଧିକାରୀଙ୍କ ଆଧାର ଓ ମୋବାଇଲ ନମ୍ବର ଲିଙ୍କ କରାଯାଉଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବିଡିଓ ସାହୁ ସୂଚନା ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଜନସାଧାରଣଙ୍କ ଯୋଜନା ଅଭିଯାନ- ୨୦୨୩ରେ ପଞ୍ଚାୟତରେ ୯ଟି ଥିମ୍ ମଧ୍ୟରୁ ପ୍ରତ୍ୟେକ ପଞ୍ଚାୟତକୁ ଗୋଟିଏ ବସ୍ତୁରେ ଶତପ୍ରତିଶତ ସଫଳତା ହାସଲ କରିବାକୁ ପରାମର୍ଶ ଦିଆଯାଇଛି। ସେହି ମୁତାବକ ସରପଞ୍ଚମାନେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବେ। ମହିଳା ଓ ଶିଶୁଙ୍କ ପ୍ରତି ବନ୍ଧୁତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ପଞ୍ଚାୟତର ସରପଞ୍ଚଙ୍କୁ ତାଲିମ ପ୍ରଦାନ ପାଇଁ ଏକ୍ସୋପୋଜର ଭିଜିଟ୍‌ରେ ପଠାଇବା ସମ୍ପର୍କରେ ସୂଚନା ଦିଆଯାଇଛି। ସରପଞ୍ଚମାନଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷାକରି ବିଭିନ୍ନ ସମସ୍ୟାକୁ ମିଳିତ ଭାବରେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକାଶଥାଉ କି, ରସୁଲପୁର ପଞ୍ଚାୟତ ସମିତିର ଶେଷ ବୈଠକରେ ସମୀକ୍ଷା ବୈଠକ ଆୟୋଜନ ନେଇ ବିଡିଓ ସାହୁ ସୂଚନା ଦେଇଥିଲେ। ପ୍ରତ୍ୟେକ ମାସର ପ୍ରଥମ ମଙ୍ଗଳବାର ଜନପ୍ରତିନିଧିଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଉକ୍ତ ପ୍ରସ୍ତାବ ମୁତାବକ ଏଠାରେ ସମୀକ୍ଷା ବୈଠକ ହୋଇଥିଲା। ଆଲୋଚନା ମାଧ୍ୟମରେ ବିଭିନ୍ନ ପଞ୍ଚାୟତର ସମସ୍ୟା ସାମାଧାନ କରାଯିବାକୁ ଲକ୍ଷ୍ୟ ରଖାଯାଇ ଏଭଳି ପଦକ୍ଷେପ ନିଆଯାଉଛି।


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

## ଖରସ୍ରୋତା ବାମପାର୍ଶ୍ୱ ନଦୀବନ୍ଧ କାମକୁ ନେଇ ଚିନ୍ତା

- ନିମ୍ନମାନର କାମ ବୋଲି ଅଭିଯୋଗ କଲେ ଗ୍ରାମବାସୀ

ପ୍ରୀତିପୁର,୭।୨(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଦେଇ ପ୍ରବାହିତ ଖରସ୍ରୋତା ନଦୀବନ୍ଧ କାମ ନିମ୍ନମାନର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ନାବାର୍ଡ ସହାୟତାରେ ଜଳସେଚନ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଖରସ୍ରୋତା ନଦୀର ବାମପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ କାମ ଚାଲିଛି । ତେବେ ଉକ୍ତ କାମରେ ବ୍ୟାପକ ଅନିୟମିତତା ହେଉଛି। ସେହି କାମ ପାଇଁ ବ୍ୟବହୃତ ମାଟି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସାମାନ୍ୟ ବର୍ଷାରେ ତାହା ଧୋଇଯାଉଛି। ବନ୍ଧ ନିକଟରୁ ମାଟି ନ ଉଠାଇ ଦୂରରୁ ମାଟି ଆଣିବାକୁ ନିୟମ ଥିଲେ ମଧ୍ୟ ସେଥିରେ ବ୍ୟତିକ୍ରମ ଘଟିଛି । ବନ୍ଧ କାମ ଚାଲୁଥିବା ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବନ୍ୟା ଆସିଲେ ନଦୀକୂଳରେ ଅବସ୍ଥିତ ବିଞ୍ଝାରପୁର, ସଇଦପୁର, କଲ୍ୟାଣପୁର, ଘଣ୍ଟିଆଳି, ଗୁହାଳି, ଫତେପୁର, ବାଛଳ, କଏଣା ରଘୁନାଥପୁର, ମାସଡା, ଓଳେଇ ଚନ୍ଦନପୁର, ସିଂହପୁର, ଜରୀ ଆଦି ପଞ୍ଚାୟତର ଜନସାଧାରଣ ଭୟରେ କାଳାତିପାତ କରିଥାନ୍ତି। ଏହି ଅନିୟମିତତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ।


ଖରସ୍ରୋତା ନଦୀବନ୍ଧକୁ ସୁଦୃଢ଼ୀକରଣ କରାଯାଉଛି।

ସୁଆର ଗ୍ରାମଠାରୁ ବଗମରା ଘାଟ ପର୍ଯ୍ୟନ୍ତ ବାମପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାମ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କରାଯାଉଛି । ଏଥି ନିମନ୍ତେ ବିଭାଗ ପକ୍ଷରୁ ୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଯେଉଁଥିରେ ୮.୫ ମିଟର ଚଉଡା ବନ୍ଧ ନିର୍ମାଣ କରାଯିବା ସହିତ ଏହା ଉପରେ ୫.୫ କିମି ପିଚୁ ରାସ୍ତା ନିର୍ମାଣ କରାଯିବ। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଖରସ୍ରୋତା ନଦୀର ବାମପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ସାମାଜିକ କର୍ମୀ ଭୁବନାନନ୍ଦ ସାମଲ, ସନାତନ ସାହୁ, ବଳରାମ ବଳ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷେ ଜଳସେଚନ ବିଭାଗର ବିଞ୍ଝାରପୁର ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅଭିମନ୍ୟୁ ବେହେରାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଛନ୍ତି, ସୁଆରଠାରୁ ବଗମରା ପର୍ଯ୍ୟନ୍ତ ୧୭.୬ କିମି ବନ୍ଧ ସୁଦୃଢ଼ୀକରଣ ଏବଂ ରାସ୍ତା ନିର୍ମାଣ କାମ ରାସ୍ତା ଓ ଗୃହନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯାଇଛି। କାମର ସ୍ଥାୟିତ୍ୱ ପ୍ରତି ପଦକ୍ଷେପ ନିଆଯାଇଛି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲ, ୮ ହଜାର ଜରିମାନା

ସୁନା ଦୋକାନୀ, ଘର ମାଲିକଙ୍କ ବେକ କଟା ମାମଲା

**ରାଜନଗର, ୭।୨(ଡି.ଏନ.ଏ.):** ରାଜନଗର ଥାନା ଅନ୍ତର୍ଗତ ହାତିନା ଗାଁରେ ସୁନା ଦୋକାନୀ ଓ ଘର ମାଲିକଙ୍କୁ ଆକ୍ରମଣ କରି ବେକ କାଟିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡାଦେଶ ସହ ୮ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ରାଶି ଅନାଦେୟ ୨ମାସ ଅଧିକ ଜେଲ ଦଣ୍ଡାଦେଶ ପାଇଁ ମଙ୍ଗଳବାର ରାଜନଗର ଜେଏମ୍‌ଏଫ୍‌ସିର ନ୍ୟାୟାଧିଶ ଜ୍ୟୋତିର୍ମୟୀ ଷଡଙ୍ଗୀ ରାୟ ଶୁଣାଇଛନ୍ତି। ସୂଚନା ମୁତାବକ, ହାତିନା ଗାଁରେ ପ୍ରଶାନ୍ତ କୁମାର ସାହୁ ସୁନା ଦୋକାନ କରିଥିଲେ। ୨୦୧୮ ସେପ୍ଟେମ୍ବର ୧୯ ରାତି ପ୍ରାୟ ୧୧ ଟାରେ ସୁନା ଦୋକାନରୁ ଚୋରି କରିବା ଉଦ୍ଦେଶ୍ୟରେ କାନଫୁଲିଆ ଗାଁର ତପନ କୁମାର ଓଝା ସୁନା ଦୋକାନରେ ପଶି ଅନ୍ଧାରର ସୁଯୋଗ ନେଇ ଧାରୁଆ ଅସ୍ତ୍ରରେ ଦୋକାନୀ ପ୍ରଶାନ୍ତଙ୍କ ବେକ କାଟି ଦେଇଥିଲେ। ପ୍ରଶାନ୍ତଙ୍କ ଚିତ୍କାର ଶୁଣି ଘର ମାଲିକ ଜଗବନ୍ଧୁ ପ୍ରଧାନ ଘଟଣା ସ୍ଥଳକୁ ଆସିଯିବାରୁ ତପନ ତାଙ୍କ ବେକକୁ ମଧ କାଟି ପକାଇ ଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସୁନା ଦୋକାନୀ ପ୍ରଶାନ୍ତଙ୍କ ବଡଭାଇ ସୁଶାନ୍ତ ରାଜନଗର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଥାନାରେ ନଂ. ୧୫୯/୧୮ ଓ ଜିଆର କେସ୍ ନଂ. ୨୦୭/୧୮ରେ ଜେଏମ୍‌ଏଫ୍‌ସି କୋର୍ଟ ନ୍ୟାୟାଧୀଶ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଆଇପିସି ୩୨୪ ଅନୁଯାୟୀ ଅଭିଯୁକ୍ତଙ୍କୁ ୨ ବର୍ଷ ୬ମାସ କାରାଦଣ୍ଡ ଶୁଣାଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ନଳିନୀ କାନ୍ତ ମଙ୍ଗରାଜ ଓ ପ୍ରଭାତ ଜେନା ମାମଲା ପରିଚାଳନା କରିଥିଲେ।

### ଚେକାମାଳ ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

**ବିରିଡି,୭।୨(ଡି.ଏନ.ଏ) :** ବିରିଡି ବ୍ଲକ ଅନ୍ତର୍ଗତ ସଡେଇ ଶାସନ ପଞ୍ଚାୟତର ଚେକାମାଳ ଗ୍ରାମରେ ଥିବା ତ୍ରିନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସମୀର କୁମାର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ରବିବାରଠାରୁ ଅଷ୍ଟମ ପ୍ରହର ନାମଯଜ୍ଞ ଆୟୋଜନ କରାଯାଇଥିଲା। ମଙ୍ଗଳବାର ଯଜ୍ଞାଧିବାସ ଓ ପୂର୍ଣ୍ଣାହୁତି ଦିଆଯାଇଛି। ଏହି ଉପଲକ୍ଷେ ୧୦୮ କଳସ ଯାତ୍ରା କରାଯାଇ ଯଜ୍ଞ ସ୍ଥଳରେ ସ୍ଥାପନ କରାଯାଇ ଅନ୍ୟାନ୍ୟ ପୂଜାବିଧି ସମ୍ପନ୍ନ କରାଯାଇଥିଲା। ଯାଜ୍ଞିକ ପଣ୍ଡିତ ବିଭୂତି ଭୂଷଣ ରଥ, ଅଟଳ ବିହାରୀ ଦାଶ, ଶୁଭକାନ୍ତ ଦାଶ ଓ ଗୋପୀନାଥ ଦାଶ ପ୍ରମୁଖ ଯଜ୍ଞାହୁତି ପ୍ରଦାନ କରିଥିଲେ ।

### ଗ୍ରାମ ମୁରବିଙ୍କ ପରଲୋକ

**ରଘୁନାଥପୁର,୭।୨(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ଗୋଠିଣା ଗ୍ରାମର ବରିଷ୍ଠ ଗ୍ରାମ ମୁରବି ବଂଶୀଧର ବାରିକଙ୍କ (୯୩) ମଙ୍ଗଳବାର ପରଲୋକ ଘଟିଛି। ସେ ବରିଷ୍ଠ ପତ୍ରକାର ପ୍ରକାଶ ବାରିକଙ୍କ ବାପା । ଦୀର୍ଘଦିନ ଧରି ବଂଶୀଧର ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବେଆଇନ ଭାବେ ଇଟା ପୋଡ଼ା ଚାଲିଛି

## ଅହରହ ବାଲି ଉଠାଣ, ପ୍ରଶାସନ ନୀରବ

**ପଟ୍ଟାମୁଣ୍ଡାଇ,୭।୨(ସ୍ୱ.ପ୍ର.)**

ବେଆଇନ ଇଟାଭାଟି ନିର୍ମାଣ କରିବା ସହ ଚୋରା ବାଲି ଚାଲାଣ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବଢ଼ି ଚାଲିଛି। ଇଟାଭାଟି ମାଲିକ ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତ୍ରରାରେ ଏହା ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣ ଲୋକଙ୍କ ପ୍ରତିବାଦର ସ୍ୱର ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ୯ରୁ ଅଧିକ ବାଲିଘାଟରେ ଏଭଳି ବେଆଇନ କାରବାର ଚାଲିଛି। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ସମ୍ପୂର୍ଣ୍ଣ କଟକଣା ଥିବା ମାଟି ଇଟାଭାଟି ବେଧଡ଼କ ଭାବେ ଚାଲିଛି। ଏଥିପାଇଁ ବର୍ଷ ବର୍ଷ ଧରି ଚାଲିଥିବା ବେଆଇନ ଇଟାଭାଟି, ବାଲି ଚାଲାଣକୁ ରୋକିବାରେ ପ୍ରଶାସନ ଅସମର୍ଥ ହୋଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ମାଟିଆ ଗ୍ରାମ ନିକଟରେ ଦୀର୍ଘ ୩୦ ବର୍ଷ ଧରି ବେଆଇନ ଭାବେ ଇଟା ତିଆରି ହେଉଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମାଟି ଇଟା ତିଆରି ବନ୍ଦ କରିବାକୁ ଥରେ କି ୨ ଥର ନୁହେଁ ଅନେକ ଥର ଇଟାଭାଟି ମାଲିକଙ୍କୁ କହିଛନ୍ତି। ମାଲିକମାନେ ଇଟା ତିଆରି ବନ୍ଦ କରିବା ତ ଦୂରର କଥା ଓଲଟା ରାଜସ୍ୱ ନିରୀକ୍ଷକଙ୍କୁ ଧମକ ଚମକ



ଇଟାଭାଟି ପୋଡା ଚାଲିଛି।

ଦେଉଥିବା ସେମାନେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। କେବଳ ମାଟିଆ ନୁହେଁ ବଙ୍ଗାଳିଦିଆ, ଷଣ୍ଢପଲ୍ଲୀ, ଅଳଭା, ବେଲତଳ, ପୌରାଞ୍ଚଳ ସମେତ ବାଲିପାଟଣା, ଶାସନ, ଡାମରପୁର, ବଡ଼ପଡ଼ା, ଅରଡପଲ୍ଲୀ, ବଳଭଦ୍ରପୁର, ଦିହୁଡୁପୁର ପ୍ରମୁଖ ପଞ୍ଚାୟତରେ ଏଭଳି ସମାନ ସ୍ଥିତି ଦେଖିବାକୁ ମିଳିଛି। ମାଟି ଇଟାଭାଟି ବନ୍ଦ କରିବାକୁ ଜିଲା ପ୍ରଶାସନ, ଆଞ୍ଚଳିକ ପ୍ରଦୂଷଣ ବିଭାଗ ଯେତେ ତାଗିଦ୍ କରୁଥିଲେ ହେଁ ମାଲିକମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଏଥିସହ ଜିଲା ପ୍ରଶାସନ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନୀତି ନିୟମକୁ ଇଟାଭାଟି ମାଲିକମାନେ ଫୁ କରି ଉଡ଼ାଇ ଦେଇଛନ୍ତି। ଇଟାଭାଟି ଯୋଗୁ ମୃତ୍ତିକା କ୍ଷୟ ହେଉନି ବରଂ ସ୍ଥାନୀୟ ଅଞ୍ଚଳର ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ନିକଟରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଜିଲାର ବେଆଇନ ଭାବେ ଚାଲିଥିବା ମାଟି ଇଟାଭାଟିଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିଲା। ବିଡମ୍ବନା, ଏହିକି ଅଦ୍ୟାବଧି କୌଣସି ଇଟାଭାଟି ମାଲିକ କିମ୍ବା ବାଲି ଚୋରା ଚାଲଣ କରୁଥିବା ବେପାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅନୁରୂପ ଭାବେ ପଟ୍ଟାମୁଣ୍ଡାଇ ଦାଣ୍ଡିସାହି-ନାଇଆଡିଆ, ଅମୃତମଣୋହୀ, କୁଳସାହି, ତରଡ଼ିପାଳ, ଘାଗରାଡିଆ, ଅଳପୁଆ ଏପରିକି ବନ୍ଦ ଥିବା ଦାମୋଦରପାଟନା ବାଲିଘାଟରୁ ବିନା ଟେଣ୍ଡରରେ ପ୍ରତିଦିନ ହଜାର ହଜାର ଟ୍ରିପ ବାଲି ଉଠାଣ ଚାଲିଛି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଜରିମାନା ଆଦାୟ କରୁଥିବା କହୁଛନ୍ତି। ଉଭୟ ତହସିଲଦାର ଏବଂ ସ୍ଥାନୀୟ ପୋଲିସ ଅଧିକାରୀମାନେ ଏମାନଙ୍କୁ ରୋକିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ କରିଛନ୍ତି। ଏହି ତହସିଲ ଅଧୀନରେ ୯ଟି ବାଲି ସଇରାତ ରହିଛି। ସଇରାତରେ ବେଧଡ଼କ ଭାବେ ବେଆଇନ ବାଲି ଉଠାଣ ଚାଲିଛି। ଏମାନଙ୍କୁ ତହସିଲ କି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେହି ବାରଣ କରୁନାହାନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ମୋର ଅନ୍ୟତ୍ର ବଦଳି ହୋଇଯାଇଛି। ନୂଆ ତହସିଲଦାର ଯୋଗଦେଲେ ଏସବୁ ଘଟଣାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବେ। ମୋ ଅମଳରେ ସେମିତି କିଛି ହେଉ ନ ଥିଲା ଏବେ ଚାଲୁ ହେଉଛି ବୋଲି ତହସିଲଦାର ସେଠୀ କହିଥିଲେ।

# ହିତାଧିକାରୀଙ୍କ ପାଇଖାନା ଟଙ୍କା ହଡ଼ପ

**ରାଜନଗର, ୭।୨(ଡି.ଏନ୍.ଏ.)**

## ପାଇଖାନା ନିର୍ମାଣ କରିନୁ, ନାଁରେ ଟଙ୍କା ଉଠାଯାଇଛି

ଗାଁ ପରିବେଶକୁ ସୁସ୍ଥ ରଖିବା ପାଇଁ ସ୍ୱଚ୍ଛ ଭାରତ ଯୋଜନାରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରାଯାଉଛି। ଏହି ଯୋଜନାରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ପାଇଁ ସରକାର ୧୨ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେଉଛନ୍ତି। ହିତାଧିକାରୀ ନିଜେ ପାଇଖାନା ନିର୍ମାଣ କରିବେ କିମ୍ବା ଠିକାଦାର ମାଧ୍ୟମରେ କରିପାରିବେ। ଠିକାଦାରମାନେ ହିତାଧିକାରୀଙ୍କ ପାଇଖାନା ନିର୍ମାଣ କରିଥିବା ଦର୍ଶାଇ ସରକାରୀ ଟଙ୍କାକୁ ତାଙ୍କ ଆକାଉଣ୍ଟକୁ ନେଇ ଯାଇଛନ୍ତି। ପ୍ରକୃତପକ୍ଷେ ହିତାଧିକାରୀ ତାଙ୍କ ଘରେ ଆଜିଯାଏ ପାଇଖାନା ନିର୍ମାଣ କରିନାହାନ୍ତି। ଏ ବାବଦକୁ ଉଠିଥିବା ଟଙ୍କାଟିଏ ମଧ୍ୟ ପାଇନାହାନ୍ତି। ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ପଞ୍ଚୁପଲ୍ଲୀ ଗାଁର ବାସୁଦେବ ଦାସ, ସୁଶାନ୍ତ ଦାସ, ପ୍ରଶାନ୍ତ ଦାସ ଓ ଶୁକଦେବ ଦାସ ମଙ୍ଗଳବାର ରାଜନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ପାଇଖାନା ପାଇନାହାନ୍ତି; କିନ୍ତୁ ସେମାନଙ୍କ ନାଁରେ ଟଙ୍କା ଉଠାଇ ନିଆଯାଇଥିବା ଗୁରୁତର ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ୨ବର୍ଷ ତଳେ ଘଡିଆମାଳ ଗାଁର ଜଣେ ଯୁବକ ପାଇଖାନା ଆସିଛି, କାର୍ଯ୍ୟାଦେଶ ଦିଆଯିବ କହି ଆମଠାରୁ କାଗଜପତ୍ର ନେଇଥିଲେ। ଆଜି ମିଳିବ, କାଲି ମିଳିବ କହି ଆମକୁ ଭୁଆଁବୁଲାଇ ଆସୁଛନ୍ତି। ଆମ ଘରେ ସେ ପାଇଖାନା ନିର୍ମାଣ କରିଥିବା ଦର୍ଶାଇ ଟଙ୍କା ଉଠାଇ ନେଇଛନ୍ତି। ମାତ୍ର ଘରେ ଆଜିଯାଏ ପାଇଖାନା ନିର୍ମାଣ ହୋଇନାହିଁ। ଆମ ନାଁରେ ଟଙ୍କା ଉଠିଥିବା ଜାଣିବା ପରେ ଆମେ ଲିଖିତ ଭାବେ ମାସେ ତଳେ ବିଡିଓଙ୍କୁ ଜଣାଇଛୁ। ମାତ୍ର ବିଡିଓ ଆମ କଥା ଶୁଣୁନାହାନ୍ତି। ଏପରିକି ଆମ ନାଁରେ ଟଙ୍କା କାହା ଆକାଉଣ୍ଟକୁ କେତେ ତାରିଖରେ ଯାଇଛି, ତାହା ଆମକୁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉନାହିଁ। କିପରି ଆମ ନାଁରେ ଟଙ୍କା ଉଠିଲା, ସେ ନେଇ ପଚାରିବା ସହ ଆମକୁ ଆମ ପାଇଖାନା ଟଙ୍କା ଦିଅ ଆମେ ପାଇଖାନା କରିଦେବୁ ବୋଲି ବିଡିଓଙ୍କୁ କହିଛନ୍ତି। ଏ ସମ୍ପର୍କରେ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଉଦ୍‌ଘାଟନ ତାରିଖ ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ସହରର ମହିଳାମାନେ।

**କେନ୍ଦ୍ରାପଡ଼ା ଅଫିସ, ୭।୨**

## ସିଟି ହସ୍ପିଟାଲ ସ୍ଥାପନ ଦାବି

ନିର୍ବାଚିତ ଲୋକ ପ୍ରତିନିଧି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ରହି ଆନ୍ଦୋଳନରେ ସାମିଲ ହେଉନାହାନ୍ତି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ସହରର ଖଡିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଜିଲା ଚିକିତ୍ସାଳୟ ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ସ୍ଥାପନ ତାରିଖ ଘୋଷଣା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଏପରି ଆହ୍ୱାନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଆନ୍ଦୋଳନର ମଙ୍ଗଳବାର ସଭାରେ ଦେଖିବାକୁ ମିଳିଥିଲା। ଏଥିରେ ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ବିଭିନ୍ନ ଦଳର କର୍ମକର୍ତ୍ତା ଯୋଗଦେଇ କହିଥିଲେ ଯେ, ଦାବିର ଯଥାର୍ଥତାକୁ ନେଇ ଜାନୁୟାରୀ ୧୭ରେ ସହରବାସୀ କେନ୍ଦ୍ରାପଡ଼ା ବନ୍ଦ କରି ନିଜର ମତ ଦେଇଛନ୍ତି। ସେହିପରି ଜାନୁୟାରୀ ୨୪ରୁ ପ୍ରତ୍ୟହ ଗଣଆନ୍ଦୋଳନରେ ସାମିଲ ହୋଇ ସିଟି ହସ୍ପିଟାଲ ସ୍ଥାପନ ପାଇଁ ଦାବି କରୁଛନ୍ତି। ଏହାକୁ ଦମନ ପାଇଁ ପ୍ରଶାସନ ଉଦ୍ୟମ କରିଥିଲେ ମଧ କୌଣସି ପ୍ରକାର ଆନ୍ଦୋଳନ ଥମିବ ନାହିଁ। ଏହାକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟହ ଗଣଧାରଣା ଏବେ ୨୪ ଘଣ୍ଟିଆ ଗଣଧାରଣାରେ ପରିଣତ ହେବ। ପ୍ରତି ୱାର୍ଡରୁ ସହରବାସୀ ଯୋଗଦେଇ ଶକ୍ତି ପ୍ରଦର୍ଶନ କରିବେ। ଆବଶ୍ୟକ ହେଲେ ବର୍ଷାଧିକ କାଳ ଆନ୍ଦୋଳନ ଜାରି ରଖିବାକୁ କମିଟି ପକ୍ଷରୁ ସିଦ୍ଧାନ୍ତ ନିଆଯାଇଛି। ଏହାବ୍ୟତୀତ ଜିଲାରେ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଆଗାମୀ ୧୫ ତାରିଖରୁ ଜନ ସଚେତନତା ରାଲି ରାଜକନିକା ବ୍ଲକରୁ ଆରମ୍ଭ ହେବ ବୋଲି ବକ୍ତାମାନେ ଆନ୍ଦୋଳନ ସମ୍ପର୍କରେ ମତ ରଖିଛନ୍ତି। ଗୟାଧର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ହିଫଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, କମିଟି କର୍ମକର୍ତ୍ତା ପ୍ରଶାନ୍ତ ସିଂହ, ବରିଷ୍ଠ ନାଗରିକ ମଞ୍ଚର ହେମନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଛନ୍ତି।

## ମୋ ସ୍କୁଲ ଅଭିଯାନରେ ସାମିଲ ହେଲେ ପୁରାତନ ଛାତ୍ରୀଛାତ୍ର

**କୁଜଙ୍ଗ,୭।୨(ଡି.ଏନ୍.ଏ.)**

ମୋ ସ୍କୁଲ ଅଭିଯାନରେ ସାମିଲ ହେଲେ କୁଜଙ୍ଗସ୍ଥିତ ବନବିହାରୀ ଉଚ୍ଚ ବିଦ୍ୟାଳୟର ୧୯୭୦ ବ୍ୟାଚର ଛାତ୍ରୀଛାତ୍ର। ଏହି ଅବସରରେ ଛାତ୍ର ପରିଷଦର ସଭାପତି ଡା. କାହ୍ନୁ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର କବିନ୍ଦ୍ରନାଥ ଖଟେଇ ଯୋଗଦେଇ ଶିଶୁ ଅବସ୍ଥାରେ ମା'ଯେମିତି କଥା କହିବା ଓ ଚାଲି ଶିଖିବା ଶିଖାଇଥାଏ ସେହିପରି ଏହି ଶତାୟୁ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଆମେ ସମାଜରେ ମୁଣ୍ଡ ଟେକି ଛିଡା ହୋଇଛୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଇଂ. ରଜେନ୍ଦ୍ର ସାମଲ ଓ ସମ୍ମାନିତ ଅତିଥି ଭାବେ ରବିନାରାୟଣ ପଟ୍ଟନାୟକ, ନୃସିଂହ ତ୍ରିପାଠୀ, ପଣ୍ଡିତ ଉପେନ୍ଦ୍ର ମିଶ୍ର, ବ୍ରଜବନ୍ଧୁ ଖଟେଇ, ବଲ୍ଲଭ ରାଉତ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ଅଭୁଲା ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବ୍ୟାଚର ଛାତ୍ରୀ ପ୍ରମିଳା ସ୍ୱାଇଁ, ଶାନ୍ତି ମହାନ୍ତି, ସୁଧାରାଣୀ ପଟ୍ଟନାୟକ, ଉର୍ମିଳା ପ୍ରଧାନ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ନୃସିଂହ ତ୍ରିପାଠୀ, ପଣ୍ଡିତ ଉପେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ନନ୍ଦ, ପରିଚାଳନା କମିଟି ସଭାପତି ନକ୍ଷତ୍ର ପରିଜା ଧନ୍ୟବାଦ ଜଣାଇଥିଲେ।

# ଅନୁସୂଚିତ ଜାତି, ଜନଜାତି ଉପଦେଷ୍ଟାଙ୍କ ବିଦ୍ୟାଳୟ ପରିଦର୍ଶନ



ଭାବ ବିନିମୟ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉପଦେଷ୍ଟା ତେହେରା ଖାତୁନ।

**ଆଳି, ୭।୨ (ଡି.ଏନ.ଏ.)**

ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ ପାହ୍ୟାର ପଦାଧିକାରୀ, ସଂଖ୍ୟାଲଘୁ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପଦେଷ୍ଟା ତେହେରା ଖାତୁନ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନ ମଙ୍ଗଳବାର ଗସ୍ତ କରିଛନ୍ତି। ଏହି ସମୟରେ ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସେ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ହଷ୍ଟେଲକୁ ସେ ବୁଲି ଦେଖିଥିଲେ। ଏହି ଅବସରରେ ସେହି ହଷ୍ଟେଲ ପରିସରରେ ଆୟୋଜିତ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ସ୍ଥାନୀୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ସହ ହୋଇଥିଲା। ହଷ୍ଟେଲ ହେବା ଦ୍ୱାରା ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି ବୋଲି ସ୍ଥାନୀୟ ଲୋକେ କହିଥିଲେ। ପରେ ସେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରି ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ଶିକ୍ଷକମାନଙ୍କ ଉପରେ ଅନୁକୂଳ ମନ୍ତବ୍ୟ ପ୍ରଦାନ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ତାଙ୍କ ସହ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡ଼ା, ଆଳି ବ୍ଲକ ମଙ୍ଗଳ ଅଧିକାରିଣୀ, ଆଳି ବ୍ଲକ ଶିକ୍ଷା ଅଧିକାରୀ ଏମ୍.ଡି. ହିମାୟୁନ ଓ ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ବନମାଳୀ ସେନାପତି, ପୂର୍ବତନ ସରପଞ୍ଚ ଆୟୁବ ଖାଁ, ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପ୍ରମୁଖ ସଚିବ ପଦନପୁର ଓ ଗୋପଠାରେ ଥିବା ସଂଖ୍ୟାଲଘୁ କମ୍ୟୁନିଟି ସେଣ୍ଟର ପରିଦର୍ଶନ କରିଥିଲେ।

# ଅନନ୍ତ ବାସୁଦେବ ମନ୍ଦିରରୁ ଚନ୍ଦନ ଗଛ ଚୋରି

**ପାଣିକୋଇଲି,୭।୨(ଡି.ଏନ.ଏ.)**

ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ବୁଢ଼ାନଦୀ କୂଳ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଥିବା ଚନ୍ଦନ ଗଛ ଚୋରି ହୋଇଛି। କେହି ଦୁର୍ବୃତ୍ତ ରାତ୍ରି ସମୟରେ ଗଛ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମନ୍ଦିର କମିଟି ପକ୍ଷରୁ ଭଗତପୁର ଗ୍ରାମର ଶିବପ୍ରସାଦ ସାହୁ ଏନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଲକ୍ଷାଧିକ ଟଙ୍କାର ଏହି ଚନ୍ଦନ ଗଛକୁ କେହି ମେଶିନ ସାହାଯ୍ୟରେ କାଟି ନେଇଥିବାବେଳେ ଡାଳଗୁଡ଼ିକ ମନ୍ଦିର ପରିସରରେ ପଡ଼ିରହିଛି।

# ଆବାସ ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ



ଆଳି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିବା ନେତୃମଣ୍ଡଳୀ ଓ କର୍ମକର୍ତ୍ତାମାନେ।

**ଆଳି,୭।୨(ଡି. ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ନେଇ ରାଜ୍ୟରେ ଜନ ଅସନ୍ତୋଷ ଲାଗି ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଇଥିବା ନେଇ ଅଭିଯୋଗ ଆଣି ଭାଜପା ପକ୍ଷରୁ ମଙ୍ଗଳବାର ଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଉଛି। ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା ନେତା ଦୋଳଗୋବିନ୍ଦ ନାୟକ ଓ ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରିଆଙ୍କ ମିଳିତ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଆଳି ଡାକବଙ୍ଗଳା ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ଆଳି ନୂଆବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। ଏଥିରେ ଭାଜପାର ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ତଥା ପ୍ରଭାରୀ ଅଭିମନ୍ୟୁ ଗୋଛାୟତ, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ଲୋକସଭା ବିସ୍ତାରକ ଅନୁପ ପରିଡା, ଭାଜପା ନେତା ବୈକୁଣ୍ଠନାଥ ପରିଡା, ଆଶାଲତା ପଟ୍ଟନାୟକ, ପ୍ରଭାସିନୀ ପାତ୍ର, ମଣ୍ଡଳ ସଭାପତି ଓମ୍ ପ୍ରକାଶ ପତି, ରାଜେନ୍ଦ୍ର ସ୍ୱାଇଁ, ଅକ୍ଷୟ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଆଳି ବ୍ଲକରେ ହୋଇଥିବା ଆବାସ କେଳେଙ୍କାରୀର ପ୍ରକୃତ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦେବା ନିମନ୍ତେ ଦାବି କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ସୁବାସ ପଣ୍ଡା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା, ଦେବାଶିଷ କୁଅଁର, ବିଭୁତି ବେହେରା, ଅକ୍ଷୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିତାଧିକାରୀଙ୍କୁ ୮ ମାସର ରାଶନ ମିଳିନାହିଁ

**ରାଜନଗର, ୭।୨(ଡି.ଏନ୍.ଏ.)**

## ସାତଭାୟା ପଞ୍ଚାୟତବାସୀଙ୍କ ବ୍ଲକ ଆଗରେ ଅନଶନ



ସାତଭାୟା ପଞ୍ଚାୟତର ରାଶନ ସାମଗ୍ରୀରୁ ବଞ୍ଚିତ ହିତାଧିକାରୀଙ୍କ ବ୍ଲକ ସମ୍ମୁଖରେ ଅନଶନ ।

ମାସେ କି ଦୁଇମାସ ନୁହେଁ, ୮ମାସ ହେଲା ହିତାଧିକାରୀ ରାଶନ ସାମଗ୍ରୀ ପାଉନାହାନ୍ତି। ରାଶନ ସାମଗ୍ରୀ ପାଉ ନ ଥିବା ସମ୍ପର୍କରେ ହିତାଧିକାରୀମାନେ ରାଜନଗର ଯୋଗାଣ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ ଓ ଉପଜିଲାପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣିଲେନି। ସେମାନେ ରାଶନ ସାମଗ୍ରୀ ନ ପାଇବା ଯୋଗୁ ଭୋକରେ ଆଉଟୁପାଉଟୁ ହୋଇ ଶେଷରେ ବ୍ଲକ ସମ୍ମୁଖରେ ଅନଶନରେ ବସିଛନ୍ତି। ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ହିତାଧିକାରୀ ଏହି ହଡ଼ପର ଶିକାର ହୋଇଛନ୍ତି। ସେମାନେ ରିଟେଲର ବୀଣାକର ରାଉତଙ୍କ ପାଖରୁ ରାଶନ ସାମଗ୍ରୀ ଆଣିଥା'ନ୍ତି। ରିଟେଲର ୮ ମାସ ହେଲା ସେମାନଙ୍କୁ ରାଶନ ସାମଗ୍ରୀ ଦେଉନାହାନ୍ତି। ଏପରିକି ଜଣେ ଜଣେ ହିତାଧିକାରୀ ୧୦ମାସ ଧରି ରାଶନ ସାମଗ୍ରୀ ପାଇନାହାନ୍ତି।

ଅଭିଯୋଗ ମୁତାବକ, ରିଟେଲର ସେମାନଙ୍କଠାରୁ ପ୍ରଥମେ ମେଶିନରେ ଟିପଚିହ୍ନ ଓ ଆଇ ସ୍କାନ ନେଇଯାଆନ୍ତି। ପରେ ରାଶନ ସାମଗ୍ରୀ ଦିଆଯାଇଥାଏ। ଗତ ୮ମାସ ହେଲା ସେ ମେଶିନରେ ଟିପଚିହ୍ନ ଓ ଆଇସ୍କାନ ନେବା ପରେ ବି ଆମକୁ ରାଶନ ସାମଗ୍ରୀ ମିଳୁନାହିଁ। ତାଙ୍କ ପାଖକୁ ରାଶନ ସାମଗ୍ରୀ ପାଇଁ ଯିବା ବେଳେ ଉପରୁ ଆସିନି କହି ସମୟ ଗଡ଼ାଇ ଚାଲିଥିଲେ। ଟିପ ନ ଦେଲେ ଆଉ ସାମଗ୍ରୀ ମିଳିବନି ବୋଲି ଆମକୁ କହିବାରୁ ଆମେ ମେଶିନରେ ଆଇସ୍କାନ ଦେଉଛୁ। ମାତ୍ର ଆମର ନାଁରେ ରିଟେଲର ମାସିକ କୋଟା ବାବଦ ଚାଉଳ, ଗହମ ଓ ରିଲିଫ୍ ଚାଉଳକୁ ହଡ଼ପ କରି ନେଇଛନ୍ତି। କେତେଗୋଟି ଖାତାରେ ଏତେ କେଜି ବାକି ରହିଲା ବୋଲି ଲେଖି ଦେଇଛନ୍ତି। ଏ ନେଇ ଅଭିଯୋଗ କରିବା ପରେ ଆମକୁ ଆଜିଯାଏ ଚାଉଳ ଗହମ ମିଳିଲା ନାହିଁ। ଆମେ ଚାଉଳ, ଗହମ ନ ପାଇବାରୁ ଓଳିଏ ଖାଇଲେ ଆଉ ଓଳି ଉପବାସରେ ରହିବାକୁ ପଡୁଛି। ପ୍ରଶାସନ ଆମ ଦୁଃଖ ବୁଝୁନି, ଆମେ ଚାଉଳ ନ ପାଇବାଯାଏ ବ୍ଲକ ସମ୍ମୁଖରେ ଅନଶନରେ ବସିବୁ ବୋଲି କହିଛନ୍ତି। ସାତଭାୟାର କାଙ୍ଗାଳି ମଲିକ, ସୁବାସ ମଲିକ, ଭଗବତୀ ମଲିକ, ଜୟନ୍ତୀ ମଲିକ, ଦୁର୍ଯ୍ୟୋଧନ ମଲିକ, ସୁରଥ ମଲିକ, ଦୀପାଳି ମଲିକ, ବିଳାସିନୀ ସାହୁ, କୁନ୍ତଳା ସାହୁ ପ୍ରମୁଖ ଶତାଧିକ ହିତାଧିକାରୀ ଅନଶନରେ ବସିଛନ୍ତି। ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାଶଙ୍କ କହିବା ମୁତାବକ, ରେକର୍ଡ ଅନୁସାରେ ହିତାଧିକାରୀ ରାଶନ ସାମଗ୍ରୀ ପାଇ ସାରିଛନ୍ତି। ଅଭିଯୋଗ କରିବା ପରେ ଅନୁଧ୍ୟାନ କରି ରିଟେଲର ବୀଣାକର ରାଉତଙ୍କୁ ଡିସେମ୍ବରରେ ନିଲମ୍ବିତ କରାଯାଇଛି। କେତେଜଣ ହିତାଧିକାରୀ କେଉଁ କେଉଁ ମାସର ସାମଗ୍ରୀ ପାଇନାହାନ୍ତି, ତା'ର ହିସାବ ନ ଥିବାରୁ ସେମାନଙ୍କୁ ଚାଉଳ ଯୋଗାଣ ସମ୍ଭବ ହୋଇନି ବୋଲି କହିଛନ୍ତି। ପୂର୍ବାହ୍ନ ୧୦ଟାରୁ ହିତାଧିକାରୀମାନେ ବ୍ଲକ ସମ୍ମୁଖରେ ଅନଶନରେ ବସି ରହିଥିଲେ। ସେମାନେ ଚାଉଳ ନ ପାଇବା ଯାଏଁ ଉଠିବେନି ବୋଲି ଚେତାବନୀ ଦେଇଥିଲେ। ସନ୍ଧ୍ୟାରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ବିଡିଓ ସମୀର କୁମାର ବେହେରା ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ୩ଜଣିଆ ଟିମ୍ ଗାଁରେ ପହଞ୍ଚି କାର୍ଡ ଦେଖି କେଉଁ ହିତାଧିକାରୀ କେତେ ମାସର ରାଶନ ସାମଗ୍ରୀ ପାଇନାହାନ୍ତି, ତା'ର ତାଲିକା ପ୍ରସ୍ତୁତ କରିବେ। ୭ ଦିନ ଭିତରେ ରାଶନ ସାମଗ୍ରୀ ଯୋଗାଇ ଦେବାକୁ ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦିଆଯିବା ପରେ ଅନଶନ ଭାଙ୍ଗିଛି। ଅନଶନକୁ ସମର୍ଥନ କରି ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା, ଯୁବନେତା ସୁଦର୍ଶନ ରାଉତ, ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ବସି ରହିଥିଲେ।

# ଛାତ୍ରଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର ଅଫିସ,୭।୨

ବ୍ରହ୍ମପୁର ସରକାରୀ ପଲିଟେକନିକରେ ପଢୁଥିବା ଜଣେ ଛାତ୍ରଙ୍କୁ ଅନୁଷ୍ଠାନର ଶିକ୍ଷକମାନେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରାଯାଉଥିବା ନେଇ ଛାତ୍ରଙ୍କ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି।

ସୂଚନାପ୍ରକାରେ, ଆଶିଷ ମହାରଣା ପଲିଟେକନିକର ମେକାନିକାଲ ଇଞ୍ଜିନିରିଂରେ ପଢୁଛନ୍ତି। ସେ ୨୦୧୯ରେ ଏଠାରେ ନାମ ଲେଖାଇବା ପରଠାରୁ ଏଠାକାର ଶିକ୍ଷକମାନେ ତାଙ୍କୁ ବିଭିନ୍ନ ପ୍ରକାର ମାନସିକ ନିର୍ଯାତନା ଦେଇଆସୁଛନ୍ତି ବୋଲି ଆଶିଷଙ୍କ ମାଆ ଆରତୀ ମହାରଣା ଅଭିଯୋଗ କରିଛନ୍ତି। ତାଙ୍କ ସାର୍ଟିଫିକେଟ ନେଇ ଚାଲିଯିବାକୁ ଶିକ୍ଷକମାନେ ବାଧ କରୁଥିବା ସେ ଏତଲାରେ ଦର୍ଶାଇଛନ୍ତି। ନିର୍ଯାତନା ଅସହ୍ୟ ହେବାରୁ ଆଶିଷ ଗତ ୩ ତାରିଖରେ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇ ପରିବାର ଲୋକେ ଗୋପାଳପୁର

**ସରକାରୀ ପଲିଟେକନିକ**

ଥାନାରେ ଏତଲା ଦେଇଥିଲେ। ହେଲେ ଏହାର ଦୁଇ ଦିନ ପରେ ତାଙ୍କୁ ରେଳ ଧାରଣା ନିକଟରୁ ଉଦ୍ଧାର କରାଯାଇଥିଲା। ପଲିଟେକନିକର ଶିକ୍ଷକଙ୍କ ନିର୍ଯାତନା ସମ୍ପର୍କରେ ପରିବାର ପକ୍ଷରୁ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟରେ ଅଭିଯୋଗ କରାଯାଇଥିବା ବେଳେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ମଧ ଅଭିଯୋଗ ହୋଇଛି। ପରେ ବୈଦ୍ୟନାଥପୁର ଥାନାରେ ନଂ ୭୧/୨୩ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ପଲିଟେକନିକ୍ ଅଧ୍ୟକ୍ଷ ନିଶାକର ମଲ୍ଲିକ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ। ସମ୍ପୃକ୍ତ ଛାତ୍ରଙ୍କର ଗତ ଜୁଲାଇରେ ପାଠପଢ଼ା ସରିଥିଲା। ହେଲେ ତାଙ୍କର ତୃତୀୟ ଓ ପଞ୍ଚମ ସେମିଷ୍ଟରରେ କେତେକ ପେପର ବ୍ୟାକ୍ ଥିଲା। ଜାନୁୟାରୀ ୩୦, ୩୧ ଓ ଫେବୃୟାରୀ ୧ ତିନିଦିନ ସେ କଲେଜକୁ ଆସି ପ୍ରାକ୍ଟିକାଲ ପରୀକ୍ଷା ଦେଇଥିବା ବେଳେ ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଥିଓରି ପରୀକ୍ଷା ଦେଇନାହାନ୍ତି। ପଲିଟେକ୍‌ନିକ୍ କଲେଜକୁ ସମ୍ପୃକ୍ତ ଛାତ୍ର ଗତ ୬ ମାସ ଧରି ଆସିନଥିବା ବେଳେ ତାଙ୍କୁ କିପରି ଶିକ୍ଷକମାନେ ନିର୍ଯାତନା ଦେଲେ ବୋଲି ଯେଉଁ ଅଭିଯୋଗ କରୁଛନ୍ତି ତାହା ଭିତ୍ତହୀନ ବୋଲି ସେ କହିଛନ୍ତି।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ତହସିଲଦାର, ଉପାଧ୍ୟକ୍ଷ


ଅଗ୍ନିବିପନ୍ନ ପରିବାରଙ୍କ ସହ ତହସିଲଦାର ଓ ଉପାଧ୍ୟକ୍ଷ ଆଲୋଚନା କରୁଛନ୍ତି।

ଭାପୁର,୭।୨(ଡି.ଏନ୍.ଏ.)

ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତର ମାଳିବେରେଣୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୪ବଖରା ପୋଡ଼ି ଭସ୍ମୀଭୂତ ହୋଇଯାଇଛି । ମାଳିବେରେଣୀ ଗ୍ରାମର କୃଷ୍ଣଚନ୍ଦ୍ର ପରିଡ଼ା, ଟୁନା ପରିଡ଼ା ଓ ମାୟାଧର ବରାଡ଼ଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି । ପରିବାର ଲୋକେ ଖାଇପିଇ ଶୋଇଥିବା ସମୟରେ ଚାଳଘରେ ଅଗ୍ନିକାଣ୍ଡ ଘଟିଥିଲା । ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ମଙ୍ଗଳବାର ମଧ୍ୟାହ୍ନରେ ଭାପୁର ନୂତନ ତହସିଲଦାର ଲଗ୍ନଜିତ୍ ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ସାମାଜିକ କର୍ମୀ ବିଜୟ କୁମାର ପଟ୍ଟନାୟକ ଅଗ୍ନିବିପନ୍ନ ପରିବାରକୁ ଭେଟିଥିଲେ । ବ୍ଲକ ଉପାଧ୍ୟକ୍ଷ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ତହସିଲଦାର ଜରିପାଲ ପ୍ରଦାନ କରିଥିଲେ । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ତହସିଲାଦାର ପ୍ରତିଶ୍ରୁତି ଦେଇଛନ୍ତି ।

## ଆଜି କ'ଣ କେଉଁଠି

**ଛତ୍ରପୁର**

- ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ, ସ୍ଥାନ - ଜିଲାପରିଷଦ ଭବନ, ସମୟ -ପୂର୍ବାହ୍ନ ୧୦ ଟା। ସାହାରା ଜମାକାରୀ ମଞ୍ଚର ସତ୍ୟାଗ୍ରହ, ସ୍ଥାନ - ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ,ସମୟ - ୧୧ ଟା।

**କ. ନୂଆଗାଁ**

- କ.ନୂଆଗାଁ ବାର୍ଷିକ ଉତ୍ସବ। ସ୍ଥାନ- ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ୩ଟା।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୭।୨:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ମିନାକ୍ଷୀନଗରରେ ରହୁଥିବା ଜଣେ ମହିଳା ବେକରେ ଚୁନରି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ସୂଚିସ୍ମିତା ନାୟକ (୩୨)। ମଙ୍ଗଳବାର ପୋଲିସ ବଡ ମେଡିକାଲରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ପୋଲିସ କହିଛି। ପ୍ରାଥମିକ ଅନୁସନ୍ଧାନରୁ କୌଣସି ଏକ ମାନସିକ ଅଶାନ୍ତିରୁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଗୋଶାଣୀନୁଆଗାଁ ଥାନା ଅନ୍ତର୍ଗତ ମିନାକ୍ଷୀନଗର ୨ୟ ଲାଇନ୍‌ର ପ୍ରମୋଦ ଚନ୍ଦ୍ର ନାୟକଙ୍କ ଝିଅ ସୂଚିସ୍ମିତା ୨୦୧୮ରେ ବାଲୁଗାଁ ଅଞ୍ଚଳର କୈଳାସ ନାୟକଙ୍କ ବଡ଼ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସୂଚିସ୍ମିତା ଏବଂ ଅଜିତ ଉଭୟେ ସଫ୍ଟୱେର ଇଂଜିନିୟର । ବିବାହର କିଛିମାସ ପରେ ଉଭୟଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ଝଗଡ଼ା ଆରମ୍ଭ ହୋଇଥିଲା। ଗତ ଦୁଇ ମାସ ତଳେ ସୂଚିସ୍ମିତା ତାଙ୍କ ସ୍ୱାମୀ ଅଜିତଙ୍କ ମଧ୍ୟରେ ପୁଣିଥରେ ଗଣ୍ଡଗୋଳ ହୋଇଥିଲା। ପରେ ସୂଚିସ୍ମିତା ବ୍ରହ୍ମପୁର ମିନାକ୍ଷୀନଗରସ୍ଥିତ ବାପ ଘରକୁ ଚାଲି ଆସିଥିଲେ। ସୋମବାର ବିଳମ୍ବିତ ରାତିରେ ସେ ବେକରେ ଚୁନରି ଲଗାଇ ଘରେ ଝୁଲୁଥିବା ଲୋକ ଦେଖିବାକୁ ପାଇଥିଲେ। ତାଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷାଣା କରିଥିଲେ।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ନାବାଳିକା ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୭।୨:** ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ସନ୍ତୋଷ କୁମାର ରଣା(୨୬)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ୨୦୨୦ ଅଗଷ୍ଟ ୯ ବିଳମ୍ବିତ ରାତିରେ ଅପହରଣ କରାଯାଇଥିଲା। ଉକ୍ତ ଗ୍ରାମର ଜଣେ ଯୁବକ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୭୧/୨୦ରେ ଏକ ମାମଲା ରୁଜୁ କରିଥିଲା। କିଛିଦିନ ପରେ ପୀଡ଼ିତାଙ୍କୁ ପୋଲିସ ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ନିକଟ କେଲୁଆରୁ ଉଦ୍ଧାର କରିଥିଲା। ପରେ ପୀଡ଼ିତାଙ୍କ ବୟାନ ଧାରା ୧୬୪ରେ କୋର୍ଟରେ ରେକର୍ଡ କରିଥିଲା। ଅପହରଣକାରୀ ଯୁବକ ସନ୍ତୋଷ କୁମାର ରଣାଙ୍କୁ ବଳାତ୍କାର ମାମଲାରେ ୨୦୨୦ ସେପ୍ଟେମ୍ବର ୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ସନ୍ତୋଷ ବ୍ରହ୍ମପୁର ମଣ୍ଡଳ କାରାଗାରରେ ୨୦୨୧ ମେ' ୩ ଯାଏ ବନ୍ଦୀ ଭାବେ ଥିଲେ। ପରେ ତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ସନ୍ତୋଷଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ୍ ସନ୍ତୋଷ ରଣାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି।

# ଫାଇନାଲରେ ଭୁବନେଶ୍ୱର ଟିମ୍


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟ**

**ଖଣ୍ଡପଡ଼ା,୭।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟର ୩ୟ ଦିବସର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ଗଣ୍ଡରପୁର ଟିମ୍ ୩–୨ଟାଇବ୍ରେକରେ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବ୍ରହ୍ମାନନ୍ଦ ଭୋଇ ଖେଳକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରିୟବ୍ରତ ବାହିନୀପତି ଓ ସୁଦୀପ ଦାଶ। ୪ର୍ଥ ରେଫରୀ ଭାବେ ସୁବାସ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ। ଅତିଥି ରୁପେ ଖଣ୍ଡପଡ଼ା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ଅଭିଷାର ପଣ୍ଡା, ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ କୁମାର ଦେବତା ଓ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ. ଅଶୋକକୁମାର ରାଉତ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଆଥ୍‌ଲେଟିକ ଆସୋସିଏଶନ କନ୍ଧମାଳ, ବୌଦ୍ଧ ଓ ଜୁନିୟର ଏଫ୍‌ସି କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତଙ୍କ ଠାରୁ ସୂଚନା ମିଳିଛି।

# ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୭।୨

ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ଲାଞ୍ଜିପଲି ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମର ଡି. ଜଗା ଦୋରା (୨୭)। ପୋଲିସ ମୃତଦେହ ଜବତ କରି ନଂ.୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ଅନୁସନ୍ଧାନରୁ ଯୁବକ ଜଣଙ୍କ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

ଭୋଜି ଖାଇବା ପାଇଁ ଜଗା ତାଙ୍କ ବଡ ଭାଇ ଡି. ବାବାଜି ଦୋରାଙ୍କ ସହ ଲାଞ୍ଜିପଲ୍ଲୀରେ ସୋମବାର ସନ୍ଧ୍ୟାରେ ପହଞ୍ଚିଥିଲେ। ରାତିରେ ସେମାନେ ସେଠାରେ ଭୋଜି ଖାଇଥିଲେ। ମୋର କାମ ଅଛି, ମୁଁ ବିଳମ୍ବରେ ଘରେ ପହଞ୍ଚିବି ବୋଲି ଭାଇଙ୍କୁ ଜଗା କହିଥିଲେ। କିନ୍ତୁ ରାତିରେ ସେ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଲାଞ୍ଜିପଲି ଓଭର ବ୍ରିଜ୍ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସ ଖବର ପାଇଥିଲା। ପୋଲିସ ଉପସ୍ଥିତିରେ ଭାଇ ବାବାଜି ଜଗାଙ୍କ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି।

# ମାଘ ମେଳାର ଶ୍ରୀବୃଦ୍ଧି ପାଇଁ ପ୍ରୟାସ


ମାଘ ମେଳାରେ ଉପସ୍ଥିତ ଅତିଥି।

ଖଣ୍ଡପଡ଼ା,୭।୨(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମାଘମେଳା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୧ରୁ ଅପେରା ପ୍ରଦର୍ଶନ ପରେ ମେଳାର ଶ୍ରୀବୃଦ୍ଧି ହେବ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ମାଘମେଳା ୭ମ ଦିନରେ ପହଞ୍ଚିଛି। ହେଲେ ମେଳାପଡିଆ ଗତ ୬ଦିନପରି ଆଜି ବି ସମ୍ପୂର୍ଣ୍ଣ ଖାଁ ଖାଁ ଥିଲା। ମେଳାର ଏପରି ଦୟନୀୟ ଅବସ୍ଥା ପାଇଁ ମୁଖ୍ୟତଃ ଅପେରା କମିଟି ସହ ଜିଲା ପ୍ରଶାସନ ଦାୟୀ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅପେରା କମିଟି ଯଦି ମାଘମେଳା ଆରମ୍ଭରୁ ଯାତ୍ରା ପରିବେଷଣ କରିଥାଆନ୍ତେ ଦର୍ଶକମାନଙ୍କ ଭିଡ଼ କମି ନ ଥାଆନ୍ତା ବୋଲି ମତ ପ୍ରକାଶ ପାଇଛି।

ଚଳିତ ବର୍ଷ କିପରି ମେଳାକୁ ସରସ ସୁନ୍ଦର କରାଯାଇ ପାରିବ, ସେଥିପାଇଁ ନୟାଗଡ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ମାଘମେଳା ମହୋତ୍ସବର ପରିକଳ୍ପନା କରାଯାଇଛି। ଏହି ୩ ଦିନ ମଧ୍ୟରେ ସୋମବାର ଦିନ ଭୁବନେଶ୍ୱର ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଓଡ଼ଗାଁର ଭାରତ ଲୀଳା ପରିବେଷଣ କରାଯାଇଛି। ବୁଧବାର ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି। ମାଘମେଳା ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ନୟାଗଡ଼ ଉପଜିଲପାଳ ଶକ୍ତିକାନ୍ତ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାଘମେଳା ମହୋତ୍ସବ କମିଟିର ସଭାପତି ତଥା ଖବରଦାତା ପ୍ରଭାକର ଶିରୋମଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଓ ଖଣ୍ଡପଡା ବିଡିଓ ଅରୁଣୀମା ସାହୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସିଦ୍ଧାର୍ଥ ମହାପାତ୍ର ସଂଯୋଜନା କରିଥିଲେ। ଆଜି ୨ୟ ସନ୍ଧ୍ୟାରେ ଓଡଗାଁରୁ ଆସିଥିବା ଭାରତ ଲୀଳା ଦୁଆରୀ ନୃତ୍ୟ ଦେଖିବାକୁ ଅଳ୍ପ ସଂଖ୍ୟକ ଦର୍ଶକ ସମାଗମ ହୋଇଥିଲା। ଏ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତିର ବିକାଶ ପାଇଁ ଏପରି ଆୟୋଜନକୁ ସ୍ୱାଗତ କରିଥିଲେ। ସମ୍ମାନୀତ ଅତିଥି ରୁପେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ ଓ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଲିପ୍ସା ରାୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଣ୍ଡିତ ମନୋଜ କୁମାର ଦାଶ ଯୋଗଦେଇ ପ୍ରାରମ୍ଭିକ ବେଦପାଠ କରିବା ସହ ଶ୍ରୀ ନୀଳମାଧବ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେଅଧ୍ୟକ୍ଷତା କରୁଥିବା ଶ୍ରୀ ଶିରୋମଣୀ ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କସହ ଯୋଗ କାମନା କରିଥିଲେ।

# ୩ ଗଞ୍ଜେଇ ଚାଲାଣକାରୀ ଗିରଫ

ପାରଳାଖେମୁଣ୍ଡି, ୭।୨(ଡି.ଏନ୍.ଏ.)

ଗଜପତି ଜିଲା ଅବକାରୀ ଉପଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ରେଞ୍ଜ, ଅବକାରୀ ପାଟ୍ରୋଲିଂ ଦଳ ଓ ଅବକାରୀ ନିରୀକ୍ଷକ ଟିମ୍ ୩ ସ୍ଥାନରେ ଚଢାଉ କରି ୩ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ୬୯କେଜି ୬୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅବକାରୀ ବିଭାଗ ସୂଚନା ମୁତାବକ ସଦର ରେଞ୍ଜ ପକ୍ଷରୁ ପାରଳା ସହର ଉପକଣ୍ଠସ୍ଥ ଦେବିତୀ ଗ୍ରାମ୍ୟ ରାସ୍ତାରେ ଦୀପୁଲାଲ ବାଗ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଚଢାଉ କରାଯାଇଥିଲା। ସେହିପରି ପାରଳାଖେମୁଣ୍ଡି ବସଷ୍ଟାଣ୍ଡଠାରେ ଜାଗୁ ହନ୍ତାଳ ନାମକ ଜଣେ ଯୁବକ ଗଞ୍ଜେଇ ଚାଲାଣ କରୁଥିବାର ଖବରପାଇ ଚଢାଉ କରିଥିଲେ। ଅନ୍ୟଏକ ଘଟଣାରେ ଅବକାରୀ ନିରୀକ୍ଷକ ଦଳ ଅଡାସିଂ ଛକଠାରେ ଚଢାଉ କରିଥିଲେ। ଏହି ଚଢାଉ ବେଳେ ଗେର୍ସନ ଶବର (୨୬)ନାମକ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିଥିଲେ। ଦୀପୁଲାଲଙ୍କଠାରୁ ୭.୨୦୦ ଗ୍ରାମ, ଜାଗୁଙ୍କଠାରୁ ୧୨କେଜି ୪୦୦ ଗ୍ରାମ ଓ ଗେର୍ସନଙ୍କଠାରୁ ୫୦କେଜି ଗଞ୍ଜେଇ ଜବତ କରାଯାଇଛି ।

# କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

**ସଅର, ଦେଶୁଆକନ୍ଧଙ୍କୁ ଆଦିବାସୀ ମାନ୍ୟତା ପାଇଁ ଦାବିପତ୍ର ପ୍ରଦାନ**

ଖଣ୍ଡପଡ଼ା,୭।୨(ସ୍ୱ.ପ୍ର.)

କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଓଡ଼ିଶା ଗସ୍ତରେ ଆସିବା ଅବସରରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ଆଦିବାସୀ ମାନଙ୍କ ସମସ୍ୟାକୁ ନେଇ, ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଭାଜପା ନେତା ଅଭିଲାଷ ପଣ୍ଡା ତାଙ୍କୁ ସାକ୍ଷାତ କରି ସଅର, ଦେଶୁଆକନ୍ଧଙ୍କୁ ଆଦିବାସୀ ମାନ୍ୟତା ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଦୀର୍ଘ ବର୍ଷରୁ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହୋଇଥିବା ଉପରୋକ୍ତ ସଅର(ଶବର) ଓ ଦେସୁଆକନ୍ଧ ସମ୍ପ୍ରଦାୟର ଲୋକମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ପଣ୍ଡା ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ପ୍ରାୟ ୨୫ଟି ଗାଁରେ ୪ହଜାର ୫ଶହରୁ ଊର୍ଦ୍ଧ୍ୱ ସଅର(ଶବର) ଓ ୨୫ଟି ଗ୍ରାମରେ ୧୮ଶହରୁ ଊର୍ଦ୍ଧ୍ୱ ଦେଶୁଆକନ୍ଧ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ପରିବାରଙ୍କୁ ଆଦିବାସୀ ମାନ୍ୟତା ମିଳିଥିବା ବେଳେ ଅଧିକ ସଂଖ୍ୟକ ଲୋକ ଆଦିବାସୀ ମାନ୍ୟତାରୁ ବଞ୍ଚିତ ଅଛନ୍ତି। ଆଦିବାସୀ ମାନ୍ୟତା ପାଇଥିବା ପରିବାର ସହିତ ବୈବାହିକ ସମ୍ପର୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମାଜିକ, ଧାର୍ମିକ, ସାଂସ୍କୃତିକ ପରମ୍ପରା ଐକ୍ୟବଦ୍ଧ ଭାବେ ପୂଜା, ପରମ୍ପରା ପାଳନ କରୁଥିଲେ ମଧ୍ୟ ପ୍ରଶାସନିକା ଅବହେଳା ଯୋଗୁ ସମ୍ପୃକ୍ତ ସମ୍ପ୍ରଦାୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଫଳରେ ଏହି ବର୍ଗର ପରିବାର ସାମାଜିକ ଭାବେ ଆରକ୍ଷଣ ସମେତ ଅନେକ ସୁବିଧାରୁ ବଞ୍ଚିତ ହୋଇ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ପରିପ୍ରେକ୍ଷୀରେ ପଣ୍ଡା ନୀଳମାଧବଙ୍କ ସହ ବିଶ୍ୱାବସୁଙ୍କ ସମ୍ପର୍କ ସମ୍ବନ୍ଧରେ କେନ୍ଦ୍ରମନ୍ତ୍ରୀ ମୁଣ୍ଡାଙ୍କୁ ଅବଗତ କରାଇଥିଲେ। ତେବେ ମୁଣ୍ଡା ସମସ୍ତ ବିଷୟ ଅବଗତ ହେବା ତଥା ଦାବିପତ୍ର ପାଇବା ପରେ ବିଶ୍ୱାବସୁଙ୍କ ବଂଶଜମାନେ ଏସବୁ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେଥିପ୍ରତି ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପାଇଖାନା ଘରେ ଜୀବନ


ସ୍ୱାମୀଙ୍କ ସହ ରଞ୍ଜୁ ବେହେରା।


ପାଇଖାନା ପ୍ୟାନ୍ ଉପରେ ପଡ଼ିଛି ଖଟ।

**■ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ**
**■ ଆବାସ ଯୋଜନା ସ୍ୱପ୍ନ**

**ନୟାଗଡ଼ ଅଫିସ,୭।୨**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବଡବାଣପୁର ଗାଁରେ ସ୍ୱଚ୍ଛ ଭାରତ ପକ୍ଷରୁ ନିର୍ମାଣ ହୋଇଥିବା ପାଇଖାନା ଘରେ ରଞ୍ଜୁ ବେହେରାଙ୍କ ପରିବାର ମୁଣ୍ଡ ଗୁଞ୍ଜିଛନ୍ତି। ଫନି ବାତ୍ୟାରେ ଘର ଭାଙ୍ଗି ଯାଇଥିଲେ ମଧ ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ଘରଟିଏ ନ ମିଳିବାରୁ ବାଧ ହୋଇ ପାଇଖାନା ଘରକୁ ଆବୋରି ନେଇଛନ୍ତି। ପ୍ୟାନ ଉପରେ ଖଟ ପକାଇ ପାଖରେ ରୋଷେଇ ସହ ଘର ଉପକରଣ ରଖିଛନ୍ତି। ରଞ୍ଜୁଙ୍କ ଅଭିଯୋଗ ଫନୀ ବାତ୍ୟା ସମୟରେ ଘର ଭାଙ୍ଗି ଗଲା। କିଛି ଦିନ ବାହାରେ ରହିବା ପରେ ପ୍ରଶାସନ ଅଭିଯୋଗ ଶୁଣିଲା ନାହିଁ। ପ୍ରଶାସନ ପକ୍ଷରୁ ମିଳିଥିବା ପାଲକୁ ଭଙ୍ଗା ଘରେ ପକାଇ କିଛି ମାସ ରହିଲୁ। ପରେ ଘରଟି ପୁରା ଭାଙ୍ଗିଯିବା ପରେ ଆଉ ବାହାରେ ରହିବା ସୁବିଧା ହେଲା ନାହିଁ। ଏଣୁ ବାଧ୍ୟ ହୋଇ ପାଇଖାନାକୁ ଘର ରୂପେ ବ୍ୟବହାର କରୁଛୁ। ଏବେ ପ୍ରକାଶ ପାଇଥିବା ଆବାସ ତାଲିକାରେ ମଧ ନାଁ ନ ଥିବା ସେ ଅଭିଯୋଗ କରିଛନ୍ତି।ରଞ୍ଜୁଙ୍କ ଚଳଣୀକୁ ଦେଖିଲେ ମନରେ ପ୍ରଶ୍ନ ଉଠୁଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ପାଇଁ। କେଉଁ ଭଳି ଲୋକ ଏଥିରେ ସାମିଲ ହୋଇ ପାରିବେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ରହ୍ମପୁର ବଜାରରେ ବେଙ୍ଗାଲୁରୁ ଗୋଲାପର ଚାହିଦା

ବ୍ରହ୍ମପୁର ଅଫିସ,୭।୨


ବିଭିନ୍ନ ରଙ୍ଗର ଗୋଲାପ ବିକ୍ରି ହେଉଛି।

**ଆରମ୍ଭ ହେଲା ପ୍ରେମ ସପ୍ତାହ**

ଆରମ୍ଭ ହୋଇଛି ପ୍ରେମ ସପ୍ତାହ। ପଶ୍ଚାତ୍ୟ ସଂସ୍କୃତି ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସାରା ପୃଥିବୀରେ ଏହା ପ୍ରେମୀ ଯୁଗଳଙ୍କ ମଧ୍ୟରେ ବେଶ ଆଦୃତ ହେଉଛି। ଏହି ସପ୍ତାହ ସାରା ବିଶ୍ୱରେ ଫେବୃୟାରୀ ୭ ରୁ ୧୪ ପର୍ଯ୍ୟନ୍ତ ପାଳିତ ହେଉଛି। ପ୍ରଥମ ଦିନ ଗୋଲାପ ଦିବସ ବା ରୋଜ ଡ଼େ଼ପ୍ରୋପୋଜ ଡ଼େ଼, ଚକୋଲେଟ ଡ଼େ଼, ଟେଡ଼ି ଡ଼େ଼, ପ୍ରମିଜ ଡ଼େ଼, ହଗ୍ ଡ଼େ଼, କିସ ଡ଼େ଼ ଏବଂ ଶେଷରେ ସେଣ୍ଟ ଭାଲେଣ୍ଟାଇନଙ୍କ ଦିବସ ପାଳିତ ହୋଇଥାଏ।

ପ୍ରେମ ସପ୍ତାହର ପ୍ରଥମ ଦିନ ମଙ୍ଗଳବାର ରୋଜଡ଼େ' ବା ଗୋଲାପ ଦିବସ ପାଳିତ ହୋଇଛି। ଏହି ଦିନ ପ୍ରେମୀମାନେ ନିଜ ପ୍ରେମିକାକୁ ପ୍ରେମର ପ୍ରତୀକ ସ୍ୱରୂପ ଲାଲ ଗୋଲାପ ଦେଇ ନିଜ ପ୍ରେମ ବ୍ୟକ୍ତ କରିଥାନ୍ତି। ଏହି ପରମ୍ପରା ବର୍ତ୍ତମାନ ରେଶମ ସହରରେ ମଧ ଦେଖିବାକୁ ମଳିଛି। ସେହିପରି ସହରରେ ପୁରୁଣା ବସ୍‌ଷ୍ଟାଣ୍ଡ, ବଡ଼ବଜାର, ଗୋଇଲୁଣ୍ଡି, ସୁବାରାଓ ଛକ ଗୁଡିକରେ ଥିବା ଫୁଲ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। କଲେଜ ପଢୁଆ ଛାତ୍ରୀଛାତ୍ର, ଯୁବତୀ ଯୁବକ ଓ ନବ ବିବାହିତ ସର୍ବାଧିକ ଗୋଲାପ ଫୁଲ କ୍ରୟ କରିଥିବା ବ୍ୟବସାୟୀଙ୍କଠାରୁ ପ୍ରକାଶ। ଗୋଲାପ ଦିବସ ଅବସରରେ ସାଧାରଣ ଦିନରେ ୧୦ରୁ ୧୫ ଟଙ୍କାରେ ବିକ୍ରି ହେଉଥିବା ଫୁଲ ଦର ମଙ୍ଗଳବାର ୨୦ରୁ ୩୦ଟଙ୍କା ବୃଦ୍ଧି ପାଇଛି। ସେହିପରି ଗ୍ରାହକଙ୍କ ମଧ୍ୟରେ ବେଙ୍ଗାଲୁରୁ ଗୋଲାପ ଚାହିଦା ଅଧିକ ରହିଛି। ଲାଲ ଗୋଲାପ ସମେତ ହଳଦିଆ, ଧଳା ଓ ପିଙ୍କ୍ ଭଳି ବିଭିନ୍ନ ରଙ୍ଗର ଗୋଲାପ ଓ ଅନ୍ୟାନ୍ୟ ଫୁଲ ମଧ ବିକ୍ରି ହେଉଛି।

# ୨୦ ବସ୍ତା ଧାନ ଜଳିଗଲା

**ନୟାଗଡ଼ ଅଫିସ,୭।୨:** ଦଶପଲ୍ଲା ତହସିଲ କଳସାଖମଣ ପଞ୍ଚାୟତ କଣାପାଙ୍କୁ ଗାଁର ବେଣୁ ମଳିକ ଓ ଉତ୍ସବ ମଳିକଙ୍କର ୨୦ ବସ୍ତା ଧାନ ପୋଡି ଯାଇଛି। ବେଣୁ ଓ ଉତ୍ସବ ସାଙ୍ଗ ହୋଇ ସୋମବାର ଧାନବେଙ୍ଗଳା ପକାଇଥିଲେ। ଧାନ ଅମଳ ପରେ ଧାନ ଖଳାରେ ରଖି ଘରକୁ ଯାଇଥିଲେ। ଆସିଲା ବେଳକୁ ଧାନ ଜଳି ଯାଉଛି। ନିଆଁ ଲାଗିବା ପରେ ତୁରନ୍ତ ଦଶପଲ୍ଲା ଦମକଳ କେନ୍ଦ୍ରକୁ ଫୋନ କରାଯାଇଥିଲା। ତେବେ ଗାଁଠାରୁ ୪ କିମି ରାସ୍ତା ପୂର୍ବରୁ ବଡଘାଟି ଠାରେ ଦମକଳ ଅଟକି ରହିଲା। ଗାଁକୁ ରାସ୍ତା ନ ଥିବାରୁ ଦମକଳ ଆସି ପାରିଲା ନାହିଁ। ଫଳରେ ଦୁଇ ଚାଷୀଙ୍କ ସମସ୍ତ ଧାନ ଜଳି ପାଉଁଶ ହୋଇଯାଇଛି।



# ରେଳପଥ ସଂଗ୍ରାମ ସମିତିର ରେଳରୋକୋ

- ଯାଜପୁର ରୋଡ-ଧାମରା ରେଳପଥ ନିର୍ମାଣ ଦାବି ତେଜିଲା
- ଯାଜପୁର ରୋଡରେ ରେଳ ଡିଭିଜନ ଓ ଫ୍ଲାଇ ଓଭରବ୍ରିଜ ଦାବି
- ରେଳ ବଜେଟରେ ପ୍ରତାରଣାର ପ୍ରତିବାଦ



ଯାଜପୁର ରୋଡ୍ ଷ୍ଟେଶନରେ ଲୋକେ ରେଳରୋକୋ କରିଛନ୍ତି ।

ଯାଜପୁର ଅଫିସ,୭।୨ :

କେନ୍ଦ୍ର ରେଳ ବଜେଟରେ ଯାଜପୁର ରୋଡ଼-ଧାମରା ନୂତନ ରେଳ ଲାଇନ ପାଇଁ ବ୍ୟୟ ବରାଦ କରା ନ ଯିବା ପ୍ରତିବାଦରେ ମଙ୍ଗଳବାର ଯାଜପୁରରୋଡ଼, ଭଦ୍ରକ ଓ ଧାମରା ରେଳଷ୍ଟେଶନରେ ରୋଳରୋକୋ ଆନ୍ଦୋଳନ ହୋଇଥିଲା । ଏଥିପାଇଁ ପ୍ରାୟ ଅଧଘଣ୍ଟା ଧରି ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଏହି ଆନ୍ଦୋଳନରେ ଯାଜପୁର ରୋଡ଼ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା, ସମସ୍ତ ଟ୍ରେନ ରହଣୀ ଏବଂ ଦ୍ୱିତୀୟ ଫ୍ଲାଇ ଓଭରବ୍ରିଜ ନିର୍ମାଣ ଦାବିକୁ ମଧ୍ୟ ଏଥିରେ ସାମିଲ କରାଯାଇଥିଲା। ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଯାଜପୁର ରୋଡ଼ ଗୋପବନ୍ଧୁ ଛକରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ଯାଇ ଯାଜପୁର ରୋଡ ରେଳଷ୍ଟେଶନରେ ପହଞ୍ଚିଥିଲେ। ତେବେ ମୁଖ୍ୟ ଫାଟକରେ ଜିଆରପି ଏବଂ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବା ଯୋଗୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କିଛି ସମୟ ପାଇଁ ପୋଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା।

ସମିତି ପକ୍ଷରୁ ହୋଇଥିବା ଦାବି ଅନୁଯାୟୀ କେବଳ ପୂର୍ବତଟ ରେଳବାଇ ଜୋନରୁ ବାର୍ଷିକ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ଆଦାୟ ହେଉଛି । ୯୫. ୯୫ କିଲୋମିଟର ବିଶିଷ୍ଟ ଯାଜପୁର ରୋଡ଼-ଧାମରା ରେଳ ପଥ ନିର୍ମାଣ କରାଗଲେ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ହେବ ଓ ରେଳବାଇର ୨୭.୪୩% ଲାଭ ହେବ ବୋଲି ଅଟକଳ କରାଯାଇଛି । ୧୦% ଲାଭର ସମ୍ଭାବନା ଥିଲେ ବିଭିନ୍ନ ସ୍ଥାନରେ ନୂତନ ରେଳପଥ ନିର୍ମାଣ କରାଯାଉଥିବାବେଳେ ଏହି ପ୍ରସ୍ତାବିତ ରେଳପଥ ନିର୍ମାଣ କ୍ଷେତ୍ରରେ ପାତରଅନ୍ତର କରାଯାଉଛି। ଉକ୍ତ ରେଳପଥ ନିର୍ମାଣ ହେଲେ ବିରଜା କ୍ଷେତ୍ରକୁ ରେଳ ସଂଯୋଗ ହେବା ସାଙ୍ଗକୁ ଆଖଣ୍ଡଳମଣି ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକା କୁମ୍ଭୀର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। କଳିଙ୍ଗନଗର ଓ ନାଲ୍‌କୋର ଶିଳ୍ପାଞ୍ଚଳ ସହ ଧାମରା ବନ୍ଦରକୁ ସଂଯୁକ୍ତ କରିବ। ଏହିସବୁ ଦାବି ନେଇ ରେଳ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପୁନର୍ବାର ଉଦ୍ୟମ କରାଯିବା ସହ ଏକ ବ୍ୟାପକ ଗଣ ଆନ୍ଦୋଳନ ପାଇଁ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଯାଜପୁରରୋଡ଼ରୁ ଧାମରା ପର୍ଯ୍ୟନ୍ତ ପଦଯାତ୍ରା କରିବାକୁ ସମିତି ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

ଏହି ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରମିକ ନେତା ମାୟାଧର ନାୟକ, କଂଗ୍ରେସ ରାଜ୍ୟ ସଭାନେତ୍ରୀ ବନ୍ଦିତା ପରିଡା, ସମିତିର ଆବାହକ ସନ୍ତୋଷ ଦାସ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ପଦ୍ମାକର ଗୁରୁ, ମଳୟ ପଣ୍ଡା, ସନ୍ତୋଷ ନନ୍ଦ, ପ୍ରସନ୍ନ ସାମଲ,ଚନ୍ଦ୍ରମଣି ସାମଲ, ଦୁଷ୍ମନ୍ତ ନାୟକ, ସୁରେନ୍ଦ୍ର ରାୟ, ଅକ୍ଷୟ ଜେନା, ଦିଲ୍ଲୀପ ମଲ୍ଲିକ, ମହିଳା ନେତ୍ରୀ ଲାଳମଣି ମୁଣ୍ଡା, ରୀତାଶ୍ରୀ ମହାନ୍ତି, ଆରତୀ ସ୍ୱାଇଁ, ବ୍ରଜେଶ୍ୱରୀ ସିଂ, ବିଜୟ କୁମାର ବୋଇତାଇ, ନାରାୟଣ ନାୟକ, ହୃଦାନନ୍ଦ ସାମଲ ପ୍ରମୁଖ ଭାଗ ନେଇଥିଲେ।

## ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୭।୨(ଡି.ଏନ.ଏ.):

ଆସନ୍ତା ୧୧ ତାରିଖ ଶନିବାର ଜିଲା ଓ ଦୌରା ଅଦାଲତ ଯାଜପୁର ସମେତ ଜିଲାର ସମସ୍ତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ, ଯାଜପୁର ସଚିବ ଜ୍ୟୋର୍ତିମୟୀ ଦାସ ସୂଚନା ଦେଇଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ବିଚାରାଧୀନ ମକଦ୍ଦୋମା ଯଥା; ଫୌଜଦାରୀ(ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏହା ସହ ପ୍ରାକ୍‌ମକଦ୍ଦୋମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଏବଂ ଅନ୍ୟାନ୍ୟ ଦେୱାନୀ ମକଦ୍ଦୋମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ମକଦ୍ଦମା ବାବଦରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦୋମାର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ। ତେଣୁ ଏହାର ସୁଯୋଗ ନେବାକୁ ଜିଲାବାସୀଙ୍କ ଅନୁରୋଧ କରାଯାଇଛି। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହିତ ଯୋଗାଯୋଗ କରିବାକୁ ମଧ୍ୟ ସୂଚନା ଦିଆଯାଇଛି।

## ବେଆଇନ ବାଲି ଉଠାଣରେ ରୋକ ଲଗାଇବାକୁ ତତ୍ପରତା

ବରୀ,୭।୨(ଡି.ଏନ.ଏ.):

ବରୀ ତହସିଲ ଅଞ୍ଚଳରେ ବେଆଇନ ବାଲି ଉଠାଣ ଯୋଗୁ ରାଜସ୍ୱ ହାନି ଘଟୁଛି। ତହସିଲ ତରଫରୁ ନିଲାମ ଦିଆଯାଇଥିବା ସ୍ଥାନଗୁଡ଼ିକରୁ ବାଲି ଉଠାଣ କରା ନ ଯାଇ ଅନ୍ୟସ୍ଥାନରୁ ଉଠାଣ କରାଯାଉଥିବା ଜଣାପଡ଼ିବା ପରେ ତହସିଲ ପ୍ରଶାସନ ପକ୍ଷରୁ ଏହା ଉପରେ ରୋକ୍ ଲଗାଇବାକୁ ତତ୍ପରତା ପ୍ରକାଶ ପାଇଛି। ନୂତନ ଭାବେ ଯୋଗଦେଇଥିବା ତହସିଲଦାର ତିଲୋତ୍ତମା ପୃଷ୍ଟି ଏହି ଘଟଣାକୁ ଦୃଷ୍ଟି ଦେଇ ବରୀ ଅଞ୍ଚଳରେ ବେଆଇନଭାବେ ବାଲି ଉଠାଣ କରି ବିଭିନ୍ନ ସ୍ଥାନକୁ ପଠାଉଥିବା ଟ୍ରାକ୍ଟରଗୁଡିକୁ ଜବତ କରି ଜରିମାନା ଆଦାୟ କରିଛନ୍ତି। ୨ ଦିନ ମଧ୍ୟରେ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜରିମାନା ଦେଇଥିବା ଗାଡ଼ି ମାଲିକଙ୍କୁ ବେଆଇନ ବାଲି ଉଠାଣ ନ କରିବାକୁ ତହସିଲଦାର ତାଗିଦ୍ କରିଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଟ୍ରାକ୍ଟର ମାଲିକମାନେ ଗାଡ଼ି ଉପରେ ଛାଉଣି ନ କରିବା ଯୋଗୁ ବାଲି ଉଡ଼ି ରାସ୍ତାରେ ଗଦା ହେଉଛି। ଫଳରେ ୨ ଚକିଆ ଯାନରେ ଯାତାୟାତ କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ହେଉଛନ୍ତି। ବାଲି ସଇରାତରୁ ବାଲି ଉଠାଣ ନ ହେବାରୁ ସଇରାତ ନିଲାମ ନେଇଥିବା ବ୍ୟକ୍ତିମାନେ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ଆଗାମୀ ଦିନରେ ଏହି ବାଲି ଘାଟଗୁଡିକ ନିଲାମ ହେବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ତହସିଲଦାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ରାଜସ୍ୱ ବୃଦ୍ଧିକୁ ଗୁରୁତ୍ୱ ଦେବା ମୋର ଦାୟିତ୍ୱ। ଅପରପକ୍ଷରେ କୌଣସି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। ସରକାରୀ ନିୟମ ମୁତାବକ ଯେଉଁ କାର୍ଯ୍ୟ କରାଯିବା କଥା ସେହି କାର୍ଯ୍ୟକୁ ଅଗ୍ରାଧିକାର ଦିଆଯିବ।

## ଯାଜପୁର ଟାଉନ୍‌ରେ କୃଷକ ବଜାରର ସ୍ଥିରତା ନାହିଁ

### ହଟହଟା ହେଉଛନ୍ତି ଚାଷୀ

ଯାଜପୁର ଟାଉନ,୭।୨(ଡି.ଏନ.ଏ.):

ଯାଜପୁର ଟାଉନ୍‌ରେ କୃଷକ ବଜାରର ସ୍ଥିରତା ନାହିଁ। ଯାଜପୁର ସହରରେ କୃଷକମାନଙ୍କ ପାଇଁ ପ୍ରଥମେ କିଆନାଳୀକୂଳ ଆର୍‌ଏମ୍‌ସି ମାର୍କେଟରେ ଜାଗା ଦେଇ ପିଣ୍ଡି ନିର୍ମାଣ ହୋଇଥିଲା। କୋଭିଡ୍ ମହାମାରୀ ସମୟରେ ଗହଳି ହେବାରୁ ତାହାକୁ ବାଳାଶ୍ରମ ପଡ଼ିଆକୁ ଉଠାଇ ଦିଆଗଲା। ବନ୍ୟା ସମୟରେ କୃଷକମାନେ ବିରଜା ରିଂ ରୋଡ୍ କଡ଼ରେ ବସି ବେପାର କଲେ। ୨୦୨୧-୨୨ରେ ବାଳାଶ୍ରମ ପଡ଼ିଆର ଆଗକୁ ବସିବାକୁ ଦିଆଗଲା। ପୁନଶ୍ଚ ଉକ୍ତ ଜାଗାରୁ କୃଷକମାନଙ୍କୁ ଉଠାଇ ତା'ଆଗକୁ ବସାଇବା ପାଇଁ ସ୍ଥାନ ନିରୂପଣ କରାଗଲା। ଏବେ ଯାଜପୁର ଜିଲା ମହୋତ୍ସବ ପାଇଁ ଉକ୍ତ କୃଷକ ବଜାରକୁ ଉଠାଇ, ପୁରୁଣା ସବ୍‌ରେଜିଷ୍ଟ୍ରାର ଅଫିସ୍ ସ୍ଥାନରେ ବସାଇ ଦିଆଯାଇଛି। ତେଣୁ କୃଷକ ବଜାର ପାଇଁ ସ୍ଥାୟୀ ଜାଗାରେ ପିଣ୍ଡି ସ୍ଥାପନ କରି ସେମାନଙ୍କୁ ଥଇଥାନ କରିବାକୁ କଂଗ୍ରେସର ବରିଷ୍ଠ ନେତା ତଥା ଜିଲା ଉପଭୋକ୍ତା ସମିତିର ସଭାପତି ଦିଗାମ୍ବର କର ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅଡ଼େଇବାଟିଆ ଆଦିବାସୀ ବସ୍ତିରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର ।

ପାଣିକୋଇଲି,୭।୨(ଡି.ଏନ.ଏ.):

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ମହମ୍ମଦ ଜମାଲପୁର(ଅଢ଼େଇବାଟିଆ)ଗ୍ରାମର ଆଦିବାସୀ ବସ୍ତିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପୁନିଆ ମୁର୍ମୁଙ୍କ ୩ ବଖରା ଘର ସହ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ମଧ୍ୟାହ୍ନରେ ପୁନିଆ କାମକୁ ଯାଇଥିବା ବେଳେ ତାଙ୍କ ସାନପୁଅ ରୋଷେଇ କରୁଥିଲେ। ରୋଷେଇ ଚୁଲିରୁ ନିଆଁ ଉଠି ଘରେ ଲାଗିଥିଲା। ମାତ୍ର ଘରେ ବଡ଼ ଲୋକ କେହି ନଥିବାରୁ କୌଣସି ଆସବାସପତ୍ର ବାହାର କରିବା ସମ୍ଭବ ହୋଇ ନ ଥିଲା। ଖବରପାଇ ଯାଜପୁରରୋଡ ଓ ବୈତରଣୀରୋଡ ଦମକଳ ବାହିନୀ ପହଞ୍ଚିଥିଲେ ହେଁ ସେତେବେଳକୁ ସବୁ କିଛି ପୋଡି ପାଉଁଶ ହୋଇ ଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ଧର୍ମଶାଳା,୭।୨ (ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ସତ୍‌ସଙ୍ଗ କେନ୍ଦ୍ରର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୫ ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସକାଳେ ପ୍ରଭାତ ଫେରି, ଊଷା କୀର୍ତ୍ତନ, ମଧ୍ୟାହ୍ନରେ ମାତୃ ସମ୍ମିଳନୀ ପରେ ସୁସଜ୍ଜିତ ରଥରେ ଠାକୁରଙ୍କ ଫଟୋ ସହ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗ ସଭାରେ ଋତ୍ୱିକ୍ ପ୍ରଫେସର ବିଜୟ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଆଲୋଚକଭାବେ ଇଂ. ରଞ୍ଜନ ମୁଦୁଲି, ଚକ୍ରଧର ଜେନା, ଋତ୍ୱିକ୍ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସତସଙ୍ଗ କେନ୍ଦ୍ରର ସମ୍ପାଦକ ରୀତିକ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଠାକୁରଙ୍କ ଆଶ୍ରୀତ ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, ଦେବେନ୍ଦ୍ର କୁମାର ଜେନା, ଅଜୟ ନାଥ, ବାବୁଲି ସାମଲ, ସତ୍ୟପ୍ରିୟ ମହାନ୍ତି, ଜଳଧର ମହାନ୍ତି, ନାରାୟଣ ସାମଲ, ବିନୋଦ ବିହାରୀ ସାହୁ ଓ ସଂଗ୍ରାମ କେଶରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନନ୍ତ ବାସୁଦେବ ମନ୍ଦିରରୁ ଚନ୍ଦନଗଛ ଚୋରି

ପାଣିକୋଇଲି,୭।୨(ଡି.ଏନ.ଏ.):

ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗ୍ରାମର ବୁଢ଼ାନଦୀ କୂଳ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଥିବା ଚନ୍ଦନ ଗଛ ଚୋରି ହୋଇଛି। କେହି ଦୁର୍ବୃତ୍ତ ରାତ୍ରି ସମୟରେ ଗଛ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମନ୍ଦିର କମିଟି ପକ୍ଷରୁ ଭଗତପୁର ଗ୍ରାମର ଶିବପ୍ରସାଦ ସାହୁ ଏନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଲକ୍ଷାଧିକ ଟଙ୍କାର ଏହି ଚନ୍ଦନ ଗଛକୁ କେହି ମେଶିନ ସାହାଯ୍ୟରେ କାଟି ନେଇଥିବାବେଳେ ଡାଳଗୁଡିକ ମନ୍ଦିର ପରିସରରେ ପଡ଼ିରହିଛି।


**"e" Procurement Notice for Building Works**
**Identification No. Online Tender/06/TPS/2022-23**
**No. i-401**

| | | |
|---|---|---|
| 1. Name of the Work | : | Construction of Sub Centre at Sundarpur Under Tangi Block. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.14 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 06 Calendar Months |
| 6. Availability of Tender Online: for Bidding | | Dt.07.02.2023 at 11.00 A.M. to Dt.21.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.22.02.2023 at 11 A.M. |

Further details can be seen from the website: **www.tenderodisha.gov.in**.

**Sd./- Block Development Officer**
**Tangi, Khordha**
**OIPR-19049/11/0003/2223**

**ODISHA JOINT ENTRANCE EXAMINATION - 2022 (OJEE - 2022)**

**No. OJEE/059** **Date: 06.02.2023**

**Notice for Spot Round Counselling for BAMS/BHMS Courses**

No. h-22: The **Spot Round of Counselling** for admission to vacant seats available in **BAMS/BHMS** Courses for the academic session 2022-23 is scheduled to be held at OJEE CELL, Gandamunda, Bhubaneswar on 09.02.2023 and 10.02.2023.

NEET (UG) - 2022 All India Rank holders satisfying the qualifying marks criterion (as per relevant notifications of AYUSH), are eligible to participate. However, candidates, who have taken admission in any Institute through All India Counselling by AACCC or through OJEE Counselling at the end of 2nd Round (including upgradation), are not eligible to participate in the OJEE Spot Counselling.

Eligible candidates, who are interested to take part in Spot Round Counselling, are advised to see the detailed **"Schedule"**, **"Vacant Seat Matrix"** and the **"Guidelines and Instructions for Spot Counselling"**, available in OJEE website **(ojee.nic.in)** and to come prepared accordingly.

**Sd./- Chairman, OJEE, Odisha**
OIPR-14020/11/0030/2223


## ପାଣି ପଞ୍ଚାୟତ ପକ୍ଷ ସମାରୋହ



ପାଣି ପଞ୍ଚାୟତ ପକ୍ଷ ପାଳନରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର।

ଧର୍ମଶାଳା,୭।୨(ଡି.ଏନ.ଏ.):

ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ ମଙ୍ଗଳବାର ଜାରକାସ୍ଥିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ଯାଜପୁର କ୍ଷୁଦ୍ର ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ସହକାରୀ ଏବିଓ ମମିତା ମହାନ୍ତି ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଜଳସେଚନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ପଣ୍ଡା ସୂଚନା ଦେଇ କହିଥିଲେ, ଏହି ଡିଭିଜନ ଅଧୀନରେ ୨୮ ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଏହି ପାଣି ପଞ୍ଚାୟତ ଗୁଡ଼ିକ ସହଯୋଗରେ ଚାଷୀଙ୍କ ଜମିକୁ ସୁଚାରରୂପେ ଜଳସେଚିତ କରାଯାଉଛି। ପାଣି ପଞ୍ଚାୟତ ପକ୍ଷରୁ କୃଷକ ନେତା ବସନ୍ତ ପରିଡା, ଲଲାଟେନ୍ଦୁ ଦାସ, ଧର୍ମେନ୍ଦ୍ର ମଲ୍ଲ, ପଦ୍ମଲୋଚନ ମାହୁନ୍ତ, ସୁରେଶ ନାୟକ ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଜଳସେଚନ ଅଧିକ ସକ୍ରିୟ ହୋଇପାରିଲେ ଅଧିକ ଜମିକୁ ଜଳ ଯୋଗାଣ ହୋଇପାରିବ ବୋଲି କହିବା ସହିତ କେତେକ ସ୍ଥାନରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହାପରେ ପୂର୍ବରୁ ଡିଭିଜନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଚନାରେ ପ୍ରାଚୀ ଶତପଥୀ, ଡିବେଟରେ ଦୀପ୍ତିମୟୀ ରାଉତ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାରେ ଶୀଖା ସୁହାଗୀ ସାମଲ ୧ମ ସ୍ଥାନ ଅଧିକାର କରିଥିଲେ। ଧର୍ମଶାଳା ସହକାରୀ ଯନ୍ତ୍ରୀ ରୀତାମଞ୍ଜରୀ ଜେନା ମଞ୍ଚ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବଡ଼ଚଣା କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ଧନ୍ୟବାଦ ଦେଇଥିଲେ।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA,**
**PIN-751012, Tel.No.(0674) 2562020,**
**e-Mail:theoccltd@odishaconstruction.com**
**GSTIN-21AAACO2571K2ZM**
DESIGNED TO EXCEL
**No.CAD-4737:**

**"e"-Procurement Notice No.49/OCCL/2022-23 (online)**
**Online percentage rate tenders are invited for the following works.**

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping Right Main Canal from 41 Km to 83.70 Km and offtaking distributaries under RCD-I, Mukhiguda | OCCL-TSP/15/2022-23 | Rs.26.96 Crores | Rs.26,96,000/- | 09 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 P.M. |
| 02 | Improvement of Service Road with black topping Right Main Canal from RD 00 Km to RD 41 Km under RCD Division No.1, Mukhiguda | OCCL-TSP/16/2022-23 | Rs.15.41 Crores | Rs.15,41,000/- | 9 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 PM |

| | |
|---|---|
| Procurement Officer | Managing Director, OCCL |
| Date of Opening of the Technical Bid | 22.02.2023, 12.00 Noon |
| Further details can be seen from the | e-Procurement portal:https://www.tendersodisha.gov.in. |

**Sd./- Managing Director**
**OIPR-34120/11/0045/2223**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
**Ph.No.06724-220038, E-mail: eejspurirr@gmail.com**
**No.A-1121:** **"e" Procurement Notice No.JSD-18 of 2022-23**

| | | | |
|---|---|---|---|
| 1 | Total No. of Works | : | 19 (Nineteen) Nos. |
| 2 | Tender Cost (Approx.) | : | Rs.12.74 Lakh to Rs.45.53 Lakh |
| 3 | Tender Paper Cost | : | Rs.6,000/- (Online payment) (Non-refundable) |
| 4 | Class of Contractor | : | Sl.No. 01 to 07 'B' and Sl.No. 08 to 17 'C' & 'B' and Sl.No. 18 to 19 'D' & 'C' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal | Date & Time of Opening of Bid | Place of Opening Bid |
|---|---|---|---|---|---|---|
| | | From | To | | | |
| Superintending Engineer, Jagatsinghpur, Irr. Division, Jagatsinghpur | JSD-18/2022-23 | 10.02.2023 at 10.00 Hours | 23.02.2023 at 17.00 Hours | From 10.02.2023 10.00 A.M. to 17.02.2023 upto 5.00 P.M. during office hours | 24.02.2023 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

**Further details can be seen from the Govt. website "https://tendersodisha.gov.in."**

**Sd./- Superintending Engineer**
**Jagatsinghpur Irrigation Division, Jagatsinghpur**
**OIPR-32050/11/0010/2223**

**Bhubaneswar Municipal Corporation**
**Progress through Partnership for better Bhubaneswar**

**No.4972** **Dated:02.02.2023**
**EOI No.57870, dated 12.12.2022**
**File No.XXII(L) 47/2002**

**Corrigendum-5**
**Expression of interest (EOI) for Management of Ward Offices by Mission Shakti SHG During the Year 2023-24**

**No.C-2414:**Bhubaneswar Municipal Corporation (BMC) invited Expression of Interest vide No.57870, dated 12.12.2022 in sealed cover from interested Mission Shakti SHGs to be engaged for managing Ward Offices of BMC during the Year 2023-24. The last date of submission of proposal which is 31.01.2023 upto 5 PM, has been extended to 10.02.2023, upto 5.00 P.M.

The detailed terms and conditions of the Expression of Interest is available in website i.e. http://www.bmc.gov.in.

**Sd./- Additional Commissioner**
**Bhubaneswar Municipal Corporation**
**OIPR-13002/11/0225/2223**

**"e" Procurement Notice for Building Works**
**Identification No. Online Tender/05/PSK/2022-23**
**No. i-397**

| | | |
|---|---|---|
| 1. Name of the Work | : | Construction of New Sub Centre Building at Bajapur under Khordha Block in the District of Khordha. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.18 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 180 days |
| 6. Availability of Tender Online: for Bidding | | Dt.07.02.2023 at 11.00 A.M. Dt.22.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.23.02.2023 at 11 A.M. |

Further details can be seen from the website: **www.tenderodisha.gov.in**.

**Sd./- Block Development Officer, Khordha**
**OIPR-19215/11/0004/2223**

# ଶୁଆକଣରେ ଜଳ ଜୀବନ ମିଶନ ଦିଗହରା

**ନାଉଗାଁ, ୭।୨(ସ୍ୱ.ପ୍ର.)**


ଶୁଆକଣ ଗାଁରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

- ବିନା ସୂଚନା ଫଳକରେ ଚାଲିଛି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ
- ପୋଡ଼ା ଇଟା ବ୍ୟବହୃତ ହେଉଛି
- କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ପଞ୍ଚାୟତ ଶୁଆକଣ ଗାଁର ଚତୁଃପାର୍ଶ୍ୱକୁ ଦେବୀ ନଦୀ ଘେରି ରହିଛି। ଏହି ଗାଁଟି ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ପାନୀୟ ଜଳର ସମସ୍ୟା ଲାଗି ରହିଛି। ସମୁଦ୍ର ତଟବର୍ତ୍ତୀ ଗ୍ରାମ ହୋଇଥିବାରୁ ଏହି ସ୍ଥାନରେ ଲୁଣିଆ ପାଣି ମିଳିଥାଏ। ଯାହାକୁ କି ସାଧାରଣ ଭାବେ ପିଇବା ସମ୍ଭବ ନୁହେଁ। ତେଣୁ ଗ୍ରାମର ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ସରକାରଙ୍କ ଜଳ ଜୀବନ ମିଶନ ଆନୁକୂଲ୍ୟରେ ଘର ଘରକୁ ପାନୀୟ ଜଳ ଯୋଜନାରେ ଏହି ଗାଁଟିକୁ ସାମିଲ କରାଯାଇଛି। ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ସମସ୍ତ ପରିବାର ନିକଟରେ ପହଞ୍ଚାଇବା। ସେଥିପାଇଁ ସରକାରଙ୍କ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ପ୍ରକଳ୍ପଟି ସରକାରଙ୍କ ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି। ଏହାର ତଦାରଖ ଦାୟିତ୍ୱ ବିଭାଗ ଅଧୀନରେ ରହିଛି। କିନ୍ତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଗାଁର ଭାଗେନ୍ଦ୍ର ମାଣିଆ, ଦୈତାରୀ ଦାସ, ଦିଲୀପ ଦାସ, ନଗେନ୍ଦ୍ର ଦାସଙ୍କ ଅଭିଯୋଗ ମୁତାବକ ଠିକାଦାର ମନଇଚ୍ଛା କାମ କରୁଥିବା ବେଳେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଫଳରେ ଭାଗ, ମାପ ଠିକ୍ ଭାବେ ଦିଆଯାଉ ନ ଥିବାରୁ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ନିୟମାନୁସାରେ, କାର୍ଯ୍ୟ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଯିବା କଥା। ପାନୀୟ ଜଳ ପରିମଳ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସୂଚନା ଫଳକ ୮.୬ ଫୁଟର ହୋଇଥିବା ବେଳେ ଏଥିରେ ସମସ୍ତ ତଥ୍ୟ ପ୍ରଦର୍ଶିତ କରାଯିବ। କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଉନାହିଁ। ଯାହାକି ସାଧାରଣ ଲୋକଙ୍କୁ ସମସ୍ତ ତଥ୍ୟ ଗୋପନ ରଖାଯାଉଛି। ସରକାରୀ ନିର୍ମାଣ ନିୟମ ଅନୁସାରେ କାର୍ଯ୍ୟରେ ପୋଡା ଇଟାକୁ ବାଦ ଦିଆଯାଇ ସିମେଣ୍ଟ ଇଟା ବ୍ୟବହୃତ କରାଯିବ। କିନ୍ତୁ ଉକ୍ତ ପାନୀୟ ଜଳ ପ୍ରକଳ୍ପରେ ପୋଡା ଇଟାକୁ ବ୍ୟବହାର କରାଯାଉଛି। ସରକାରୀ ଭାବେ ଉକ୍ତ ଇଟାକୁ କାମରେ ଲଗାଇବାକୁ ଧାର୍ଯ୍ୟ କରାଯାଇନାହିଁ। ଯାହାକି ପାନୀୟ ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ପ୍ରକଳ୍ପଟିକୁ ଠିକ୍ ଭାବେ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ସୂଚନା ଫଳକ ଲଗାଯିବା ପାଇଁ ଠିକାଦାରଙ୍କୁ କୁହାଯିବ। ନିମ୍ନମାନର କାର୍ଯ୍ୟ ବିଷୟରେ ପଚାରିବାରୁ କାମ ବର୍ତ୍ତମାନ ଆରମ୍ଭ ହୋଇଛି। ଠିକ୍ ଭାବେ କାମ କରାଯିବ ବୋଲି ସେ କହିଥିଲେ।

# ୩ ହୁଣ୍ଡିରୁ ବାହାରିଲା ୧୩ ଲକ୍ଷ ଟଙ୍କା



**ଜଗତ୍‌ସିଂହପୁର ଅଫିସ, ୭।୨**

**ଶାରଳା ମନ୍ଦିର**
- ଆଜି ଆଉ ୩ ଖୋଲାଯିବ
- ୬ ମାସ ପୂର୍ବେ ଖୋଲାଯାଇଥିଲା

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ମନ୍ଦିର ପରିସର ହୁଣ୍ଡି ଖୋଲିବା କାର୍ଯ୍ୟ ୬ ମାସ ପରେ ଆରମ୍ଭ ହୋଇଛି। ପ୍ରଥମ ଦିନ ଅର୍ଥାତ୍ ମଙ୍ଗଳବାର ମୋଟ ୮ଟି

ହୁଣ୍ଡିରୁ ୩ଟି ଖୋଲାଯାଇ ୧୨,୬୪,୨୪୫ ଟଙ୍କା ସଂଗ୍ରହ କରାଯାଇଛି । ବୁଧବାର ଆଉ ୩ଟି ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ସମୟ ମିଳିଲେ ଅଧିକ ଗୋଟିଏ ହୁଣ୍ଡି ଖୋଲାଯାଇପାରେ । ନଚେତ୍ ଫେବୃୟାରୀ ୯ରେ ଅବଶିଷ୍ଟ ହୁଣ୍ଡିଗୁଡିକ ଖୋଲାଯାଇ ଗଣତି ସହ ମୋଟ କେତେ ଟଙ୍କା ସଂଗ୍ରହ ହେଲା ତାହା ସ୍ପଷ୍ଟ କରାଯିବ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ହୁଣ୍ଡି ଖୋଲାଯାଇ ଦାନ ଅର୍ଥ ଗଣତି ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ଜିଲା ପ୍ରଶାସନର ଅନୁମତି ମଗାଯାଇଥିଲା । ଅନୁମତି ମିଳିଲା ପରେ ହୁଣ୍ଡି ଖୋଲା ଯାଉଛି। ପ୍ରଥମ ଦିନ ଟଙ୍କା ଗଣତିଠାରୁ ତଦାରଖ ପର୍ଯ୍ୟନ୍ତ ପାଖାପାଖି ୨୦ ଜଣ ନିୟୋଜିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜିଲାପାଳଙ୍କ କାର୍ଯ୍ୟାଳୟର ୫ ଜଣ କର୍ମଚାରୀ, ତିର୍ତ୍ତୋଲ ତହସିଲର ୪, ପୋଲିସ ୪, ମନ୍ଦିର କର୍ମଚାରୀ ଓ ପଣ୍ଡା ସେବାୟତଙ୍କ ପକ୍ଷରୁ ତ୍ରିଲୋଚନ ରାଉଳ ସାମିଲ ହୋଇଥିଲେ। ତିର୍ତ୍ତୋଲ ତହସିଲଦାର, ପ୍ରତ୍ନତତ୍ତ୍ୱ ବିଭାଗର ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ସାହୁ ଓ ମନ୍ଦିର ନିର୍ବାହୀ ଅଧିକାରୀ ପରିଡ଼ା ପ୍ରମୁଖ ଏହାକୁ ତଦାରଖ କରିଥିଲେ । ସୂଚନାଯୋଗ୍ୟ ଯେ, କୋଭିଡ ସମୟରେ ମନ୍ଦିର ଆୟ ବିଶେଷଭାବେ ପ୍ରଭାବିତ ହୋଇଥିଲା। ଏବେ ହୁଣ୍ଡିରୁ ଯେଉଁ ଦାନ ଅର୍ଥ ବାହାରୁଛି ତାହା ନିଶ୍ଚିତ ଭାବରେ ସନ୍ତୋଷଜନକ ବୋଲି ଅନେକ ପଣ୍ଡା, ପଢିହାରୀ କହିଛନ୍ତି । କିନ୍ତୁ ମନ୍ଦିର ବିକାଶ ପାଇଁ ୪୨ କୋଟି ଅନୁଦାନ ଘୋଷଣା ହୋଇଥିଲେ ସୁଦ୍ଧା କାମ ଆରମ୍ଭରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# କ୍ରିକେଟ ଟୁର୍ନାମେଣ୍ଟ: ନୂଆପଡ଼ା କ୍ଲବ ଚାମ୍ପିୟନ



ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ରଘୁନାଥପୁର, ୭।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ଖରୀକୁଦ ଖେଳପଡ଼ିଆରେ ଦିନିକିଆ ନାଇଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏମ୍‌ବିଡିସି( ମା' ବରେହି ଦେବୀ କ୍ରିକେଟ କ୍ଲବ)ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ନୂଆପଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ୍ ୮ ଦଳ ଅଂଶଗ୍ରହଣ କରିଥିଲେ। ରଘୁନାଥପୁର ଓ ନୂଆପଡା ମଧ୍ୟରେ ଫାଇନାଲ ଖେଳାଯାଇଥିଲା ।ରଘୁନାଥପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବ୍‌ରେ ନୂଆପଡା କ୍ଲବ ନିର୍ଦ୍ଧାରିତ ଓଭରର ଶେଷ ବଲରେ ବିଜୟ ସୂଚକ ରନ ହାସଲ କରି ୬୩ ରନ ସଂଗ୍ରହ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଯୁଧିଷ୍ଠିର ସେଠି ଓ ରହିମ ଖାଁ ଅତିଥି ଭାବେ ଯୋଗଦେଇ ବିଜୟୀ ନୂଆପଡ଼ା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳ ରଘୁନାଥପୁର କ୍ଲବକୁ ୩ ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ। ଲୋକନାଥ ଭୋଇ ସ୍କୋରର ଓ ଧାରା ବିବରଣୀ ଦାୟିତ୍ୱ ନିର୍ବାହ କରିଥିବାବେଳେ ସୋମନାଥ ଭୋଇ ଓ ଚଗଲା ନାୟକ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଭାପତି ଭବେଶ ଦାସ, ଭବାନୀ ଶଙ୍କର ଦାସ, ବିଭୂତି ଭୂଷଣ ଦାସ, ହରେକୃଷ୍ଣ ଦାସ, ଲିଟନ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସୋମାଲିକାଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ

## ତିର୍ତ୍ତୋଲ ବିଧାୟକଙ୍କ ଗିରଫ ଦାବି କଲା ମହିଳା କଂଗ୍ରେସ

**ଜଗତ୍‌ସିଂହପୁର ଅଫିସ, ୭।୨**


ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମହିଳା କଂଗ୍ରେସ କର୍ମୀ।

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ମାମଲା ଦିନକୁ ଦିନ ରାଜନୈତିକ ରୂପ ନେବାରେ ଲାଗିଛି। ନିକଟରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ଗିରଫ ଦାବି କରାଯାଇଥିବା ବେଳେ ମଙ୍ଗଳବାର ତିର୍ତ୍ତୋଲ ମହିଳା କଂଗ୍ରେସ ପକ୍ଷରୁ ସମାନ ଦାବି କରାଯାଇଛି। ତିର୍ତ୍ତୋଲ ବ୍ଲକ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅନସୂୟା ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପିଆର୍‌ଙ୍କୁ ସାକ୍ଷାତ କରି ବିଧାୟକ ଦାସଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପ୍ରଧାନ କହିଛନ୍ତି, ଗତବର୍ଷ ଜୁନରେ ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ସୋମାଲିକା ଦାଶ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ କଥା ଶୁଣାଗଲା ନାହିଁ। ଏଥିଯୋଗୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ସେ ପୁଣିଥରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲାପରେ ପୋଲିସ ମାମଲା (ନଂ.୯୫/୨୩)ରୁଜୁ କରିଛି। କିନ୍ତୁ ଏଥିମଧ୍ୟରେ ୫ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଅଭିଯୁକ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ତୁରନ୍ତ ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରି ତାଙ୍କୁ ଗିରଫ କରିବାକୁ ପ୍ରଧାନ ଦାବି କରିଛନ୍ତି। ତାଙ୍କ ସହ ତିର୍ତ୍ତୋଲ ବ୍ଲକ ମହିଳା କଂଗ୍ରେସ କମିଟି ସଦସ୍ୟା ପ୍ରାଚୀ ଚୟନୀ, ହାଜିପୁର ସରପଞ୍ଚ ଆରତୀ ଭୂୟାଁ, ମାଳତୀ ବିଶ୍ୱାଳ, ମାନସୀ ବାରିକ, ଚିନ୍ମୟୀ ବେହେରା, ମାମାଲିନ ଘଡେଇ, କନକଲତା ସେଠୀ, ଅନସୂୟା ତାରେଣିଆ ଓ ସରସ୍ୱତୀ ଦାସ ପ୍ରମୁଖ ଏସ୍‌ପିଙ୍କୁ ଦାବିପତ୍ର ଦେଇଥିଲେ। ସୂଚନାଯୋଗ୍ୟ ଯେ, ପୋଲିସ ସୋମବାର ସୋମାଲିକାଙ୍କୁ ଜଗତ୍‌ସିଂହପୁର ଥାନାକୁ ଡକାଇ ପାଖାପାଖି ୬ ଘଣ୍ଟା କାଳ ପଚରାଉଚରା କରିଥିଲା। ଏହାପରେ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା। ସେଠାରେ ତାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିବା କୁହାଯାଇଛି। ଏଥିସହ ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରାଯାଇଛି।

# ପାରାଦୀପ ବନ୍ଦର ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ


ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ପୁଷ୍ପ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

**ପାରାଦୀପ,୭।୨(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ୩୭ ତମ ପୁଷ୍ପ ପ୍ରଦର୍ଶନୀ ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବଠାରେ ପାଳିତ ହୋଇଯାଇଛି। କରୋନା ଯୋଗୁ ଏହା ଦୁଇ ବର୍ଷ ବନ୍ଦ ଥିଲା। ଏହି ପ୍ରଦର୍ଶନୀକୁ ଅଧକ୍ଷ ପି.ଏଲ.ହାରାନ୍ଧ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଏ.କେ.ବୋଷ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ବନ୍ଦରାଞ୍ଚଳର ୧୨୬ ଜଣ ପ୍ରତିଯୋଗୀ ସେମାନଙ୍କ ଫୁଲ, ଫଳର ସମ୍ଭାର ଦେଖାଇ ଥିଲେ। ଏହାକୁ ଦେଖିବା ପାଇଁ ସାଧାରଣ ଲୋକଙ୍କ ଭିଡ଼ ଜମିଥିଲା। ସର୍ବାଧିକ ଆକୃଷ୍ଟ କରିଥିବା ଫୁଲ, ଫଳ ପ୍ରତିଯୋଗୀଙ୍କୁ ବନ୍ଦର ଆର ଆଣ୍ଡ ବି ଡିଭିଜନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

**"e" Procurement Notice for Building Works**
**Identification No. Online Tender/06/TPS/2022-23**
No. i-401

| | | |
|---|---|---|
| 1. Name of the Work | : | Construction of Sub Centre at Sundarpur Under Tangi Block. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.14 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 06 Calendar Months |
| 6. Availability of Tender Online for Bidding | : | Dt.07.02.2023 at 11.00 A.M. to Dt.21.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.22.02.2023 at 11 A.M. |

Further details can be seen from the website: **www.tenderodisha.gov.in**.
**Sd./- Block Development Officer**
**Tangi, Khordha**
OIPR-19049/11/0003/2223

**ODISHA JOINT ENTRANCE EXAMINATION - 2022 (OJEE - 2022)**
**No. OJEE/059** **Date: 06.02.2023**
**Notice for Spot Round Counselling for BAMS/BHMS Courses**
No. h-22: The **Spot Round of Counselling** for admission to vacant seats available in **BAMS/ BHMS** Courses for the academic session 2022-23 is scheduled to be held at OJEE CELL, Gandamunda, Bhubaneswar on 09.02.2023 and 10.02.2023.
NEET (UG) - 2022 All India Rank holders satisfying the qualifying marks criterion (as per relevant notifications of AYUSH), are eligible to participate. However, candidates, who have taken admission in any Institute through All India Counselling by AACCC or through OJEE Counselling at the end of 2nd Round (including upgradation), are not eligible to participate in the OJEE Spot Counselling.
Eligible candidates, who are interested to take part in Spot Round Counselling, are advised to see the detailed **"Schedule"**, **"Vacant Seat Matrix"** and the **"Guidelines and Instructions for Spot Counselling"**, available in OJEE website **(ojee.nic.in)** and to come prepared accordingly.
**Sd./- Chairman, OJEE, Odisha**
OIPR-14020/11/0030/2223

# ଚାଷୀ,ମୂଲିଆଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

## ଏଆଇକେକେଏମ୍ଏସ୍‌ର ବୈଠକ

**ବାଲିକୁଦା, ୭।୨(ସ୍ୱ.ପ୍ର.):** ଅଲ ଇଣ୍ଡିଆ କିଷାନ ଖେତ ମଜଦୁର ସଙ୍ଗଠନ(ଏଆଇକେକେଏମ୍ଏସ୍)ବୈଠକ ବାଲିକୁଦା ବ୍ଲକ କମିଟି ପକ୍ଷରୁ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ଗହୀରପଡା ପ୍ରଭୁ ସତ୍ୟ ଆଶ୍ରମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହେଶ୍ୱର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ ସମ୍ପାଦକ ରଘୁନାଥ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ଚାଷୀ, ମୂଲିଆଙ୍କ ନାନା ସମସ୍ୟାର ସମାଧାନ ପାଇଁ ଏଆଇକେକେଏମ୍ଏସ୍‌ର ନିରବଚ୍ଛିନ୍ନ ଆନ୍ଦୋଳନ ଓ ଐତିହାସିକ ଦିଲ୍ଲୀ ଚାଷୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ମାର୍ଚ୍ଚ ୧୧ରୁ ୧୪ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଜୟନଗରରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ ସମ୍ମିଳନୀ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଲା ସଂଯୋଜକ ସୁବାସ ସ୍ୱାଇଁ ବାଲିକୁଦା ବ୍ଲକ ଅଞ୍ଚଳରେ ଏଆଇକେକେଏମ୍ଏସ୍ ନେତୃତ୍ୱରେ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରବୀନ୍ଦ୍ର ଭାରତୀ, ବସନ୍ତ ପରିଡା, ବେଣୁ ଚରଣ ଦାସ, ଦୁର୍ଯ୍ୟୋଧନ ଓଝା, ଧୀରେନ୍ଦ୍ର ପରିଡା, ଶରତ ରାଉତ, ଅଜିତ କାଣ୍ଡି ,ରେଖୀ ରାଉତ, ରମେଶ ଓଝା ,ଭ୍ରମର ବର ସାହୁ, ସୁବ୍ରତ ବେହୁରା ,ବାବା ଗୋପାଳ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ୧୧ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ପରି ଓଝାଙ୍କୁ ସଭାପତି, ଆର୍ତ୍ତ ଦାସଙ୍କୁ ଉପ ସଭାପତି , ରଘୁନାଥ ଦାସ (କାଳନ୍ଦୀ )ଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି।


ବୈଠକରେ ଯୋଗଦେଇଥିବା ଏଆଇକେକେଏମ୍ଏସ୍‌ର ନେତୃମଣ୍ଡଳୀ ।

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA,**
**PIN-751012, Tel.No.(0674) 2562020,**
e-Mail:theoccltd@odishaconstruction.com
GSTIN-21AAACO2571K2ZM
DESIGNED TO EXCEL
**No.CAD-4737:**
**"e"-Procurement Notice No.49/OCCL/2022-23 (online)**
**Online percentage rate tenders are invited for the following works.**

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping Right Main Canal from 41 Km to 83.70 Km and offtaking distributaries under RCD-I, Mukhiguda | OCCL-TSP/15/ 2022-23 | Rs.26.96 Crores | Rs.26,96,000/- | 09 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 P.M. |
| 02 | Improvement of Service Road with black topping Right Main Canal from RD 00 Km to RD 41 Km under RCD Division No.1, Mukhiguda | OCCL-TSP/16/ 2022-23 | Rs.15.41 Crores | Rs.15,41,000/- | 9 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 PM |

| | |
|---|---|
| Procurement Officer | Managing Director, OCCL |
| Date of Opening of the Technical Bid | 22.02.2023, 12.00 Noon |
| Further details can be seen from the | e-Procurement portal:https://www.tendersodisha.gov.in. |

**Sd./- Managing Director**
**OIPR-34120/11/0045/2223**

**Bhubaneswar Municipal Corporation**
Progress through Partnership for better Bhubaneswar
**No.4972** **Dated:02.02.2023**
**EOI No.57870, dated 12.12.2022**
**File No.XXII(L) 47/2002**
**Corrigendum-5**
**Expression of interest (EOI) for Management of Ward Offices by Mission Shakti SHG During the Year 2023-24**
**No.C-2414:**Bhubaneswar Municipal Corporation (BMC) invited Expression of Interest vide No.57870, dated 12.12.2022 in sealed cover from interested Mission Shakti SHGs to be engaged for managing Ward Offices of BMC during the Year 2023-24. The last date of submission of proposal which is 31.01.2023 upto 5 PM, has been extended to 10.02.2023, upto 5.00 P.M.
The detailed terms and conditions of the Expression of Interest is available in website i.e. http://www.bmc.gov.in.
**Sd./- Additional Commissioner**
**Bhubaneswar Municipal Corporation**
OIPR-13002/11/0225/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
**Ph.No.06724-220038, E-mail: eejspurirr@gmail.com**
**No.A-1121:** **"e" Procurement Notice No.JSD-18 of 2022-23**

| | | | |
|---|---|---|---|
| 1 | Total No. of Works | : | 19 (Nineteen) Nos. |
| 2 | Tender Cost (Approx.) | : | Rs.12.74 Lakh to Rs.45.53 Lakh |
| 3 | Tender Paper Cost | : | Rs.6,000/- (Online payment) (Non-refundable) |
| 4 | Class of Contractor | : | Sl.No. 01 to 07 'B' and Sl.No. 08 to 17 'C' & 'B' and Sl.No. 18 to 19 'D' & 'C' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender | | Last date & time for seeking tender clarification in e-Procurement portal | Date & Time of Opening of Bid | Place of Opening Bid |
|---|---|---|---|---|---|---|
| | | From | To | | | |
| Superintending Engineer, Jagatsinghpur, Irr. Division, Jagatsinghpur | JSD-18/ 2022-23 | 10.02.2023 at 10.00 Hours | 23.02.2023 at 17.00 Hours | From 10.02.2023 10.00 A.M. to 17.02.2023 upto 5.00 P.M. during office hours | 24.02.2023 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

**Further details can be seen from the Govt. website "https://tendersodisha.gov.in."**
**Sd./- Superintending Engineer**
**Jagatsinghpur Irrigation Division, Jagatsinghpur**
OIPR-32050/11/0010/2223

**"e" Procurement Notice for Building Works**
**Identification No. Online Tender/05/PSK/2022-23**
No. i-397

| | | |
|---|---|---|
| 1. Name of the Work | : | Construction of New Sub Centre Building at Bajapur under Khordha Block in the District of Khordha. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.18 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 180 days |
| 6. Availability of Tender Online for Bidding | : | Dt.07.02.2023 at 11.00 A.M. Dt.22.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.23.02.2023 at 11 A.M. |

Further details can be seen from the website: **www.tenderodisha.gov.in**.
**Sd./- Block Development Officer, Khordha**
**OIPR-19215/11/0004/2223**

# ପୁରୁଣା କାମକୁ ଦେଖାଇ ଅନୁଦାନ ଆତ୍ମସାତ୍

■ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

■ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଜାଣତରେ ଜିଆର୍‌ଏସ୍ କରୁଛନ୍ତି ବିଲ୍

ନୂଆଗାଁ,୭ା୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ସୁଧାର ଆସୁନାହିଁ । ଫଳରେ ଏହି ଯୋଜନାର ସବୁ ଆଇନକାନୁନକୁ ଉଲ୍ଲଂଘନ କରି ବିଭିନ୍ନ ଉପାୟରେ ଠିକାଦାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ମିଳିମିଶି ଅନୁଦାନ ଆତ୍ମସାତ୍ କରୁଛନ୍ତି । ଏପରି ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି ।

ନୂଆଗାଁ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଅନେକ କାମ ହେଉଛି । ଏହି ସବୁ କାମ ପାଇଁ କେନ୍ଦ୍ର ସରକାର ଏକାଧିକ ନିୟମ କାନୁନ ରଖିଥିଲେ ମଧ୍ୟ କୌଣସି ଗୋଟିଏ ମାନିବାକୁ ନାରାଜ ନାହାନ୍ତି ବିଭାଗୀୟ ଅଧିକାରୀ ଓ କର୍ମଚାରୀ । କାର୍ଯ୍ୟସ୍ଥଳୀରେ ଗୋଟିଏ ପ୍ରକାର କାମ ହେଉଥିବା ବେଳେ ଅଫିସ କାଗଜପତ୍ରରେ ସବୁ ଓଲଟା ଦେଖିବାକୁ ମିଳୁଛି । ଉକ୍ତ ଯୋଜନାରେ ଶ୍ରମିକମାନଙ୍କ ରୋଜଗାର ଉପରେ ଗୁରୁତ୍ୱ ଦିଆଯାଇଛି । ହେଲେ ଶ୍ରମିକଙ୍କ ବଦଳରେ ମେଶିନରେ କାମ କରାଯାଇ ଅନୁଦାନ ହରିଲୁଟ କରାଯାଉଛି । ଏଠାରେ କାପ୍ତାପଲି ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇଛି । ସେଠାରେ କାମ ନ ହୋଇ ୨ ବର୍ଷ ତଳର ପୁରୁଣା କାମକୁ ଦେଖାଇ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନ ଆତ୍ମସାତ୍ ହୋଇଥିବା ଅଭିଯୋଗ ହେଉଛି । କାପ୍ତାପଲି ପଞ୍ଚାୟତର ବଡତାମନାଢ଼ୁ ଆଦିବାସୀ ଗ୍ରାମଟି ପାହାଡ଼ ତଳେ ରହିଛି । ବର୍ଷାଦିନେ ଗ୍ରାମରେ ପାହାଡ଼ ପାଣି ପଶି ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ଥାଏ । ତେଣୁ ଗ୍ରାମର ସୁରକ୍ଷା ଦୃଷ୍ଟିରୁ ପାଣି ଗାଁ ଭିତରକୁ ନ ପଶିବା ପାଇଁ ପାହାଡ଼ ତଳେ ଟ୍ରେଞ୍ଚ ଖୋଳିବା ପାଇଁ ଏହି ଯୋଜନାରେ ୪।୧।୨୦୨୧ରେ ୮ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହାପରେ ୧।୮।୨୦୨୧ରେ ଜେସିବିରେ କାମ ଆରମ୍ଭ କରାଯାଇଥିଲା । ସେହି କାମ ବାବଦକୁ ଠିକାଦାର ପ୍ରାୟ ୩ ଲକ୍ଷ ୨୦ ହଜାର ଟଙ୍କା ବିଲ କରି ନେଇଥିଲେ । କିନ୍ତୁ ଚଳିତ ବର୍ଷ କୌଣସି କାମ ନ କରି ସେହି


୨ ବର୍ଷ ପୂର୍ବେ ଖୋଳାଯାଇଥିବା ଟ୍ରେଞ୍ଚ ।

୨ବର୍ଷ ପୂର୍ବରୁ ପୁରୁଣା କାମକୁ ଦେଖାଇ ଅନୁଦାନ ଲୁଟିବାରେ ଲାଗିଛନ୍ତି କେତେଜଣ ବିଭାଗୀୟ କର୍ମଚାରୀ ଓ ଅଧିକାରୀ । ୨ ବର୍ଷର ପୁରୁଣା କାମ ପାଇଁ ଉକ୍ତ ସ୍ଥାନରେ ଜଙ୍ଗଲ ସୃଷ୍ଟି ହୋଇଥିବା ବେଳେ ଗତ ୧୨।୧।୨୩ ରୁ ୧୮।୧।୨୩ ରିଖ ପର୍ଯ୍ୟନ୍ତ ଶ୍ରମିକଙ୍କ ଜବ୍ କାର୍ଡ ମାଧ୍ୟମରେ ପ୍ରାୟ ୬୭ ହଜାର ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ କାର୍ଯ୍ୟର ବିଲ ପାଇଁ ୨୬ ପ୍ରତିଶତରୁ ୨୮ ପ୍ରତିଶତ ପିସି ଦିଆଯାଉଛି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପିସି ଦେଲେ ସବୁ ସମ୍ଭବ ବୋଲି ଜଣେ ଠିକାଦାର ନିଜର ନାମ ଗୋପନ ରଖି କହିଛନ୍ତି । କାର୍ଯ୍ୟ କରିବା ଏବଂ ବିଲ୍ ବାବଦରେ କାପ୍ତାପଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତ ଶୁଭଦର୍ଶନ ମହାପାତ୍ରଙ୍କୁ ପଚାରିବାରେ ମୁଁ ୫ ମାସ ହେଲା ଉକ୍ତ ପଞ୍ଚାୟତରେ ଯୋଗଦେଇ କାମ କରୁଛି । କେଉଁ ବିଲ ହେଉଛି ତାହା ମୁଁ ଜାଣି ନାହିଁ । ସବୁ ଜିଆରଏସ୍ କରୁଛନ୍ତି ବୋଲି ସେ କହିଛନ୍ତି । ମତାମତ ପାଇଁ ଜିଆରଏସ୍ ସୁଶ୍ରୀ ପଲ୍ଲବିଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ । ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ପୂର୍ବରୁ ଯଦି ବିଲ ହୋଇ ନ ଥିବ ତେବେ ଏବେ ବିଲ ହେଉଥିବ ବୋଲି କହିଛନ୍ତି ।

# ୩ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ତରକାରିରେ ବିଷ ମିଶାଇ ଦମ୍ପତିଙ୍କୁ ହତ୍ୟା ମାମଲା

ନୟାଗଡ଼ ଅଫିସ,୭ା୨

ନୟାଗଡ଼ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୋଦସା ଗୋଲାସାହି ଗ୍ରାମର ଏକ ବୃଦ୍ଧ ଦମ୍ପତିଙ୍କ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ସାକ୍ଷ୍ୟ, ତଦନ୍ତକାରୀ ଅଧିକାରୀଙ୍କ ପ୍ରମାଣ, ସରକାରୀ ଓ ମହକିଲଙ୍କ ଯୁକ୍ତିତର୍କକୁ ଆଧାର କରି ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ୩ ହତ୍ୟା ଅଭିଯୁକ୍ତ ହରିହର ପ୍ରଧାନ, ସୁକାନ୍ତି ପ୍ରଧାନ ଓ ନର୍ମଦା ସ୍ୱାଇଁଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ଅଛି । ଜରିମାନା ଅର୍ଥ ଅଭିଯୋଗକାରୀଙ୍କୁ ଦିଆଯିବାକୁ କୋର୍ଟ କହିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡପଡ଼ା ଥାନା ବୋଦସା ଗୋଲାସାହିର ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ୭ ଡେସିମିଲର ଏକ ପଦା ଜମି ସେହିଗାଁର ହରିହର ପ୍ରଧାନଙ୍କ ଘର ପାଖରେ ରହିଛି । ସୁବାସଙ୍କ ଜମିରେ ହରିହର ଅଳିଆ ଆବର୍ଜନା ପକାଇ ଅପରିଷ୍କାର କରୁଥିଲେ । ସେହି ସ୍ଥାନରେ ଅଳିଆ ନ ପକାଇବାକୁ ସୁବାସ ଏକାଧିକ ଥର ହରିହରଙ୍କୁ କରିଥିଲେ । ଏପରି କି ସୁବାସଙ୍କ ବାପା ଭାଗୀରଥି (୬୫) ଓ ମାଆ କୌଶଲ୍ୟା(୬୦) ବି ହରିହରଙ୍କୁ ଅଳିଆ ନ ପକାଇବାକୁ ଅନୁରୋଧ କରିଥିଲେ । ହେଲେ ହରିହର କାହା କଥା ଶୁଣି ନ ଥିଲେ । ଏହାକୁ ନେଇ ସୁବାସଙ୍କ ପରିବାର ସହ ହରିହରଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ଏହି ବିବାଦକୁ ନେଇ ହରିହର ଓ ସୁକାନ୍ତି ସୁବାସଙ୍କ ଜଣେ ସମ୍ପର୍କୀୟା ନର୍ମଦା ସ୍ୱାଇଁଙ୍କୁ ଧରି ଭାଗୀରଥି ଓ କୌଶଲ୍ୟାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ୨୦୨୦ ଜୁନ ୧୫ରେ ହରିହର ଓ ସୁକାନ୍ତି ମିଳିତ ଭାବେ ନର୍ମଦାଙ୍କୁ ଏକ ବିଷ ପୁଡ଼ିଆ ଦେଇଥିଲେ । ସେହି ବିଷ ନର୍ମଦା ଜହ୍ନି ତରକାରୀରେ ମିଶାଇ ଭାଗୀରଥି ଓ କୌଶଲ୍ୟାଙ୍କୁ ଖାଇବାକୁ ଦେଇଥିଲେ । ତରକାରି ଖାଇ ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ନର୍ମଦାଙ୍କ କାରନାମା ଜଣାପଡିଥିଲା । ଗାଁରେ ଏନେଇ ସଭା ବସିଥିଲା । ଏହି ଘଟଣାର ହରିହର, ସୁକାନ୍ତିଙ୍କ ସହ ନର୍ମଦା ଦୋଷୀ ବୋଲି ଜଣାପଡିଥିଲା । ଶେଷରେ ସୁବାସଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ୩ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେଦିନଠାରୁ ୩ଜଣ ଜେଲରେ ଅଛନ୍ତି ।

# ଦଶପଲ୍ଲାର ଜ୍ୟୋତି ରଞ୍ଜନଙ୍କ ପ୍ରକଳ୍ପ ପ୍ରଥମ

## ତୈଳର ଗୁଣବତ୍ତା ଓ ଉତ୍ପାଦନ ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ସମ୍ମିଳନୀ

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ.ଏ.)୭ା୨

ଖାଦ୍ୟଶସ୍ୟ ମଧ୍ୟରେ ତୈଳର ଗୁଣବତ୍ତା ଓ ଉତ୍ପାଦନ ବୃଦ୍ଧି ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ ରାଜ୍ୟର ଗାଲଭଷ୍ଟନ ସହରରେ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହା ଚଳିତ ବର୍ଷ ଜାନୁୟାରୀ ୨୮ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ସେହି ସମ୍ମିଳନୀ ଚାଲିଥିଲା । ଏଥିରେ ଆମେରିକା, କାନାଡା, ମେକ୍ସିକୋ, ପୋଲାଣ୍ଡ, ୟୁକେ, ଜର୍ମାନୀ, ଫ୍ରନସ୍, ସୁଇଜରଲାଣ୍ଡ, ଜାପାନ, ଭାରତ ଭଳି ୨୦ ଦେଶର ବୈଜ୍ଞାନିକ ଭାଗ ନେଇଥିଲେ । ଏଥିରେ ନୟାଗଡ଼ ଜିଲା ଦଶପଲ୍ଲା ସହର ସାତପାଟଣା ନିକଟସ୍ଥ ଜରିପାଟଣା ଗାଁର ଯୁବ ବୈଜ୍ଞାନିକ ଜ୍ୟୋତିରଞ୍ଜନ ବେହେରା ସାମିଲ ହୋଇଥିଲେ । ଜ୍ୟୋତିରଞ୍ଜନଙ୍କ ହାଟ ହେଲଥି ଅଏଲ ପ୍ରଡକସନ ଇନପ୍ଲାଣ୍ଟ ପ୍ରକଳ୍ପ ପ୍ରଥମ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଛି । ଏଥିପାଇଁ ତାଙ୍କୁ ଭ୍ରମଣ ଅନୁଦାନ ପୁରସ୍କାର ମିଳିଛି । ଜ୍ୟୋତିରଞ୍ଜନ ତାଙ୍କର ଗବେଷଣାକୁ ଦେଶ ତଥା ବିଶ୍ୱରେ ପ୍ରଦର୍ଶନ କରି ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧିରେ ପ୍ରୟୋଗ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି । ତାଙ୍କ ସଫଳତା ନୟାଗଡ଼ ଜିଲା ଓ ଦଶପଲ୍ଲା ବ୍ଲକ ସମେତ ଭାରତ ପାଇଁ ଗର୍ବ ଓ ଗୌରବ ସାଉଁଟିଛନ୍ତି ।


ପ୍ରମାଣପତ୍ର ସହ ଜ୍ୟୋତିରଞ୍ଜନ ।

# ଅକ୍ଷମଙ୍କ ପାଇଁ ପ୍ରଶାସନର କୁମ୍ଭୀରକାନ୍ଦଣା

■ ଖଜଣା ନେଇ ଚିହ୍ନଟ ଜମିର ପଟ୍ଟା ଦେଉ ନାହାନ୍ତି

■ ପଟ୍ଟା ପାଇଁ ୮ ବର୍ଷ ହେଲା ଦୌଡୁଛନ୍ତି ଭିନ୍ନକ୍ଷମ

ନୟାଗଡ଼ ଅଫିସ,୭ା୨

ଅକ୍ଷମଙ୍କ ପାଇଁ ନୟାଗଡ଼ ଜିଲାର ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ କୁମ୍ଭୀରକାନ୍ଦଣା ପଦାରେ ପଡିଛି । ଖଜଣା ନେଇବି ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ ଅକ୍ଷମମାନଙ୍କ ସ୍ଥାୟୀ କାର୍ଯ୍ୟାଳୟ ସମେତ ଛାତ୍ରାବାସ ପାଇଁ ଉର୍ଦ୍ଧ୍ୱଷ୍ଟ ୧ ଏକର ଜମିଦେଉ ନାହାନ୍ତି । ବରଂ ଆଜି ଆସ, କାଲି ଆସ କହି ବାରମ୍ବାର ଦୌଡୁଛନ୍ତି । ଏଭଳିସ୍ଥଳେ କର୍ମକର୍ତ୍ତା ଦାୟିତ୍ୱରେ ଥିବା ଭିନ୍ନକ୍ଷମମାନେ ପଟ୍ଟା ପାଇବାକୁ ୮ ବର୍ଷ ହେଲା ଖଣ୍ଡପଡ଼ା ତହସିଲକୁ ଦୌଡୁଥିଲେ ମଧ ସୁଫଳ ପାଉ ନାହାନ୍ତି । ବରଂ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଜିଲା ଶାରୀରିକ ଅକ୍ଷମ ସଂଘ ତା'ର ଜିଲା କାର୍ଯ୍ୟାଳୟ ସମେତ ଏକ ଛାତ୍ରାବାସ ନିର୍ମାଣ ପାଇଁ ଖଣ୍ଡପଡ଼ା ତହସିଲର ଯୋଗୀଆପଲ୍ଲୀ ପଞ୍ଚାୟତ ବାରବାଙ୍କ ଖାସରା ଖାତା ନଂ. ୨୩, ପ୍ଲଟ ନଂ. ୧୦ , ଏରିଆ ୫ ଏକର ୭୫ ଡିସିମିଲିରୁ ୧ ଏକର ଜମି ପାଇବାକୁ ଅନୁରୋଧ କରିଥିଲେ । ପରେ ୧ ଏକର ଜମି ଯୋଗାଇବାକୁ ତତ୍କାଳୀନ ତହସିଲଦାର ଶିଖରପୁର ଆରଆଇଙ୍କୁ ଜମି ଚିହ୍ନଟ କରି ମଡାଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଆରଆଇ ମଧ ୧ ଏକର ଜମି ସମ୍ପୃକ୍ତ ସ୍ଥାନରେ ଅକ୍ଷମଙ୍କ ଜିଲା କାର୍ଯ୍ୟାଳୟ ସମେତ ଛାତ୍ରାବାସକୁ ଦେଇଥିଲେ । ଏଥିପାଇଁ ଅକ୍ଷମଙ୍କ ଜିଲା କାର୍ଯ୍ୟାଳୟ ପକ୍ଷରୁ ଜରିମାନା ଓ ଖଜଣା ପ୍ରଦାନ କରାଯାଉଛି । ଅନ୍ୟପକ୍ଷେ ସମ୍ପୃକ୍ତ ଜମିରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ୭୦ ହଜାର ଅନୁଦାନରେ ଘର କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ଜମିର ପଟ୍ଟା ହୋଇ ନ ଥିବାରୁ ଆଉ ଅନୁଦାନ ମିଳୁନି । ଅକ୍ଷମଙ୍କ ଜିଲା କାର୍ଯ୍ୟାଳୟ ସମେତ ଛାତ୍ରାବାସ ଆଗକୁ ଆଗେଇ ପାରୁନି । ବର୍ତ୍ତମାନ ତହସିଲ ପକ୍ଷରୁ ୧ ଏକର ବଦଳରେ ୧୦ ଡେସିମିଲ ନେବାକୁ କୁହାଯାଉଛି । ଏଣୁ ଜିଲା ଶାରୀରିକ ଅକ୍ଷମ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି ।

# ଟ୍ରକ୍ ଧକ୍କାରେ ୨ ମୋପେଡ୍ ଆରୋହୀ ମୃତ

ରଣପୁର,୭ା୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ସାନଗଡ଼ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରଣପୁର ବ୍ଲକ କଙ୍କିଆଗ୍ରାମର ରଙ୍ଗନାଥ ବାଳିଆରସିଂହ(୬୨) ଓ ଗୌରାଙ୍ଗପୁର ଗ୍ରାମର ରାମଚନ୍ଦ୍ର ରଥ(୭୦) । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ(ନଂ. ଓଆର୦୨ବି୨୫୮୮) ଓ ମୋପେଡ୍(ନଂ. ଓଡ଼ି୨୫ ୮୦୨୬)କୁ ଜବତ କରି ତଦନ୍ତ ଚାଳଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୩)ରୁଜୁ ହୋଇଛି ।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ରଣପୁରକୁ ମଧୁ ବାସନ୍ତୀ ଗଣନାଟ୍ୟର ଏକ ଟ୍ରକ ଦ୍ରୁତଗତିରେ ଆସୁଥିଲା । ଏହି ସମୟରେ ରଣପୁରରୁ କାମସାରି ରଙ୍ଗନାଥ ଓ ରାମଚନ୍ଦ୍ର ଏକ ମୋପୋଡରେ ଘରକୁ ଫେରୁଥିଲେ । ହେଲେ ଟ୍ରକଟି ଭାରସାମ୍ୟ ହରାଇ ମୋପେଡ୍ ପଛକୁ ଧକ୍କା ଦେଇଥିଲା । ଫଳରେ ରଙ୍ଗନାଥ ଓ ରାମଚନ୍ଦ୍ର ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ହିଁ ରଙ୍ଗନାଥଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ ପହଞ୍ଚି ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ହେଲେ ବାଟରେ ତାଙ୍କର ମଧ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଚାଳକ ଟ୍ରକ ନେଇ ପଳାଇ ଯାଉଥିଲେ । ଖବର ପାଇ ପୋଲିସ ପିଛାକରି ସ୍ଥାନୀୟ ମାଛ ମାର୍କେଟଠାରେ ସେହି ଟ୍ରକକୁ ଜବତ କରିଥିଲା । ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି ।

# କୋଠଘରକୁ ଜବରଦଖଲ ଉଦ୍ୟମ

## ବିଡିଓଙ୍କୁ ଲିଖିତ ଅଭିଯୋଗ କଲେ ଗ୍ରାମବାସୀ

ନୂଆଗାଁ,୭ା୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ରକ୍ତପଟା ଗ୍ରାମର ଜଣେ ବ୍ୟକ୍ତି ଗ୍ରାମର କୋଠଘରେ ଚାବି ପକାଇ ନିଜ ଅକ୍ତିଆରରେ ରଖିଛନ୍ତି । ଏ ନେଇ ଗ୍ରାମବାସୀ ମଙ୍ଗଳବାର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ସମୂହ କାର୍ଯ୍ୟ ପାଇଁ ସରକାରଙ୍କ ଅନୁଦାନରେ ସେହି ଗ୍ରାମରେ ଗୋଟିଏ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଇଛି । ତାହାକୁ ଗ୍ରାମବାସୀ ବ୍ୟବହାର କରିଆସୁଥିଲେ । କିନ୍ତୁ କିଛି ଦିନ ହେଲା ସେହି ଗ୍ରାମର ଗୋଟିଏ ପରିବାରର ୪ ଜଣ ଲୋକ ଜୋରଜବରଦସ୍ତ ସେହି କେନ୍ଦ୍ରକୁ ତାଲା ପକାଇ ରଖିଛନ୍ତି । ଫଳରେ ସମୂହ କାର୍ଯ୍ୟ ପାଇଁ ଅସୁବିଧା ହେଉଛି । ଅନ୍ୟପକ୍ଷେ ଗ୍ରାମ ଦେବତୀଙ୍କ ପୀଠରେ ବ୍ଲକ ଅନୁଦାନରେ ପାଚେରୀ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ସମ୍ପୃକ୍ତ ପରିବାର ସଦସ୍ୟମାନେ ତାହାକୁ ବିରୋଧ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗୋଷ୍ଠୀକେନ୍ଦ୍ରର ତାଲା ଖୋଲିବା ବ୍ୟବସ୍ଥା କରିବା ପାଇଁ ରକ୍ତପଟାବାସୀ ନିବେଦନ କରିଛନ୍ତି । ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ କହିଛନ୍ତି ।


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।


**ODISHA JOINT ENTRANCE EXAMINATION - 2022 (OJEE - 2022)**

No. OJEE/059 Date: 06.02.2023

**Notice for Spot Round Counselling for BAMS/BHMS Courses**

No. h-22: The **Spot Round of Counselling** for admission to vacant seats available in **BAMS/ BHMS** Courses for the academic session 2022-23 is scheduled to be held at OJEE CELL, Gandamunda, Bhubaneswar on 09.02.2023 and 10.02.2023.

NEET (UG) - 2022 All India Rank holders satisfying the qualifying marks criterion (as per relevant notifications of AYUSH), are eligible to participate. However, candidates, who have taken admission in any Institute through All India Counselling by AACCC or through OJEE Counselling at the end of 2nd Round (including upgradation), are not eligible to participate in the OJEE Spot Counselling.

Eligible candidates, who are interested to take part in Spot Round Counselling, are advised to see the detailed **"Schedule"**, **"Vacant Seat Matrix"** and the **"Guidelines and Instructions for Spot Counselling"**, available in OJEE website **(ojee.nic.in)** and to come prepared accordingly.

**Sd./- Chairman, OJEE, Odisha**
OIPR-14020/11/0030/2223

**"e" Procurement Notice for Building Works**
**Identification No. Online Tender/06/TPS/2022-23**
No. i-401

| | | |
|---|---|---|
| 1. Name of the Work | : | Construction of Sub Centre at Sundarpur Under Tangi Block. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.14 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 06 Calendar Months |
| 6. Availability of Tender Online: for Bidding | | Dt.07.02.2023 at 11.00 A.M. to Dt.21.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.22.02.2023 at 11 A.M. |

Further details can be seen from the website: **www.tenderodisha.gov.in**.

**Sd./- Block Development Officer**
**Tangi, Khordha**
OIPR-19049/11/0003/2223

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA,**
**PIN-751012, Tel.No.(0674) 2562020,**
e-Mail:theoccltd@odishaconstruction.com
GSTIN-21AAACO2571K2ZM
DESIGNED TO EXCEL
No.CAD-4737:
**"e"-Procurement Notice No.49/OCCL/2022-23 (online)**
**Online percentage rate tenders are invited for the following works.**

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping Right Main Canal from 41 Km to 83.70 Km and offtaking distributaries under RCD-I, Mukhiguda | OCCL-TSP/15/ 2022-23 | Rs.26.96 Crores | Rs.26,96,000/- | 09 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 P.M. |
| 02 | Improvement of Service Road with black topping Right Main Canal from RD 00 Km to RD 41 Km under RCD Division No.1, Mukhiguda | OCCL-TSP/16/ 2022-23 | Rs.15.41 Crores | Rs.15,41,000/- | 9 (Nine) Calendar Months | From 07.02.2023 03.30 PM to 21.02.2023 5.30 PM | From 07.02.2023 03.30 PM to 21.02.2023 5.30 PM |

| | |
|---|---|
| Procurement Officer | Managing Director, OCCL |
| Date of Opening of the Technical Bid | 22.02.2023, 12.00 Noon |
| Further details can be seen from the | e-Procurement portal:https://www.tendersodisha.gov.in. |

**Sd./- Managing Director**
OIPR-34120/11/0045/2223

**Bhubaneswar Municipal Corporation**
Progress through Partnership for better Bhubaneswar

No.4972 Dated:02.02.2023
EOI No.57870, dated 12.12.2022
File No.XXII(L) 47/2002

**Corrigendum-5**
**Expression of interest (EOI) for Management of Ward Offices by Mission Shakti SHG During the Year 2023-24**

**No.C-2414:**Bhubaneswar Municipal Corporation (BMC) invited Expression of Interest vide No.57870, dated 12.12.2022 in sealed cover from interested Mission Shakti SHGs to be engaged for managing Ward Offices of BMC during the Year 2023-24. The last date of submission of proposal which is 31.01.2023 upto 5 PM, has been extended to 10.02.2023, upto 5.00 P.M.

The detailed terms and conditions of the Expression of Interest is available in website i.e. http://www.bmc.gov.in.

**Sd./- Additional Commissioner**
**Bhubaneswar Municipal Corporation**
OIPR-13002/11/0225/2223

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph.No.06724-220038, E-mail: eejspurirr@gmail.com
No.A-1121:
**"e" Procurement Notice No.JSD-18 of 2022-23**

| | | | |
|---|---|---|---|
| 1 | Total No. of Works | : | 19 (Nineteen) Nos. |
| 2 | Tender Cost (Approx.) | : | Rs.12.74 Lakh to Rs.45.53 Lakh |
| 3 | Tender Paper Cost | : | Rs.6,000/- (Online payment) (Non-refundable) |
| 4 | Class of Contractor | : | Sl.No. 01 to 07 'B' and Sl.No. 08 to 17 'C' & 'B' and Sl.No. 18 to 19 'D' & 'C' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender From | Availability of Tender To | Last date & time for seeking tender clarification in e-Procurement portal | Date & Time of Opening of Bid | Place of Opening Bid |
|---|---|---|---|---|---|---|
| Superintending Engineer, Jagatsinghpur, Irr. Division, Jagatsinghpur | JSD-18/ 2022-23 | 10.02.2023 at 10.00 Hours | 23.02.2023 at 17.00 Hours | From 10.02.2023 10.00 A.M. to 17.02.2023 upto 5.00 P.M. during office hours | 24.02.2023 at 11.00 Hours | O/o. the Superintending Engineer, Jagatsinghpur Irr. Division, Jagatsinghpur |

**Further details can be seen from the Govt. website "https://tendersodisha.gov.in."**

**Sd./- Superintending Engineer**
**Jagatsinghpur Irrigation Division, Jagatsinghpur**
OIPR-32050/11/0010/2223

**"e" Procurement Notice for Building Works**
**Identification No. Online Tender/05/PSK/2022-23**
No. i-397

| | | |
|---|---|---|
| 1. Name of the Work | : | Construction of New Sub Centre Building at Bajapur under Khordha Block in the District of Khordha. |
| 2. Total Number of Works | : | 01 No. |
| 3. Estimated Cost | : | Rs.33.18 lakhs |
| 4. Class of Contractor | : | C & Equivalent |
| 5. Period of Completion | : | 180 days |
| 6. Availability of Tender Online: for Bidding | | Dt.07.02.2023 at 11.00 A.M. Dt.22.02.2023 at 5.00 P.M. |
| 7. Last date & time of seeking tender clarification | : | Dt.20.02.2023 at 5.00 P.M. |
| 8. Date & time of opening of Tender | : | Dt.23.02.2023 at 11 A.M. |

Further details can be seen from the website: **www.tenderodisha.gov.in**.

**Sd./- Block Development Officer, Khordha**
OIPR-19215/11/0004/2223

## ଏୟାରଟେଲ୍‌ର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ, ୭।୨: ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଅବଧି ମଧ୍ୟରେ କମ୍ପାନୀର ନେଟ୍ ଲାଭ ୯୧.୫% ବୃଦ୍ଧି ହୋଇ ୧,୫୮୮ କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ୩ୟ ତ୍ରୈମାସିକରେ କମ୍ପାନୀ ମୋଟ ରାଜସ୍ୱରେ ଗତବର୍ଷ ତୁଳନାରେ ୧୯.୯% ବୃଦ୍ଧି ପାଇ ୩୫,୮୦୪ କୋଟି ଟଙ୍କାରେ ପହଞ୍ଚିଛି।

# ବୁଝାମଣାରେ ହେବ ଆମଦାନୀ ସାମଗ୍ରୀର ଦେୟ ପୈଠ

**ନୂଆଦିଲ୍ଲୀ,୭।୨:**



ଭାରତ ବର୍ତ୍ତମାନ ସମୟରେ ରୁଷିଆରୁ ଅସ୍ତ୍ରଶସ୍ତ୍ର ସହ ତୈଳ ମଧ୍ୟ ଆମଦାନୀ କରୁଛି। ଏପରିକି ଉଭୟ ତୈଳ ଓ ଅସ୍ତ୍ରଶସ୍ତ୍ର ଭଳି ଆମଦାନୀ ସାମଗ୍ରୀ ପାଇଁ ଭାରତ ଦେୟ ପୈଠ ମଧ୍ୟ ଆରମ୍ଭ କରିଛି। ଭାରତ ସରକାର ବର୍ତ୍ତମାନ ପ୍ରାୟ ୨୮,୦୦୦ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ବାବଦକୁ ରୁଷିଆକୁ ଦେବ। ଏହା ପୂର୍ବରୁ ଭାରତ ପକ୍ଷରୁ ରୁଷିଆକୁ କିଛି ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଏପରିକି ଭାରତ ସରକାର ରୁବଲ ମାଧ୍ୟମରେ ସମସ୍ତ ଦେୟ ପୈଠ କରିବାକୁ ଚାହୁଁଛନ୍ତି। ଅଥବା ୩ଟି ଉପାୟରେ ଦେୟ ପୈଠ କରିବାକୁ ରୁଷିଆକୁ ପ୍ରସ୍ତାବ ଦିଆଯାଇଛି। ସେହିଭଳି ପ୍ରଥମ ଉପାୟଟି ହେଉଛି ରୁଷିଆକୁ ତା' ନିଜ ମୁଦ୍ରା ରୁବଲରେ ପୈଠ କରାଯାଉଥିବା ବେଳେ ବାକି ଚାଇନା ମୁଦ୍ରା ୟୁଆନ ଓ ତୃତୀୟ ୟୁଏଇର ଦିର୍‌ହାମରେ ଦିଆଯାଉଛି ବୋଲି ଏକ ଜାତୀୟ ଗଣମାଧ୍ୟମରେ ଆଲୋକପାତ କରାଯାଇଛି। ସେହିପରି ଗଣମାଧ୍ୟମର ରିପୋର୍ଟ ଅନୁସାରେ ଦୁବାଇରେ ବସିଥିବା ବ୍ୟବସାୟୀଙ୍କ ମାଧ୍ୟମରେ କ୍ରୟ ହୋଇଥିବା ରୁଷୀୟ ତୈଳ ଲାଗି ଭାରତୀୟ ରିଫାଇନେରିମାନେ ଡଲାର ବଦଳରେ ଦିର୍‌ହାମରେ ବର୍ତ୍ତମାନ ପୈଠ କରୁଛନ୍ତି। ଏପରିକି ତୈଳ ବ୍ୟତୀତ ରୁଷିଆଠାରୁ ପ୍ରାୟ ୨୮ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ମଧ୍ୟ ଭାରତ କ୍ରୟ କରିଛି। ଅପରପକ୍ଷରେ ଭାରତ ରୁବଲ ଅଥବା ଦିର୍‌ହାମ ଜରିଆରେ ରୁଷିଆରୁ କ୍ରୟ କରାଯାଉଥିବା ଅସ୍ତ୍ରଶସ୍ତ୍ର ଓ ତୈଳ ଲାଗି ଦେୟ ପୈଠ କରିବ ବୋଲି ଜଣାପଡ଼ିଛି। ଏପରିକି ଗତବର୍ଷ ଉଭୟ ଦେଶ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୈଠକରେ ରୁଷିଆରୁ ଭାରତ ସରକାର ଡଲାର ବଦଳରେ ଅନ୍ୟ ମୁଦ୍ରାରେ ଆମଦାନୀ ସାମଗ୍ରୀ ଦେୟ ପୈଠ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଉଭୟ ଦେଶର ପ୍ରତିରକ୍ଷା ଓ ଅର୍ଥ ମନ୍ତ୍ରଣାଳୟ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଜରୁରିକାଳୀନ ବୈଠକରେ ମଧ୍ୟ ଦେୟ ପୈଠ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଭୟ ଦେଶର ଅଧିକାରୀ ଓ ସରକାରଙ୍କ ସହମତିରେ ନିଷ୍ପତ୍ତି ହୋଇଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଙ୍କ ସମ୍ମୁଖରେ ଉକ୍ତ ପ୍ରସଙ୍ଗ ଉଠାଇବାକୁ ବି ନିଷ୍ପତ୍ତି ହୋଇଥିଲା। ସେହିଭଳି ଉକ୍ତ ନିଷ୍ପତ୍ତି ଅନୁସାରେ ରୁଷିଆକୁ କରାଯାଉଥିବା ପୈଠରୁ ଡଲାରକୁ ଦୂରେଇ ରଖିବାକୁ କୁହାଯାଇଥିଲା। ଉଲ୍ଲେଖଯୋଗ୍ୟ, ୟୁକ୍ରେନ୍ ବିରୋଧରେ ରୁଷିଆର ଯୁଦ୍ଧ ଲାଗି ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ ନାନା କଟକଣା ଜାରି କରିଛନ୍ତି।

# କଲ୍ୟାଣ ଜୁଏଲର୍ସର ୩ୟ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ, ୭।୨:**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ (ଅକ୍ଟୋବରରୁ ଡିସେମ୍ବର) ଶେଷ ସୁଦ୍ଧା କମ୍ପାନୀର ନେଟ୍ ଲାଭ ଗତ ବର୍ଷ ତୁଳନାରେ ୧୩.୦୬% ବୃଦ୍ଧି ଘଟି ୩,୮୮୪.୦୯ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଗତବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀର ନେଟ୍ ଲାଭ ୩,୪୩୫.୩୯ କୋଟି ଟଙ୍କା ରହିଥିଲା। ଏପରିକି ୨୦୨୨ ଡିସେମ୍ବର ୩୧ରେ ଶେଷ ହୋଇଥିବା କମ୍ପାନୀର ତ୍ରୈମାସିକ ୧୦.୩୪% ଲାଭ ହୋଇ ୧୪୮.୪୩ କୋଟି ଟଙ୍କାରେ ପହଞ୍ଚିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅଜୟ ଦେବଗନ ଡା. ଅର୍ଥୋର ନୂଆ ଚେହେରା

**ନୂଆଦିଲ୍ଲୀ,୭।୨:**



ଡା. ଅର୍ଥୋର ଟିଭିସି ଶୁଟିଂ ସମୟରେ ବଲିଉଡ ଅଭିନେତା ଅଜୟ ଦେବଗନଙ୍କ ସହ ବ୍ରାଣ୍ଡର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜା ଏକ ଉତ୍ପାଦର ପ୍ରଚାର କରୁଛନ୍ତି।

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଦିଭିସା ହର୍ବାଲ ପ୍ରାଇଭେଟ ଲିମିଟେଡ(ଡିଏଚ୍‌ପିଏଲ)ର ପ୍ରମୁଖ ବ୍ରାଣ୍ଡ୍ ଡା. ଅର୍ଥୋର ପ୍ରଚାର ଓ ପ୍ରସାର ପାଇଁ ବଲିଉଡ ଅଭିନେତା ଅଜୟ ଦେବଗନଙ୍କ ସହ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ରାଜିନାମା ହୋଇଥିବା ଜଣାପଡିଛି। ଏପରିକି ଅଜୟ ଦେବଗନ ଡା. ଅର୍ଥୋର ନୂଆ ଚେହେରା ଭାବେ ମନୋନୀତ ହୋଇଥିବା ଡିଏଚପିଏଲର ପ୍ରତିଷ୍ଠାତା ଡା. ସଞ୍ଜୀବ ଜୁନେଜା କହିଛନ୍ତି। ଏପରିକି ମୁମ୍ବାଇର ଫିଲ୍ମ ସିଟି ଷ୍ଟୁଡିଓ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀରେ ସଞ୍ଜୀବ କହିଥିଲେ ଅଜୟ ଦେବଗନ ଖାଲି ଯେ ବଲିଉଡରେ ବେଶ୍ ପରିଚିତ ତା' ନୁହେଁ, ଅଜୟ ଭାରତର ଘରେ ଘରେ ପରିଚିତ, ଯାହା କି ଆମର ବ୍ରାଣ୍ଡ୍ ଅର୍ଥୋର ବ୍ୟାପକ ପ୍ରଚାରର ବେଶ୍ ସହାୟକ ହେବେ। ସେହିଭଳି ଦେଶର ସବୁ ବର୍ଗର ଲୋକ ଅଜୟଙ୍କ ବିଷୟରେ ଭଲ ଭାବେ ଅବଗତ ଥିବାରୁ ଆମର ଉତ୍ପାଦର ପ୍ରଚାର ପ୍ରସାର ମଧ୍ୟ ସେହି ଅନୁଯାୟୀ ଲୋକପ୍ରିୟତା ହାସଲ କରିବ ବୋଲି ଆଶା କରାଯାଉଛି। ବିଶେଷ କରି ଅଜୟଙ୍କ ପୂର୍ବରୁ ବ୍ରାଣ୍ଡ୍ ଜାଭେଦ ଅକ୍ତରଙ୍କୁ ମଧ୍ୟ କମ୍ପାନୀର ଚେହେରା କରିସାରିଛି।

# ତାଳଚେରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ

**ଭୁବନେଶ୍ୱର,୭।୨:**




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଅନୁଗୋଳ ଜିଲାର ତାଳଚେର ସହରରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ରାଜ୍ୟର ମୋଟ ୧୩ ସହରରେ ଜିଓ ଟ୍ରୁ-୫ଜିର ସେବା ଉପଲବ୍ଧ ହେଉଛି। ପୂର୍ବରୁ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର ଓ ଅନୁଗୋଳର ନାଲ୍‌କୋ ଭଳି ୧୨ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିଲା। ଉପରୋକ୍ତ ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ୫ଜି ସେବାର ଶୁଭାରମ୍ଭ କରିଛି। ସେହିଭଳି ଜାତୀୟ ସ୍ତରରେ ମଧ୍ୟ ୧୦ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଜିଓ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ତାଳଚେର(ଓଡ଼ିଶା), ହିନ୍ଦୁପୁର, ମଦନପଲ୍ଲୀ, ପ୍ରୋଡାଟୁର(ଆନ୍ଧ୍ରପ୍ରଦେଶ), ରାୟଗଡ଼ (ଛତିଶଗଡ଼), ପଟିଆଲା (ପଞ୍ଜାବ), ଅଲୱାର (ରାଜସ୍ଥାନ), ମଞ୍ଚେରିଆଲ (ତେଲଙ୍ଗାନା), ଗୋରଖପୁର (ଉତ୍ତରପ୍ରଦେଶ) ଓ ରୁର୍କି (ଉତ୍ତରାଖଣ୍ଡ) ଭଳି ସହର ସାମିଲ ରହିଛି। ଏଥିସହ ଦେଶରେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଥିବା ମୋଟ ସହର ସଂଖ୍ୟା ୨୩୬ରେ ପହଞ୍ଚିଛି। ଏହିସବୁ ସହର ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ଜିଓ ପକ୍ଷରୁ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ମଙ୍ଗଳବାରଠାରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତର ଅସୀମିତ ଡେଟା ଅନୁଭୂତି ହାସଲ କରିବା ଲାଗି ଏହି ସହରଗୁଡ଼ିକରେ ଜିଓ ଗ୍ରାହକମାନଙ୍କୁ ଜିଓ ୱେଲକମ୍ ଅଫରରେ ଆମନ୍ତ୍ରଣ କରାଯିବ।

# 'ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆମ ଲକ୍ଷ୍ୟ'

### ଓଡ଼ିଶାରେ ଆଇଏସି-୨୩ର ୧ମ ସଂସ୍କରଣ ଆୟୋଜନ କରିବ ବେଦାନ୍ତ

**ନୂଆଦିଲ୍ଲୀ,୭।୨:**



ଦେଶର ପ୍ରମୁଖ ଆଲୁମିନିୟମ ଶିଳ୍ପ ସଂଘ 'ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ ଓ ବେଦାନ୍ତ ଆଲୁମିନିୟମର ମିଳିତ ସହଯୋଗରେ ଏକ ୨ଦିନିଆ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ-୨୦୨୩ (ଆଇଏସି-୨୩)ର ପ୍ରଥମ ସଂସ୍କରଣ ଝାରସୁଗୁଡ଼ାଠାରେ ହେବାକୁ ଯାଉଛି। ବିଶେଷକରି ମେକିଂ ଇଣ୍ଡିଆକୁ ଆଲୁମିନିୟମ କ୍ୟାପିଟାଲ ଅଫ୍ ୱାର୍ଲଡରେ ପରିଣତ କରିବା ଲକ୍ଷ୍ୟରେ ଏଭଳି ଏକ ଜାତୀୟସ୍ତରର ସମ୍ମିଳନୀ ଚଳିତ ବର୍ଷ ଫେବୃୟାରୀ ୯ ଓ ୧୦ରେ ବେଦାନ୍ତ ଆଲୁମିନିୟମ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ସମ୍ମିଳନୀରେ ଧାରଣା ଓ ସର୍ବୋତ୍ତମ ଅଭ୍ୟାସ ଆଦାନ ପ୍ରଦାନ କ୍ଷେତ୍ରରେ ନୂଆ ଉଦ୍ଭାବନ ଓ ବିକାଶ ପ୍ରଦର୍ଶନ ସହ ଶିଳ୍ପ କ୍ଷେତ୍ରରେ ସ୍ଥିରତାକୁ ପ୍ରୋତ୍ସାହନ ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଏଠାରେ ପ୍ରାଥମିକ ଧାତୁ ଉତ୍ପାଦକ, ଯନ୍ତ୍ରପାତି ଯୋଗାଣକାରୀ, ଉତ୍ପାଦ ବିକାଶ ଦଳ, ଶିକ୍ଷାନୁଷ୍ଠାନ, ଅନୁସନ୍ଧାନ କେନ୍ଦ୍ର ଓ ବିଶିଷ୍ଟ ଆନ୍ତର୍ଜାତିକ ବିଶେଷଜ୍ଞ ସମେତ ବିଭିନ୍ନ ଅଂଶଗ୍ରହଣକାରୀଙ୍କ ବୈଷୟିକ ଉପସ୍ଥାପନା ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ, ଶକ୍ତି ଓ ବନ୍ଦର ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆମେ ଆଲୁମିନିୟମ ଶିଳ୍ପର ଅସୀମ ସମ୍ଭାବନାକୁ ବିଶ୍ୱାସକରୁ ଏବଂ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀର ପ୍ରଥମ ସଂସ୍କରଣ ଆୟୋଜନ କରି ବେଶ୍ ଗର୍ବିତ ଅନୁଭବ କରୁଛୁ। ଏପରିକି ଭାରତରେ ଆଲୁମିନିୟମର ବିପ୍ଳବ ପାଇଁ ଧାରଣା ସୃଷ୍ଟି କରାଇବା ଆଇଏସି-୨୦୨୩ ଆଲୁମିନିୟମ ଶିଳ୍ପ ଲାଗି ଏକତ୍ରିତ ହେବା ଓ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବା ଲାଗି ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ଗ୍ରୀଡ଼କୋ ଓ ସେକି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୭।୨:**

ରାଜ୍ୟର ପ୍ରମୁଖ ସରକାରୀ ନିଗମ ଗ୍ରୀଡ଼କୋ ଏବଂ ଭାରତୀୟ ସୌରଶକ୍ତି ନିଗମ (ସେକି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ରାଜିନାମା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ଉଭୟ ନିଗମ ମଧ୍ୟରେ ଏକ ଶକ୍ତି ବିକ୍ରୟ ଚୁକ୍ତିନାମା (ପାୱାର ସେଲ୍ ଏଗ୍ରିମେଣ୍ଟ ବା ପିଏସଏ) ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ଧଳଙ୍କ ଉପସ୍ଥିତିରେ କରାଯାଇଛି। ଏପରିକି ଉକ୍ତ ରାଜିନାମା ଅନୁଯାୟୀ ଗ୍ରୀଡ଼କୋ କର୍ଣ୍ଣାଟକ ଓ ଗୁଜରାଟରୁ ସେକି ମାଧ୍ୟମରେ ଆନ୍ତଃରାଜ୍ୟ ବିଦ୍ୟୁତ୍ ସଞ୍ଚାରଣ ବ୍ୟବସ୍ଥା ସଂଯୁକ୍ତ ପବନ ଶକ୍ତି ପ୍ରକଳ୍ପଗୁଡ଼ିକରୁ ଆସନ୍ତା ୨୦୨୪-୨୫ ଆର୍ଥିକବର୍ଷ ଠାରୁ ୨୫ ବର୍ଷ ଅବଧି ପାଇଁ ପ୍ରାୟ ୪୦୦ ମେଗାୱାଟର ପବନଶକ୍ତି କ୍ରୟ କରିବ। ସେହିଭଳି ଉକ୍ତ ଶକ୍ତିକୁ ଶସ୍ତା ଦରରେ କ୍ରୟ କରାଯିବ ବୋଲି ଜଣାପଡିଛି। ଏପରିକି ଉକ୍ତ ବିଦ୍ୟୁତ୍ ଶକ୍ତି ୟୁନିଟ୍ ପିଛା ପ୍ରାୟ ୨.୯୬ଟଙ୍କାରୁ ୩.୦୧ ଟଙ୍କା ଶୁଳ୍କ ହାରରେ କ୍ରୟ କରାଯିବ। ଏଥିପାଇଁ କୌଣସି ଆନ୍ତଃରାଜ୍ୟ ସଞ୍ଚାରଣ ଦେୟ ଦେବାକୁ ପଡ଼ିବ ନାହିଁ। ଏଥିସହିତ ସଂପ୍ରତି ଗ୍ରୀଡ଼କୋର ଚୁକ୍ତିବଦ୍ଧ ଅକ୍ଷୟ ଶକ୍ତି କ୍ରୟ କ୍ଷମତା ୫,୨୦୩ ମେଗାୱାଟକୁ ବୃଦ୍ଧି ପାଇଛି।



ଗ୍ରୀଡ଼କୋ ଏବଂ ସେକି ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ରାଜିନାମା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଫୁର୍‌ସତ୍

# ସବୁଠୁ ପୁରୁଖା ମହିଳା କମେଡିଆନ୍ ଡିୟାନ୍



ଡିୟାନ୍ ଫରେଷ୍ଟ

**ୱାଶିଂଟନ୍**

ବହୁତ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇ ଆନନ୍ଦ ଅନୁଭବ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ଅନେକ କମେଡ଼ିଆନ୍ ଅଛନ୍ତି, ଯେଉଁମାନଙ୍କ ମଜାଳିଆ କଥାରେ ଲୋକେ ହସି ହସି ବେଦମ୍ ହୋଇଯାଆନ୍ତି। ଆମେରିକାର ଜଣେ ମହିଳା କମେଡ଼ିଆନ୍ ଡିୟାନ୍ ଫରେଷ୍ଟ, ଯିଏ ପ୍ରମାଣିତ କରିଛନ୍ତି କି ବୟସ ହେଉଛି ଏକ ନମ୍ବର। ବାକି ମଣିଷ ବଞ୍ଚିବାକୁ ଖୁସି ରହିବା ନିତାନ୍ତ ଆବଶ୍ୟକ। ତାଙ୍କୁ ବର୍ତ୍ତମାନ ୮୮ ବର୍ଷ ହୋଇଥିଲେ ବି ତାଙ୍କ ମୁହଁରେ ସବୁବେଳେ ହସ ଦେଖିବାକୁ ମିଳିଥାଏ। ଜୀବନର ପ୍ରତିଟି ମୁହୂର୍ତ୍ତରେ ନିଜ କମେଡ଼ିରେ ଲୋକଙ୍କୁ ହସାଇବା ସହ ନିଜକୁ ମଧ୍ୟ ଖୁସି ରଖିଥା'ନ୍ତି। ଡିୱାନ୍ ଫରେଷ୍ଟ ସବୁଠାରୁ ପୁରୁଣା ମହିଳା କମେଡ଼ିଆନ୍ ବୋଲି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ତା' ଟୁଇଟର ମାଧ୍ୟମରେ ସୂଚନା ଦେଇଛି। ସେ ୩୧ ଜୁଲାଇ ୧୯୩୪ରେ ବୋଷ୍ଟନ ସହରରେ ଜନ୍ମଗ୍ରହଣ କରିଥିଲେ। ସେ ୨୦ ବର୍ଷ ବୟସରୁ ଲୋକଙ୍କୁ ହସାଇ ଆସୁଛନ୍ତି। ଡିୱାନ୍ ଜଣେ କମେଡିଆନ୍ ସହ ସଙ୍ଗୀତଜ୍ଞ, ମ୍ୟୁଜିସିଆନ୍ ଏବଂ ମଜାଳିଆ ମଣିଷ ମଧ୍ୟ। ତାଙ୍କୁ ଏକାଧିକ ବାଦ୍ୟଯନ୍ତ୍ର ବଜାଇବା ଜଣାଥିଲା। ସେ ଏକସଙ୍ଗେ ଇଂଲିଶ୍ ଏବଂ ଫ୍ରେଞ୍ଚ ଭାଷାରେ କମେଡ଼ି କରୁଥିଲେ। ସେ ନିକଟରେ ଏକ ଶୋ'ରେ ତାଙ୍କ କମେଡି ଜୀବନ ଆରମ୍ଭ ବିଷୟରେ କହିଛନ୍ତି। କମେଡ଼ି ପୂର୍ବରୁ ସେ ପିଆନୋ ବଜାଇବା ସହ ଫ୍ରେଞ୍ଚରେ ଗୀତ ଗାଉଥିଲେ। ପରେ ଲୋକଙ୍କୁ ତାଙ୍କ ସଙ୍ଗୀତ ଆକୃଷ୍ଟ କରି ନ ଥିଲା। ଫଳରେ ତାଙ୍କ ଉପରେ ଲୋକେ ହସିବା ଆରମ୍ଭ କଲେ। ତା'ପରେ ସେ କମେଡ଼ି କରିବା ଆରମ୍ଭ କରିଥିବା କହିଛନ୍ତି।

# ପୁଣି ପ୍ରେମରେ ହିମାଂଶ

**ମୁମ୍ବାଇ**



ବଲିଉଡ୍ ଅଭିନେତା ହିମାଂଶ କୋହଲି ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ଜୋର ଧରିଛି। ସେ ଖ୍ୟାତନାମା ନୃତ୍ୟଶିଳ୍ପୀ ତଥା କୋରିଓଗ୍ରାଫର ଶକ୍ତି ମୋହନଙ୍କ ପ୍ରେମରେ ପଡ଼ିଥିବା ଜାଣିବାକୁ ମିଳିଛି। ସୋସିଆଲ ମିଡିଆରେ ଦୁହିଁଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ଉଭୟ ଏକ ରୋମାଣ୍ଟିକ ଡେଟ୍‌ରେ ଏକାଠି ବସିଥିବା ନଜରକୁ ଆସିଛନ୍ତି। ଲୋକପ୍ରିୟ ଗାୟକ ନୀତି ମୋହନଙ୍କ ଭଉଣୀ ହେଉଛନ୍ତି ଶକ୍ତି ମୋହନ। ସେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ଶୋ'-୨ର ବିଜେତା ହୋଇଥିଲେ। ତେବେ ପୂର୍ବରୁ ହିମାଂଶ କୋହଲି ଏବଂ ଗାୟିକା ନେହା କକ୍କଡ଼ଙ୍କ ସମ୍ପର୍କ ନେଇ ଦୁହେଁ ଚର୍ଚ୍ଚାରେ ଥିଲେ। ଦୀର୍ଘଦିନ ଧରି ପରସ୍ପରକୁ ଡେଟ୍ କରିବା ପରେ ଉଭୟ ଅଲଗା ହୋଇଯାଇଥିଲେ। ସେତେବେଳେ ଦୁହିଁଙ୍କ ବ୍ରେକଅପ୍‌କୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହାର କିଛି ବର୍ଷ ପରେ ନେହା ଗାୟକ ରୋହନପ୍ରିତ ସିଂଙ୍କୁ ୨୦୨୦ରେ ବିବାହ କରିଛନ୍ତି।

# ଲକ୍ଷେ ଟଙ୍କାର ଖାଇବା ମଗାଇଲା ଶିଶୁ

**ୱାଶିଂଟନ୍:** ନିକଟରେ ଜଣେ ୬ ବର୍ଷୀୟ ବାଳକ ଏକ ଖାଦ୍ୟ ଡେଲିଭରି କମ୍ପାନୀରୁ ୧ ଲକ୍ଷ ଟଙ୍କାର ଖାଦ୍ୟ ଅର୍ଡର କରିଥିବା ଜଣାପଡ଼ିଛି। ଆମେରିକା ମିଚିଗାନ୍‌ରେ ରହୁଥିବା କିଥ୍ ଷ୍ଟୋନ୍‌ହାଉସ୍ ତାଙ୍କ ପୁଅର ଏପରି କାଣ୍ଡ ବିଷୟରେ ଫେସ୍‌ବୁକ୍‌ରେ ସୂଚନା ଦେଇଛନ୍ତି। ଗତ ଶନିବାର ରାତିରେ କିଥ୍‌ଙ୍କ ଘରର ଡୋର ବେଲ୍ ବାରମ୍ବାର ବାଜିବା ଏବଂ ଖାଦ୍ୟ ଅର୍ଡର ଆସିବା ପରେ ସେ ଏନେଇ ଜାଣିବାକୁ ପାଇଥିଲେ। ସେହିଦିନ ସନ୍ଧ୍ୟାରେ କିଥ୍‌ଙ୍କ ସ୍ତ୍ରୀ ତାଙ୍କ ସାଙ୍ଗଙ୍କ ସହ ବାହାରକୁ ମୁଭି ଦେଖିବାକୁ ଯାଇଥିଲେ। ଘରେ କିଥ୍ ଏବଂ ତାଙ୍କ ୬ ବର୍ଷର ପୁଅ ଥିଲେ। କିଥ୍ ପୁଅକୁ ଖେଳିବାକୁ ତାଙ୍କ ଫୋନ ଦେଇଥିଲେ। ହେଲେ ପୁଅ ଖେଳ ଖେଳରେ ଖାଦ୍ୟ ଡେଲିଭରି କମ୍ପାନୀ ଗ୍ରୁବ୍‌ହବ୍‌ରୁ ବହୁତସାରା ଖାଦ୍ୟ ଅର୍ଡର କରିଥିଲେ, ଯାହାର ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ। ଏହାର କିଛି ସମୟ ପରେ ତାଙ୍କ ଘର ଆଗରେ ଅନେକ ଗାଡ଼ି ଏବଂ ଡୋରବେଲ୍ ବାଜିବାକୁ ଲାଗିଥିଲା। ଡୋର ଖୋଲିବା ବେଳକୁ ଅନେକଗୁଡ଼ିଏ ଖାଦ୍ୟ ପୁଡ଼ିଆ ଆସିଥିବା ଦେଖିବାକୁ ପାଇଥିଲେ। କିଥ୍ ପୁଅଙ୍କୁ ଏ ବିଷୟରେ ପଚାରିବାରୁ ସତ ଘଟଣା ଜାଣିବାକୁ ପାଇଥିଲେ।



# ଚେହେରା ସଜାଡ଼ିବା ଲାଗି ୬ ସର୍ଜରି



ୱାଶିଂଟନ୍: ଆମେରିକାର ଜଣେ ୨୩ ବର୍ଷୀୟା ମଡେଲଙ୍କ ମୁହଁର ସର୍ଜରି ପରେ ବିଗିଡିଥିବା ଚେହେରା ସଜାଡି ହୋଇଥିବା ଜଣାଇଛନ୍ତି। ମଡେଲ ବ୍ରୁକ୍‌ଲିନ୍ ଖଉରୀ ନଭେମ୍ବର ୨୦୨୦ରେ ତାଙ୍କ ସମ୍ପର୍କୀୟଙ୍କ ସହ ଯିବା ସମୟରେ ଏକ କୁକୁର ତାଙ୍କୁ ଆକ୍ରମଣ କରିଥିଲା। ସେଥିରେ ତାଙ୍କ ଉପର ଓଠ ସମ୍ପୂର୍ଣ୍ଣ ନ ଥିଲା। ଫଳରେ ତାଙ୍କ ଉପର ଦାନ୍ତ ସମ୍ପୂର୍ଣ୍ଣ ଦେଖାଯାଉଥିଲା। ସେ ସେତେବେଳେ ଏନେଇ ସୋସିଆଲ ମିଡିଆରେ ଏକ ସୂଚନା ଦେଇଥିଲେ। ସେତେବେଳେ ତାଙ୍କ ମୁହଁ ବହୁତ ଖରାପ ଦେଖାଯାଉଥିଲା। ସେଥିପାଇଁ ତାଙ୍କୁ ପରେ ୨୦ ଘଣ୍ଟାର ୬ଟି କସ୍‌ମେଟିକ୍ ସର୍ଜରି କରିବାକୁ ପଡ଼ିଥିଲା। ସର୍ଜରି ପରେ ଏବେ ତାଙ୍କ ମୁହଁ ପୂର୍ବ ଭଳି ଦେଖାଯାଉଛି। ଏନେଇ ସେ ସୋସିଆଲ୍ ମିଡିଆରେ ଫଟୋ ଶେୟାର କରିଛନ୍ତି।

# ଟ୍ରାକ୍ଟର ସାଇଲେନ୍ସର, କ୍ଷୀର କେନ୍‌ରେ ବାଇକ୍

**ନୂଆଦିଲ୍ଲୀ**

ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଜଣେ ଯୁବକ ବାଇକ୍ ତିଆରି କରିଛନ୍ତି। ଏହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେହି ବାଇକ୍‌ରେ ଯୁବକ ଜଣକ ଟ୍ରାକ୍ଟରର ସାଇଲେନ୍ସର ଏବଂ କ୍ଷୀର କେନ୍ ବ୍ୟବହାର କରିଛନ୍ତି। ସେ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଯାଇଥିବାବେଳେ ସେଠାରେ ଉପସ୍ଥିତ ଲୋକେ ତାଙ୍କର ଏପରି ଅଜବ ବାଇକ୍‌କୁ ଦେଖି ଚକିତ ହୋଇଥିଲେ ମଧ୍ୟ ପ୍ରଶଂସା କରିଥିଲେ। ତେବେ ଭିଡିଓଟି ସୋସିଆଲ ମିଡିଆରେ ଗତ ନଭେମ୍ବରରେ ସୋସିଆଲ୍ ମିଡିଆରେ ଶେୟାର ହୋଇଥିଲା।



# ପୁରସ୍କାର ଦୌଡ଼ରେ ସିରାଜ, ଶୁବମନ

ଦୁବାଇ, ୭।୨ (ପି.ଟି.)

ଜାନୁୟାରୀ ମାସରେ ଚମତ୍କାର ପ୍ରଦର୍ଶନ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ଭାରତ ପେସ୍ ବୋଲର ମହମ୍ମଦ ସିରାଜ ଓ ଓପନର ଶୁବମନ ଗିଲ୍ ରହିଛନ୍ତି। ପୁରସ୍କାର ପାଇଁ ତୃତୀୟ ଦାବିଦାର ରହିଛନ୍ତି ନ୍ୟୁଜିଲାଣ୍ଡ ଓପନର ଡେଭନ କନ୍‌ୱେ। ତାଙ୍କର ବର୍ଷ ଆରମ୍ଭ ଖୁବ୍ ଭଲ ରହିଥିଲା। ସେ ସମସ୍ତ ଫର୍ମାଟରେ ମୋଟ ୩ଟି ଶତକ ଓ ଦୁଇ ଅର୍ଦ୍ଧଶତକ ହାସଲ କରିଥିଲେ।



ମହମ୍ମଦ ସିରାଜ



ଶୁବମନ ଗିଲ୍

**ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ**

୨୦୨୨ରେ ସଫଳ ବର୍ଷ ପରେ ଗିଲ୍ ଗତ ମାସରେ ଉଭୟ ହ୍ୱାଇଟ୍-ବଲ୍ ଫର୍ମାଟରେ ତାଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ। ଅନ୍ୟପକ୍ଷରେ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ସିରାଜ ନିକଟରେ ଖେଳାଯାଇଥିବା ଅନ୍ତର୍ଜାତୀୟ ଦିନିକିଆଗୁଡ଼ିକରେ ବିଶେଷ କରି ନୂଆ ବଲ୍‌ରେ ଭାରତର ଫାଷ୍ଟ ବୋଲିଂ ଆକ୍ରମଣକୁ ଶାଣିତ କରିଥିଲେ। ମୁମ୍ବାଇରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ଗିଲ୍ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଖେଳିଥିଲେ। ଏଥିରେ ସେ ମାତ୍ର ୭ ରନ ସଂଗ୍ରହ କରିଥିଲେ। ପରବର୍ତ୍ତୀ ମ୍ୟାଚରେ ସେ ଏକ ଅଙ୍କ ବିଶିଷ୍ଟ ରନ ସ୍କୋର କରିଥିଲେ। ରାଜକୋଟଠାରେ ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଟି୨୦ରେ ସେ ୪୬ ରନ କରିଥିଲେ। ଗିଲ୍ ପରେ ଶ୍ରୀଲଙ୍କା ବିପକ୍ଷ ୩ ଅନ୍ତର୍ଜାତୀୟ ଦିନିକିଆରେ ୭୦, ୨୧ ଓ ୧୧୬ ରନ କରିଥିଲେ। ହାଇଦ୍ରାବାଦରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ କିନ୍ତୁ ତାଙ୍କ ପ୍ରଦର୍ଶନ ଜୋରଦାର ଥିଲା। ୨୩ ବର୍ଷୀୟ ଖେଳାଳି ୧୪୯ ବଲ୍‌ରୁ ୨୦୮ ରନ କରିଥିଲେ। ସେହିଦିନ ତାଙ୍କର ଜଣେ ହେଲେ ଟିମ୍‌ମେଟ୍ ୨୮ ରନ ଅତିକ୍ରମ କରିପାରି ନ ଥିଲେ। ଗିଲ୍ ଲୋକି ଫର୍ଗୁସନଙ୍କ ବୋଲିଂରେ କ୍ରମାଗତ ୩ ଛକା ମାରି ତାଙ୍କ ଦ୍ୱିଶତକ ପୂରଣ କରିଥିଲେ। ଅନ୍ତର୍ଜାତୀୟ ଦିନିକିଆରେ ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହୋଇପାରିଥିଲେ। ପରବର୍ତ୍ତୀ ଦୁଇଟି ମ୍ୟାଚରେ ସେ ଅପରାଜିତ ୪୦ ଓ ୧୧୨ ରନ କରିଥିଲେ। ସିରିଜରେ ସେ ମୋଟ ୩୬୦ ରନ ସଂଗ୍ରହ କରିଥିଲେ। ଫଳତଃ ସେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିବାରେ ବାବର ଆଜମ (୨୦୧୬-୧୭ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ)ଙ୍କ ରେକର୍ଡ ସମକକ୍ଷ ହୋଇପାରିଥିଲେ। ଅପରପକ୍ଷରେ ସିରାଜଙ୍କ ଚମତ୍କାର ଫର୍ମର ପ୍ରତିଫଳନ ଆଇସିସି ପ୍ଲେୟର ର୍‍ୟାଙ୍କିଙ୍ଗରେ ଦେଖିବାକୁ ମିଳିଥିଲା। ଅନ୍ତର୍ଜାତୀୟ ଦିନିକିଆରେ ସେ ନମ୍ବର ୱାନ ବୋଲର ହୋଇପାରିଥିଲେ। ଗୁଆହାଟିଠାରେ ଶ୍ରୀଲଙ୍କା ବିପକ୍ଷ ହାଇ ସ୍କୋରିଂ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ସେ ତାଙ୍କ ୭ ଓଭର ବୋଲିଂରେ ୩୦ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ପରବର୍ତ୍ତୀ ଦୁଇଟି ମ୍ୟାଚରେ ତାଙ୍କ ବୋଲିଂ ଫିଗର ୩/୩୦ ଓ ୪/୩୨ ରହିଥିଲା। ସିରିଜରେ ସେ ଥିଲେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର। ହୋମ୍ ଗ୍ରାଉଣ୍ଡ ହାଇଦ୍ରାବାଦରେ ନ୍ୟୁଜିଲାଣ୍ଡ ବିପକ୍ଷ ହାଇସ୍କୋରିଂ ରୋମାଞ୍ଚ ମ୍ୟାଚରେ ଏହି ଡାହାଣହାତୀ ବୋଲର ତାଙ୍କ ୧୦ ଓଭର ବୋଲିଂରେ ୪୬ ରନ ବିନିମୟରେ ୪ ଉଇକେଟ ସଫଳତା ପାଇଥିଲେ। ରାୟପୁରରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଓପନିଂ ବୋଲିଂ କରିବାକୁ ଆସି ସେ ତାଙ୍କ ୬ ଓଭର ବୋଲିଂରେ ୧ ମେଡେନ ସହ ୧୦ ରନ ବିନିମୟରେ ୧ ଉଇକେଟ ଅକ୍ତିଆର କରିଥିଲେ।

## ଭାରତୀୟ ଦଳର ଉତ୍ସାହଜନକ ଆରମ୍ଭ

ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି): ସମ୍ପ୍ରତି ଜୋର୍ଡାନ ଗସ୍ତରେ ଥିବା ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ଆରମ୍ଭ ଉତ୍ସାହଜନକ ରହିଛି। ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ ୭-୦ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଗୁରୁବାର ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ବାଂଲାଦେଶରେ ହେବାକୁଥିବା ସାଫ୍ ଗେମ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା ଭାରତୀୟ ଦଳ ଅଧିକ ଅଭ୍ୟାସ ପାଇଁ ଜୋର୍ଡାନ ଗସ୍ତ କରିଛି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ୟୁକୋ ଭଲିବଲ୍ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୭।୨ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୧୮ତମ ୟୁକୋ କପ୍ ଭଲିବଲ୍ ଲିଗ୍ ଓଡ଼ିଶା ଲୋକସେବା ଭବନ ପରିସରରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ୟୁକୋ ବ୍ୟାଙ୍କ ଜୋନାଲ ମ୍ୟାନେଜର ଗୌତମ ପାତ୍ର ସମ୍ମାନନୀୟ ଅତିଥି ଭାବେ ଆଶିଷ କୁମାର ବିଶ୍ୱାଳ (ଏଜିଏମ୍) ଓ ସତ୍ୟରଞ୍ଜନ ମହାନ୍ତି (ସିଜିଏମ୍) ଓ ସରୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଖେଳାଯାଇଥିବା ଦୁଇଟି ମ୍ୟାଚ ମଧ୍ୟରୁ ଗୋଟିକରେ ପିସ୍ କିପର ଦଳ ୨-୦ରେ ଲିଜେଣ୍ଡ ଦଳକୁ ଏବଂ ଅନ୍ୟଟିରେ ଜିରୋ ହଙ୍ଗର୍ସ ୨-୧ ସେଟ୍‌ରେ ଆଭେଞ୍ଜର୍ସକୁ ହରାଇ ଦେଇଛି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ, ସଭାପତି ଦେବୀଦତ୍ତ ମିଶ୍ର, ଉପସଭାପତି ତ୍ରିନାଥ ପଲାଇ, କ୍ରୀଡ଼ା ସମ୍ପାଦକ ନୃସିଂହ ପୃଷ୍ଟି, କୋଷାଧ୍ୟକ୍ଷ ଦେବୀ ପ୍ରସାଦ ଦାସ ଓ ଯୁଗ୍ମ ସମ୍ପାଦକ ମୋତିଲାଲ୍ କାଲୋ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଦଳ ଘୋଷିତ



ନାଗେଶ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳ।

**ଦୃଷ୍ଟିବାଧିତ ନାଗେଶ ଟ୍ରଫି**

ଭୁବନେଶ୍ୱର,୭।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଦୃଷ୍ଟିବାଧିତଙ୍କ ପାଇଁ ଖେଳାଯାଉଥିବା ଜାତୀୟ ନାଗେଶ ଟ୍ରଫି ୨୦୨୨-୨୩ ପାଇଁ ମଙ୍ଗଳବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟର ସୁଖରାମ ମାଝିଙ୍କୁ ଏହି ଦଳର ଅଧିନାୟକ ଏବଂ ଲିଙ୍ଗରାଜ ରାଉତରାଙ୍କୁ ଉପଅଧିନାୟକ ରଖାଯାଇଛି। ଏମ୍‌ଡି ଜାଫର ଇକ୍‌ବାଲ ୨୦୧୦ରୁ ଓଡ଼ିଶାର ଅଧିନାୟକ ରହି ଆସୁଥିବା ବେଳେ ଚଳିତ ଥର ଖେଳାଳି ହିସାବରେ ସେ ଦଳରେ ଅଛନ୍ତି। ବିଗତ ୧୨ ବର୍ଷ ହେବ ଜାଫରଙ୍କ ନେତୃତ୍ୱରେ ମୁଁ ଖେଳି ଆସୁଥିବା ବେଳେ ଅନେକ ଜିନିଷ ଶିଖିବାକୁ ପାଇଛି ବୋଲି କହିଛନ୍ତି ସୁଖରାମ। ଏହି ଦଳରେ ଦୁଇ ଜଣ ନୂତନ ଖେଳାଳି ହିକିମ ମୁର୍ମୁ ଓ ଗଉରା ହରିଜନଙ୍କୁ ସାମିଲ କରାଯାଇଛି। ୨୮ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ଓଡ଼ିଶା ଏଲିଟ୍ ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ରାଜସ୍ଥାନର ଆଜମେରରେ ଓଡ଼ିଶା ନିଜର ସମସ୍ତ ଗ୍ରୁପ୍ ମ୍ୟାଚ୍ ଖେଳିବ। ତେଲଙ୍ଗାନା ସହିତ ୧୩, ଦିଲ୍ଲୀ ସହିତ ୧୫, ଜମ୍ମୁ କଶ୍ମୀର ସହିତ ୧୬ ଏବଂ ରାଜସ୍ଥାନ ସହିତ ୧୭ ଫେବୃୟାରୀରେ ଏହାର ସମସ୍ତ ଗ୍ରୁପ୍ ମ୍ୟାଚ୍ ଖେଳିବ ଓଡ଼ିଶା। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ସୁପର୍ ଏଇଟ୍, ସେମିଫାଇନାଲ ଓ ଫାଇନାଲ ମୁମ୍ବାଇରେ ଖେଳାଯିବ।

ଓଡ଼ିଶା ଦଳ: ଏମ୍‌ଡି ଜାଫର ଇକ୍‌ବାଲ, କାଳିଆ ପ୍ରଧାନ, ତପନ କୁମାର ଗୌଡ଼ା, ହିକିମ ମୁର୍ମୁ, ଅନତଲ ମଲିକ୍, ଅଞ୍ଜନ ସିଂ, ଗଉରା ହରିଜନ, ନକୁଳ ବଡନାୟକ, ଲାଲ ପ୍ରସାଦ ସୋରେନ୍, ଅର୍ଜୁନ ଭାତ୍ରା, ସୁଖରାମ ମାଝି(ଅଧିନାୟକ), ଲିଙ୍ଗରାଜ ରାଉତରା, ଧନପତି ଗୌଡ଼ା, ଶୁକଦେବ ସୋରେନ।

କୋଚ୍: ଚନ୍ଦ୍ର ଶେଖର ପଟ୍ଟନାୟକ, ମ୍ୟାନେଜର: ଦେବାଶିଷ ସାହୁ।

## ଫାଇନାଲରେ ବାଙ୍କୁଆଳ

ପୁରୁଣା ଭୁବନେଶ୍ୱର, ୭।୨ (ଡିଏନଏ): ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଳ ଖେଳ ପଡିଆରେ ଅନୁଷ୍ଠିତ ଜଗବନ୍ଧୁ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି ଆୟୋଜକ ବାଙ୍କୁଆଳ। ମଙ୍ଗଳବାର ସେମି ଫାଇନାଲରେ ଘାଟିକିଆକୁ ୯ ଉଇକେଟରେ ପରାସ୍ତ କରିଥିଲା ବାଙ୍କୁଆଳ ଏଭରେଷ୍ଟ । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଘାଟିକିଆ ୧୭.୩ ଓଭରରେ୧୫୧ ରନରେ ଅଲଆଉଟ ହୋଇଥିଲା। ଜବାବରେ ୧୬.୩ ଓଭରରେ ୧ ଉଇକେଟ ହରାଇ ୧୫୨ ରନ୍ କରି ଫାଇନାଲରେ ପ୍ରବେଶ କରିଥିଲା ବାଙ୍କୁଆଳ। ବିଜୟୀ ଦଳର ଆଦିତ୍ୟ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ବୁଧବାର ଭାଲିଆଭାଡି ଓ ସୁଆଙ୍ଗ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଖେଳାଯିବ।

# ସର୍ବଭାରତୀୟ ସଫ୍ଟବଲ ପ୍ରତିଯୋଗିତା

ପୁରୀ ଅଫିସ,୭।୨

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ୪୪ତମ ସର୍ବଭାରତୀୟ ସଫ୍ଟବଲ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟଦିନ ଉଭୟ ମହିଳା ଓ ପୁରୁଷ ବିଭାଗ ମଧ୍ୟରେ ସୁପର ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ତୃତୀୟ ଦିନରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ମହାରାଷ୍ଟ୍ର ୫-୦ରେ ମଧ୍ୟପ୍ରଦେଶକୁ, ଆନ୍ଧ୍ର ପ୍ରଦେଶ ୩-୦୧ରେ ରାଜସ୍ଥାନକୁ, ତେଲେଙ୍ଗାନା ୩-୦୨ରେ କର୍ଣ୍ଣାଟକକୁ, ପଞ୍ଜାବ୧୦-୦୦ରେ ଉତ୍ତର ପ୍ରଦେଶକୁ ହରାଇଥିଲେ। ଅନ୍ୟ ସୁପର ଲିଗ ମ୍ୟାଚରେ କେରଳ ୩-୦୦ରେ ଓଡ଼ିଶାକୁ, ଛତିଶଗଡ଼ ୭-୦୦ରେ ଦିଲ୍ଲୀକୁ, ଛତିଶଗଡ଼ ୧୦-୦୦ରେ କେରଳକୁ, ମହାରାଷ୍ଟ୍ର୧-୦୦ରେ ଆନ୍ଧ୍ରପ୍ରଦେଶକୁ, ପଞ୍ଜାବ ୯-୦୩ରେ ତେଲଙ୍ଗାନାକୁ, ଛତିଶଗଡ଼୧-୦୦ରେ ଓଡ଼ିଶାକୁ, କେରଳ ୦୫-୦୦ରେ ଦିଲ୍ଲୀକୁ, ଆନ୍ଧ୍ର ପ୍ରଦେଶ ୦୭-୦୧ରେ ତେଲଙ୍ଗାନାକୁ, ମହାରାଷ୍ଟ୍ର ୧୦-୦୦ରେ ପଞ୍ଜାବକୁ ହରାଇଛି। ସେହିପରି ପୁରୁଷ ବର୍ଗରେ ଅନୁଷ୍ଠିତ ମ୍ୟାଚଗୁଡିକରେ ପଞ୍ଜାବ ୨-୦୦ରେ ମହାରାଷ୍ଟ୍ରକୁ, ରାଜସ୍ଥାନ ୦୨-୦୧ରେ ଜମ୍ମୁକଶ୍ମୀରକୁ, ଦିଲ୍ଲୀ ୬-୦୨ ଓଡ଼ିଶାକୁ, ମଧ୍ୟପ୍ରଦେଶ ୧୦-୦୨ପଣ୍ଡିଚେରୀ କୁ, ଛତିଶଗଡ଼ ୪-୦୦ ଇଣ୍ଡିଆନ ଏଲ୍‌କୁ, ଚଣ୍ଡିଗଡ଼ ୨-୦୧ କେରଳକୁ, ହରିୟାଣା ୭-୦୦ ତେଲଙ୍ଗାନକୁ, ଆନ୍ଧ୍ର ପ୍ରଦେଶ୧୦-୦୦ ଗୁଜରାଟକୁ ହରାଇଛି। ଅପରପକ୍ଷେ ପୁରୁଷ ବିଭାଗ ସୁପର ଲିଗ ମ୍ୟାଚରେ ପଞ୍ଜାବ ୫-୦୦ ରାଜସ୍ଥାନକୁ, ଦିଲ୍ଲୀ ୪-୦୦ମଧ୍ୟପ୍ରଦେଶକୁ, ଛତିଶଗଡ଼ ୭-୦୩ ଚଣ୍ଡିଗଡ଼କୁ, ଆନ୍ଧ୍ର ପ୍ରଦେଶ ୦୩-୦୦ ହରିୟାଣାକୁ ହରାଇଛି। ଏହି ଚାମ୍ପିୟନଶିପର ଉଭୟ ବିଭାଗର ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। ସେହିପରି ୯ ତାରିଖ ଦିନ ଏହି ସର୍ବଭାରତୀୟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ସେହିଦିନ ପୁରସ୍କାର ବିତରଣ ଉତ୍ସବ ହେବ। ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR-760004, GANJAM, ORISSA**
**No.1463/MCB-2023/Welfare/Dated, Berhampur the 7th February, 2023**

**CANCELLATION OF TENDER CALL NOTICE**

**No.E-886:** The Tender Call Notice for "Up-Gradation of Medical Equipments" of MRU MKCG Medical College, Berhampur published vide Notice No.12488, dated 09.12.2022 and corrigendum notice No.76, dated 03.01.2023 is hereby cancelled due to some unavoidable circumstances.

Sd./- Dean & Principal
OIPR-10013/11/0033/2223 MKCG Medical College, Berhampur

**COMMISSIONERATE OF CT AND GST, ODISHA (AT CUTTACK)**
**(FINANCE DEPARTMENT, GOVERNMENT OF ODISHA)**

**NOTICE INVITING BIDS**

**No.S-33:** Notice Inviting Bids for procurement of 40 numbers of 100 Ah Sealed Maintenance Free (SMF) batteries along with buy-back of 40 numbers of old (Exide Brand) 12 V/100 Ah Sealed Maintenance Free (SMF) batteries of the Commissionerate of CT & GST. The last date of submission of bids is 27-02-2023 (3.00 PM).

The detailed TOR with important dates may be obtained from the website of organization **https://odishatax.gov.in.**

Sd/-Commissionerate of
CT & GST, Odisha (at Cuttack)
OIPR-05032/11/0013/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 1673/IND-II-PH-1133 ତାରିଖ 06.02.2023
No. CAD-4751

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, ଚିକିଟି, ଓଡ଼ିଶାର ଗଞ୍ଜାମ ଜିଲ୍ଲା ଚିକିଟି ତହସିଲ ଅନ୍ତର୍ଗତ ଗିରିସୋଲା ଗ୍ରାମରେ ୨୦.୫୧୦ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଗିରିସୋଲା ପଥର ଖଣି-୧ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୦୩।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ **ଗଞ୍ଜାମ ଜିଲ୍ଲା ଚିକିଟି ତହସିଲ, ଜଗନ୍ନାଥପୁର ମୌଜାସ୍ଥିତ ସରକାରୀ ଜମି (ପ୍ଲଟ ନଂ.୬୬୦ ଏବଂ ୭୯୬, ଖାତା ନଂ.୧୭୬, ୨.୭୧୫ ଏକର ଅଞ୍ଚଳ)** ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଞ୍ଜାମ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଞ୍ଜାମ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଞ୍ଜାମ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.org ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବ୍ରହ୍ମପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0415/2223 ସ୍ୱା./-ସଦସ୍ୟ ସଚିବ

**ODISHA HYDRO POWER CORPORATION LTD.**
**(A Gold Rated State PSU)**
**O/O Sr.GENERAL MANAGER, Rengali Hydro Electric Project**
**P.O.:RENGALI DAM SITE, PIN:759105, DIST:ANGUL (ODISHA)**
**TEL:06760-266031, e-mail:sgmel500@gmail.com**

No.RHEP/TW/PUR-III/WKS-III-20/ 912 Date:07.02.2023
ଚିଠି କ୍ର.ନଂ.୯୧୨ ତା.୦୭.୦୨.୨୦୨୩

**ବିଜ୍ଞପ୍ତି**

**No.CAD-4753:** ଏତଦ୍ୱାରା ରେଙ୍ଗାଳି ଡ୍ୟାମ୍‌ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନ କ୍ଷମତା ବିଦ୍ୟୁତ୍ ବିତରଣ company Tata Power (TPCODL) କୁ ହସ୍ତାନ୍ତର ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଆସନ୍ତା ତା.୦୨.୦୩.୨୦୨୩ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ବିଶ୍ୱକର୍ମା ପୂଜା ମଣ୍ଡପଠାରେ ଅସ୍ଥାୟୀ CAMP ଏବଂ ରେଙ୍ଗାଳିସ୍ଥିତ ଟି.ପି.ସି.ଓ.ଡି.ଏଲ. ଅଫିସରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ ନଥିପତ୍ର (Document) ଦେଇ ଆବେଦନ କରନ୍ତୁ । ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ ବିଚ୍ଛିନ୍ନ ପାଇଁ ରେଙ୍ଗାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ସ୍ୱା./-
ବରିଷ୍ଠ ସାଧାରଣ ପରିଚାଳକ
ରେଙ୍ଗାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ

OIPR-04022/11/0116/2223

**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT - V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com

**NOTICE INVITING BIDS (NIB)**

No. 1072 Date: 01.02.2023

No. O-1770: The Engineer-in-Chief, RWSS (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") in Double Cover System in ONLINE MODE & has decided to carry out the bid process for selection of the eligible contractors to whom the projects under the package may be awarded eventually for construction as well as operation and maintenance for a period of 05 years.

| Package No. | Name of Work | Bid Identification No. | Indicative Project Cost (Rs. in Crore) | Availability of Bid Document for Online Bidding | |
|---|---|---|---|---|---|
| | | | | From | To |
| Pkg - I | Execution of RPWS to Ranaba, Badabaraba and Indragda under Raikia Block of Kandhamal District including 05 years O&M | EIC, RWSS-57/22-23 | 17.30 | 17.00 hrs. of 03.02.2023 | 17.00 hrs. of 24.02.2023 |
| Pkg - II | Execution of RPWS to Balandapada, Koirmandu, Pahiraju and Luisinga GP under Phiringia Block of Kandhamal District including 05 years O&M | EIC, RWSS - 58/22-23 | 29.06 | 17.00 hrs. of 03.02.2023 | 17.00 hrs. of 24.02.2023 |
| Pkg - III | Execution of RPWS to Krandiballi and Pakari under Phiringia Block of Kandhamal District including 05 years O&M | EIC, RWSS - 59/22-23 | 6.68 | 17.00 hrs. of 03.02.2023 | 17.00 hrs. of 24.02.2023 |

Name & address of Officer Inviting Bid : **Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar Ph.: 0674-2395734 / 0674-2531533, e-mail: cerwssodisha@gmail.com**

Further details can be seen from the e-procurement portal **http://tendersodisha.gov.in.**

OIPR-25003/11/0030/2223 Sd./- Engineer-in-Chief, RWSS

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.- (0674) 2391523

**INVITATIONS FOR BIDS (IFB)**

File No.- B-IV-H-ALMC-08/2021 (PT) 4771 / Bhubaneswar, the 6th Feb., 2023

No.B-1170

**Invitation for Bids**
**1st Corrigendum**

RFP Reference No. C.E.(B)- 46/2022-23

**Name of the work: PROVIDING COMPREHENSIVE FACILITY MANAGEMENT SERVICES (CFMS) FOR PRM MEDICAL COLLEGE & HOSPITAL AT BARIPADA.**

The following changes have been made in Bid Identification No. C.E. (B)-46/2022-23

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.14.02.2023 to 17.00 hours of dt.28.02.2023 instead of dt.01.02.2023 to dt.16.02.2023 for ONLINE BIDDING respectively.
2. Online bids shall be received till 17.00 hours of dt.28.02.2023 instead of dt.16.02.2023.
3. Date of Pre-bid meeting 17.00 hours of dt.23.02.2023 instead of dt.10.02.2023.
4. The technical bids will be opened at 11.30 A.M. of dt.01.03.2023 instead of dt. 17.02.2023.

All other terms and conditions remain unchanged.

Sd./- Chief Engineer (Buildings), Odisha, Bhubaneswar
OIPR-34117/11/0116/2223

**CUTTACK MUNICIPAL CORPORATION**

**"e" PROCUREMENT NOTICE**

No. C-2419 **Tender ID: 2023_ORULB_85917**
**Bid Reference No. MC(CMC)CTC_Div.-I_No. 20/2022-23**
**Tender Call Notice No. 597 (PW) Date: 06.02.2023**

Name of Work : Civil Works
No. of Works : 01 No.
Bid Value : Rs.54.66 Lakhs
Period of Completion : Three Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.07.02.2023 | 5.00 P.M. on Dt.17.02.2023 | 11.00 A.M. on Dt.22.02.2023 |

Tender details can be seen from the procurement portal: **www.tendersorissa.gov.in**.

**Executive Engineer, City Div.-I**
OIPR-13031/11/0127/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସ, ବାମପନ୍ଥୀ ଜାଣିଶୁଣି ଅନୁପ୍ରବେଶ କରାଉଥିଲେ: ଯୋଗୀ

**ଅଗରତାଲା,୭।୨**

ତ୍ରିପୁରା ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ବିଭିନ୍ନ ଦଳର ତୁଙ୍ଗ ନେତାମାନେ ରାଜ୍ୟ ଗସ୍ତ କରୁଛନ୍ତି। ଏହି କ୍ରମରେ ମଙ୍ଗଳବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଖୋୱାଇରେ ପହଞ୍ଚିଥିଲେ। ସେଠାରେ ଏକ ନିର୍ବାଚନୀ ସଭାରେ ସେ କଂଗ୍ରେସ ଏବଂ ବାମପନ୍ଥୀ ଦଳକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ରାଜ୍ୟରେ ବିକାଶ କାର୍ଯ୍ୟ ବହୁ ପୂର୍ବରୁ ହୋଇ ପାରିଥାନ୍ତା। କିନ୍ତୁ କମ୍ୟୁନିଷ୍ଟ ପାର୍ଟି କି କଂଗ୍ରେସ ତାହା କରି ନ ଥିଲେ। କାରଣ ରାଜ୍ୟର ବିକାଶ ସେମାନଙ୍କ ଏଜେଣ୍ଡାରେ ନଥିଲା। ସେମାନେ ଜାଣିଶୁଣି ରାଜ୍ୟରେ ଅନୁପ୍ରବେଶ କରାଉଥିଲେ। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଥିଲେ। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ବାଟମାରଣା ହେଉଥିଲା। ଚଳିତ ବିଧାନସଭା ନିର୍ବାଚନରେ ମିଳିତ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସିପିଆଇ (ଏମ୍) ଏବଂ କଂଗ୍ରେସ ପ୍ରଭୁ ରାମ କିମ୍ବା କୃଷ୍ଣଙ୍କ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି ନାହିଁ। ଉଭୟ ଦଳ ମଧ୍ୟ ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ ମନ୍ଦିର କରିଡର ଏବଂ ରାମ ମନ୍ଦିର ନିର୍ମାଣକୁ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି ବୋଲି ସେ କହିଛନ୍ତି।


ଅଗରତାଲାରେ ମଙ୍ଗଳବାର ଆୟୋଜିତ ଏକ ରୋଡ୍ ଶୋ'ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ଡବଲ ଇଞ୍ଜିନ୍ ସରକାରକୁ ହଟାଇପାରିବ ଟିଏମ୍‌ସି: ମମତା

**ଅଗରତାଲା,୭।୨(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏକମାତ୍ର ଦଳ ଯିଏ ଭାଜପାର ଡବଲ ଇଞ୍ଜିନ୍ ସରକାରକୁ ହଟାଇପାରିବ ଏବଂ ଦେଶବାସୀଙ୍କୁ ଭାଜପାର ବିକଳ୍ପ ଦେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଦଳ ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି। ଅଗରତାଲାରେ ଏକ ଜନସଭାକୁ ସମ୍ବୋଧିତ କରି ମମତା କହିଥିଲେ, ଭାଜପା ଶାସନରେ ତ୍ରିପୁରାରେ ଗଣତନ୍ତ୍ରକୁ ଗୌଣ କରିଦିଆଯାଇଛି। ଅନ୍ୟ ଦଳଗୁଡ଼ିକୁ ଏଠାରେ ସଭା କରିବା ପାଇଁ ଅନୁମତି ମିଳୁନାହିଁ। ଖବରଦାତାମାନେ ଖବର ସଂଗ୍ରହ ଅଧିକାର ହରାଇଛନ୍ତି। ଦୁଇବର୍ଷ ପୂର୍ବେ ଏଠାରେ ଟିଏମ୍‌ସି ନେତା ଓ କର୍ମୀମାନଙ୍କୁ ଆକ୍ରମଣ କରାଯିବା ସହ ସେମାନଙ୍କ ଗାଡ଼ି ଭଙ୍ଗାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବେଆଇନ ଭାବେ ଜେଲରେ ରଖାଯାଇଛି। ରାଜ୍ୟରେ ଗଣତନ୍ତ୍ର ଅତି ଦୟନୀୟ ସ୍ଥିତିରେ ରହିଛି। ସରକାରଙ୍କ ଭୁଲ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଟିଏମ୍‌ସି ନେତାମାନଙ୍କୁ ନିର୍ଯାତନା ଦିଆଯାଉଛି। ଲୋକଙ୍କୁ ୧୦୦ ଦିନ କାମର ଗ୍ୟାରେଣ୍ଟି ଦେଇପାରୁ ନ ଥିବା ଦଳ ଭୋଟ ମାଗିବାର ଅଧିକାର ହରାଇଛି ବୋଲି ଭାଜପାକୁ ଲକ୍ଷ୍ୟ କରି ମମତା କହିଛନ୍ତି। ସେହିପରି ସିପିଆଇ(ଏମ୍)-କଂଗ୍ରେସ ମେଣ୍ଟକୁ ମଧ୍ୟ ମମତା ସମାଲୋଚନା କରିଥିଲେ। ପଶ୍ଚିମବଙ୍ଗ ଭଳି ତ୍ରିପୁରାବାସୀ ଏହି ମେଣ୍ଟକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ତ୍ରିପୁରାରେ ତାଙ୍କ ଦଳ କ୍ଷମତାକୁ ଆସିଲେ ପଶ୍ଚିମବଙ୍ଗରେ ଲାଗୁ ହୋଇଥିବା ଲକ୍ଷ୍ମୀର ଭଣ୍ଡାର, କନ୍ୟାଶ୍ରୀ ଭଳି ବିକାଶ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମମତା ପ୍ରତିଶ୍ରୁତି ଦେଇଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰କାହ୍ନୁ ଚରଣ ପ୍ରଧାନ**

ତଳ ମାଳିସାହି, ପୁରୀ
ଆବିର୍ଭାବ-୨୩।୦୬।୧୯୫୮
ତିରୋଧାନ- ୧୯।୦୨।୨୦୨୨

ଚାହୁଁ ଚାହୁଁ ୧ବର୍ଷ ବିତିଗଲା, ଆମଠାରୁ ଲୋଭ, ସଂସାର ମୋହମାୟା ତୁଟାଇ ଅଜଣା ରାଇଜକୁ ଚାଲିଗଲା ପରିବାର, ସମାଜ ପାଇଁ ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରଉପକାରିତା, କର୍ତ୍ତବ୍ୟନିଷ୍ଠା ଓ ଧର୍ମ ପରାୟଣତା ସବୁଦିନ ପାଇଁ ଆମମାନଙ୍କୁ ଦିଗ୍‌ଦର୍ଶନ କରାଉଥାଉ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମଣିଷ କରି ଗଢ଼ି ତୋଳିବାରେ ପ୍ରତିବଦ୍ଧତା ଓ ସମର୍ପଣ ଭାବ ପାଇଁ ତୁମେ ଚିର ନମସ୍ୟ। ତୁମର ଆଶୀର୍ବାଦ ଆମ ମାନଙ୍କୁ ସର୍ବଦା ପାଥେୟ ଓ ତୁମ ପ୍ରତି ଆମ୍ଭମାନଙ୍କ ଶ୍ରଦ୍ଧା ଓ ଭକ୍ତି ଚିର କାଳ ପାଇଁ ଅତୁଟ ରହିବା ବାପା ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। **ଶୋକସନ୍ତପ୍ତ: କନ୍ୟା, ପୁତ୍ର, ପରିବାରବର୍ଗ ଓ ଆତ୍ମୀୟ ପରିଜନ।**

ଧ-୨୬୯୪

CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE
For Booking Contact 0674-2580385

## ମୁଦ୍ରା ଫାଇନାନ୍ସ

**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ନବ ଦାସଙ୍କ ହତ୍ୟାର ତଦନ୍ତ 'କୋର୍ଟ ମନିଟର୍ଡ' ନୁହେଁ: ଭାଜପା

**ଭୁବନେଶ୍ୱର, ୭।୨(ବ୍ୟୁରୋ):** ନବ ଦାସଙ୍କ ହତ୍ୟା ଘଟିବା କ୍ଷଣି ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ। ଏହା ପର ମୁହୂର୍ତ୍ତରେ ହାଇକୋର୍ଟ ରେଜିଷ୍ଟ୍ରାରକୁ ଚିଠି ଲେଖି ତଦନ୍ତକୁ ତଦାରଖ କରିବା ପାଇଁ କହି କ୍ରାଇମବ୍ରାଞ୍ଚ ଉପରେ ତାଙ୍କ ନିଜର ବିଶ୍ୱାସ ନ ଥିବା ମୁଖ୍ୟମନ୍ତ୍ରୀ ପ୍ରମାଣିତ କଲେ। ଅବସରପ୍ରାପ୍ତ ଜଜ୍ ଜେ.ପି.ଦାସଙ୍କ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ହାଇକୋର୍ଟ କୌଣସି ଜୁଡିସିଆଲ ନିର୍ଦ୍ଦେଶ ଦେଇନାହାନ୍ତି। ବାସ୍ତବରେ ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ 'କୋର୍ଟ ମନିଟର୍ଡ' ନୁହେଁ ଏବଂ ତଦାରଖ କରୁଥିବା ଅବସରପ୍ରାପ୍ତ ଜଜ୍ ଜେ.ପି.ଦାସଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ବେଆଇନ। ହାଇକୋର୍ଟ ଓଡ଼ିଶା ସରକାରଙ୍କ ଆଇନ ଉପଦେଷ୍ଟା ନୁହନ୍ତି। ହାଇକୋର୍ଟଙ୍କୁ କ'ଣ ଲେଖାଗଲା, କିଏ ଲେଖିଲେ ଏବଂ କେଉଁ ଦରଖାସ୍ତ ଉପରେ ହାଇକୋର୍ଟ ଏକ ନ୍ୟାୟିକ ତଦନ୍ତର ନିର୍ଦ୍ଦେଶ ପ୍ରଦାନ କରିଲେ, କେଉଁ ଆବେଦନ କିମ୍ବା ଆଦେଶ ବଳରେ ଜଣେ ଅବସରପ୍ରାପ୍ତ ଜଜ୍‌ଙ୍କ ଦ୍ୱାରା ତଦନ୍ତର ତଦାରଖ କରାଯାଉଛି, ତା'ର ସ୍ପଷ୍ଟୀକରଣ ରାଜ୍ୟ ସରକାର ରଖିବାକୁ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଦାବି କରିଛନ୍ତି।

# ଧାନ କ୍ରୟ ସହ ଏମ୍‌ଏସ୍‌ପିକୁ ନିଶ୍ଚିତ କରୁ କେନ୍ଦ୍ର: ବିଜେଡି

**ଭୁବନେଶ୍ୱର,୭।୨(ବ୍ୟୁରୋ)**

କେନ୍ଦ୍ର ସରକାର ଚଳିତ ବର୍ଷ ବଜେଟରେ ଧାନ କ୍ରୟ କ୍ଷେତ୍ରରେ ୨୦,୦୦୦ କୋଟି ଟଙ୍କାର ବୃହତ୍ ରାଶି ହ୍ରାସ କରିଛନ୍ତି। ସ୍ୱାମୀନାଥନ କମିଶନ ରିପୋର୍ଟ ସୁପାରିସ କାର୍ଯ୍ୟକାରିତା ବିଷୟ ବି ଭୁଲିଯାଇଛନ୍ତି। ତେବେ ୨୦,୦୦୦ କୋଟି ଟଙ୍କା ହ୍ରାସ ଯୋଗୁ କୃଷକମାନେ ସେମାନଙ୍କର ଏମ୍‌ଏସ୍‌ପି ପାଇବାରେ ଅସମର୍ଥ ହେବେ ଏବଂ ଧାନକିଣା କ୍ରମଶଃ ହ୍ରାସ ପାଇବ। ଏହା ଓଡ଼ିଶାର କୃଷକଙ୍କୁ ପ୍ରଭାବିତ କରିବ ଏବଂ ସେମାନଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପକାଇବ ବୋଲି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରସନ୍ନ କହିଛନ୍ତି, ବଜେଟରେ ଅର୍ଥ ହ୍ରାସ ଯୋଗୁ କେନ୍ଦ୍ର ଏମ୍‌ଏସ୍‌ପିକୁ ୧.୫ ଗୁଣ ବୃଦ୍ଧି କରିବ ନାହିଁ। ଆଉ ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବା ପାଇଁ ଚାଷୀଙ୍କ ଦାବି ଅନୁଯାୟୀ ଓଡ଼ିଶା ବିଧାନସଭାରେ ପାରିତ ସର୍ବସମ୍ମତ ପ୍ରସ୍ତାବକୁ ମଧ୍ୟ ପୁଣି ଥରେ କେନ୍ଦ୍ର ପ୍ରତ୍ୟାଖ୍ୟାନ କରିବ। ଯାହାଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଦୁଃଖ ଏବଂ ଯନ୍ତ୍ରଣା ପାଇବେ। କେନ୍ଦ୍ର ମଧ୍ୟ ଓଡ଼ିଶାରୁ ଖାଦ୍ୟଶସ୍ୟ କ୍ରୟ ଲକ୍ଷ୍ୟକୁ ହ୍ରାସ କରିଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା ଓଡ଼ିଶାରୁ ବର୍ଷକୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଯାଉଥିବା ବେଳେ ୨୦୨୨-୨୩ ପାଇଁ କେନ୍ଦ୍ର ଏହାକୁ ୮୦% ହ୍ରାସ କରି ମାତ୍ର ୪ ଲକ୍ଷ ଟନ କରିଛି। କେବଳ ଓଡ଼ିଶାର ବରଗଡ଼ ଜିଲ୍ଲା ୪ ଲକ୍ଷ ଟନ ଚାଉଳ ଉତ୍ପାଦନ କରେ। ବାକି ୨୯ଟି ଜିଲ୍ଲାର ଅବସ୍ଥା କ'ଣ ହେବ। ସେହି ସବୁ ଜିଲ୍ଲାର କୃଷକମାନେ କେଉଁଠାରେ ସେମାନଙ୍କର ଧାନ ବିକ୍ରି କରିବେ। କେନ୍ଦ୍ରର ଏଭଳି ଅନ୍ୟାୟ ଯୋଗୁ ପଶ୍ଚିମ ଓଡ଼ିଶାର କୃଷକମାନେ ଅଧିକ କ୍ଷତିଗ୍ରସ୍ତ ହେବେ। ପଶ୍ଚିମ ଓଡ଼ିଶାର ୫ ଜଣ ଭାଜପା ଏମ୍‌ପି କ'ଣ କରୁଛନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ଓଡ଼ିଶା ଚାଷୀଙ୍କର ସ୍ୱାର୍ଥ ବିଶେଷକରି ପଶ୍ଚିମ ଓଡ଼ିଶା ଚାଷୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ବଳକା ଖାଦ୍ୟଶସ୍ୟକୁ ଧାନକିଣା ପ୍ରକ୍ରିୟାରେ କେନ୍ଦ୍ର ସରକାର ଖରିଦ କରନ୍ତୁ। ଓଡ଼ିଶାର କୃଷକମାନେ କୌଣସି ସ୍ଥିତିରେ ଯେଭଳି ଏମ୍‌ଏସ୍‌ପିରୁ ବଞ୍ଚିତ ନ ହେବେ ତାହା ନିଶ୍ଚିତ କରନ୍ତୁ ବୋଲି ପ୍ରସନ୍ନ କହିଛନ୍ତି।

## ନବ ଦାସ ହତ୍ୟାକାଣ୍ଡରୁ ନଜର ହଟାଇବାକୁ ବିଜେଡି ମିଛ ଅଭିଯୋଗ ଆଣୁଛି:ଭାଜପା

ଅନ୍ୟପକ୍ଷରେ ବିଜେଡିର ଏହି ଅଭିଯୋଗ ଉପରେ ଭାଜପା କଡ଼ା ପ୍ରତିକ୍ରିୟା ଦେଇଛି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣା ଏବଂ ଓଡ଼ିଶାରେ ଧାନ ବିକ୍ରି ଅବ୍ୟବସ୍ଥାରୁ ନଜର ହଟାଇବା ପାଇଁ ବିଜୁ ଜନତା ଦଳ ପ୍ରତିଦିନ ନୂଆ ନୂଆ ମିଛ ଅଭିଯୋଗ କରୁଛି ବୋଲି ଭାଜପା ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି। ଯୋଗାଣ ନିଗମ ହେଉଛି ରାଜ୍ୟ ସରକାରଙ୍କ ଧାନ କିଣା ବ୍ୟବସ୍ଥାର ନୋଡାଲ ଏଜେନ୍ସି। କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ହିସାବରେ ଧାନ କିଣା ଅର୍ଥ ରାଜ୍ୟ ସରକାରଙ୍କୁ ଦିଅନ୍ତି। ରାଜ୍ୟ ସରକାର ଧାନ କିଣା ପ୍ରକ୍ରିୟାକୁ ଯୋଗାଣ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରନ୍ତି। ୨୦ ଦିନ ହେଲାଣି ଯୋଗାଣ ବିଭାଗ ଏମ୍‌ଡିଙ୍କର ପତ୍ତା ନାହିଁ। ଚାଷୀମାନଙ୍କୁ ୪୮ ଘଣ୍ଟା ଭିତରେ ଅର୍ଥ ଦେବାର ଘୋଷଣା କରିଥିଲା ବେଳେ ୧ ମାସ ପରେ ବି ଚାଷୀମାନଙ୍କୁ ଧାନ କିଣା ଅର୍ଥ ଓଡ଼ିଶାରେ ମିଳିପାରୁନି ବୋଲି ବସନ୍ତ କହିଛନ୍ତି।

# ନବଙ୍କ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡଙ୍କୁ ଖସାଇଦେବା ପାଇଁ ଚକ୍ରାନ୍ତ ହେଉଛି: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୭।୨(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ରାଜ୍ୟ ସରକାରଙ୍କ ତଦନ୍ତ ସଂସ୍ଥା ପ୍ରତିଦିନ ନୂଆ କାହାଣୀ ଲେଖୁଛନ୍ତି ବୋଲି ମଙ୍ଗଳବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ନବୀନ ସରକାରଙ୍କ ତଦନ୍ତକୁ ନେଇ ରାଜ୍ୟବାସୀ ସନ୍ଦେହ କଲେଣି। ଏହି ହତ୍ୟାକାଣ୍ଡକୁ ଲୁଚାଇଦେବାକୁ ଚକ୍ରାନ୍ତ ହେଉଛି ବୋଲି ସାଧାରଣ ଜନତା ମଧ୍ୟ ଆଲୋଚନା କରୁଛନ୍ତି। ନବଙ୍କ ହତ୍ୟାର ମାଷ୍ଟର ମାଇଣ୍ଡଙ୍କୁ ଖସାଇଦେବାକୁ ଅପଚେଷ୍ଟା କରାଯାଉଛି। ପ୍ରଶ୍ନ ହେଉଛି ଝାରସୁଗୁଡ଼ା ଜିଲ୍ଲା ହସ୍ପିଟାଲର ଇସିଜି ରିପୋର୍ଟରେ ନବ ଦାସ ମୃତ ବୋଲି ଜଣାପଡ଼ିଲା ପରେ ତାଙ୍କୁ ଭୁବନେଶ୍ୱର ଆଣି ଆପୋଲୋ ହସ୍ପିଟାଲରେ କ'ଣ ପାଇଁ ଅସ୍ତ୍ରୋପଚାର କରାଗଲା। ଏଥିରେ ଘଟଣାଟି ଆହୁରି ରହସ୍ୟାବୃତ ହେଉଛି ବୋଲି ୟାସିର କହିଛନ୍ତି।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Ashirbada Weeding:- ଓଡ଼ିଆ, ବଙ୍ଗାଳୀ, ମୁସଲିମ, ବୟସ- 45, 38, 52, 61 ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ଯୋଗାଯୋଗ- 9178392294. D-2668

**Tall, Fair Educated bride wanted for 1985, 5'10", B.Tech, 14/6, Batsasya, Brahmin boy working in SBI General at Cuttack. Contact: 8763358609.** D-2677

**GROOM WANTED**

Ashirbada Weeding:- ଓଡ଼ିଆ, ବଙ୍ଗାଳୀ, ମୁସଲିମ୍, ବୟସ- 32, 28, 36, 39 ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-2669

32 age divorce ଖଣ୍ଡାୟତ ଜାତି, Govt. ଚାକିରିଆ ଝିଅଙ୍କୁ anycaste unmarried/ divorce/ widow ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 7749076723. D-2673




**SALE**

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/-, Alto Lxi (2010) 1, 30, 000/-. Contact person- 7764076680, 9776080658. D-2652

**HIRE**

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


REAL ESTATE

**SALE**

ଇମିଡିଏଟ୍ ବିକ୍ରି GB/YZ 21X85@25L, ସଙ୍ଗେସଙ୍ଗେ କନ୍‌ଷ୍ଟ୍ରକ୍‌ସନ୍, ମୌଜା ବାଙ୍କୁଆଳ, ସ୍ଥିତିବାନ୍, ଯୋଗାଯୋଗ। 9438421222 (ବ୍ରୋକର ଏକ୍ସକ୍ୟୁଜ) ଉତ୍ତରମୁହାଁ। ଧ- ୪୮୭୩୧

**Bhubaneswar Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

**ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945.** D-74808

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

ଭୁବନେଶ୍ୱର ପଟିଆ ଷ୍ଟେସନ **2 K.M., New Rly Station 400mtr.** ଦୂରତାରେ **yellowzone plot** ମିଳୁଛି **sqft.- 650/-. 8249081980.** D-74187

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

**Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390.** D-74812

All modular 3BHK, 3BAL, 2WC flat behind Kalinga Stadium, Nayapalli for sale. Genuine buyer may contact : 7722848487. D-65932

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

**ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456.** D-74197

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ସଙ୍ଗେ ସଙ୍ଗେ ଘର କରି ରହିବା ପାଇଁ ଘରବାରି ପ୍ଲଟ୍ ହୀରାପୁର (ବାଲିଅନ୍ତା ତହସିଲ ପାଖରେ) ଅଛି। ପ୍ଲଟ୍ ସାଇଜ୍ ୨୦୦୦ବର୍ଗଫୁଟ୍ ଓ ୨୭୦୦ବର୍ଗଫୁଟ ଅଟେ। ବର୍ଗଫୁଟ୍‌କୁ ୧୪୦୦/-, ଇଚ୍ଛୁକ କ୍ରେତା ଯୋଗାଯୋଗ କରିପାରିବେ- 7008166404. D-2660

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Plot ଭୁବନେଶ୍ୱର- ପଟିଆ ରେଲଓ୍ୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802




Full body massage, refresh, relaxed by expert lady therapist. Contact: 8480939300. D-2644

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Newly open full body massage ladies and gents. 9861883292, 8093860513. D-74637

Newly open health benefits SPA special Offer @ 999, Nayapalli. 7846814019. D-73679

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open SPA positively health benefits with expert therapist. 7849011931. D-73680




3BHK Duplex beautiful corner Villa in gated community, Patia for Family. 9439920321. D-2595

**AFFIDAVIT**

I, Geeta Rani Mishra changed my name to Mamata Manjari Mishra via Notarized affidavit dated 03.02.2023 in Bhubaneswar, Odisha. D-2690

I, Soumendra Kumar Sahu, R/o "D1/06, 1st floor, Block - D, Palm Avenues, Near KIIT Jagannath Temple, Patia, P.S. - Infocity, Bhubaneswar-751024, District-Khurda" have changed my minor son's name from *PRACHETAS* to "*PRACHETAS SOUMENDRA*" with immediate effect for all purposes vide affidavit dated 07.02.2023 sworn before Executive Magistrate, Bhubaneswar. For all future purposes. D-74901

ଧରିତ୍ରୀ DHARITRI **Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଗୋବନ୍ଧ୍ୟା ନିରାକରଣ



ଡା. ବୀରକିଶୋର ପରିଡ଼ା

ସାଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ୨ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି – ସ୍ଥାୟୀ ବନ୍ଧ୍ୟାଦୋଷ ଏବଂ ଅନ୍ୟଟି ହେଲା – ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥିଦ୍ୱାରା ହରମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ, ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମ କରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ପ୍ରଜନନ ଶକ୍ତିର ହ୍ରାସକୁ ବି ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣ କରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ଲାଗି ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ । କିନ୍ତୁ ଦ୍ୱିତୀୟ ଅବସ୍ଥା – ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ :** ସାଧାରଣତଃ ମାଈ ବାଛୁରୀ ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ । ଏହାର କେତୋଟି ମୁଖ୍ୟ କାରଣ ସମ୍ପର୍କରେ ନିମ୍ନରେ ସୂଚନା ଦିଆଗଲା।

➤ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।

➤ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।

➤ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍ମୋନ୍ ଉତ୍ପାଦନର ଅଭାବ ବା ସମ୍ୟତା ହରାଇବା।

➤ଶରୀର ବିଭିନ୍ନ ରୋଗ ଦ୍ୱାରା ରୋଗାକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା – ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।

➤ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଯୋଗୁ ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।

➤ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।

➤ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ଏଭଳି ଅବସ୍ଥା ହୋଇଥାଏ। ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଗାଈ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି । କିନ୍ତୁ ଖରାଦିନେ ଖାଦ୍ୟାଭାବ ସହିତ ହର୍ମୋନର ଅଭାବ ଯୋଗୁ କମ୍ ଗାଈ ଗରମକୁ ଆସିଥାନ୍ତି।

➤ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା।





**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବେ :** ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଅନ୍ତି ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଆବଶ୍ୟକ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣ କରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ । ଗୋପାଳକମାନେ ମନେରଖିବା ଜରୁରୀ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।

**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ:** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି । ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ । ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା :** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏଭଳି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ୍ୟ ଅବନତି ଦେଖାଦେବ ଏବଂ ତାର ମେରୁଦଣ୍ଡ ଭାଙ୍ଗିଯିବ । ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

–ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଆଖୁ ୪୫ ଦିନର ହୋଇଗଲେ...



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

## ଚାଷୀଙ୍କ ପାଇଁ...



➤ମକା ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦–୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

➤ଚିନାବାଦାମ ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶୁଁଆଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

➤ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ।

➤ପୋଟଳରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।



## କଦଳୀ ଚାଷ ସମ୍ପର୍କରେ...

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମିଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ରାଶି ବିହନ ବିଶୋଧନ



ଚଳିତ ମାସ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣନ୍ତୁ। ଏହାଦ୍ୱାରା କମ୍ ବିହନ ଦରକାର ହେବା ସହିତ ବୁଣିବାବେଳେ ବିହନ ସମାନ ଭାବରେ ଧାଡ଼ିରେ ପଡ଼େ।

## ପନିପରିବା: ରୋଗପୋକ ନିୟନ୍ତ୍ରଣ

ପନିପରିବା ଫସଲରେ ରୋଗପୋକ ନିୟନ୍ତ୍ରଣ ପ୍ରତି ସଚେତନ ହେବା ଜରୁରୀ। କୋବିଜାତୀୟ ଫସଲରେ ଜଉପୋକ,ଠିକିରିପିଠିଆ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।



## ବନରାଜା କୁକୁଡ଼ା



ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ଦୂର ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଳି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗ ନିୟନ୍ତ୍ରଣ ଲାଗି ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ସଅଳ ଲଗାଯାଇଥିବା ଗହମ

ସଅଳ ଲଗାଯାଇଥିବା ଗହମ ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ। ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ। ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ। ଏଥିସହ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୮/୨୦୨୩ Bhubaneswar, Wednesday, February 8/ 2023

## ତୁର୍କୀ ଭୂକମ୍ପ ଭଗ୍ନାବଶେଷରୁ ପୂର୍ବତନ ଚେଲ୍‌ସୀ ଫରୱାର୍ଡ ଉଦ୍ଧାର



**ଲଣ୍ଡନ, ୭।୨ (ପି.ଟି.):** ପୂର୍ବତନ ଚେଲ୍‌ସୀ ଓ ନ୍ୟୁ କ୍ୟାସେଲ୍ ଫରୱାର୍ଡ ଖେଳାଳି କ୍ରିଷ୍ଟିଆନ୍ ଅଟ୍‌ସୁଙ୍କୁ ତୁର୍କୀରୁ ଉଦ୍ଧାର କରାଯାଇଛି। ସୋମବାର ତୁର୍କୀରେ ଘଟିଥିବା ଭୟାବହ ଭୂକମ୍ପରେ ଘାନାର ଏହି ଫୁଟବଲର ଜଣଙ୍କୁ ଭଗ୍ନାବଶେଷ ମଧ୍ୟରୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ଘାନା ଫୁଟବଲ ଆସୋସିଏଶନ ପକ୍ଷରୁ ଟୁଇଟ୍ କରି ଏହା ସ୍ପଷ୍ଟ କରାଯାଇଛି। ଘାନାର ଏହି ଖେଳାଳି ଜଣକ ତୁର୍କିସ କ୍ଲବ ହାଟାୟସ୍ପୋର ପାଇଁ ଖେଳନ୍ତି। ସୋମବାର କ୍ଲବ ମୁଖପାତ୍ର ଅଟ୍‌ସୁ ରହୁଥିବା କୋଠାଟି ଭୁଶୁଡି ପଡିଥିବା ନେଇ ସୂଚନା ଦେଇଥିଲେ। ଅଟ୍‌ସୁଙ୍କୁ ନେଇ ସୋମବାର କୌଣସି ସୂଚନା ମିଳି ନ ଥିଲା। ତେବେ ମଙ୍ଗଳବାର ତାଙ୍କୁ ଉଦ୍ଧାର କରାଯାଇଥିବା ନେଇ ଘାନା ଫୁଟବଲ ଆସୋସିଏଶନ ପକ୍ଷରୁ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ତୁର୍କୀରେ ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୮ ରହିଥିଲା। ଏଥିରେ ୫ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ୬ ହଜାରରୁ ଅଧିକ ବିଲ୍ଡିଂ ଭୁଶୁଡି ପଡିଥିଲା। ଅଟ୍‌ସୁ ବର୍ତ୍ତମାନ ତୁର୍କୀରେ ଚିକିତ୍ସିତ ହେଉଥିବା ବେଳେ ଆହତ ସମସ୍ୟା ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ। ୩୧ ବର୍ଷୀୟ ଅଟ୍‌ସୁ ଗତବର୍ଷ ତୁର୍କୀର ଦକ୍ଷିଣରେ ଥିବା ଆଣ୍ଟାକ୍ୟା ସହରରେ ଥିବା ହାଟାୟସ୍ପୋର ସହିତ ଚୁକ୍ତି ସ୍ୱାକ୍ଷର କରିଥିଲେ।

# ନିଲାମୀରେ ୪୦୯ ଖେଳାଳି

ମୁମ୍ବାଇ,୭।୨(ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୪ରୁ ୨୬ ଯାଏ ଖେଳାଯିବ। ୫ଫ୍ରାଞ୍ଚାଇଜିର ନାମ ଘୋଷଣା ସରିଥିବା ବେଳେ ଫେବୃୟାରୀ ୧୩ ତାରିଖରୁ ଆରମ୍ଭ ହେବ ଖେଳାଳିଙ୍କ ନିଲାମୀ। ୯୦ଟି ସ୍ଲଟ୍ ପାଇଁ ଏହି ନିଲାମୀ ହେଉଥିବା ବେଳେ ୪୦୯ ଜଣ ଖେଳାଳି

### ଓମେନ୍ସ ପ୍ରିମିୟର୍ ଲିଗ୍

ଆବେଦନ କରିଛନ୍ତି। ଏହା ମଧ୍ୟରେ ୨୪୬ ଜଣ ଭାରତୀୟ, ୧୯୯ ଜଣ ବିଦେଶୀ ଖେଳାଳି ଓ ୮ଜଣ ସହଯୋଗୀ ରାଷ୍ଟ୍ର ଖେଳାଳି ସାମିଲ ଅଛନ୍ତି। ୨୦୨ କ୍ୟାପ୍‌ଡ ଖେଳାଳି ଥିବା ବେଳେ ୧୯୯ ଜଣ ଜଣ ଅନକ୍ୟାପ୍‌ଡ ଖେଳାଳି ନିଲାମୀ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ୨୪ ଜଣ ଖେଳାଳି ନିଜ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରଖିଥିବା ବେଳେ ୩୦ ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ୪୦ ଲକ୍ଷ ରହିଛି। ଭାରତୀୟ ଅଧିନାୟିକା ହରମନ୍‌ପ୍ରୀତ୍ କୌର, ସ୍ମୃତି ମାନ୍ଧନା, ସୋଫି ଏକେଲଷ୍ଟୋନ, ଆଲିସା ହିଲି, ଶେଫାଳି ବର୍ମା, ଦୀପ୍ତି ଶର୍ମା, ସ୍ନେହ ରାଣା, ଜେମିମା ରୋଡ୍ରିଗ୍ସେଜ, ନାଟାଲି ସ୍କିଭର ଓ ଅଷ୍ଟ୍ରେଲିଆର ମେଗ୍ ଲାନିଂଙ୍କ ପରି ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଛି। ନିକଟରେ ୧୯ ବର୍ଷରୁ କମ୍ ଟି୨୦ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ପାର୍ଶଭି ଚୋପ୍ରା, ଅର୍ଚ୍ଚନା ଦେବୀ, ତିତାସ ସାଧୁ, ଶ୍ୱେତା ଶେରାୱତ ଓ ମନ୍ନତ କଶ୍ୟପ ଏହି ନିଲାମୀରେ ସାମିଲ ଥିବା ବେଳେ ସମସ୍ତଙ୍କ ବେସ୍ ପ୍ରାଇସ୍ ୧୦ ଲକ୍ଷ ଟଙ୍କା ରହିଛି। ପ୍ରଥମ ସଂସ୍କରଣର ଡବ୍ଲ୍ୟୁପିଏଲ ପାଇଁ ସମୁଦାୟ ୧୫୨୫ ଜଣ ଖେଳାଳି ଆବେଦନ କରିଥିଲେ। ଏହା ମଧ୍ୟରୁ ୪୦୯ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ୫ଟି ଯାକ ଫ୍ରାଞ୍ଚାଇଜି ୪୬୬୯.୯୯ କୋଟି ଟଙ୍କାରେ ବିକ୍ରି ହୋଇଥିବା ବେଳେ ମିଡିଆ ରାଇଟ୍ସ ୯୫୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଆଇପିଏଲ ପରେ ଏହା ବିଶ୍ୱର ଦ୍ୱିତୀୟ ମହଙ୍ଗା ଟି ୨୦ କ୍ରିକେଟ ଲିଗ୍‌ର ମାନ୍ୟତା ପାଇଛି। ପ୍ରତି ଫ୍ରାଞ୍ଚାଇଜି ନିକଟରେ ୧୫-୧୮ ଖେଳାଳି କିଣିବାର ବିକଳ୍ପ ରହିଛି। ୧୨ କୋଟି ଟଙ୍କାର ପର୍ସ ରହିଥିବା ବେଳେ ଦଳରେ ୫ ଜଣ ବିଦେଶୀ ଖେଳାଳି ଏବଂ ଜଣେ ସହଯୋଗୀ ରାଷ୍ଟ୍ର ଖେଳାଳି ସ୍ଥାନ ପାଇ ପାରିବେ।

### ଓଡ଼ିଶାରୁ ୬ ସାମିଲ

**ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଖେଳାଳି ନିଲାମ ପାଇଁ ଶର୍ଟଲିଷ୍ଟ ହୋଇଥିବା ୪୦୯ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ୬ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାଧୁରୀ ମେହେଟା, ରସନାରା ପରବିନ, ସୁଶ୍ରୀ ଦିବ୍ୟଦର୍ଶିନୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସୁଜାତା ମଲିକ ଓ ଏସ୍.ବି. ଲୋରେନ୍ସ। ଏମାନଙ୍କ ମଧ୍ୟରୁ ରସନାରା ଓ ମାଧୁରୀଙ୍କ ବେସ୍ ପ୍ରାଇସ ୩୦ ଲକ୍ଷ ଟଙ୍କା ରହିଛି। ଏହା ବ୍ୟତୀତ ସୁଜାତା ମଲିକଙ୍କର ୨୦ ଲକ୍ଷ ଏବଂ ସୁଶ୍ରୀ, ପ୍ରିୟଙ୍କା ଓ ଲୋରେନ୍ସଙ୍କର ବେସ୍ ପ୍ରାଇସ୍ ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି।

# ଓଡ଼ିଶାରୁ ଭାଗନେବେ ସ୍ନୋ ସ୍କିୟର ରଞ୍ଜିତା

ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି)




ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ୩ୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଆଲ୍‌ପାଇନ୍ ସ୍କି ବିଭାଗରେ ଓଡ଼ିଶାରୁ ସ୍ନୋ ଗର୍ଲ ରଞ୍ଜିତା ବେହେରା ପ୍ରତିନିଧିତ୍ୱ କରିବେ। ୨୦୨୧ରେ ଅନୁଷ୍ଠିତ ୨ୟ ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ାରେ ଅଂଶଗ୍ରହଣ କରି ନିଜର ଉଚ୍ଚ କୋଟୀର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କ ପ୍ରଶଂସାଭାଜନ ହୋଇଥିଲେ

### ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ା

ରଞ୍ଜିତା। ଏଥର ସେ ଆଲପାଇନ୍ ସ୍କିର ସାଲାଲମ ଓ ଜାଏଣ୍ଟ ସାଲାଲମ୍ ବିଭାଗରେ ଅଂଶଗ୍ରହଣ କରିବେ।

ଗତ ସପ୍ତାହରେ ଗୁଲମାର୍ଗରେ ଅଭ୍ୟାସ କରୁଥିବାବେଳେ ରଞ୍ଜିତା ଭୟଙ୍କର ବିପଦରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଭୟାନକ ହିମସ୍ଖଳନରେ ଏକାଧିକ ସ୍କିୟର ମୃତ୍ୟୁବରଣ କରିଥିବାବେଳେ ବର୍ତ୍ତି ଯାଇଥିଲେ ରଞ୍ଜିତା। ନିଜ ଆଖି ସାମ୍ନାରେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ ଧୈର୍ଯ୍ୟ ହରାଇ ନାହାନ୍ତି। ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ସେ ଦୃଢ଼ ସଂକଳ୍ପ। ଆଗାମୀ ପ୍ରତିଯୋଗିତାରେ ବରଫାବୃତ୍ତ ରାଜ୍ୟର ପ୍ରତିଯୋଗୀ, ସେନା ଏବଂ ଇଣ୍ଡୋ-ତିବ୍ବତୀୟ ବର୍ଡର ପୋଲିସର ଯୋଗ୍ୟ ଖେଳାଳିମାନେ ଭାଗ ନେଉଥିବାରୁ ପ୍ରତିଯୋଗିତା ଯେ ସଂଘର୍ଷପୂର୍ଣ୍ଣ ହେବ ଏଥିରେ ଦ୍ୱିମତ ନାହିଁ। ତେବେ ସେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିବେ ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି। ବରଫହୀନ ରାଜ୍ୟ ଓଡ଼ିଶାରୁ ଆସିଥିଲେ ହେଁ ଉଚ୍ଚମାନର ଖେଳ ପ୍ରଦର୍ଶନ ପାଇଁ ରଞ୍ଜିତା ଅନେକଙ୍କର ରୋଲ ମଡେଲ ପାଲଟି ଯାଇଛନ୍ତି। ତାଙ୍କର ଏଭଳି କୃତିତ୍ୱ ପାଇଁ ଭାରତୀୟ ସ୍କି ଓ ସ୍ନୋ ବୋର୍ଡ ଫେଡେରେଶନର ମହାସଚିବ ରୂପଚାନ୍ଦ ନେଗୀ ଗର୍ବିତ ବୋଲି ମତବ୍ୟକ୍ତ କରିଛନ୍ତି। ଖେଲୋ ଇଣ୍ଡିଆ ଜାତୀୟ ଶୀତକାଳୀନ କ୍ରୀଡ଼ା ୧୪ ତାରିଖରେ ଶେଷ ହେବ। ଏହାପରେ ରଞ୍ଜିତା ଚଳିତ ମାସ ୨୩ରୁ ୨୭ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଆଉଲିଠାରେ ହେବାକୁଥିବା ଜାତୀୟ ସିନିୟର ସ୍କି ଓ ସ୍ନୋ ବୋର୍ଡ ଚାମ୍ପିୟନଶିପ୍‌ରେ ଭାଗନେଇ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

# ଅନ୍ତର୍ଜାତୀୟ କ୍ରିକେଟରୁ ଫିଞ୍ଚଙ୍କ ଅବସର

ମେଲବୋର୍ନ,୭।୨(ପି.ଟି.)




ଅଷ୍ଟ୍ରେଲିଆର ସଫଳତମ ଟି୨୦ ବ୍ୟାଟର ଓ ଅଧିନାୟକ ଆରୋନ ଫିଞ୍ଚ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଛନ୍ତି। ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୨୦୨୧ରେ ଏହାର ପ୍ରଥମ ବିଶ୍ୱକପ୍ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲା। ତେବେ ୩୬ ବର୍ଷୀୟ ଏହି ଖେଳାଳି ଜଣଙ୍କ ବିଗ୍ ବାସ୍ ଏବଂ ଅନ୍ୟାନ୍ୟ ଟି୨୦ ଲିଗ୍ ପାଇଁ ଖେଳିବା ଜାରି ରଖିବେ। ସର୍ବାଧିକ ଦିନ ଧରି ଅଷ୍ଟ୍ରେଲିଆ ଟି୨୦ ଦଳର ନେତୃତ୍ୱ ନେଇଥିବା ବେଳେ ଅବସର ପରେ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛି କ୍ରିକେଟ ଅଷ୍ଟ୍ରେଲିଆ। ଫିଞ୍ଚ ୨୦୨୧ରେ ଦଳକୁ ଚାମ୍ପିୟନ କରିଥିବା ବେଳେ ୨୦୨୨ରେ ଅଷ୍ଟ୍ରେଲିଆ ସେମିରେ ପ୍ରବେଶ କରିପାରି ନ ଥିଲା। ୨୦୧୧ରେ ପଦାର୍ପଣ କରିଥିବା ଫିଞ୍ଚ ସମୁଦାୟ ୨୫୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୪୬ ଦିନିକିଆରୁ ୧୭ ଶତକ ସହିତ ୫୪୦୬ ରନ୍ କରିଥିବା ବେଳେ ୧୦୩ ଟି୨୦ ମ୍ୟାଚରୁ ୨ ଶତକ ଓ ୧୯ ଅର୍ଦ୍ଧଶତକ ସହିତ ସେ ୩୧୨୦ ରନ୍ ସଂଗ୍ରହ କରିଛନ୍ତି। ଏହା ସହିତ ୨୦୧୮ରେ ସେ ଜିମ୍ବାୱେ ବିପକ୍ଷରେ ୧୭୨ ରନ୍ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ଟି୨୦ରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅବସର ପୂର୍ବରୁ ସେ ଟି୨୦ରେ ୭୬ ଓ ଦିନିକିଆରେ ୫୫ ମ୍ୟାଚରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିଲେ। ଭାରତରେ ହେବାକୁ ଥିବା ଦିନିକିଆ ବିଶ୍ୱକପ ଏବଂ ଆଇପିଏଲ୍‌ରେ ସେ ଭାଷ୍ୟକାର ଦାୟିତ୍ୱ ତୁଲାଇବେ ବୋଲି ଫିଞ୍ଚ ଘୋଷଣା କରିଛନ୍ତି।

## ନେପାଳଠାରୁ ହାରିଲା ଭାରତ

**ଢାକା, ୭।୨ (ପି.ଟି.):** ନେପାଳଠାରୁ ୧-୩ ଗୋଲ୍‌ରେ ପରାସ୍ତ ହେବା ଦ୍ୱାରା ଚଳିତ ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ୨୦ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପରେ ଭାରତର ସମ୍ଭାବନା ହ୍ରାସ ପାଇଛି। ସ୍ଥାନୀୟ ମୋସ୍ତାଫା କମଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଅପୂର୍ଣ୍ଣା ନର୍ଜାରୀ ୨୧ ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ନେପାଳ ମ୍ୟାଚରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ଅଞ୍ଜଲୀ ଚାନ୍ଦ (୪୮ତମ ମିନିଟ), ପ୍ରୀତି ରାୟ (୬୯ତମ, ପେନାଲ୍ଟି) ଓ ଅମିଶା କାର୍କି (୮୯ତମ) ଗୋଟିଏ ଲେଖାଏଁ ଗୋଲଲ ସ୍କୋର କରି ସେମାନଙ୍କ ଦଳକୁ ଜିତାଇଥିଲେ। ଏହି ବିଜୟ ସହ ନେପାଳ ଫାଇନାଲରେ ସ୍ଥାନ ପକ୍କା କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ତିନୋଟି ମ୍ୟାଚରୁ ୪ ପଏଣ୍ଟ ହାସଲ କରିଥିବା ବେଳେ ନେପାଳକୁ ୬ ପଏଣ୍ଟ ମିଳିଛି। ଆୟୋଜକ ବାଂଲାଦେଶ ମାତ୍ର ୪ ପଏଣ୍ଟ ଅର୍ଜନ କରିସାରିଛି। ଭୂଟାନ ବିପକ୍ଷ ମ୍ୟାଚ ଅତିକମ୍‌ରେ ଡ୍ର' ରଖିପାରିଲେ ଦଳ ଫାଇନାଲରେ ପ୍ରବେଶ କରିଯିବ। ଭାରତ ମୁଖ୍ୟ କୋଚ୍ ମେକୋଲ ରକି କହିଛନ୍ତି, ତାଙ୍କ ଦଳ ଭଲ ଆରମ୍ଭ କରିଥିଲା, କିନ୍ତୁ ପରେ ଧିମା ପ୍ରଦର୍ଶନ କରିଥିଲା। ପୁନଶ୍ଚ ନେପାଳକୁ ଏକ ପେନାଲ୍ଟି ମିଳିବା ଆମ ପାଇଁ ଭଲ ନ ଥିଲା।

# କଳିଙ୍ଗ ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୭।୨:** ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ୭ଦିନ ବ୍ୟାପୀ ଚାଲିଥିବା ସର୍ବଭାରତୀୟ ପ୍ରହରାଜ ଚାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି।



ଚାମ୍ପିୟନ କଳିଙ୍ଗ ସ୍ପୋର୍ଟିଂ କ୍ଲବର ଖେଳାଳିମାନେ ଅତିଥିଙ୍କ ସହ।

ମଙ୍ଗଳବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ କଳିଙ୍ଗ ସ୍ପୋର୍ଟିଂ ଓ କଟକର ମା'ଭୂଆସୁଣୀ ବିଡାନାସୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ସ୍ପୋର୍ଟିଂ ୪-୩ ଗୋଲ୍‌ରେ ଭୂଆସୁଣୀ ବିଡାନାସୀ କ୍ଲବକୁ ପରାସ୍ତ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଜାତୀୟସ୍ତରର ରେଫରି ଅଶୋକ କୁମାର କଅଁର, ପ୍ରଫୁଲ୍ଲ କୁମାର ବେହେରା, ମନୋରଞ୍ଜନ ଖଣ୍ଟିଆ ଓ ଅବ୍‌ଦୁଲ ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କାଳୀଶଙ୍କର ରାଉତରାୟ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଜ୍ୟୋତିପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ହବିବ୍ ବକ୍ସ, ମହମ୍ମଦ ଖୁଦୁସ୍ ଓ ଡାନିଏଲ୍ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ବିବରଣୀ ପାଠ କରିଥିଲେ। ଚାମ୍ପିୟନ ଟିମକୁ ୧୫ହଜାର ଟଙ୍କା ସହ ସିଲ୍‌ଡ ଓ ରନର୍ସ ଅପ୍ ଟିମକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ସ୍ପୋର୍ଟ୍ସ ଆସୋସିଏଟ୍ର କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସାନିଆ-ବେଥାନି ପ୍ରଥମ ରାଉଣ୍ଡରୁ ବିଦା

**ଆବୁଧାବି,୭।୨(ପି.ଟି.):** ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଓ ତାଙ୍କ ଆମେରିକାନ ପାର୍ଟନର ବେଥାନି ମାଟେକ୍-ସ୍ୟାଣ୍ଡ୍ସ ଏଠାରେ ଚାଲିଥିବା ଆବୁଧାବି ଓପନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେମାନେ ବେଲଜିୟମ ଓ ଜର୍ମାନୀର କର୍ଷ୍ଟେନ ଫ୍ଲିପ୍‌କେନ୍ସ ଓ ଲାଉରା ସିଗ୍‌ମଣ୍ଡଙ୍କଠାରୁ ୩-୬, ୪-୬ରେ ହାରିଯାଇଛନ୍ତି। ୬ଥର ଗ୍ରାଣ୍ଡସ୍ଲାମ ବିଜେତା ସାନିଆ ଫେବୃୟାରୀ ୧୯ରୁ ଆରମ୍ଭ ହେବାକୁଥିବା ଦୁବାଇ ଟେନିସ ଚାମ୍ପିୟନଶିପ୍ ଖେଳିବା ପରେ ପ୍ରଫେସନାଲ ଟେନିସରୁ ଅବସର ନେବେ। ସାନିଆ ଓ ରୋହନ ବୋପାନ୍ନା ଗତମାସରେ ମେଲବୋର୍ନଠାରେ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଫାଇନାଲରେ ବ୍ରାଜିଲର ଲୁଇସା ଷ୍ଟିଫାନି ଓ ରାଫେଲ ମାଟୋସ୍‌ଙ୍କଠାରୁ ପରାଜିତ ହୋଇ ରନରଅପ୍ ହୋଇଥିଲେ। ଏହା ସାନିଆଙ୍କ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ମ୍ୟାଚ ଥିଲା।

# ସେମିରେ ଜୁଭେନାଇଲ

### ପଞ୍ଚାନନ ଜେନା ମେମୋରିଆଲ ଟ୍ରଫି

ଭୁବନେଶ୍ୱର,୭।୨(ସ୍ପୋର୍ଟ୍ସ ବ୍ୟୁରୋ)

କେଶୁରା ଖେଳ ପଡିଆରେ ଅନୁଷ୍ଠିତ ତୃତୀୟ ପଞ୍ଚାନନ ଜେନା ମେମୋରିଆଲ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛି କଟକର ଜୁଭେନାଇଲ କ୍ରିକେଟ କ୍ଲବ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବକୁ ୬୧ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଜୁଭେନାଇଲ ୪୦ ଓଭରରେ ୯ ଉଇକେଟରେ ୧୮୦ ରନ୍ କରିଥିଲା। ଦଳ ପକ୍ଷରୁ ରମେଶ ଚନ୍ଦ୍ର ବେହେରା ୮୮ ବଲରୁ ୧୦୧ ରନ୍ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ହିତେଶ ନାୟକ ଓ ରଜନୀଶ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶାଶ୍ୱତ ମହାନ୍ତିଙ୍କ ୫ ଉଇକେଟ ସଫଳତା ବଳରେ ପାରାମାଉଣ୍ଟ ୧୧୯ ରନରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଅଂଶୁମାନ ସାହୁ ୩୬ ଓ




ରମେଶ ଚନ୍ଦ୍ର ବେହେରା ପୁରସ୍କାର ଗ୍ରହଣ କରୁଛନ୍ତି।

ସୁଦର୍ଶନ ସାହୁ ୩୨ ରନ କରିଥିଲେ। ପୂର୍ବତନ ରଣଜୀ ଖେଳାଳି ସୁଶାନ୍ତ ରଥ ଶତକ ହାସଲକାରୀ ରମେଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। ଶରତ ଚନ୍ଦ୍ର ସାହୁ ଓ ସୁଶାନ୍ତ ଦାସ ଏହି ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଖେଳାଯିବ।

## ସ୍ନେହ ରାଣାଙ୍କୁ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ

**ଦୁବାଇ, ୭।୨ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ମହିଳା ଟି୨୦ ପ୍ଲେୟର ର୍ୟାଙ୍କିଂ ବୋଲର ତାଲିକାରେ ଭାରତ ସ୍ନେହ ରାଣା ୪ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କ ସାଥୀ ଖେଳାଳି ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟକୁ ଚାଲି ଆସିଛନ୍ତି। ଅଫ୍ ସ୍ପିନର ରାଣା ଦକ୍ଷିଣ ଆଫ୍ରିକା ବିପକ୍ଷ ତ୍ରିରାଷ୍ଟ୍ରୀୟ ସିରିଜ ଫାଇନାଲରେ ୨୧ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଏହି ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜ ତୃତୀୟ ଦଳ ରହିଥିଲା। ଦକ୍ଷିଣ ଆଫ୍ରିକାରେ ଶୁକ୍ରବାରଠାରୁ ମହିଳା ଟି୨୦ ବିଶ୍ୱକପ୍ ଆରମ୍ଭ ହେବ। ଏହା ପୂର୍ବରୁ ବ୍ୟାଟର ତାଲିକାରେ ଯେଉଁ ଭାରତୀୟ ଖେଳାଳିଙ୍କର ଉନ୍ନତି ଘଟିଛି ସେମାନେ ହେଲେ ଅଧିନାୟିକା ହରମନପ୍ରୀତ କୌର (ଗୋଟିଏ ପଦୋନ୍ନତି ସହ ୧୦ମ), ଦୀପ୍ତି ଶର୍ମା (ଦୁଇ ସ୍ଥାନ ଉପରକୁ ଉଠି ୨୩ତମ) ଏବଂ ହାର୍ଲିନ ଦେଓଲ (୨୦ ସ୍ଥାନ ପଦୋନ୍ନତି ସହ ୧୧୦ତମ)।

# ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ଉଦ୍‌ଯାପିତ

ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ପ୍ରଥମ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ କ୍ଲବ/ଜିମ୍ନାସିୟମରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରାଇଜମନି ଓପନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୁଷ ବିଭାଗରେ ଉତ୍କଳ କରାଟେ ସ୍କୁଲର ଦୀପକ କୁମାର ନାୟକ ମୋଟ ୭୦୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ୍‌ମ୍ୟାନ ଆଖ୍ୟା ଲାଭ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିମ୍‌ର ଦେବୀ ସିଂ ମୋଟ ୪୦୦ କେଜି ଉଠାଇ ଷ୍ଟ୍ରଙ୍ଗ୍ ଓମ୍ୟାନ ଆଖ୍ୟା ଲାଭକରି ସମାନ ଅର୍ଥ ରାଶି ପାଇଥିଲେ। ପୁରୁଷ ବିଭାଗର ସ୍କ୍ୱାଟ୍‌ରେ ଉତ୍କଳ କରାଟେ ସ୍କୁଲର ଦୀପକ କୁମାର ନାୟକ ସର୍ବାଧିକ ୨୭୦ କେଜି ଉଠାଇ ଏବଂ ଡେଡ୍‌ଲିଫ୍ଟରେ ୨୮୫ କେଜି ଉଠାଇ ଅର୍ଥ ରାଶି ହାସଲ କରିଥିଲେ। ସେହିପରି ଏହି ସ୍କୁଲର ମହେନ୍ଦ୍ର କୁମାର ରାଉତ ୧୬୭.୫ କେଜି ଉଠାଇ ସର୍ବାଧିକ ବେଞ୍ଚପ୍ରେସର ଅର୍ଥ ରାଶି ଲାଭ କରିଥିଲେ।

ମହିଳା ବିଭାଗରେ ସର୍ବାଧିକ ସ୍କ୍ୱାଟ ଉତ୍କଳ କରାଟେ ସ୍କୁଲର ରାଜସ୍ମିତା ସାହୁ (୧୪୭.୫ କେଜି) ଉଠାଇଥିବା ବେଳେ ମୟୂରଭଞ୍ଜ ଜିମର ଦେବୀ ସିଂ ମୋଟ ୯୫ କିଲୋ ଉଠାଇ ସର୍ବାଧିକ ବେଞ୍ଚପ୍ରେସର ଅର୍ଥରାଶି ଲାଭ କରିଥିଲେ ଓ ଉତ୍କଳ କରାଟେ ସ୍କୁଲର ସ୍ୱାଗତିକା ଖଟେଇ ୧୬୭.୫ କିଲୋ ଉଠାଇ ସର୍ବାଧିକ ଡେଡ୍‌ଲିଫ୍ଟର ଅର୍ଥରାଶି ଲାଭ କରିଥିଲେ। ପ୍ରତ୍ୟେକ ସର୍ବାଧିକ ଲିଫ୍ଟ ପାଇଁ ୫୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ମୋଟ ୧୯ଟି ସ୍ୱର୍ଣ୍ଣ ପାଇ ପ୍ରଥମ ହୋଇଥିବାବେଳେ ଅନୁଗୋଳର ଏମ୍‌ସିଏଲ୍ ଜିମ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମୟୂରଭଞ୍ଜ ଶକ୍ତିମାନ ଜିମ୍ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ହାସଲ କରି ତୃତୀୟ ସ୍ଥାନ ପାଇଥିଲେ।




କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ